

ଶୀର୍ଷ ସ୍ଥାନ ବଜାୟ ରଖିଲେ ମନ୍ଧାନା

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-102 ◆WEDNESDAY ◆8 OCTOBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୦୨ ◆ବୁଧବାର ◆୮ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# ଆଜିଠୁ ଫେସ୍ ସ୍କାନ କିମ୍ବା ଫିଙ୍ଗରପ୍ରିଣ୍ଟରେ ପେମେଣ୍ଟ

■ **ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି):** ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ଅଧିକ ସହଜ ଓ ସୁରକ୍ଷିତ କରିବା ପାଇଁ ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ୍ (ୟୁପିଆଇ) କାରବାର କ୍ଷେତ୍ରରେ ଆସନ୍ତାକାଲିଠାରୁ ଲାଗୁ ହେବାକୁ ଯାଉଛି ନୂଆ ନିୟମ। ଏହି ନିୟମ ଅନୁଯାୟୀ, ଏଣିକି ୟୁପିଆଇରେ ଅର୍ଥ ନେଣଦେଣ କରୁଥିବା ୟୁଜର୍ସଙ୍କୁ ପେମେଣ୍ଟ କରିବା ପାଇଁ ଆଉ ପିନ୍ ଦେବାକୁ ପଡ଼ିବନାହିଁ। ଏହା ବଦଳରେ ଫେସ୍ ସ୍କାନ କିମ୍ବା ଫିଙ୍ଗରପ୍ରିଣ୍ଟ ବା ଟିପଚିହ୍ନ ଦ୍ୱାରା ପେମେଣ୍ଟ କରିହେବ। ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଜାରି କରିଥିବା ମାର୍ଗଦର୍ଶିକା ଅନୁସାରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି, ଯେଉଁଥିରେ ପେମେଣ୍ଟ ପାଇଁ ବିକଳ୍ପ ଅଥେଣ୍ଟିକେସନ ବା ଭେରିଫାଏ କଥା କୁହାଯାଇଥିଲା।




ଦେବାକୁ ପଡ଼ିବନି ପିନ୍

ଏହି ନୂତନ ପଦ୍ଧତି ୟୁପିଆଇ ପେମେଣ୍ଟକୁ ଅଧିକ ସୁବିଧାଜନକ, ସୁରକ୍ଷିତ ଏବଂ ବ୍ୟବହାରକାରୀ-ଅନୁକୂଳ କରିବ। ନୂତନ ବୈଶିଷ୍ଟ୍ୟଗୁଡ଼ିକ ୟୁପିଆଇ ପେମେଣ୍ଟ କରିବା ପାଇଁ ପିନ୍‌ର ଆବଶ୍ୟକତାକୁ ଇଚ୍ଛାଧୀନ କରିବ। ଏକ ରିପୋର୍ଟ ଅନୁସାରେ, ନୂଆ ସୁବିଧା ଦ୍ୱାରା ପେମେଣ୍ଟର ଅଥେଣ୍ଟିକେସନ ଭାରତ ସରକାରଙ୍କ ଆଧାର ସିଷ୍ଟମରେ ଥିବା ବାୟୋମେଟ୍ରିକ୍ସ ▶ପୃଷ୍ଠା-୭

# ବସ୍ ଉପରେ ଧସିଲା ପାହାଡ଼; ୧୮ ମୃତ, ଫସିଛନ୍ତି ୧୦

■ **ବିଳାସପୁର, ୭।୧୦ (ଏଜେନ୍ସି):** ହିମାଚଳ ପ୍ରଦେଶ ବିଳାସପୁର ଜିଲ୍ଲାର ଭାଲୁଘାଟ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ବଡ଼ଧରଣର ଭୂସ୍ଖଳନରେ ଏକ ଘରୋଇ ବସ୍ ପୋତି ହୋଇଯାଇଛି। ଦୁର୍ଘଟଣାରେ ୧୮ ଜଣ ଯାତ୍ରୀ ପ୍ରାଣ ହରାଇଛନ୍ତି। ୧୦ରୁ ଅଧିକ ଯାତ୍ରୀ ଭଗ୍ନାବଶେଷ ତଳେ ଫସି ରହିଛନ୍ତି। ୨ ଶିଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏହି ବସ୍‌ରେ ପ୍ରାୟ ୩୦ ଜଣ ଯାତ୍ରା କରୁଥିଲେ। ବସ୍‌ଟି ହରିୟାଣା ରୋହତକରୁ ବିଳାସପୁର ନିକଟସ୍ଥ ଘୁମରାୱନକୁ ଯାଉଥିବ ସମୟରେ ଏହା ଉପରେ ପାହାଡ ଧସି ଯାଇଥିଲା। ସୂଚନା ପାଇବା ପରେ ଏସ୍‌ଡିଆରଏଫ ଏବଂ ପୁଲିସ ଟିମ୍ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା। ଆଜି ପ୍ରବଳ ବର୍ଷା ଯୋଗୁଁ ଏଭଳି ଅଘଟଣ ଘଟିଲା ବୋଲି କୁହାଯାଉଛି।




# ସୀମା ଟପିଲାଣି ଅରାଜକତା

## ରାଜ୍ୟରେ ରେକର୍ଡ ଭାଙ୍ଗୁଛି ହତ୍ୟା, ଦୁଷ୍କର୍ମ

■ **ଭୁବନେଶ୍ୱର, ୭।୧୦ (ସମିସ):** ରାଜ୍ୟରେ ବିଗିଡ଼ି ଗଲାଣି ଆଇନଶୃଙ୍ଖଳା। ପୁଲିସକୁ ଅପରାଧୀଙ୍କ ଖାତିର ନାହିଁ। ଦିନ ଦିପହରେ ଅଣ୍ଟାରେ ବନ୍ଧୁକ ଖୋସି ଅପରାଧୀ ରାଜୁତି କରୁଛନ୍ତି। ଯେଉଁଠି ଯାହାକୁ ପାରିଲେ ମଉକା ପାଇ ଗୁଳି କରୁଛନ୍ତି। ପ୍ରତିଦିନ ରାଜ୍ୟର ସବୁ ଅଞ୍ଚଳରୁ ହତ୍ୟା, ରାହାଜାନୀ, ସାମ୍ପ୍ରଦାୟିକ ଗଣ୍ଡଗୋଳ ଘଟଣା ସାମନାକୁ ଆସିବାରେ ଲାଗିଛି। ଗତ ୧୫ ମାସ ମଧ୍ୟରେ ଭଦ୍ରକ, ବାଲେଶ୍ୱର, ଖୋର୍ଦ୍ଧା, କଟକ ଆଦି

### କଥା କଥାକେ ଫୁଟୁଛି ଗୁଳି, ବୁଲୁଛି ଖଣ୍ଡା

### ଦିନକୁ ହାରାହାରି ୧୫ ଦୁଷ୍କର୍ମ, ୪ ହତ୍ୟା

ସ୍ଥାନରେ ସାମ୍ପ୍ରଦାୟିକ ସଦ୍‌ଭାବ ଭଙ୍ଗ ହୋଇଛି। ପାଞ୍ଚଟି ସ୍ଥାନରେ କର୍ଫ୍ୟୁ ଲାଗିଛି। ଗତ ୩ ଦଶନ୍ଧିରେ ସମ୍ଭବତଃ ପ୍ରଥମଥର ପାଇଁ ଭାଇଚାରାର ସହର କୁହାଯାଉଥିବା କଟକ ସହରବାସୀ ପୁଣିଥରେ କର୍ଫ୍ୟୁର ସମ୍ମୁଖୀନ ହୋଇଛନ୍ତି।

ମୋଟାମୋଟି ଭାବରେ ଅପରାଧୀଙ୍କ ଉପରେ ପୁଲିସର ନିୟନ୍ତ୍ରଣ ନାହିଁ କି ସରକାରଙ୍କ ଅଙ୍କୁଶ ନାହିଁ। କଟକ ଭସାଣିକୁ ନେଇ ଗଣ୍ଡଗୋଳ ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଥିବା ବେଳେ ବ୍ରହ୍ମପୁରରେ ଶାସକ ଦଳର ଜଣେ ନେତା ତଥା ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ପୀତବାସ ପଣ୍ଡାଙ୍କୁ ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଛନ୍ତି। ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ଏହା ପ୍ରଶ୍ନ ଉଠାଇଛି। କଟକ ଘଟଣା ପରେ ପୁଲିସ ଗୁଇନ୍ଦା ବ୍ୟବସ୍ଥା ନିଷ୍କ୍ରିୟ ହୋଇଥିବା ଭଳି ଲାଗୁଛି। ବ୍ରହ୍ମପୁରରେ ଆଇନଜୀବୀଙ୍କ ହତ୍ୟା ଘଟଣା ଅରାଜକତା ଉପରେ ମୋହର ମାରିଛି। ଦୁଷ୍କର୍ମ, ଗଣଦୁଷ୍କର୍ମରେ ରେକର୍ଡ ପରେ ରେକର୍ଡ ଭାଙ୍ଗୁଥିବା ଓଡ଼ିଶା ଏବେ ହତ୍ୟାରେ ନୂଆ ରେକର୍ଡ଼ କରିବାକୁ ଯାଉଛି। ଗତ କେଇଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨୯ଟି ହତ୍ୟାକାଣ୍ଡ ପଞ୍ଜୀକୃତ ହୋଇଥିଲେ ହେଁ ଏହି ମାମଲାରେ ମାତ୍ର ୧୫ ଜଣଙ୍କୁ ପୁଲିସ ଗିରଫ କରିବାକୁ ସମର୍ଥ ହୋଇଛି।



ଗୃହ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୨୦୨୪ ମସିହାରେ ରାଜ୍ୟରେ ୩୦୫୪ଟି ବଳାତ୍କାର ଓ ୧୨୫୮ଟି ହତ୍ୟା ମାମଲା ରୁଜୁ ହୋଇଛି। ସେହିପରି ୩୫୬ ▶ପୃଷ୍ଠା-୭

## କ୍ଷୋଭ ପ୍ରକାଶ କଲେ ନବୀନ

### ଆଇନଶୃଙ୍ଖଳା ଦୃଢ଼ ରଖିବାରେ ସରକାର ସମ୍ପୂର୍ଣ୍ଣ ବିଫଳ

### ଉତ୍ସବ ମଧ୍ୟରେ ରାଜ୍ୟରେ ସୃଷ୍ଟି ହୋଇଛି ଭୟର ବାତାବରଣ

### ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ତତ୍ପର ହେବା ଜରୁରୀ



■ **ଭୁବନେଶ୍ୱର, ୭।୧୦ (ସମିସ):** ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବା ବେଳେ ପ୍ରତିଦିନି ରାଜ୍ୟର କୋଣଅନୁକୋଣରେ ଅଘଟଣ ଘଟୁଛି। ମହିଳା ହିଂସା, ଦୁଷ୍କର୍ମ ପରି ଘଟଣାକୁ ନେଇ ଓଡ଼ିଶା ଜାତୀୟ ସ୍ତରରେ ବଦନାମ ହୋଇଥିବା ବେଳେ ଦଙ୍ଗା, ହତ୍ୟାକାଣ୍ଡ ପରି ଅପରାଧକୁ ନେଇ ମଧ୍ୟ ରାଜ୍ୟବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ରାଜ୍ୟରେ ଏପରି ସଂଗିନ ସ୍ଥିତିକୁ ନେଇ କ୍ଷୋଭ ଏବଂ ଚିନ୍ତା ପ୍ରକାଶ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଶାନ୍ତିପ୍ରିୟ ଓଡ଼ିଶାରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ମଜଭୁତ ରଖିବାରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି; ଯାହା ଲୋକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି କରୁଛି ବୋଲି ▶ପୃଷ୍ଠା-୭

## ବିହାରରେ ଏସ୍‌ଆଇଆର୍ ବିଭ୍ରାନ୍ତି

# ତଥ୍ୟ ମାଗିଲେ ସୁପ୍ରିମକୋର୍ଟ

■ **ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି):** ବିହାରରେ ଅନୁଷ୍ଠିତ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍ ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ୩ ଲକ୍ଷ ୬୬ ହଜାର ଭୋଟରମାନଙ୍କ ସଂପର୍କରେ ତଥ୍ୟ ଲୋଡ଼ିଛନ୍ତି ସୁପ୍ରିମକୋର୍ଟ। ଆସନ୍ତା ୯ ତାରିଖ ସୁଦ୍ଧା ଏସଂପର୍କରେ ବିସ୍ତୃତ ତଥ୍ୟ ଦାଖଲ କରିବା ନିମନ୍ତେ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଚୂଡ଼ାନ୍ତ ଭୋଟର ତାଲିକାରେ ଯେଉଁମାନଙ୍କର ନାମ ଯୋଡ଼ା ଯାଇଛି, ସେମାନଙ୍କ ସଂପର୍କରେ ମଧ୍ୟ ତଥ୍ୟ ଦେବାକୁ କୁହାଯାଇଛି। ଚୂଡାନ୍ତ ତାଲିକାରେ ୨୧ ଲକ୍ଷ ଭୋଟରଙ୍କ ନାମ ଯୋଡ଼ାଯାଇଛି ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ନୂଆ ଭୋଟର ଏବଂ ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିବା କହିଛନ୍ତି କୋର୍ଟ।

ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟା ବାଗଚିଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ବିହାର ଏସ୍‌ଆଇଆର୍ ମାମଲାର ଶୁଣାଣି କରିବା ସମୟରେ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଲେ ଯେ ଯେଉଁମାନଙ୍କ ନାମ ଚୂଡ଼ାନ୍ତ ତାଲିକାରୁ ବାଦ୍ ପଡ଼ିଛି ସେମାନଙ୍କ ସଂପର୍କରେ ଯାହା ବି ତଥ୍ୟ ରହିଛି, ତାହା ଦେବାକୁ ପଡ଼ିବ। ଏଥିପାଇଁ କମିସନଙ୍କୁ ଆଉ ଦୁଇ ଦିନର



### ନାମ କଟିଥିବା ୩.୬୬ ଲକ୍ଷ ଭୋଟର ଓ ନୂଆ ମତଦାତାଙ୍କ ସୂଚନା ଦେବେ କମିସନ

ସମୟ ଦିଆଯାଇଛି। ଆସନ୍ତା ୯ ତାରିଖରେ କମିସନ ଏହି ତଥ୍ୟ ଦେବେ। ସେହିଭଳି ମାନ୍ୟବର ଖଣ୍ଡପୀଠ ଉଦବେଗ ଜଣାଇଥିଲେ ଯେ ଚୂଡ଼ାନ୍ତ ତାଲିକାରେ ଯେଉଁମାନଙ୍କର ନାମ ଯୋଡ଼ାଯାଇଛି, ତାହାକୁ ନେଇ ବିଭ୍ରାନ୍ତି ରହିଛି। ଯେଉଁମାନଙ୍କର ନାମ ଯୋଡ଼ାଯାଇଛି, ସେମାନଙ୍କ ନାମ ଚିଠା ଭୋଟର ତାଲିକା (ଡ୍ରାଫ୍ଟ ରୋଲ)ରୁ ବାଦ୍ ପଡ଼ିଥିଲା କି? ଖଣ୍ଡପୀଠଙ୍କର ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ କମିସନଙ୍କ ଓକିଲ କହିଥିଲେ ଯେ ଯେଉଁମାନଙ୍କର ନାମ ଯୋଡ଼ାଯାଇଛି, ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ନୂଆ ଭୋଟର। ▶ପୃଷ୍ଠା-୭

**ପୀତବାସ ପଣ୍ଡା ହତ୍ୟା ଘଟଣା**

# ପୁଲିସ ସ୍କାନରରେ ଶେଷ ୪ ଫୋନ୍‌କଲ୍

■ **ବ୍ରହ୍ମପୁର, ୭।୧୦ (ସମିସ):** ଶାସକ ଦଳର ଜଣେ ଆଗଧାଡ଼ିର ନେତା ତଥା ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା ଘଟଣା ସମଗ୍ର ରାଜ୍ୟରେ ଆତଙ୍କଜନିତ ପରିସ୍ଥିତି ସୃଷ୍ଟି କରିଛି। ଗତକାଲି ପବିତ୍ର କୁମାର ପୂର୍ଣ୍ଣିମା ରାତିରେ ବ୍ରହ୍ମପୁରର ସହରର ବୈଦ୍ୟନାଥପୁର ଥାନା ବୈକୁଣ୍ଠନଗର ସ୍ଥିତ ଘରଠାରୁ ମାତ୍ର ୫୦ ମିଟର ଦୂରରେ ବିଟ୍ ରାସ୍ତାରେ ପୀତବାସଙ୍କୁ ଗୁଳି କରି ହତ୍ୟା କରିଥିଲେ ଦୁର୍ବୃତ୍ତ। ଗୁଳିମାଡ଼ ପରେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ନିମନ୍ତେ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। କିନ୍ତୁ ୨୪ ଘଣ୍ଟା ପରେ ମଧ୍ୟ ପୁଲିସ ହାତ ଖାଲି ରହିଛି।

### ଗୁଳିକାଣ୍ଡ ପଛରେ ବୃତ୍ତିଗତ, ରାଜନୈତିକ, ବ୍ୟକ୍ତିଗତ ଶତ୍ରୁତା ନା ସୂଚନା ଅଧିକାର ଆକ୍ରୋଶ

ସୋମବାର ରାତି ୯ଟା ୪୨ରେ ଗୋଟିଏ ଗ୍ଲାମର ବାଇକ୍‌ରେ ଦୁଇଜଣ ଯୁବକ ଗେଟ୍‌ବଜାର ଛକରୁ ପୀତବାସ ପଣ୍ଡାଙ୍କ ଘର ଗଳି ପର୍ଯ୍ୟନ୍ତ ଚକ୍କର ମାରିଥିଲେ। ଏହାପରେ ଯୋଜନା ମୁତାବକ ହତ୍ୟା କରିଥିଲେ। ଗୁଳିମାଡ଼ ପୂର୍ବରୁ ଅର୍ଥାତ ସୋମବାର ଆଇନଜୀବୀ ପୀତବାସ ପଣ୍ଡା କାହା କାହା ସହିତ ଫୋନ୍‌ରେ କଥା ହୋଇଥିଲେ ସେନେଇ ପୁଲିସ ଯାଞ୍ଚ କରୁଛି। ଘଟଣାର ▶ପୃଷ୍ଠା-୭

## ରାଜ୍ୟରେ ଆଇନଜୀବୀଙ୍କ କଲମ ଛାଡ଼ ଆଜି

### ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିସିଆଇର ଚିଠି

■ **କଟକ,୭। ୧୦ (ସମିସ):** ବ୍ରହ୍ମପୁରର ବିଶିଷ୍ଟ ସମାଜସେବୀ ତଥା ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା ଘଟଣାକୁ ରାଜ୍ୟ ବାର୍ କାଉନସିଲ୍ ତୀବ୍ର ନିନ୍ଦା କରିଛି। ଏହାର ପ୍ରତିବାଦରେ ଆସନ୍ତାକାଲି (ବୁଧବାର) ରାଜ୍ୟରେ ଆଇନଜୀବୀମାନେ ସମ୍ପୂର୍ଣ୍ଣ କଲମଛାଡ଼ କରିବେ। ବାର୍ କାଉନସିଲର ଆଜି ଏକ ଜରୁରୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସେହିଭଳି ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ, ମୃତ ଆଇନଜୀବୀଙ୍କ ପରିବାରକୁ ୧ କୋଟି ଟଙ୍କା ▶ପୃଷ୍ଠା-୭

## ଚାକିରି ବେପାର; ବ୍ରହ୍ମପୁର ଓ ଭୁବନେଶ୍ୱରରୁ ଆଉ ଦୁଇ ଅଟକ

# କ୍ରାଇମବ୍ରାଞ୍ଚ୍‌ର କାତ ପାଉନି

■ **ଭୁବନେଶ୍ୱର, ୭।୧୦ (ସମିସ):** ପୁଲିସ ଏସ୍‌ଆଇ ଚାକିରି ବେପାରକୁ ନେଇ ଓଡ଼ିଶାରୁ ଦିଲ୍ଲୀ ପର୍ଯ୍ୟନ୍ତ ହୁଲସ୍ଥୁଲ ହେଉଛି। ମଧ୍ୟପ୍ରଦେଶର ବ୍ୟାପମ୍ ଓ ପଶ୍ଚିମବଙ୍ଗର ଶିକ୍ଷକ ନିଯୁକ୍ତି ଜାଲିଆତିଠାରୁ ଓଡ଼ିଶା ପୁଲିସ ଚାକିରି ବିକ୍ରି ଅଧିକ ଭୟଙ୍କର ବୋଲି କୁହାଯାଉଛି। ଗତ ୩୦ ତାରିଖ ରାତିରେ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ସହ ୩ ଦଲାଲ ଗିରଫ ହେବା ପରେ ଆଉ ୩ ଜଣଙ୍କୁ କ୍ରାଇମବ୍ରାଞ୍ଚ ଧରିଛି। ମାତ୍ର କୌଣସି ସୂତ୍ରରୁ କିଛି ଠୋସ୍ ଖବର ଓ ପ୍ରମାଣ କ୍ରାଇମବ୍ରାଞ୍ଚ ଯୋଗାଡ଼ କରିବାରେ ସକ୍ଷମ ହୋଇ ନ ଥିବା କୁହାଯାଉଛି। ପରୀକ୍ଷାର୍ଥୀଙ୍କ ବ୍ୟତୀତ ଏଯାଏ ୬ ଜଣ ଲୋକଙ୍କୁ କ୍ରାଇମବ୍ରାଞ୍ଚ ଧରିଛି ଓ ସେମାନଙ୍କୁ ଜେରା ଚଳାଇଛି। ମାତ୍ର ଷଡ଼ଯନ୍ତ୍ରର ପଶାପାଲିରେ ଏହି ସୈନିକମାନଙ୍କଠାରୁ ବିଶେଷ କିଛି ତଥ୍ୟ ମିଳି ପାରୁ ନ ଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି ସମଗ୍ର ଘଟଣା ପଛରେ ଅନେକ ବଡବଡ଼ିଆଙ୍କ ଭୂମିକା ଥିବା ଜଳଜଳ ଦିଶୁଛି। ପଞ୍ଚ ସଫ୍ଟର ଶଙ୍କର ପ୍ରୁଷ୍ଟି, ମଧ୍ୟସ୍ଥି ମୁନା ମହାନ୍ତି ସହ ସିଲିକନ୍ ଟେକ୍‌ଲାବ୍‌ର ସମ୍ପୃକ୍ତି ଏକପ୍ରକାର ସ୍ପଷ୍ଟ ହୋଇଛି। ମାତ୍ର ତଦନ୍ତ ଆଗକୁ ବଢ଼ିପାରୁ ନାହିଁ। କେଉଁ ପରିସ୍ଥିତିରେ ଓପିଆର୍‌ବିଠାରୁ ପରୀକ୍ଷା ପରିଚାଳନା ଠିକା ନେଇଥିବା ଆଇଟିଆଇ ଲିମିଟେଡ୍ ଓଡ଼ିଶାର ସିଲିକନ୍ ଟେକ୍‌ଲାବକୁ ପରୀକ୍ଷା ଦାୟିତ୍ୱ ଦେଲା ତାହା ଏଯାଏ ଅସ୍ପଷ୍ଟ। ଅନୁରୂପ ଭାବରେ ସିଲିକନ୍ ଟେକ୍‌ଲାବ୍ କାହିଁକି ଓ କେଉଁ ଉଦ୍ଦେଶ୍ୟରେ କୁଖ୍ୟାତ ଶଙ୍କରର ଅଖ୍ୟାତ ସଂସ୍ଥା ପଞ୍ଚ ସଫ୍ଟକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ପ୍ରଦାନ କଲା ତାହା ମଧ୍ୟ ରହସ୍ୟମୟ। ଓପିଆର୍‌ବି କର୍ତ୍ତୃପକ୍ଷ ଏହି ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରିବା ଅନେକ ଦିଗକୁ ଇଙ୍ଗିତ କରିଛି। ହୁଏତ ଓପିଆର୍‌ବି କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ସହଯୋଗ ଓ ଜ୍ଞାତସାରରେ ଏହି ସବଲେଟ୍ ▶ପୃଷ୍ଠା-୭



### ଘୋଟାଲାରେ ଓପିଆର୍‌ବି କର୍ମଚାରୀଙ୍କ ସମ୍ପୃକ୍ତି ସନ୍ଦେହ

### କାହା ମଧ୍ୟସ୍ଥତାରେ ହୋଇଥିଲା ସିଲିକନ୍ ଓ ପଞ୍ଚସଫ୍ଟ ବୁଝାମଣା

# ହଟିଲା କର୍ଫ୍ୟୁ; ଚାଲିଲା କଟକ

## ସ୍ୱାଭାବିକ ହେଲା ଇଣ୍ଟର୍‌ନେଟ୍ ସେବା




■ **କଟକ, ୭।୧୦ (ସମିସ):** ଦୁର୍ଗାମେଢ଼ ଭସାଣ ଶୋଭାଯାତ୍ରାରେ ଗୋଷ୍ଠୀ ସଂଘର୍ଷ ଜନିତ ଅଶାନ୍ତି ଯୋଗୁଁ ଲାଗୁ ହୋଇଥିବା ୩୬ ଘଣ୍ଟାର କର୍ଫ୍ୟୁ ଉଠିବା ପରେ ମଙ୍ଗଳବାର ସନ୍ଧ୍ୟାରୁ ଅତି ସନ୍ତର୍ପଣରେ ଚାଲିବା ଆରମ୍ଭ କରିଛି କଟକ। ଦୁଇ ଦିନର ବନ୍ଦୀ ଜୀବନ ପରେ ସହରବାସୀ ଘରୁ ବାହାରିଛନ୍ତି। ସହରର ସ୍ଥିତି ଧୀରେଧୀରେ ସ୍ୱାଭାବିକ ହୋଇ ଶାନ୍ତି ଫେରୁଛି। ଅନ୍ୟପକ୍ଷରେ ଶୋଭାଯାତ୍ରା ଗଣ୍ଡଗୋଳ ଘଟଣାରେ ପୁଲିସ ଏପର୍ଯ୍ୟନ୍ତ ୨୨ ଜଣଙ୍କୁ ଗିରଫ କରିଛି। ବନ୍ଦ ରହିଥିବା ଇଣ୍ଟର୍‌ନେଟ୍ ସେବା ସ୍ୱାଭାବିକ ହୋଇଛି।

### ପାଟ୍ରୋଲିଂ କଡ଼ାକଡ଼ି; ଗିରଫ ହେଲେଣି ୨୨

### ସୋସିଆଲ୍ ମିଡିଆ ଉପରେ ତୀକ୍ଷ୍ଣ ନଜର

କର୍ଫ୍ୟୁ ହଟିବା ପରେ ଛତ୍ରବଜାର, ମାଲଗୋଦାମ ସମେତ ସାରା ସହରରେ ଭିଡ଼ ପରିଲକ୍ଷିତ ହୋଇଛି। ପୁଲିସ ପକ୍ଷରୁ ବକ୍ସିବଜାର ଅଞ୍ଚଳରେ ୪୦ ପ୍ରତିଶତ ଦୋକାନ ବନ୍ଦ ରଖାଯିବା ସହ ଦରଘାବଜାରରୁ ଚୌଧୁରୀ ବଜାର ପର୍ଯ୍ୟନ୍ତ ଦୋକାନଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। ଦୋକାନଗୁଡ଼ିକ ରାତି ୯ଟାରୁ ୧୦ଟା ମଧ୍ୟରେ ବନ୍ଦ କରିବାକୁ କୁହାଯାଇଛି। ଦରଘାବଜାର ଥାନା ସମେତ ସହରର ସମ୍ବେଦନଶୀଳ ସ୍ଥାନକୁ ପୁଲିସର କଡ଼ା ସୁରକ୍ଷା ବଳୟ ମଧ୍ୟରେ ▶ପୃଷ୍ଠା-୭

## ଘାସିରାମ କଂଗ୍ରେସର ନୂଆପଡ଼ା ପ୍ରାର୍ଥୀ

■ **ଭୁବନେଶ୍ୱର, ୭।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ତାରିଖ ଘୋଷଣା ହେବାର ଗୋଟିଏ ଦିନ ପରେ କଂଗ୍ରେସ ଦଳ ଏହି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଗତ ନିର୍ବାଚନରେ ଏହି ଆସନରୁ ସ୍ୱାଧୀନ ଭାବେ ଲଢ଼ି ପ୍ରାୟ ୫୧ ହଜାର ଭୋଟ୍ ପାଇଥିବା ଘାସିରାମ ମାଝୀଙ୍କୁ ଦଳ ଏଠାରୁ ପ୍ରାର୍ଥୀ କରିଛି। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ଅନୁମୋଦନ ପରେ ରାଜ୍ୟ କଂଗ୍ରେସ ପକ୍ଷରୁ ଘାସିରାମଙ୍କ ▶ପୃଷ୍ଠା-୭



**ଚିନ୍ତା ବଢ଼ାଉଛି ଆର୍ଥିକ ପରିଚାଳନା**

# ସରକାରଙ୍କ ସିନ୍ଦୁକରେ ବଜେଟ ବରାଦ

## ୫ ମାସରେ ଖର୍ଚ୍ଚ ହୋଇଛି ମାତ୍ର ୨୭ ପ୍ରତିଶତ ଆବଣ୍ଟିତ ଅର୍ଥ

■ **ଭୁବନେଶ୍ୱର, ୭।୧୦ (ସମିସ):** ଏକ ସମୟରେ ବିତ୍ତୀୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ସୁନାମ ଅର୍ଜନ କରିଥିଲା। କେନ୍ଦ୍ର ସରକାର ଏଥିପାଇଁ ଓଡ଼ିଶାକୁ ବାରମ୍ବାର ପ୍ରଶଂସା କରିଥିଲେ। ମାତ୍ର ରାଜ୍ୟରେ ବିଜେପି ସରକାର ଆସିବା ପରଠାରୁ ରାଜ୍ୟର ଆର୍ଥିକ ପରିଚାଳନା କ୍ରମଶଃ ଲଗାମହୀନ ହେବାରେ ଲାଗିଛି। ବିଶେଷକରି ବଜେଟ ଅର୍ଥ ଖର୍ଚ୍ଚ ଏବଂ ଯୋଜନା କାର୍ଯ୍ୟାନ୍ୱୟନରେ କ୍ରମାଗତ ଭାବେ ନିରୁତ୍ସାହଜନକ ପ୍ରଦର୍ଶନ ଜାରି ରହିଛି। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ୫ ମାସ ଅର୍ଥାତ୍ ଏପ୍ରିଲ-ଅଗଷ୍ଟ ମଧ୍ୟରେ ମୋଟ ଆବଣ୍ଟିତ ଅର୍ଥର ମାତ୍ର ୨୭ ପ୍ରତିଶତ ଅର୍ଥ ଖର୍ଚ୍ଚ କରାଯାଇ ପାରିଛି। ଚଳିତ ଆର୍ଥିକ ବର୍ଷରେ ୨ ଲକ୍ଷ ୯୦ ହଜାର କୋଟିର ବଜେଟ ବିଭିନ୍ନ ବିଭାଗକୁ ଆବଣ୍ଟନ କରାଯାଇଥିବା ବେଳେ ସରକାରଙ୍କ ୪୪ଟି ବିଭାଗ ମାତ୍ର ୭୮୪୦୧ କୋଟି ଟଙ୍କା ଖର୍ଚ୍ଚ କରିପାରିଛନ୍ତି। ବିଡ଼ମ୍ବନା ହେଉଛି କେବଳ ଦରମା, ପେନସନ ଆଦି ଅଣଯୋଜନା ବ୍ୟୟରେ ଏହାର ଏକ ବଡ଼ ଅଂଶ ବ୍ୟୟ ହୋଇଛି। ଭିତ୍ତିଭୂମି ବିକାଶ, ବିଭିନ୍ନ ଯୋଜନା ପାଇଁ ଅର୍ଥ ଆବଣ୍ଟନ ସତ୍ତ୍ୱେ ବଜେଟ ଅର୍ଥ ଖର୍ଚ୍ଚରେ ମନ୍ଥରତା ରାଜ୍ୟ ସରକାରଙ୍କ ବିତ୍ତୀୟ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ୨୦ ପ୍ରତିଶତରୁ କମ୍ ଖର୍ଚ୍ଚ କରିଛନ୍ତି ୧୨ଟି ବିଭାଗ

### ୨ ବିଭାଗ ଖର୍ଚ୍ଚ କରି ପାରିନାହାନ୍ତି ୨ ପ୍ରତିଶତ ଅର୍ଥ



ସୂଚନା ଅନୁଯାୟୀ ୪୪ଟି ବିଭାଗ ମଧ୍ୟରୁ ୧୨ଟି ବିଭାଗ ନିଜ ଆବଣ୍ଟିତ ଅର୍ଥର ୨୦ ପ୍ରତିଶତରୁ କମ୍ ଖର୍ଚ୍ଚ କରିଛନ୍ତି। ବିପର୍ଯ୍ୟୟ ପରିଚାଳନା ବିଭାଗ ସର୍ବନିମ୍ନ ୧.୯୫ ପ୍ରତିଶତ ଅର୍ଥ ଖର୍ଚ୍ଚ କରି ୪୪ଟି ବିଭାଗ ମଧ୍ୟରେ ସବୁଠୁ ତଳ ସ୍ଥାନରେ ରହିଛି। ସେହିପରି ଯୋଜନା ଓ ସଂଯୋଜନ ବିଭାଗ ୧.୯୭ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛି। କ୍ରୀଡ଼ା ଓ ଯୁବସେବା ବିଭାଗ ୫.୭ ପ୍ରତିଶତ ଏବଂ ଶକ୍ତି ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ବଜେଟ ଆବଣ୍ଟିତ ଅର୍ଥ ଖର୍ଚ୍ଚ ▶ପୃଷ୍ଠା-୭

ସକାଳ THE SAKALA
www.sakalaepaper.com



# ପଦାର୍ଥ ବିଜ୍ଞାନରେ ତିନି ଆମେରିକୀୟଙ୍କୁ ନୋବେଲ

**ଷ୍ଟକହୋମ, ୭।୧୦ (ଏଜେନ୍ସି):** ଚଳିତ ବର୍ଷ ପଦାର୍ଥ ବିଜ୍ଞାନ ପାଇଁ ଆମେରିକାର ତିନି ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର ମିଳିଛି। ବୈଜ୍ଞାନିକ ଜନ୍ କ୍ଲାର୍କ, ମିସେଲ ଏଚ. ଡେଭୋରେଟ ଏବଂ ଜନ୍ ଏମ. ମାର୍ଟିନିସଙ୍କୁ ଏହି ପୁରସ୍କାର ଦିଆଯିବ ବୋଲି ସ୍ୱିଡେନର 'ରୟାଲ ସ୍ୱିଡିସ ଏକାଡେମି ଅଫ୍ ସାଇନ୍ସ' ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ଇଲେକ୍ଟ୍ରିକ ସର୍କିଟରେ ମାକ୍ରୋସ୍କୋପିକ କ୍ୱାଣ୍ଟମ ଟନଲିଂ ଏବଂ ଏନର୍ଜି କ୍ୱାଣ୍ଟିସେସନ (ଶକ୍ତିର ସ୍ତର)ର ସନ୍ଧାନ ପାଇଁ ତିନି ବୈଜ୍ଞାନିକଙ୍କୁ ସମ୍ମାନିତ କରାଯାଇଛି। କ୍ୱାଣ୍ଟମ ଟନେଲିଂ ପ୍ରକ୍ରିୟାରେ କୌଣସି କଣିକା ବ୍ୟାରିୟର ତଥା ବାଧାକୁ ଲଙ୍ଘିବା ପରିବର୍ତ୍ତେ, ତାହାର ଆଖପାଖ ଦେଇ ବାହାରି ଯାଇଥାନ୍ତି। କିନ୍ତୁ ସାଧାରଣ ଫିଜିକ୍ସ ହିସାବରେ ଏହା ଅସମ୍ଭବ। ସାଧାରଣ ଜୀବନରେ ଏହାର ଅନେକ ଉଦାହରଣ ରହିଛି। ସାଧାରଣତଃ ଏକ ବଲ୍ କାନ୍ଥରେ ମାଡ଼ ହୋଇ ଫେରି ଆସିଥାଏ। କିନ୍ତୁ କ୍ୱାଣ୍ଟମ ଦୁନିଆରେ କ୍ଷୁଦ୍ର କଣିକା ଗୁଡିକ ବେଳେବେଳେ କାନ୍ଥ ପାର ହୋଇ ଅନ୍ୟ ପାର୍ଶ୍ୱକୁ ଚାଲି ଯାଆନ୍ତି। ଏହାକୁ କ୍ୱାଣ୍ଟମ ଟନଲିଂ କୁହାଯାଇଥାଏ।

ନୋବେଲ କମିଟି ପକ୍ଷରୁ କୁହାଯାଇଛି ଯେ ମାନବିକ ସ୍ତରରେ ମଧ୍ୟ କ୍ୱାଣ୍ଟମର ପ୍ରଭାବ ପଡିପାରେ ବୋଲି ଏହି ବୈଜ୍ଞାନିକମାନେ ସାବ୍ୟସ୍ତ କରିଥିଲେ। ପରମାଣୁ ଏବଂ ଅଣୁ ସ୍ତରରେ ସୀମିତ ଥିବା କ୍ୱାଣ୍ଟମ ପ୍ରଭାବକୁ ବିପୁଳ ପରିମାଣରେ ଦେଖିହେବ କି ବୋଲି ଫିଜିକ୍ସରେ ଏକ ପ୍ରଶ୍ନ ହୋଇ ରହିଥିଲା। ୧୯୮୪ ଏବଂ ୧୯୮୫ରେ କ୍ଲାର୍କ, ଡେଭୋରେଟ ଏବଂ ମାର୍ଟିନିସ୍ କାଲିଫର୍ଣ୍ଣିଆ ୟୁନିଭର୍ସିଟିରେ ଏହା ଉପରେ ସ୍ୱତନ୍ତ୍ର ପରୀକ୍ଷଣ କରିଥିଲେ। ସେମାନେ ଦୁଇଟି ସୁପର କଣ୍ଡକ୍ଟରରୁ ଏକ ବିଦ୍ୟୁତ ସର୍କିଟ ନିର୍ମାଣ କରିଥିଲେ। ଏହି ଦୁଇ ସୁପର କଣ୍ଡକ୍ଟର ମଧ୍ୟରେ ଏକ ପତଳା ଆସ୍ତରଣ ଥିଲା। ଏହା ବିଦ୍ୟୁତ ପ୍ରବାହକୁ ରୋକି ଦେଉଥିଲା। ଏହା ସତ୍ତ୍ୱେ ବୈଜ୍ଞାନିକ ଦେଖିବାକୁ ପାଇଥିଲେ ଯେ ସର୍କିଟରେ ଥିବା ସବୁ ଚାର୍ଜ କରାଯାଇଥିବା କଣିକା ଗୁଡିକ ଏକାଠି ମିଶି ଗୋଟିଏ କଣିକା ପରି ବ୍ୟବହାର କରୁଛନ୍ତି। ଏହି କଣିକା ଗୁଡିକ ପତଳା ଆସ୍ତରଣକୁ ଲଙ୍ଘି ଅପରପାର୍ଶ୍ୱକୁ ଯାଇପାରନ୍ତି।

ଏହା କ୍ୱାଣ୍ଟମ ଟନଲିଂର ପ୍ରମାଣ ଥିଲା। ଏଥିରେ ବଡ଼ ସିଷ୍ଟମରେ କ୍ୱାଣ୍ଟମ ଟନେଲିଂକୁ କେମିତି ନିୟନ୍ତ୍ରଣ ଏବଂ ବୁଝି ହେବ ତାହା ଶିକ୍ଷା କରିଥିଲେ। ଏହି ଉଦ୍ଭାବନା କ୍ୱାଣ୍ଟମ କମ୍ପ୍ୟୁଟିଂ ଏବଂ ନୂଆ ଜ୍ଞାନକୌଶଳ ପାଇଁ ଯୁଗାନ୍ତକାରୀ ସାବ୍ୟସ୍ତ ହୋଇଥିଲା। ଭବିଷ୍ୟତରେ ଏହା ମାଧ୍ୟମରେ କ୍ୱାଣ୍ଟମ କମ୍ପ୍ୟୁଟିଂ ଏବଂ ନୂଆ ଜ୍ଞାନକୌଶଳର ବିକାଶ ଦିଗରେ ସହାୟତା ମିଳିବ। ସେମିକଣ୍ଡକ୍ଟର, କମ୍ପ୍ୟୁଟର ଏବଂ ମାଇକ୍ରୋ ଚିପ୍ସଗୁଡିକରେ କ୍ୱାଣ୍ଟମ ଟେକ୍ନୋଲଜି ବ୍ୟବହାର ହେଉଛି। ଏହା ଦ୍ୱାରା ଚିକିତ୍ସା, ମହାକାଶ ଏବଂ ପ୍ରତିରକ୍ଷା କ୍ଷେତ୍ରକୁ ମଧ୍ୟ ଲାଭ ମିଳିବ। ନୋବେଲ କମିଟି ପକ୍ଷରୁ କୁହାଯାଇଛି ଯେ କମ୍ପ୍ୟୁଟରରେ ବ୍ୟବହୃତ ଟ୍ରାନ୍ସିଷ୍ଟର କ୍ୱାଣ୍ଟମ ଟେକ୍ନୋଲୋଜିର ବଳିଷ୍ଠ ଉଦାହରଣ। ଏହି ନୋବେଲ ବିଜେତାଙ୍କ ଉଦ୍ଭାବନା ଦ୍ୱାରା ଭବିଷ୍ୟତରେ ସୁପର ସିକ୍ୟୋର କୋଡ (କ୍ୱାଣ୍ଟମ କିପ୍ଟୋଗ୍ରାଫି), ହାଇ ସ୍ପିଡ କମ୍ପ୍ୟୁଟର( କ୍ୱାଣ୍ଟମ କମ୍ପ୍ୟୁଟର) ଏବଂ ସୁପର ଆକ୍ୟୁରେଟ ସେନ୍‌ସର (କ୍ୱାଣ୍ଟମ ସେନ୍‌ସର) ଭଳି ସାମଗ୍ରୀ ନିର୍ମାଣ ସରଳ ହୋଇଯିବ।

# ଥମୁନି କଫ୍ ସିରପ୍ ଜନିତ ମୃତ୍ୟୁ

## ଦୁଇ ରାଜ୍ୟରେ ନେଲାଣି ୨୩ ଶିଶୁଙ୍କ ଜୀବନ

**ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି):** ଜୀବନ ବଞ୍ଚାଇବାକୁ ଉଦ୍ଦିଷ୍ଟ କଫ ସିରପ ଏବେ ଜୀବନ ନେଉଛି। ଔଷଧ ପ୍ରସ୍ତୁତକାରୀ କମ୍ପାନୀଙ୍କ ପାଇଁ ନିରୀହ ଶିଶୁଙ୍କ ଜୀବନ ଯାଉଛି। ଅଧିକ ରାସାୟନିକ ମିଶାଇ ଏହି କମ୍ପାନୀଗୁଡିକ ଜୀବନ ବଦଳରେ ମୃତ୍ୟୁ ବିକୁଛନ୍ତି। ଏହି ବିଷାକ୍ତ କଫ ସିରପ ପିଇ ଏ ପର୍ଯ୍ୟନ୍ତ ମଧ୍ୟ ପ୍ରଦେଶ ଏବଂ ରାଜସ୍ଥାନରେ ୨୩ ଶିଶୁଙ୍କ ମୃତ୍ୟୁ ହେଲାଣି। ଏମାନଙ୍କ ମଧ୍ୟରେ ମଧ୍ୟପ୍ରଦେଶର ୧୯ ଶିଶୁ ଏବଂ ରାଜସ୍ଥାନର ୪ ଶିଶୁ ସାମିଲ ଅଛନ୍ତି। ଏହି ମାମଲା ସାମ୍‌ନାକୁ ଆସିବା ପରେ ମଧ୍ୟପ୍ରଦେଶ, ରାଜସ୍ଥାନ, କେରଳ, ତାମିଲନାଡୁ ଏବଂ ପଞ୍ଜାବ ସରକାର ଏହି କଫ ସିରପର ବିକ୍ରି ଏବଂ ବ୍ୟବହାର ଉପରେ କଟକଣା ଲଗାଇ ଦେଇଛନ୍ତି। ଏହି ମାମଲାକୁ ନେଇ ସୁପ୍ରିମକୋର୍ଟରେ ଆବେଦନ ମଧ୍ୟ ଦାଏର କରାଯାଇଛି। ସିବିଆଇ ତଦନ୍ତ ଏବଂ ସାରା ଦେଶରେ ଔଷଧର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ପାଇଁ ଦାବି କରାଯାଇଛି। ଓକିଲ ବିଶାଳ ତିୱାରୀଙ୍କ ଦ୍ୱାରା ଦାଖଲ ଏହି ଆବେଦନରେ ରାଷ୍ଟ୍ରୀୟ ନ୍ୟାୟିକ କମିଶନ କିମ୍ବା ବିଶେଷଜ୍ଞ କମିଟି ଗଠନ ନିର୍ଦ୍ଦେଶ ଏବଂ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ଅନୁଧ୍ୟାନରେ ତଦନ୍ତ କରାଇବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି।

- ୫ ରାଜ୍ୟରେ କୋଲ୍‌ଡ୍ରିଫ୍ କଫ ସିରଫ ନିଷିଦ୍ଧ
- ତାମିଲନାଡୁ ସରକାର ଧରିଲେ ୩୫୦ ତ୍ରୁଟି
- ଗୁଜରାଟର ଦୁଇ କମ୍ପାନୀର କଫ ସିରପରେ ବିଷ

ଅନ୍ୟପକ୍ଷରେ ଏହି ମାମଲାରେ ତାମିଲନାଡୁର 'ଡ୍ରଗ୍ସ କଣ୍ଟ୍ରୋଲ ଡିପାର୍ଟମେଣ୍ଟ' ସିରପ ପ୍ରସ୍ତୁତକାରୀ କମ୍ପାନୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି। କାଞ୍ଚିପୁରମ ସ୍ଥିତ କମ୍ପାନୀ ଶ୍ରୀସେନ ଫାର୍ମାସ୍ୟୁଟିକାଲ୍ସ ଏହି କୋଲଡ୍ରିଫ କଫ ସିରପ ପ୍ରସ୍ତୁତ କରୁଛି। ପାଞ୍ଚ ଦିନ ମଧ୍ୟରେ ଜବାବ ଦେବା ପାଇଁ କମ୍ପାନୀକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଔଷଧରେ ପ୍ରସ୍ତୁତ କଞ୍ଚାମାଲର ବିଲ୍ ଏବଂ ଏହାର ଯାଞ୍ଚ ରିପୋର୍ଟ, ଔଷଧ ପ୍ୟାକିଂରେ ବ୍ୟବହୃତ ସାମଗ୍ରୀ ବିବରଣୀ, ଔଷଧରେ ବ୍ୟବହୃତ ପ୍ରୋପାଇଲିନ ଗ୍ଲାଇକୋଲ କ୍ରୟର ବିଲ୍, ମାଷ୍ଟର ଫର୍ମୁଲା ସଟ୍ ଏବଂ ରାସାୟନିକ ବିବରଣୀ ମଗାଯାଇଛି। ସେହିପରି ଗୁଜରାଟର ଦୁଇ କମ୍ପାନୀ ରିଲାଇଫ ସିରପ ଏବଂ ରେସ୍ପିଫ୍ରେସ ଟିଆରର କଫ ସିରପ ନମୁନାରୁ ବିଷାକ୍ତ ଡାଇଏଥିଲିନ ଗ୍ଲାୟକୋଲ (ଡିଇଜି) ଏବଂ ଏଥିଲି ଗ୍ଲାୟକୋଲ (ଇଜି) ମାତ୍ରା ଅଧିକ ଥିବା ଜଣାପଡ଼ିଛି। ଛିନ୍ଦୱାଡାରୁ ନିଆଯାଇଥିବା ୧୯ ଔଷଧରୁ ନମୁନା ପରୀକ୍ଷଣରୁ ଏହା ସାମ୍‌ନାକୁ ଆସିଛି। ମଧ୍ୟପ୍ରଦେଶରେ ଏହି ଦୁଇ ସିରପ ବିକ୍ରି ଏବଂ ମହଜୁଦ ଉପରେ କଟକଣା ଲଗାଇ ଦିଆଯାଇଛି। ଏହାର ତଦନ୍ତ ପାଇଁ ଗୁଜରାଟ ସରକାରଙ୍କୁ ମଧ୍ୟ ଚିଠି ଲେଖାଯାଇଛି।

ଏହା ପୂର୍ବରୁ ତାମିଲନାଡୁ ସରକାରଙ୍କ ଯାଞ୍ଚ କମିଟି କୋଲ୍‌ଡ୍ରିଫ ପ୍ରସ୍ତୁତକାରୀ ଶ୍ରୀସନ ଫାର୍ମାସ୍ୟୁଟିକାଲ୍ସର କାରଖାନାରେ ୩୫୦ରୁ ଅଧିକ ତ୍ରୁଟି ଧରିଛି। ଏହାକୁ କ୍ରିଟିକାଲ ଏବଂ ମେଜର ଶ୍ରେଣୀରେ ରଖାଯାଇଥିଲା। ରିପୋର୍ଟ ଅନୁଯାୟୀ ଏହି କମ୍ପାନୀରେ ଔଷଧ ପ୍ରସ୍ତୁତ କରିବା ପାଇଁ ଯୋଗ୍ୟ ଏବଂ ପ୍ରଶିକ୍ଷିତ କର୍ମଚାରୀ ନ ଥିଲେ। କାରଖାନାର ସ୍ଥିତି ବହୁତ ଖରାପ ଥିଲା। ସଫାସୁତୁରା କରାଯାଉ ନ ଥିଲା। ବାୟୁ ଚଳାଚଳର ସଠିକ ବ୍ୟବସ୍ଥା ମଧ୍ୟ ନ ଥିଲା। ଅନେକ ମେସିନ ଭାଙ୍ଗି ଯାଇ କଳଙ୍କି ଲାଗିଥିଲା। କାରଖାନାରେ ସୁରକ୍ଷା ପାଇଁ ଜରୁରୀ ଉପକରଣ ନ ଥିଲା। ଔଷଧ ପ୍ରସ୍ତୁତ ପାଇଁ ନିମ୍ନମାନର ଏବଂ ଅଣ-ଫାର୍ମା ମାନର ରାସାୟନିକ ବ୍ୟବହାର କରାଯାଇଥିଲା। କମ୍ପାନୀ ବିନା ବିଲ୍‌ରେ ୫୦ କେଜି ପ୍ରୋପାଇଲିନ ଗ୍ଲାଇକୋଲ କ୍ରୟ କରିଥିଲା। ଔଷଧରୁ ଡିଇଜି ଭଳି ବିଷାକ୍ତ କେମିକାଲ ମିଳିଥିଲା। ତରଳ ଔଷଧକୁ ପ୍ଲାଷ୍ଟିକ ପାଇପରେ ସ୍ଥାନାନ୍ତର କରାଯାଉଥିଲା। ଏହା ଦ୍ୱାରା ଔଷଧ ଖରାପ ହୋଇପାରେ।



କାରଖାନାରେ ଔଷଧ ଛାଣିବାକୁ ମଧ୍ୟ କୌଣସି ବ୍ୟବସ୍ଥା ନ ଥିଲା। କାରଖାନାର ଅପରିଷ୍କାର ପାଣିକୁ ସିଧା ନାଳକୁ ଛଡ଼ା ଯାଉଥିଲା। ଏହା ମଧ୍ୟରେ କଫ ସିରପ ମୃତ୍ୟୁକୁ ନେଇ ମଧ୍ୟପ୍ରଦେଶ ସରକାରଙ୍କୁ ବିରୋଧୀ ଦଳ ନେତା ଉମଙ୍ଗ ସିଙ୍ଘାର ତୀବ୍ର ସମାଲୋଚନା କରିଛନ୍ତି। ସେ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ କଫ ସିରପ ପିଇବା ଯୋଗୁ କିଡନୀ ଫେଲ ହୋଇ ୧୯ ଶିଶୁଙ୍କ ମୃତ୍ୟୁ ହୋଇଛି। ପରାସିଆରେ ବିଧାୟକ ସୋହନ ବାଲ୍ମିକୀଙ୍କ ପ୍ରଥମ ଶିଶୁର ମୃତ୍ୟୁ ହେବା ପରେ ଜିଲ୍ଲାପାଳଙ୍କଠାରୁ ନେଇ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସେ ଚିଠି ଲେଖିଥିଲେ। ବିକ୍ଷୋଭ କରିଥିବା ସତ୍ତ୍ୱେ ସରକାର ଚେଇଁ ନ ଥିଲେ। ଏହା ଦୁର୍ନୀତି ଏବଂ କମିଶନର ମାମଲା। ଏହି ମାମଲାର ନ୍ୟାୟିକ ତଦନ୍ତ ହେବା ଉଚିତ। ଛୋଟ ମୋଟ ଘଟଣାରେ ସରକାର ଲୋକଙ୍କ ଘର ଉପରେ ବୁଲ୍‌ଡୋଜର ଚଢ଼ାଇ ଦେଉଛନ୍ତି। ଏହି ମାମଲାରେ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଉପ-ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ଶୁକ୍ଲାଙ୍କ ଘର ଉପରେ ବୁଲ୍‌ଡୋଜର ଚଢ଼ାଯିବ କି ବୋଲି କଂଗ୍ରେସ ନେତା ପ୍ରଶ୍ନ କରିଛନ୍ତି।

# ରାଏବରେଲିରେ ଯୁବକଙ୍କୁ ପିଟି ପିଟି ହତ୍ୟା

**ରାଏବରେଲି, ୭।୧୦ (ଏଜେନ୍ସି):** ଉତ୍ତର ପ୍ରଦେଶ ରାଏବରେଲିରେ ଈଶ୍ୱରଦାସପୁର ଗ୍ରାମରୁ ମାନବିକତାକୁ ଲଜ୍ଜିତ କଲା ଭଳି ଏକ ମାମଲା ସାମ୍‌ନାକୁ ଆସିଛି। ଏଠାରେ ଏକ ଯୁବକଙ୍କୁ ପିଟି ପିଟି ଲୋକେ ହତ୍ୟା କରିଛନ୍ତି। ରେଳଧାରଣ ନିକଟରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହି ଯୁବକଙ୍କୁ ଅଧମରା କରି ଏଠାରେ ପକାଇ ଦିଆଯାଇଥିଲା। ତାଙ୍କ ଶରୀର ଏବଂ ଗୁପ୍ତାଙ୍ଗରେ କ୍ଷତ ଚିହ୍ନ ରହିଛି। ସାରା ଶରୀରରେ ନୀଳ ଏବଂ କଳା ଦାଗ ଦେଖାଯାଉଛି। ଗତ ୨ ତାରିଖରେ ପୀଡ଼ିତ ହରିଓମ୍ (୩୮)ଙ୍କ ହତ୍ୟା କରାଯାଇଥିଲା। ସୂଚନା ଅନୁଯାୟୀ ଗତ ୧ ତାରିଖରେ ରାତିରେ ପରବା ଗ୍ରାମର ବାସିନ୍ଦା ହରିଓମ ଈଶ୍ୱରଦାସପୁର ଯାଉଥିଲେ। ଏହି ସମୟରେ ତାଙ୍କୁ ୨୫ ଗ୍ରାମବାସୀ ଧରି ପକାଇ ଚୋର କହି ପିଟିବା ଆରମ୍ଭ କରିଥିଲେ। ମାତ୍ର ଚୋର ନୁହେଁ ବୋଲି କହିବା ସତ୍ତ୍ୱେ ଲୋକେ ତାକୁ ଛାଡ଼ି ନ ଥିଲେ। ଅନବରତ ଭାବେ ନୃଶଂସ ଭଳି ବେଲ୍ଟ, ବାଡି ମାଡ଼ ମାରିଥିଲେ। ଅର୍ଦ୍ଧନଗ୍ନ କରି ସାର୍ଟରେ ହାତ ବାନ୍ଧି ଦେଇଥିଲେ। ଏହାର ସୂଚନା ପାଇ ପୁଲିସ ପହଞ୍ଚି ଥିଲେ ମଧ୍ୟ କୌଣସି ପଦକ୍ଷେପ ନ ନେଇ ପଳାଇ ଆସିଥିଲା। ଏହା ପରେ ଲୋକେ ଅଧମରା କରି ରେଳଧାରଣା କଡ଼ରେ ଫୋପାଡ଼ି ଚାଲି ଯାଇଥିଲେ। ଏହି ମାମଲାକୁ ନେଇ କଂଗ୍ରେସର ରାଏବରେଲି ସାଂସଦ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଦଳିତ ଯୁବକ ହରିଓମଙ୍କ ହତ୍ୟା କେବଳ ଜଣେ ମନୁଷ୍ୟର ନୁହେଁ, ବରଂ ମାନବିକତା, ସମ୍ବିଧାନ ଏବଂ ନ୍ୟାୟକୁ ମାରି ଦିଆଯାଇଛି। ଦେଶରେ ଘୃଣା, ହିଂସା ଏବଂ ଉପଦ୍ରବୀଙ୍କୁ ସରକାରୀ ସଂରକ୍ଷଣ ମିଳୁଛି। ସମ୍ବିଧାନର ସ୍ଥାନ ବୁଲ୍‌ଡୋଜର ଏବଂ ନ୍ୟାୟର ବଦଳରେ ଭୟ ସୃଷ୍ଟି ହେଉଛି। କିନ୍ତୁ ଏହି ଦେଶ ସମ୍ବିଧାନରେ ଚାଲିବ, ଉପଦ୍ରବୀଙ୍କ ଦ୍ୱାରା ନୁହେଁ। ଭାରତର ଭବିଷ୍ୟତ ସମାନତା ଏବଂ ମାନବିକତା ଉପରେ ତିଷ୍ଠିଛି। ଏହା ସହିତ ରାହୁଲ ହରିଓମଙ୍କ ପରିବାର ସହ ଫୋନ କରି କଥା ହୋଇଛନ୍ତି। ତାଙ୍କୁ ନ୍ୟାୟର ଆଶ୍ୱାସନା ଦେଇଛନ୍ତି।

# ୪୦ ହଜାର ଆଇଫୋନ୍ ଚୋରାଇ ପଠାଇ ଥିଲେ ଚୀନ୍

**ଲଣ୍ଡନ, ୭।୧୦ (ଏଜେନ୍ସି):** ବ୍ରିଟେନ ପୁଲିସ ଏକ ଅନ୍ତର୍ଜାତୀୟ ଚୋର ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି। ଏହାର ସଦସ୍ୟ ଦେଶରୁ ଆଇଫୋନ ଚୋରି କରି ବିଦେଶକୁ ଚାଲାଣ କରୁଥିଲେ। ବର୍ଷରେ ମଧ୍ୟରେ ଏହି ଅପରାଧି ଗୋଷ୍ଠୀ ୪୦ ହଜାରରୁ ଅଧିକ ଆଇଫୋନ ଚୋରି କରି ଚୀନ୍ ପଠାଇ ଥିଲେ। ଫୋନ୍ ଚୋରଙ୍କ ବିରୋଧରେ ଦେଶର ସବୁଠାରୁ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୁଲିସ ୧୮ ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ଜଣେ ଭାରତୀୟ ଏବଂ ଦୁଇ ଜଣ ଆଫଗାନ ନାଗରିକ ସାମିଲ ଅଛନ୍ତି। ଏହି ଚୋରଙ୍କ ନିକଟରୁ ୨ ହଜାରରୁ ଅଧିକ ଫୋନ ମଧ୍ୟ ଜବତ କରାଯାଇଛି। ଲଣ୍ଡନରୁ ଚୋରି କରିଥିବା ମୋଟ୍ ଫୋନ୍‌ର ୫୦ ପ୍ରତିଶତକୁ ବିଦେଶ ପଠାଇ ଥିଲେ ବୋଲି ପୁଲିସ ଦାବି କରିଛି ।ଗତ ବର୍ଷ କ୍ରିସମାସରେ ପ୍ରଥମେ ଏହି ଘଟଣା ସାମ୍‌ନାକୁ ଆସିଥିଲା। ଆଇଫୋନ ଚୋରି ହେବାରୁ ଜଣେ ବ୍ୟକ୍ତି ମେଟ୍ରୋପଲିଟାନ ପୁଲିସକୁ ଅଭିଯୋଗ କରିଥିଲେ। ଯାଞ୍ଚ ପରେ ହିଥ୍ରୋ ବିମାନବନ୍ଦର ନିକଟରେ ଥିବା ଏକ ଗୋଦାମରୁ ଏହାର ଲୋକେସନ ମିଳିଥିଲା। ଏଠାରେ ଚଢ଼ଉ କରି ଏକ ଡବାରେ ଥିବା ୮୯୪ ଫୋନ ଜବତ କରିଥିଲା। ତଦନ୍ତ ପରିସର ବଢ଼ିବାରୁ ସମ୍ପୂର୍ଣ୍ଣ ର୍‌ୟାକେଟର ପର୍ଦ୍ଦାଫାସ ହୋଇଥିଲା। ଚୋରଙ୍କୁ ଆଇଫୋନ ପିଛା ୩୦୦ ପାଉଣ୍ଡ ମିଳୁଥିଲା। ଚୀନ୍‌ରେ ଏହାକୁ ୪ ହଜାର ପାଉଣ୍ଡରେ ବିକ୍ରି କରାଯାଉଥିଲା।

# ୬୦ କୋଟିର ଠକେଇ ମାମଲାରେ ଶିଳ୍ପାଙ୍କୁ ଜେରା କଲା ଇଓଡବ୍ଲ୍ୟୁ

**ମୁମ୍ବଇ, ୭।୧୦ (ଏଜେନ୍ସି):** ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କୁ ମୁମ୍ବାଇର ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଜେରା କରିଛି। ୬୦ କୋଟି ଟଙ୍କାର ଠକେଇ ମାମଲାରେ ସୋମବାର ମୁମ୍ବାଇ ସ୍ଥିତ ବାସଭବନରେ ଶିଳ୍ପାଙ୍କୁ ସାଢେ ଚାରି ଘଣ୍ଟା ପର୍ଯ୍ୟନ୍ତ ପଚରାଉଚୁରା କରାଯାଇଛି। ଏହି ମାମଲାରେ ଅଭିନେତ୍ରୀଙ୍କ ସ୍ୱାମୀ ତଥା ବ୍ୟବସାୟୀ ରାଜ କୁନ୍ଦ୍ରା ମଧ୍ୟ ଅଭିଯୁକ୍ତ ଅଛନ୍ତି। ଏହାକୁ ନେଇ ତାଙ୍କ ସହିତ ୫ ଜଣଙ୍କ ବୟାନ ରେକର୍ଡ କରାଗଲାଣି। ସୂଚନା ଅନୁଯାୟୀ ଗତ ଅଗଷ୍ଟରେ ଶିଳ୍ପା ଏବଂ ରାଜଙ୍କ ବିରୋଧରେ ୬୦ କୋଟିର ଠକେଇ ମାମଲା ରୁଜୁ କରିଥିଲେ। ଏଥିରେ ସେ କହିଥିଲେ ଯେ ଏଜେଣ୍ଟ ରାଜେଶ ଆର୍ଯ୍ୟାଙ୍କ ମାଧ୍ୟମରେ ସେ ଶିଳ୍ପା ଏବଂ କୁନ୍ଦ୍ରାଙ୍କୁ ଭେଟିଥିଲେ। ସେ ସମୟରେ ଉଭୟେ ବେଷ୍ଟ ଡିଲ୍ ଟିଭିର ନିର୍ଦ୍ଦେଶକ ଥିଲେ। ଶିଳ୍ପାଙ୍କ ପାଖରେ କମ୍ପାନୀର ୮୭ ପ୍ରତିଶତ ସେୟାର ଥିଲା। ଏକ ବୈଠକ ପରେ ଏହି ଦମ୍ପତିଙ୍କ କମ୍ପାନୀଙ୍କୁ ଦୀପକ ଋଣ ଦେବେ ବୋଲି ଧାର୍ଯ୍ୟ ହୋଇଥିଲା। ବାର୍ଷିକ ୧୨ ପ୍ରତିଶତ ସୁଧରେ ୭୫ କୋଟି ଟଙ୍କା ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ପରେ ଟିକସ ସମସ୍ୟାକୁ ଦେଖି ଏହାକୁ ନିବେଶ ଭାବେ ଦେଖାଇବା ପାଇଁ ଶିଳ୍ପା କୋଠାରିଙ୍କୁ ଅନୁରୋଧ କରିଥିଲେ। ପ୍ରତି ମାସରେ ରିଟର୍ଣ୍ଣ ଦେବେ ବୋଲି କହିଥିଲେ। ମାତ୍ର ୨୦୧୫ ଏବଂ ୨୦୧୬ରେ ଟଙ୍କା ପାଇବା ପରେ ଶିଳ୍ପା ଅର୍ଥ ଫେରାଇ ନ ଥିଲେ।

# ସଡ଼କ ସୁରକ୍ଷା ପାଇଁ ରାଜ୍ୟଙ୍କୁ ୬ ମାସ କଣ୍ଟଦେଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି):** 'ମୋଟର ଯାନ ଆଇନ' ଅଧିନରେ ସଡ଼କ ସୁରକ୍ଷା ନିୟମକୁ କଡ଼ାକଡ଼ି ଭାବେ ପାଳନ ପାଇଁ ସୁପ୍ରିମକୋର୍ଟ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ୬ ମାସ ସମୟ ଦେଇଛନ୍ତି। ଏହି ଅବଧି ଭିତରେ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରି ନିୟମ ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଜାତୀୟ ରାଜପଥ ବ୍ୟତୀତ ଅନ୍ୟ ରାସ୍ତାର ଡିଜାଇନ୍, ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପାଇଁ ମାନଦଣ୍ଡ ଧାର୍ଯ୍ୟ କରିବାକୁ ସବୁ ରାଜ୍ୟଙ୍କୁ ଜଷ୍ଟିସ ଜେପି ପାରଦିୱାଲା ଏବଂ କେଭି ବିଶ୍ୱନାଥାନଙ୍କ ଖଣ୍ଡପୀଠ କହିଛନ୍ତି। ଜାତୀୟ ରାଜପଥ ଏବଂ ଅନ୍ୟ ସାର୍ବଜନୀନ ସ୍ଥାନରେ ପଦଯାତ୍ରୀ ଏବଂ ଅଣ-ମୋଟର ଚାଳିତ ଯାନବାହନ ସୁରକ୍ଷାକୁ ନେଇ ପର୍ଯ୍ୟାପ୍ତ ବ୍ୟବସ୍ଥା ନିମନ୍ତେ ମଙ୍ଗଳବାର ବିସ୍ତୃତ ନିର୍ଦ୍ଦେଶ ଜାରି କରିଛନ୍ତି। ହେଲମେଟ ନ ପିନ୍ଧିବା, ଭୁଲ ଲେନରେ ଗାଡି ଚଲାଇବା ଏବଂ ଗାଡିରେ ଅନଧିକୃତ ହର୍ଣ୍ଣ ବଜାଇବା ଭଳି ସଡ଼କ ସୁରକ୍ଷା ସହ ଜଡ଼ିତ ବିଭିନ୍ନ ଦିଗ ଉପରେ କଠୋର ନିୟମ ଆଣିବା ପାଇଁ କହିଛନ୍ତି।

# ନିଜକୁ ଗୁଳି ମାରି ଆଇପିଏସ୍‌ଙ୍କ ଆତ୍ମହତ୍ୟା

**ଚଣ୍ଡିଗଡ଼, ୭।୧୦ (ଏଜେନ୍ସି):** ହରିୟାଣାର ବରିଷ୍ଠ ଆଇପିଏସ ଅଧିକାରୀ ୱାଇ ପୂରନ କୁମାର ମଙ୍ଗଳବାର ଦ୍ୱିପହରେ ଆତ୍ମହତ୍ୟା କରିଛନ୍ତି। ସେ ଚଣ୍ଡିଗଡ଼ର ସେକ୍ଟର-୧୧ ସ୍ଥିତ ବାସଭବନରୁ ନିଜ ସର୍ଭିସ ରାଇଫଲରୁ ନିଜକୁ ଗୁଳି ମାରିଛନ୍ତି। ଏହାର ସୂଚନା ମିଳିବା ପରେ ବରିଷ୍ଠ ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଲାଞ୍ଚ ମାଗିବା ମାମଲାରେ ତାଙ୍କ ବ୍ୟକ୍ତିଗତ ଗାର୍ଡ ଗିରଫ ହେବା ପରେ ସେ ଏଭଳି ଚରମ ପଦକ୍ଷେପ ନେଇଥିଲେ। ଜେରା ସମୟରେ ପୁରନ୍‌ଙ୍କ ପାଇଁ ସେ ଲାଞ୍ଚ ମାଗୁଥିବା କହିଥିଲେ। ଆଇଏଏସ ଅଧିକାରୀ ମହମ୍ମଦ ସାଇନ ଏବଂ ବିଜୟ ଦହିଆ ଘଟଣାସ୍ଥଳରେ ପହଞ୍ଚି କୋଠାରେ ଥିବା ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଚଣ୍ଡିଗଡ଼ ଏସଏସପି କୱଁରଦୀପ କୌର କହିଛନ୍ତି ଯେ ୨୦୦୧ ବ୍ୟାଚ୍‌ର ଆଇପିଏସ ପୁରନ କୁମାରଙ୍କ ମୁଣ୍ଡରେ କ୍ଷତ ଚିହ୍ନ ରହିଛି। ଏବେ ଏ ବିଷୟରେ କିଛି କହିହେବ ନାହିଁ।



ସୂଚନା ଅନୁଯାୟୀ ଗତ ୨୯ ତାରିଖରେ ରୋହତକର ସୁନାରିଆ ସ୍ଥିତ ପୁଲିସ ଟ୍ରେନିଂ କଲେଜ (ପିଟିସି)ରେ ଆଇଜି ଭାବେ ପୁରନଙ୍କୁ ମୁତୟନ କରାଯାଇଥିଲା। ସେ ୭ ତାରିଖ ପର୍ଯ୍ୟନ୍ତ ଛୁଟିରେ ଥିଲେ ବୋଲି କୁହାଯାଉଛି। ମାତ୍ର ହରିୟାଣା ପୁଲିସ ପାଖରେ ଏ ସମ୍ବନ୍ଧିତ କୌଣସି ସୂଚନା ନାହିଁ। ପୁରନଙ୍କ ପତ୍ନୀ ଅମନୀତ ପି. କୁମାର ଜଣେ ବରିଷ୍ଠ ଆଇଏଏସ ଅଧିକାରୀ। ସେ ଏବେ ମୁଖ୍ୟମନ୍ତ୍ରୀ ନାଏବ ସିଂହ ସାଇନିଙ୍କ ପ୍ରତିନିଧିମଣ୍ଡଳରେ ଜାପାନ ଗସ୍ତରେ ଯାଇଛନ୍ତି। ଏହି ପ୍ରତିନିଧିମଣ୍ଡଳ ମଙ୍ଗଳବାର ସନ୍ଧ୍ୟାରେ ଭାରତ ଫେରିବ। ଅମନୀତ ଏବେ ବେସାମରିକ ବିମାନ ଚଳାଚଳ ବିଭାଗର ସଚିବ ଅଛନ୍ତି। ଚଣ୍ଡିଗଡ଼ ସେକ୍ଟର-୧୬ ସ୍ଥିତ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ପୁରନଙ୍କ ବ୍ୟବଚ୍ଛେଦ ହେବ। ସେ ୨୦୩୩ ମେ' ୩୧ରେ ଅବସରଗ୍ରହଣ କରିଥାନ୍ତେ। ପୁରନ ଏବଂ ଅମନୀତଙ୍କ ଦୁଇ ଝିଅ ଅଛନ୍ତି। ଜଣେ ଚଣ୍ଡିଗଡ଼ରେ ଏବଂ ଅନ୍ୟ ଜଣେ ବିଦେଶରେ ପାଠ ପଢୁଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ସହ ଜାପାନ ଗସ୍ତରେ ଯାଇଛନ୍ତି ଆଇଏଏସ ପତ୍ନୀ**

ସୂଚନା ଅନୁଯାୟୀ ପୁରନ ତିନି ମହଲା କୋଠାର ବେସମେଣ୍ଟ (ତଳ ମହଲା)ରେ ଆତ୍ମହତ୍ୟା କରିଛନ୍ତି। ସେ ଝିଅ ସହ ସକାଳେ ପ୍ରଥମ ମହଲାରେ ଥିଲେ। ପରେ ତଳ ମହଲାକୁ ଯାଇ ଚୌକିରେ ବସି ଆତ୍ମହତ୍ୟା କରିଥିଲେ। କିଛି ସମୟ ପରେ ଝିଅ ତଳକୁ ଯିବା ପରେ ବାପାଙ୍କ ରକ୍ତ ଜୁଡୁବୁଡ଼ ମୃତଦେହ ଦେଖିବାକୁ ପାଇ ପୁଲିସକୁ ସୂଚନା ଦେଇଥିଲେ। ଏହି କୋଠାର ବାହାରେ ଜଣେ ସିକ୍ୟୁରିଟି ଗାର୍ଡ ମୁତୟନ ଥିଲେ। ତେବେ ସେ ପିସ୍ତଲ ଶବ୍ଦ ଶୁଣି ନ ଥିବା କହିଛନ୍ତି। ଅନ୍ୟପକ୍ଷରେ ଏହି ଆଇପିଏସ ବିଭିନ୍ନ ଘଟଣାକୁ ନେଇ ଚର୍ଚ୍ଚାରେ ଥିଲେ। ସେ ୨୦୨୦ରେ ଛୁଟି ଦିନରେ ମନ୍ଦିର ଯିବାକୁ ନେଇ ବିବାଦ ହେବାରୁ ପୂର୍ବତନ ଡିଜିପିଙ୍କ ବିରୋଧରେ ଅମ୍ବାଲା ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ। ଏହା ସହିତ ଅନୁସୂଚିତ ଜାତିର ଅଧିକାରୀଙ୍କ ଫିଲ୍ଡ ପୋଷ୍ଟିଂରେ ଭେଦଭାବ ପ୍ରସଙ୍ଗ ଉଠାଇ ଥିଲେ। ସେ ୨୦୨୪ରେ ହରିୟାଣା ବିଧାନସଭା ନିର୍ବାଚନ ସମୟରେ ଆଇପିଏସ ଅଧିକାରୀଙ୍କ ପୋଷ୍ଟିଂକୁ ନେଇ ନିର୍ବାଚନ କମିଶନଙ୍କୁ ଅଭିଯୋଗ କରିଥିଲେ। ଅଧିକାଂଶ କ୍ଷମତାସୀନ ଦଳର ଘନିଷ୍ଠ ଥିବାରୁ ବଦଳି ହେବା ଉଚିତ ବୋଲି କହିଥିଲେ। ସେହିପରି ଗତ ବର୍ଷ ନୂଆ ଇନୋଭା କାର୍ ନ ମିଳିବାରୁ ନିଜର ପୁରୁଣା ହୋଣ୍ଡା ସିଟି କାର୍ ଫେରାଇ ଦେଇଥିଲେ। ମୁଖ୍ୟ ସଚିବଙ୍କୁ ଚିଠି ଲେଖି ଅଧିକାରୀଙ୍କୁ ଗାଡ଼ି ପ୍ରଦାନର ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇ ଥିଲେ।


# ରୁଷ୍ ପକ୍ଷରୁ ଯୁଦ୍ଧ ଲଢୁଥିବା ଭାରତୀୟ ଛାତ୍ରଙ୍କ ଆତ୍ମସମର୍ପଣ

**କିଭ, ୭।୧୦ (ଏଜେନ୍ସି):** ରୁଷ ପକ୍ଷରୁ ଯୁଦ୍ଧ ଲଢୁଥିବା ଭାରତୀୟ ଛାତ୍ର ମୋଜିଦ ସାହିଲ ମହମ୍ମଦ ହୁସେନ ୟୁକ୍ରେନ ସେନା ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେ ଗୁଜରାଟ ମୋରବି ସହରର ବାସିନ୍ଦା। ପାଠପଢ଼ିବାକୁ ସେ ରୁଷ ଯାଇଥିଲେ। ୟୁକ୍ରେନ ପକ୍ଷରୁ କୁହାଯାଇଛି ଯେ ମୋଜିତଙ୍କୁ ନିଶା ସେବନ ମାମଲାରେ ୭ ବର୍ଷ ଜେଲ୍ ଦଣ୍ଡ ହୋଇଥିଲା। ଜେଲ୍‌ରୁ ବର୍ତ୍ତିବା ଲାଗି ତାଙ୍କୁ ଯୁଦ୍ଧ ଲଢିବାକୁ କୁହାଯାଇଥିଲା। ୧୬ ଦିନର ପ୍ରଶିକ୍ଷଣ ପରେ ସେ ଗତ ୧ ତାରିଖରେ ଯୁଦ୍ଧରେ ସାମିଲ ହୋଇ ତିନି ଦିନ ପରେ ଆତ୍ମସମର୍ପଣ କରିଥିଲେ।

**ଗାଜା ଯୁଦ୍ଧକୁ ଦୁଇ ବର୍ଷ**

# ୬୫ ହଜାରରୁ ଊର୍ଦ୍ଧ୍ୱ ମୃତ, ୯୦% ସ୍କୁଲ ଧ୍ୱଂସ

**ଗାଜା, ୭।୧୦ (ଏଜେନ୍ସି):** ହମାସ ଆକ୍ରମଣରୁ ଆରମ୍ଭ ହୋଇଥିବା ଗାଜା ଯୁଦ୍ଧକୁ ମଙ୍ଗଳବାରୁ ଦୁଇ ବର୍ଷ ପୂରଣ ହୋଇଛି। କ୍ରମାଗତ ବୋମା ମାଡ଼ ଏବଂ ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଗାଜା ଷ୍ଟ୍ରିପ୍ ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଛି। ମିଳିତ ଜାତିସଂଘ (ୟୁଏନ)ର ସାଟେଲାଇଟ ରିପୋର୍ଟ ଅନୁଯାୟୀ ଯୁଦ୍ଧ ପାଇଁ ଗାଜାର ୮୦ ପ୍ରତିଶତ କୋଠା କ୍ଷତିଗ୍ରସ୍ତ ହୋଇଛି। ପ୍ରାୟ ୯୦ ପ୍ରତିଶତ ସ୍କୁଲ ଭୂତକୋଠିରେ ପରିଣତ ହୋଇଯାଇଛି। ୧୮ ହଜାର ଶିଶୁଙ୍କ ସମେତ ୬୫ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ୩୯, ୩୮୪ ଶିଶୁ ନିଜ ମାତାପିତାଙ୍କ ମଧ୍ୟରୁ ଜଣକୁ ହରଇଛନ୍ତି। ୧୭ ହଜାର ଶିଶୁ ମାତାପିତା ଉଭୟଙ୍କୁ ହରାଇଛନ୍ତି। ହଜାର ହଜାର ଲୋକ ଆହତ ହୋଇଛନ୍ତି। ୯୮.୫ ପ୍ରତିଶତ କ୍ଷେତ ନଷ୍ଟ ହୋଇଯାଇଛି। ଲକ୍ଷାଧିକ ପାଲେଷ୍ଟିନୀୟ ଟେଣ୍ଟରେ ରହିବାକୁ ବାଧ୍ୟ ହେଉଛନ୍ତି। ଏଠାରେ ଖାଦ୍ୟ, ପାନୀୟ, ବିଦ୍ୟୁତ ଏବଂ ଚିକିତ୍ସା ବିନା କାଳତିପାତ କରୁଛନ୍ତି। ଭୋକ ଉପାସରେ ମୃତ୍ୟୁକୁ ଅପେକ୍ଷା କରି ରହିଛନ୍ତି। ଗାଜା ଅସହାୟଙ୍କ ସହର ପାଲଟି ଯାଇଛି। ଚାରିଆଡେ ଯୁଦ୍ଧ ବିଭୀଷିକା ଦେଖିବାକୁ ମିଳୁଛି। ୮୦ ପ୍ରତିଶତ ଅଞ୍ଚଳ ମିଲିଟାରୀ ଜୋନ୍ ହୋଇଯାଇଛି। ଏଠାରେ ସାଧାରଣ ନାଗରିକଙ୍କ ପ୍ରବେଶ ନିଷିଦ୍ଧ ରହିଛି। ଏହା ସହର ନୁହେଁ, ବରଂ ଜୀବିତ ଲୋକଙ୍କ କ୍ୟାମ୍ପ ହୋଇ ରହିଛି ବୋଲି ଉଦ୍ଧାରକାରୀ ଏଜେନ୍ସିଙ୍କ ପକ୍ଷରୁ କୁହାଯାଇଛି।



୨୦୨୩ ଅକ୍ଟୋବର ୭ରେ ଆତଙ୍କବାଦୀ ସଂଗଠନ ହମାସ ଅନୁପ୍ରବେଶ କରି ଅନେକ ଇସ୍ରାଏଲ ନାଗରିକଙ୍କୁ ହତ୍ୟା କରିଥିଲା। ୨୫୧ ଜଣଙ୍କୁ ପଣବନ୍ଦୀ କରି ରଖିଥିଲା। ଏହାକୁ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ତୁରନ୍ତ ଯୁଦ୍ଧ ଘୋଷଣା କରି ହମାସ ଉପରେ ଆକ୍ରମଣ ଆରମ୍ଭ କରି ଦେଇଥିଲେ। ଏହି ଯୁଦ୍ଧ ଯୋଗୁଁ ଗାଜାର ୨୩ ଲକ୍ଷ ଲୋକଙ୍କ ମଧ୍ୟରୁ ୯୦ ପ୍ରତିଶତ ବାସ ହରାଇ ଥିଲେ। ଯୁଦ୍ଧରେ ଅଧାରୁ ଅଧିକ ଘର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଏହା ଦ୍ୱାରା ପ୍ରାୟ ୪.୫ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ଗାଜାରେ ୫୪ ନିୟୁତ ଟନ୍‌ରୁ ଅଧିକ ଅବଶେଷ ଗଦା ହୋଇ ରହିଛି। ଏହାକୁ ସଫା କରିବା ପାଇଁ ୧୦ ବର୍ଷ ଏବଂ ୧.୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ବିଶେଷଜ୍ଞ କହିଛନ୍ତି। ଇସ୍ରାଏଲ ଏକ କିମିର ବଫର ଜୋନ ଏବଂ ୪ ସୈନ୍ୟ କରିଡର ଗଠନ କରିଛି। ମୋରାଗ କରିଡର ଗାଜାକୁ ଦୁଇ ଭାଗରେ ବିଭାଜିତ କରିଦେଇଛି। ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୨୦ ସୂତ୍ରୀ ଶାନ୍ତି ପ୍ରସ୍ତାବକୁ ଇସ୍ରାଏଲ ସମ୍ପୂର୍ଣ୍ଣ ଏବଂ ହମାସ ଆଂଶିକା ଭାବେ ସ୍ୱୀକାର କରିଥିବାରୁ ଯୁଦ୍ଧ ବନ୍ଦ ହେବାର ଆଶା ପ୍ରକାଶ ପାଇଛି।

## ୧୧ ଯାଏଁ ଲାଗିରହିବ ବର୍ଷା

ଭୁବନେଶ୍ୱର, ୭।୧୦(ସମିସ): ରାଜ୍ୟ ଉପରେ ବର୍ତ୍ତମାନ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଏହି ସ୍ଥିତି ଆହୁରି ୪ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ବିଶେଷକରି ଉତ୍ତର ଓ ଉପକୂଳରେ ବର୍ଷାର ପରିମାଣ ଅଧିକ ହେବାକୁ ଥିବା ବେଳେ ଏହି ସମୟରେ କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ନେଇ ମଧ ଆଶଙ୍କା କରାଯାଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ସୋମବାର ବଙ୍ଗୋପସାଗର ଓ ସଂଲଗ୍ନ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବ ୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଅନ୍ୟପଟେ ବୁଧବାର କେନ୍ଦ୍ରୀୟ-ପଶ୍ଚିମ ବଙ୍ଗୋପସାଗରର ଆନ୍ଧ୍ର ଉପକୂଳ ଦୂରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହି ଦୁଇଟିଯାକ ଘୂର୍ଣ୍ଣିବଳୟ ସମ୍ଭବତଃ ୧୦ କିମ୍ବା ୧୧ ତାରିଖରେ ମିଶି ଏକ ବିସ୍ତୃତ ଘୂର୍ଣ୍ଣିବଳୟରେ ପରିଣତ ହେବ। ଏହା ପ୍ରଭାବରେ ଆସନ୍ତା ୩ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତ୍ୟେକ ଦିନ ସ୍ୱଳ୍ପ (୧୫ ମିମି) ଓ ସ୍ଥାନେସ୍ଥାନେ ମଧ୍ୟମଧରଣର ବର୍ଷା ହୋଇପାରେ। ତା'ପର ଦୁଇଦିନ ୧୦ ଓ ୧୧ରେ ଦକ୍ଷିଣ ଉପକୂଳ ଓ ସଂଲଗ୍ନ ଅଞ୍ଚଳରେ ସ୍ୱଳ୍ପ ବର୍ଷା ଏବଂ ୧୨ ଓ ୧୩ରେ ସମୁଦ୍ର ସଂଲଗ୍ନ ଅଞ୍ଚଳ ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ଗଜପତିରେ ସ୍ୱଳ୍ପ ବର୍ଷାର ସମ୍ଭାବନା ରହିଛି। ୭ରୁ ୧୧ତାରିଖ ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି ବୋଲି ପ୍ରଫେସର୍ ପଶୁପାଳକ କହିଛନ୍ତି। ୧୪ରୁ ସମ୍ଭବତଃ ରାଜ୍ୟରେ ପାଗ ଶୁଖିଲା ରହିବା ନେଇ ଆକଳନ କରାଯାଇଛି।

ଗତ ୩୬ ଘଣ୍ଟା ମଧ୍ୟରେ ପାରାଦୀପରେ ୭୨ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଚାନ୍ଦବାଲିରେ ୫୨, ତାଳଚେର ୩୮, ସମ୍ବଲପୁର ୫୩ ଓ ଦାରିଙ୍ଗବାଡ଼ିରେ ୫୧ ମିମି ବର୍ଷା ରେକର୍ଡ ହୋଇଛି। ବୁଧବାର ରାଜ୍ୟର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

### ଗଞ୍ଜାମରେ ବିଜେପି ନେତାଙ୍କ ହତ୍ୟା ଘଟଣାରେ ବିଜେଡିର ପ୍ରତିକ୍ରିୟା

# ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଅଣାୟତ୍ତ: ବିଜେଡି

ଭୁବନେଶ୍ୱର, ୭।୧୦ (ସମିସ): ଗତ ଏକ ସପ୍ତାହରେ ଧାରାବାହିକ ଭାବେ ଘଟିଥିବା ଅପରାଧଗୁଡ଼ିକ ଉପରେ ତର୍ଜମା କଲେ, ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ସ୍ପଷ୍ଟ ହେଉଛି। ମାତ୍ର ରାଜ୍ୟ ବିଜେପି ସରକାର ନିଦାବିଷ୍ଟ ସାଜିବା ସହ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି।



ଆଇନଶୃଙ୍ଖଳାର ସଂଗୀନ ସ୍ଥିତିକୁ ନେଇ ବିରୋଧୀ ଦଳର ଚିତ୍କାର ତାଙ୍କର କର୍ଣ୍ଣପାତ ହେଉନାହିଁ ବୋଲି ଅଭିଯୋଗ କରିଛନ୍ତି ବିଜେଡି ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଭୃଗୁ ବକ୍ସିପାତ୍ର। ଗତ ସପ୍ତାହକ ମଧ୍ୟରେ ଆଇନଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ଅଣାୟତ୍ତ ହୋଇପଡ଼ିଛି ବୋଲି ସେ କହିଛନ୍ତି।

ଶଙ୍ଖଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବକ୍ସିପାତ୍ର କହିଥିଲେ ଯେ ସୋମବାର ବ୍ରହ୍ମପୁରରେ ବିଜେପିର ଆଗଧାଡ଼ିର ଜଣେ ନେତା

**■ ଗତ ଏକ ସପ୍ତାହରେ ଆଇନଶୃଙ୍ଖଳା ସ୍ଥିତି ସାଂଘାତିକ**
**■ ମୋହନ ସରକାର ଆସିବା ପରେ ଗଞ୍ଜାମରେ ୧୨୮ ହତ୍ୟା**

ତଥା ରାଜ୍ୟ ବାର୍ କାଉନସିଲର୍ ସଦସ୍ୟ ପୀତବାସ ପଣ୍ଡାଙ୍କୁ ଦୁଇଜଣ ଦୁର୍ବୃତ୍ତ ଅତି ନିକଟରୁ ଗୁଳି କରି ହତ୍ୟା କରିଛନ୍ତି। ଏହାକୁ ୨୦ଘଣ୍ଟାରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ପୁଲିସ ଅପରାଧୀଙ୍କ କୌଣସି ଟେର୍ ପାଇନାହିଁ। ଗତ ୨୪ଘଣ୍ଟାରେ ଗଞ୍ଜାମ ଜିଲ୍ଲାରେ ୩ଟି ହତ୍ୟାକାଣ୍ଡ ଘଟିଛି। ମୋହନ ସରକାର ଆସିବା ପରଠାରୁ କେବଳ ଗଞ୍ଜାମ ଜିଲ୍ଲାରେ ୧୨୮ଟି ହତ୍ୟାକାଣ୍ଡ ଘଟିଲାଣି। ଜିଲ୍ଲାରେ ଲଘୁ ଖଣିଜ ସମ୍ପଦ ଯଥା ବାଲି, ଚିପ୍ସ ଇତ୍ୟାଦିର ଚୋରି, ଲୁଟତରାଜ ଅହେତୁକ ବୃଦ୍ଧି ପାଇଛି। ଏଥିଯୋଗୁଁ ଅପରାଧ ଦିନକୁ ଦିନ ବୃଦ୍ଧି ପାଇ ଚାଲିଛି। ରାଜ୍ୟ ବିଜେପି ସରକାରଙ୍କ ପ୍ରଯୋଜନରେ ଏହି ଲୁଟତ୍‌ରାଜ ଚାଲିଛି ଓ ଏଥିଯୋଗୁଁ ଗଞ୍ଜାମ ଅପରାଧୀଙ୍କ ଚରାଭୂଇଁ ପାଲଟିଛି। ପୂର୍ବରୁ ନବୀନ ସରକାରଙ୍କ ସମୟରେ ଗଞ୍ଜାମରେ ଶାନ୍ତ ପରିବେଶ ସୃଷ୍ଟି ହୋଇଥିଲା ବେଳେ ବିଜେପି ସରକାରଙ୍କ ସମୟରେ ଆଇନଶୃଙ୍ଖଳା ସ୍ଥିତି ବିଗିଡ଼ିଗଲାଣି।

ଶ୍ରୀ ବକ୍ସିପାତ୍ର ଆହୁରି କହିଥିଲେ ଯେ ରାଜ୍ୟରେ ଏବେ ବହୁଚର୍ଚ୍ଚିତ ଘଟଣା ପୁଲିସ ଏସ୍ଆଇ ଚାକିରି ବିକ୍ରି ଘଟଣା ବ୍ରହ୍ମପୁର ସହରରୁ ଲୋକଲୋଚନକୁ ଆସିଥିଲା। ଏହି ଘଟଣାରେ ସରକାରଙ୍କ ସମ୍ପୃକ୍ତି ଜଳଜଳ ହୋଇ ଦିଶୁଛି। ସେହିପରି ଚୌଦ୍ୱାରରେ ଥିବା ହାଇସିକ୍ୟୁରିଟି ଜେଲରୁ ଦୁଇ କୁଖ୍ୟାତ ଅପରାଧୀ ଜେଲରୁ ଫେରାର୍ ହୋଇଯିବାରେ ସକ୍ଷମ ହୋଇଛନ୍ତି। ଭାଇଚାରା ସହର କଟକରେ ସାମ୍ପ୍ରଦାୟିକ ଦଙ୍ଗା ଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇ ୩୬ ଘଣ୍ଟା ପାଇଁ କର୍ଫ୍ୟୁ ଲଗାଇବାକୁ ପଡ଼ୁଛି। ଆଜି ସକାଳେ ପୁରୀ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଭିତରେ ପଶି ଜଣେ ଦୁର୍ବୃତ୍ତ କଟୁରୀରେ ଯାତ୍ରୀଙ୍କ ଉପରେ ଅତର୍କିତ ଆକ୍ରମଣ କରିବା ଯୋଗୁଁ ଅନ୍ୟୁନ ୭ଜଣ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଦୁଷ୍କର୍ମ, ଅସଦାଚରଣ, ନାରୀ ନିର୍ଯାତନା, ହତ୍ୟା ଇତ୍ୟାଦି ଘଟଣା ପ୍ରତିଦିନ ଖବରକାଗଜଗୁଡ଼ିକରେ ଶିରୋନାମା ପାଲଟୁଛି। କିନ୍ତୁ ସରକାର ନିଜ ପ୍ରଚାରରେ ବ୍ୟସ୍ତ ଅଛନ୍ତି। ଡବଲ୍ ଇଞ୍ଜିନ୍ ସରକାର ଗୋଟିଏ ସମ୍ବେଦନହୀନ ସରକାର ବୋଲି ରାଜ୍ୟବାସୀ ଜାଣିଲେଣି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି।

## ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ; ୩୦ ଆହତ

ଦକ୍ଷିଣ ବାଲେଶ୍ୱର, ୭।୧୦ (ସମିସ): ୧୬ନମ୍ବର ଜାତୀୟ ରାଜପଥର ସିମୁଳିଆ ଥାନା ଅନ୍ତର୍ଗତ ତାରିଣୀ ଛକ ନିକଟରେ ଆଜି ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କୁ ସିମୁଳିଆ ମେଡିକାଲରେ ଭର୍ତ୍ତି କରାଯାଇଛି। ଯାତ୍ରୀମାନେ ପୁରୀରୁ ଜଗନ୍ନାଥ ଦର୍ଶନ ସାରି ପଶ୍ଚିମବଙ୍ଗ ଫେରିବା ବେଳେ ଏହି ଅଘଟଣ ଘଟିଛି। ଚାଳକଙ୍କ ଆଖି ଲାଗି ଯିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଇଛି। ସୂଚନାନୁଯାୟୀ, ପଶ୍ଚିମବଙ୍ଗ ମୋହନପୁର ଥାନା ବୋଇତା ଅଞ୍ଚଳର ୬୫ ଜଣ ତୀର୍ଥଯାତ୍ରୀ ପୁରୀ ଜଗନ୍ନାଥ ଦର୍ଶନ କରିବା ପାଇଁ ଯାଇଥିଲେ। ସେଠାରୁ ଫେରିବା ବେଳେ ରାତି ପ୍ରାୟ ୨ଟାରେ ଚାଳକଙ୍କୁ ନିଦ ହୋଇଯିବାରୁ ବସ୍‌ଟି ଡିଭାଇଡର ଉପରକୁ ଚଢ଼ିଯାଇ ରାଜପଥ ଉପରେ ଓଲଟି ପଡ଼ିଥିଲା। ଖବର ପାଇ ସିମୁଳିଆ ଆଇଆଇସି ଶ୍ରବଣ କୁମାର ମହାରଣା ସଦଳବଳେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଗାଡ଼ିର କାଚ ଭାଙ୍ଗି ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା।

## ରାଇରଙ୍ଗପୁରରେ ଖୋଲିବ ଇଗ୍ନୋର ନୂତନ ଆଞ୍ଚଳିକ କେନ୍ଦ୍ର

ଭୁବନେଶ୍ୱର, ୭।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରଠାରେ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର ନୂତନ ଆଞ୍ଚଳିକ କେନ୍ଦ୍ର ଖୋଲିବ। ମୟୂରଭଞ୍ଜ ସମେତ କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲ୍ଲାର ଉଚ୍ଚଶିକ୍ଷା ପାଇଁ ଆଗ୍ରହୀ ପ୍ରାର୍ଥୀମାନେ ଏଥିରେ ଉପକୃତ ହେବେ। ପୂର୍ବରୁ ଭୁବନେଶ୍ୱର, କୋରାପୁଟ ଓ ଅନୁଗୋଳରେ ଇଗ୍ନୋର ଆଞ୍ଚଳିକ କେନ୍ଦ୍ର ରହିଥିଲା। ଏହି ନୂତନ ଆଞ୍ଚଳିକ କେନ୍ଦ୍ର ଦ୍ୱାରା ରାଜ୍ୟରେ ସମସ୍ତ ପ୍ରାନ୍ତରେ ଦୂର ନିରନ୍ତର ଶିକ୍ଷା ପହଞ୍ଚିପାରିବ ବୋଲି ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ କହିଛନ୍ତି।

## ଚୋରା ମୋବାଇଲରୁ ୯୫ ହଜାର ଲୁଟିନେଲେ

ବାରିପଦା, ୭।୧୦ (ସମିସ): ଚୋରି ହୋଇଥିବା ଏକ ମୋବାଇଲ ଜରିଆରେ ବ୍ୟାଙ୍କ ଆକାଉଣ୍ଟରୁ ୯୫ହଜାର ଟଙ୍କା ଗାଏବ ହୋଇଯାଇଛି। ଏନେଇ ମଧୁବନ ଅଞ୍ଚଳର ଲକ୍ଷ୍ମୀଧର ମହାନ୍ତ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୂର୍ବରୁ ତାଙ୍କ ମୋବାଇଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପରେ ସେ ପାସ୍‌ବୁକ୍ ଯାଞ୍ଚ କରିବାରୁ ତାଙ୍କ ଆକାଉଣ୍ଟରୁ ୯୫ ହଜାର ଟଙ୍କା ଗାଏବ ହେବା ନେଇ ଜାଣିବାକୁ ପାଇଥିଲେ। ଦୁର୍ବୃତ୍ତମାନେ ୬ଟି ପର୍ଯ୍ୟାୟରେ ଏହି ଟଙ୍କା ଉଠାଣ କରିନେଇଛନ୍ତି। ଏ ସଂପର୍କରେ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

### ଯୁବକଙ୍କ ଉନ୍ମତ୍ତ କାଣ୍ଡ

# ବସ୍‌ରେ ପଶି ମନଇଚ୍ଛା ଯାତ୍ରୀଙ୍କୁ ହାଣିଲା

କଣାସ, ୭।୧୦ (ସମିସ): ବସ୍‌ରେ ମନଇଚ୍ଛା ଯାତ୍ରୀଙ୍କୁ ହାଣିଲା। ଚିହ୍ନା-ଅଚିହ୍ନା, ପୁରୁଷ-ମହିଳା, ଛୁଆ-ବୁଢ଼ା କାହାକୁ ବି ଛାଡ଼ିଲାନି। ଆଖି ସାମ୍ନାରେ ଯିଏ ପଡ଼ିଲା, ତାକୁ କଟୁରି ଚୋଟ ପକାଇଲା। ପୁରୀ ଜିଲ୍ଲା କଣାସ ବ୍ଲକ୍‌ରେ ମଙ୍ଗଳବାର ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଗଡ଼ଖାରଦାରୁ ଯାତ୍ରୀଙ୍କୁ ନେଇ କଣାସ ଫେରୁଥିବା ଲକ୍ଷ୍ମୀ ବସ୍‌ରେ ଜଣେ ଯୁବକ ଉନ୍ମତ୍ତକାଣ୍ଡ ଭିଆଇଛି। ଏଥିରେ ଦୁଇ ପୁଲିସ ଅଧିକାରୀଙ୍କ ସମେତ ୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଓ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀ ଯୁବକଜଣଙ୍କ ହେଲା, ସତ୍ୟବାଦୀ ଥାନା ଶୁକଳ ବ୍ରହ୍ମଣପଡ଼ା ଗ୍ରାମର ତୋଫାନ ଭୋଇ (୪୦)। ଅପରପକ୍ଷେ, ଉତ୍ତ୍ୟକ୍ତ ଲୋକେ ତାକୁ କାବୁ କରି ନିର୍ଘୁମ୍ ମାଡ଼ ମାରିଛନ୍ତି। ତାକୁ ମଧ ଗୁରୁତର ଅବସ୍ଥାରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ପ୍ରତିଦିନ ପରି ମଙ୍ଗଳବାର କଣାସଠାରୁ ଲକ୍ଷ୍ମୀ ବସ୍ (ଓଡ଼ି୧୩ ଭି ୬୩୧୯) ସକାଳେ







ଗଡ଼ଖାରଦା ଯାଇ ଫେରୁଥିବା ସମୟରେ ଖଣ୍ଡାହତାଠାରୁ ତୋଫାନ ବସ୍‌ରେ ଚଢ଼ିଥିଲା। ବିନ୍ଧଣ ଗ୍ରାମ ନିକଟରେ ବସ୍‌ରେ ବସିଥିବା ଅନ୍ୟ ଜଣେ ଯାତ୍ରୀ ତା' ଦେହରେ ବାଜିଯିବାରୁ ସେ ତାଙ୍କୁ

**କଟୁରି ଚୋଟରେ ୮ ଆହତ; ପୁଲିସ୍ ବି ଛାଡ଼ ପାଇଲାନି**

ଗାଳିଗୁଲଜ କରିବା ସହ ପାଖରେ ରଖିଥିବା କଟୁରିରେ ଆକ୍ରମଣ କରିଥିଲା। ଏହାକୁ ନେଇ ବସ୍‌ରେ ଭୟର ବାତାବରଣ ଖେଳି ଯାଇଥିଲା। କିଛି ଯାତ୍ରୀ ବସ୍‌ରୁ ପଳାଇ ଯାଇଥିବା ବେଳେ ଆଉ କିଛି ତାକୁ ବିରୋଧ କରିଥିଲେ। ଏଥିରେ ତୋଫାନ ଆହୁରି ରାଗିଯାଇ ସେମାନଙ୍କୁ ମଧ ଆକ୍ରମଣ କରିଥିଲା। ଖବର ପାଇ କଣାସ ଥାନା ଏଏସ୍‌ଆଇ ସନ୍ତୋଷ କୁମାର ଉଦୟସିଂହ ଏବଂ ଏସ୍‌ଆଇ ଦେବୀପ୍ରସାଦ ଲେଙ୍କା ଘଟଣାସ୍ଥଳରେ ପହଞ୍ଚି ତାକୁ ଧରିବାକୁ ଚେଷ୍ଟା କରିଥିଲେ। କିନ୍ତୁ, ତୋଫାନ ସେମାନଙ୍କୁ ବି ଆକ୍ରମଣ କରିଥିଲା। ଦୁଇ ପୁଲିସ ଅଧିକାରୀ ଆହତ ହୋଇ ମଧ ତାକୁ କାବୁ କରିବାରେ ସକ୍ଷମ ହୋଇଥିଲେ। ତୋଫାନର ଉନ୍ମତ୍ତ କାଣ୍ଡ ଦେଖି ସ୍ଥାନୀୟ ଲୋକମାନେ ତାକୁ ମାର୍‌ପିଟ୍ କରିବାରୁ ସେ ମଧ ଆହତ ହୋଇଥିଲା। ଚିକିତ୍ସା ପାଇଁ ଆହତମାନଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱର ଓ ପୁରୀ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

କଣାସ ପୁଲିସ ଏହି ମାମଲାକୁ ଗଡ଼ିଶାଗୋଦା ଥାନାକୁ ହସ୍ତାନ୍ତର କରିଛି। ତେବେ ଏପରି କାଣ୍ଡ ଭିଆଇବା ପଛରେ କାରଣ କ'ଣ ତଦନ୍ତ ପରେ ଜଣାପଡ଼ିବ ବୋଲି ଗଡ଼ିଶାଗୋଦା ଥାନାଧିକାରୀ ସୁଧୀର ଦାସ କହିଛନ୍ତି। ବସ୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍ ସଂଗ୍ରହ କରି ପୁଲିସ ଅଧିକ ତଦନ୍ତ ଚଳାଇଛି।

## ଗ୍ରାନାଇଟ୍ ଖଣିରେ ବିସ୍ଫୋରଣ: ୩ମୃତ

ପାରଳାଖେମୁଣ୍ଡି/ଗୋଷାଣି, ୭।୧୦ (ସମିସ): ଗଜପତି ଜିଲ୍ଲା ସୀମାନ୍ତ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ମିଳିଆପୁଟି ମଣ୍ଡଳମ୍ ଅନ୍ତର୍ଗତ ଗଙ୍ଗାରାଜପୁରମ୍ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଗଙ୍ଗାରାଜପୁରମ୍‌ସ୍ଥିତ ଏକ ଗ୍ରାନାଇଟ୍ ଖଣିରେ ବିସ୍ଫୋରଣ ଘଟି ୩ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିମାନେ ହେଲେ, ବିହାର ରାଜ୍ୟର ଶ୍ରବଣ କୁମାର(୪୫), ରାଜସ୍ଥାନର ହେମରାଜ(୨୫) ଏବଂ ମଧ୍ୟପ୍ରଦେଶର ପିଣ୍ଟୁ ସିଂ। ଏମାନଙ୍କ ସହ ଅନ୍ୟ ୪ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ଗଜପତି ଜିଲ୍ଲା ଆର୍. ଉଦୟଗିରି ଟଙ୍କିୟସାହି ଗ୍ରାମର ଜାନ ବଳିଆରସିଂ (୪୨), ଆନ୍ଧ୍ରପ୍ରଦେଶ ଟେକିଲି ଗ୍ରାମର କେ. ଜନାର୍ଦ୍ଦନ (୨୫), ମିଳିଆପୁଟି ମଣ୍ଡଳମର କେ.ବାଲାରାଜୁ (୬୩) ଏବଂ ପେଦାଲକ୍ଷ୍ମୀପୁରମ୍ ଗ୍ରାମର ବି. ହରି ପ୍ରସାଦ (୨୪)। ସେମାନଙ୍କୁ ଟେକିଲି ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତେବେ ଏହି ଅଘଟଣକୁ ଆନ୍ଧ୍ରପ୍ରଦେଶ ପୁଲିସ ବଜ୍ରପାତ ଜନିତ ଅଘଟଣ କହି ମାମଲାକୁ ଚାପିଦେବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି।

ପୁଲିସ୍ ସୂଚନା ମୁତାବକ, ମୃତାହତମାନେ ଉକ୍ତ ଗ୍ରାନାଇଟ୍ ଖଣିରେ ବିଭିନ୍ନ ପ୍ରକାରର କାର୍ଯ୍ୟରେ ନିୟୋଜିତ ଥିଲେ। ଆଜି ସନ୍ଧ୍ୟାରେ ହଠାତ୍ ଖଣିରେ ପ୍ରଚଣ୍ଡ ବିସ୍ଫୋରଣ

**ବଜ୍ରପାତଜନିତ ଅଘଟଣ କହି ମାମଲା ଚାପିବାକୁ ପୁଲିସର ଉଦ୍ୟମ**

ହେବାରୁ ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ଜଣ ଗୁରୁତର ହୋଇଥିଲେ। ଉକ୍ତ ଖଣିଟି ଗୋଷାଣି ବ୍ଲକ୍ ଜଙ୍ଗଲପାଡୁ ଗ୍ରାମକୁ ଲାଗି ରହିଛି।

ଟେକିଲି ଡିଏସ୍‌ପି ଲକ୍ଷ୍ମଣ ରାଓ କହିଛନ୍ତି ପ୍ରାଥମିକ ତଦନ୍ତରୁ ଏହା ଏକ ବଜ୍ରପାତଜନିତ ଅଘଟଣ ବୋଲି ଜଣାପଡ଼ିଥିବା ବେଳେ ଆଗକୁ ଅନ୍ୟ ଦିଗଗୁଡ଼ିକୁ ନେଇ ତଦନ୍ତ କରାଯିବ। କୌଣସି ବିସ୍ଫୋରଣ କାରଣରୁ ଏହି ଘଟଣା ଘଟିଛି କି ନାହିଁ, ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି।

### ଭୋଟ୍ ଚୋରି, ଚାକିରି ବିକ୍ରି

# ୯ରେ ଯୁବ କଂଗ୍ରେସର ପ୍ରତାରଣା ସମାବେଶ

ଭୁବନେଶ୍ୱର, ୭।୧୦ (ସମିସ): ଭୋଟ୍ ଚୋରି ଓ ଚାକିରି ବିକ୍ରି ପ୍ରତିବାଦରେ ସରକାରଙ୍କୁ ଘେରିବାକୁ ଅଣ୍ଟା ଭିଡ଼ିଛି ଯୁବ କଂଗ୍ରେସ। ଏଥିପାଇଁ ଅକ୍ଟୋବର ୯ ତାରିଖରେ ଜାତୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍ ଓଡ଼ିଶା ଗସ୍ତରେ ଆସିବେ। ୯ରେ ଦଳ ପକ୍ଷରୁ ଆୟୋଜନ ହେବାକୁ ଥିବା "ପ୍ରତାରଣା ପ୍ରତିବାଦ ସମାବେଶ"ରେ ସେ ଯୋଗଦେବେ ବୋଲି ମଙ୍ଗଳବାର ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ଯୁବକଂଗ୍ରେସ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକଠାରେ ଏହି ସମାବେଶ ଆୟୋଜନ କରାଯିବ। ପରେ ଏକ ରାଲି ମାଷ୍ଟରକ୍ୟାଣ୍ଟିନ ଛକରୁ ଲୋୟର ପିଏମ୍‌ଜି ଦେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାତ୍ରା କରିବ। ଲୋୟର ପିଏମଜିଠାରେ ଚାକିରି ବିକ୍ରି ପ୍ରତିବାଦରେ ବିକ୍ଷୋଭ ମଧ କରାଯିବ। ଏହି ସମଗ୍ର କାର୍ଯ୍ୟକ୍ରମରେ ଯୁବ କଂଗ୍ରେସର ରାଷ୍ଟ୍ରୀୟ ଅଧକ୍ଷଙ୍କ ସମେତ ପିସିସି ସଭାପତି ଏବଂ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ଯୋଗ ଦେବେ ବୋଲି ସେ କହିଛନ୍ତି।

ଏହି ଅବସରରେ ଶ୍ରୀ ପାତ୍ର କହିଛନ୍ତି ଯେ ରାଜ୍ୟ ଏବଂ ଦେଶରେ ଲୋକଙ୍କ ଦ୍ୱାରା ନିର୍ବାଚିତ ସରକାର ଚାଲିନାହିଁ। ଦୁଇଟି କ୍ଷେତ୍ରରେ ଭୋଟ ଚୋରିରୁ ଗଠିତ ସରକାର ଚାଲିଛି। ସନ୍ଧ୍ୟା ୫ଟାଠାରୁ ରାତି ୯ ଭିତରେ ୪୨ ଲକ୍ଷ ଭୋଟ ଯୋଡ଼ି ହୋଇଯିବାରୁ ଓଡ଼ିଶାରେ ବିଜେପି ସରକାର ଗଠନ ହୋଇଛି।



ଅନ୍ୟପକ୍ଷରେ ବିଜେପି ସରକାର ସମସ୍ତ ସରକାରୀ ଚାକିରିକୁ ନିଲାମ କରିବାର ବ୍ୟବସ୍ଥା କରିଛନ୍ତି। ଏବେ ଯେଉଁ ଏସ୍‌ଆଇ ଚାକିରି ବିକ୍ରି ଘଟଣା ଲୋକଲୋଚନକୁ ଆସିଛି, ତାହା ଓଡ଼ିଶାର ବେକାର ଯୁବକ ଯୁବତୀ ମାନଙ୍କୁ ହତାଶ କରିଛି। ଅଭିଭାବକମାନେ ତାଙ୍କର ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ କରଜ କରି, ଜମି, ଜାଗା, ସୁନା ବନ୍ଧା ପକାଇ ଅର୍ଥ ଯୋଗାଡ଼ କରୁଛନ୍ତି। ହେଲେ ମୋହନ ସରକାର ପରୀକ୍ଷା ପୂର୍ବରୁ ସମସ୍ତ ସରକାରୀ ଚାକିରି ବିକ୍ରି କରିଦେବାରେ ବ୍ୟବସ୍ଥା କରିଛନ୍ତି।

ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ ଅଭିଯୋଗ କରିଛନ୍ତି ଯେ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବା ପରେ ଗତ ମାର୍ଚ୍ଚରେ ପୁଲିସ ଏସ୍‌ଆଇ ପରୀକ୍ଷାର ପୂର୍ବଦିନ ବାତିଲ କରାଯାଇଥିଲା। ଯେଉଁ ବେସରକାରୀ ସଂସ୍ଥାକୁ ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ ପକ୍ଷରୁ ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଥିଲା। ସେହି ସଂସ୍ଥା ବିରୋଧରେ ସରକାର କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ। ସେତେବେଳେ ଆରଆଇ, ଅମିନ, ଏଏସ୍‌ଓ, ସବ ଜେଲର ଓ ଓଟିଇଟି ପରୀକ୍ଷାର୍ଥୀମାନେ ମଧ ଚାକିରି ବିକ୍ରି ଯୋଜନାର ସେ ସାଙ୍ଘାତିକ ଅଭିଯୋଗ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜାତୀୟ ଯୁବ କଂଗ୍ରେସ ଗଣମାଧ୍ୟମ ସଂଯୋଜକ ସୁଦୀପ ସାମଲ, ରାଜ୍ୟ ସାଧାରଣ ସମ୍ପାଦକ ନିହାର ବେହେରା, ଅଭିଜିତ୍ ଜେନା, ଜାଭେଦ ଅକ୍ତର, ମହମ୍ମଦ ଗୁଲଫାମ୍ ପ୍ରମୁଖ ଉପସ୍ଥିତ ଥିଲେ।

## ମାଓ ନେତା ମାଣ୍ଡା ରୁବେନ୍‌ର ଆତ୍ମସମର୍ପଣ

ମାଲକାନଗିରି, ୭।୧୦(ସମିସ): ୪୪ ବର୍ଷ ଧରି ମାଓ ସଙ୍ଗଠନରେ କାର୍ଯ୍ୟରତ ଦକ୍ଷିଣ ବସ୍ତର୍ ମାଓ-ଡିଭିଜନ୍ କମିଟି ସମ୍ପାଦକ ମାଣ୍ଡା ରୁବେନ୍ ଓରଫ୍ ମଙ୍ଗନ୍ନା ଆଜି ତେଲଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିଛି। ତେଲେଙ୍ଗାନାର



ୱାରାଙ୍ଗଲର ପୁଲିସ କମିଶନରଙ୍କ ଉପସ୍ଥିତିରେ ସେ ମୁଖ୍ୟସ୍ରୋତକୁ ଫେରିଛି। ମଙ୍ଗନ୍ନା ଛତିଶଗଡ଼, ଆନ୍ଧ୍ର, ଓଡ଼ିଶା ଓ ତେଲଙ୍ଗାନାର ବହୁ ବଡ଼ବଡ଼ ମାଓ ହିଂସାକାଣ୍ଡରେ ଜଡ଼ିତ ଥିଲା। ତା'ର ଆତ୍ମସମର୍ପଣ, ମାଓ ସଂଗଠନ ପାଇଁ ଏକ ଶକ୍ତଧକ୍କା ଓ ପୁଲିସ ପାଇଁ ବଡ଼ ସଫଳତା ବୋଲି କୁହାଯାଉଛି। ପ୍ରାୟ ବର୍ଷେ ପୂର୍ବେ ସେ ଗିରଫ ହୋଇ ଛତିଶଗଡ଼ର ଜଗଦଲପୁର ଜେଲ୍‌ରେ ଥିଲା। ପରେ ସେଠାରୁ ଫେରାର୍ ହୋଇଯାଇଥିଲା। ଆତ୍ମସମର୍ପଣ ନୀତି ଅନୁଯାୟୀ ତାଙ୍କୁ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ୩ ମାଓବାଦୀ ଗିରଫ

ମାଲକାନଗିରି, ୭।୧୦(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡ଼ାରେ ସୁରକ୍ଷା ବାହିନୀ ଆଜି ମାଓବାଦୀଙ୍କ ଏକ ବଡ଼ ଯୋଜନାକୁ ପଣ୍ଡ କରିଦେଇଛନ୍ତି। ମାଲେୱାହି ରାସ୍ତାରେ ନକ୍ସଲମାନେ ଖଞ୍ଜିଥିବା ୫କେଜିର ଏକ ପ୍ରେସର୍‌କୁକର ବୋମାକୁ ଜବତ କରିବା ସହ ୩ ମାଓବାଦୀଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ, ସନ୍ତୁ ମଣ୍ଡାଭି, ମଣିରାମ ଏବଂ ସୁଖମାନ ମଣ୍ଡାଭି। ସୂଚନାନୁଯାୟୀ, ସିଆରପିଏଫ୍‌ର



୧୯୫ତମ ବାଟାଲିୟନର ଯବାନ, ବାରସୁର ଏବଂ ମାଲେୱାହି ପୁଲିସ୍ ପକ୍ଷରୁ ମିଳିତ ଭାବେ ମାଲେୱାହି ଶିବିରରୁ ସତଧାର ଅଭିମୁଖେ ତଲାସି ଅଭିଯାନ କରାଯାଉଥିଲା। ଏହି ସମୟରେ ପୁଲିସକୁ ଦେଖି ତିନି ଜଣ ସନ୍ଦିଗ୍ଧ ବ୍ୟକ୍ତି ଲୁଚିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଯବାନମାନେ ସେମାନଙ୍କୁ ଘେରିଯାଇ କାବୁ କରି ପଚରାଉଚରା କରିବା ପରେ ସେମାନେ ମାଓବାଦୀ ବୋଲି ଜଣାପଡ଼ିଥିଲା। ସତଧାର ସେତୁ ନିକଟରେ ହୋଇଥିବା ବୋମା ବିସ୍ଫୋରଣରେ ସେମାନଙ୍କ ସମ୍ପୃକ୍ତି ଥିବା ମଧ ସ୍ୱୀକାର କରିଥିଲେ। ତୁରନ୍ତ ଯବାନମାନେ ସମସ୍ତଙ୍କୁ ଗିରଫ କରି ଉକ୍ତ ପାଞ୍ଚ କିଲୋଗ୍ରାମର ଆଇଇଡିକୁ ଉଦ୍ଧାର କରିଥିଲେ। ପରେ ଅଞ୍ଚଳରେ ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଛି।

# ସରକାରଙ୍କୁ ପରୀକ୍ଷା ପୀଡ଼ା

**୧୫ ମାସର ସବୁ ପରୀକ୍ଷାରେ ଅସଙ୍ଗତି**

ଭୁବନେଶ୍ୱର, ୭।୧୦ (ସମିସ): ଗତ ୧୫ ମାସ ମଧ୍ୟରେ ପୂର୍ବ ସରକାର ସମୟରେ ପ୍ରକାଶିତ ନିଯୁକ୍ତି ବିଜ୍ଞପ୍ତି ଆଧାରରେ ଅନେକ ବିଭାଗରେ ନିଯୁକ୍ତି ଏବର ସରକାର ପ୍ରଦାନ କରିଛନ୍ତି। ଇତି ମଧ୍ୟରେ କିଛି ନୂଆ ସରକାରୀ ଚାକିରି ବାହାରୁନାହିଁ। ପାଠପଢ଼ି ବେକାର ବସିଥିବା ସାଧାରଣ ସ୍ନାତକଙ୍କ ପାଇଁ ଏଯାଏ ଗୋଟିଏ ବି ପଦ ପାଇଁ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ମାତ୍ର ପୂର୍ବ ସରକାର ସମୟରେ ପ୍ରକାଶିତ ନିଯୁକ୍ତି ନିମନ୍ତେ ପରୀକ୍ଷା ପରିଚାଳନା କରିବାରେ ଏବେ ସରକାର ଅସମର୍ଥ ହୋଇଛନ୍ତି। କେତେବେଳେ ପ୍ରଶ୍ନପତ୍ର ଲିକ୍ ହେଉଛି ତ ଆଉ କେତେବେଳେ ଚାକିରି ବିକ୍ରି ହେଉଛି। ପୂର୍ବରୁ ଆର୍‌ଆଇ-ଅମିନ, ଫରେଷ୍ଟର-ଫରେଷ୍ଟଗାର୍ଡ, ଟ୍ରାଫିକ୍ ଏସ୍‌ଆଇ ପରୀକ୍ଷାରେ ବ୍ୟପକ ଅସଙ୍ଗତି ଦେଖାଦେଇଥିଲା। ସମ୍ପ୍ରତି ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଉଦ୍ୟମ କରୁଥିବା ଏକ ବଡ଼ ରାକେଟ୍ ଧରାପଡ଼ିବା ପରେ ମେଧାବୀ ଆଶାୟୀଙ୍କ ମନୋବଳ ଭାଙ୍ଗି ଯାଇଛି। ଯେତେ ମେଧାବୀ ହେଲେ ମଧ ପକେଟରେ ଟଙ୍କା ନ ଥିଲେ ଓଡ଼ିଶାରେ ଚାକିରି ମିଳିବ ନାହିଁ ବୋଲି ଆଶାୟୀଙ୍କ ମଧ୍ୟରେ ଏକ ଧାରଣା ସୃଷ୍ଟି ହୋଇଛି।

**ମାନସିକ ଚାପରେ କଲବଲ ମେଧାବୀ ପରୀକ୍ଷାର୍ଥୀ**

ଗତ ଜାନୁଆରୀ ମାସରେ ପୁଲିସ୍ ଏସ୍‌ଆଇ ପରୀକ୍ଷା ପାଇଁ ବିଜ୍ଞପ୍ତି ବାହାରିଥିଲା। ମାର୍ଚ୍ଚ ୮ ଓ ୯ରେ ପରୀକ୍ଷା କରିବା ପାଇଁ ସ୍ଥିର ହୋଇଥିଲେ ମଧ ପରୀକ୍ଷାର ମାତ୍ର ଦିନକ ପୂର୍ବରୁ ପରୀକ୍ଷାକୁ ବାତିଲ୍ କରାଯାଇଥିଲା। ଏହାର ୭ମାସ ପରେ ଅର୍ଥାତ୍ ଚଳିତମାସରେ ପରୀକ୍ଷା ହେବାକୁ ଧାର୍ଯ୍ୟ ହୋଇଥିବାବେଳେ ଚାକିରି ବିକ୍ରି ହେବା ଘବର ପଦାକୁ ଆସିଛି। ଫଳରେ ଅନ୍ୟ ସମସ୍ତ ପରୀକ୍ଷାକୁ ଛାଡ଼ି ଦୀର୍ଘ ୧୦ ମାସ ହେବ ଏସ୍‌ଆଇ ପରୀକ୍ଷା ପ୍ରସ୍ତୁତି କରୁଥିବା ଆଶୟୀ ନିରାଶ ହୋଇଛନ୍ତି। ପୁଣି ଚାକିରି ବିକ୍ରି ହେଉଥିବା ଖବର ସେମାନଙ୍କ ଆଖିରୁ ନିଦ ହଜେଇଦେଇଛି। ଭାତ ଆଳୁସିଝା ଖାଇ ପାଠ ପଢ଼ୁଥିବା ବହୁ ଗରିବ ମେଧାବୀ କେବଳ ଭଗବାନଙ୍କୁ ଡ଼ାକୁଛନ୍ତି।

ସେହିପରି ଆସନ୍ତାକାଲିଠାରୁ ପୁଣିଥରେ ଆରମ୍ଭ ହେଉଥିବା ଆର୍‌ଆଇ-ଅମିନ ପରୀକ୍ଷା ମଧ ମୂଳରୁ ବିବାଦୀୟ ହୋଇସାରିଛି। ପ୍ରଥମ ଥର ଅନୁଷ୍ଠିତ ହୋଇଥିବା ପ୍ରିଲିମିନାରୀ ପରୀକ୍ଷାରେ କମ୍ପ୍ୟୁଟର ସ୍ୱତଃପ୍ରବୃତ୍ତ ଭାବେ ଚାଲିବାଠାରୁ ଆରମ୍ଭ କରି ସାଇବର୍ କାଫେ ଓ କଲ୍ୟାଣମଣ୍ଡପରେ ପରୀକ୍ଷା ହେବା ଅବ୍ୟବସ୍ଥାକୁ ପଦାରେ ପକାଇଥିଲା। ପିଲାଙ୍କ ଆନ୍ଦୋଳନ ମଧ୍ୟରେ ପରୀକ୍ଷା ହୋଇଥିଲା। ପରବର୍ତ୍ତୀ ସମୟରେ ଅନିୟମିତତାକୁ ସରକାର ସ୍ୱୀକାର ମଧ କରିଥିଲେ। ମାମଲା କୋର୍ଟରେ ପହଞ୍ଚିବା ପରେ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ରଦ୍ଦ କରାଯାଇଥିଲା। ଏବେ ପୁଣି ଆଉଥରେ ପରୀକ୍ଷା ହେଉଛି । ଏହି ନିଯୁକ୍ତି ସରିପାରୁ ନ ଥିବାରୁ ପିଲାମାନେ ପାଠ ପଢ଼ିପାରୁ ନାହାନ୍ତି କି ଛାଡ଼ି ମଧ ପାରୁ ନାହାନ୍ତି ଓ ମାନସିକ ଚାପରେ ପେଶି ହେଉଛନ୍ତି।

ଫରେଷ୍ଟର-ଫରେଷ୍ଟଗାର୍ଡ ପରୀକ୍ଷାରେ ମଧ ବ୍ୟାପକ ଅନିୟମିତତା ଓ ଚାକିରି ବିକ୍ରି ହୋଇଥିବା ପରି ଅଭିଯୋଗ ଆସିଥିଲା। ସରକାର ମଧ ପରୋକ୍ଷରେ ଏହାକୁ ସ୍ୱୀକାର କରିବା ସହ କିଛି ପରୀକ୍ଷାର୍ଥୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଏହି ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି)ର ବ୍ୟାପକ ତ୍ରୁଟି ସାମ୍ନାକୁ ଆସିଲା। ଏହା ନିଯୁକ୍ତି ପ୍ରକ୍ରିୟାକୁ ମଧ ପ୍ରାୟ ୨ବର୍ଷ ବିତିଥିଲେ ମଧ ଆଶାୟୀମାନେ ନିଯୁକ୍ତି ପାଇପାରି ନାହାନ୍ତି। ଟ୍ରାଫିକ୍ ଏସ୍‌ଆଇ ପରୀକ୍ଷାରେ ମଧ ବିଭ୍ରାଟ ଦେଖାଦେଇଥିଲା। ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପରିଚାଳିତ ଏହି ପରୀକ୍ଷାରେ ପ୍ରଶ୍ନପତ୍ର ପାର୍ଟନ ହିଁ ଭୁଲ୍ ପକାଇଥିଲା। ଓଏସ୍‌ଏସ୍‌ସିର ଏତେ ବଡ଼ ତ୍ରୁଟି ପା।ଇଁ ଲକ୍ଷାଧିକ ପରୀକ୍ଷାର୍ଥୀ ହଇରାଣ ହେବା ସହ ବିପୁଳ ରାଜସ୍ୱ ହାନି ହୋଇଥିଲେ ମଧ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ଏଲ୍‌ଟିଆର୍ ପରୀକ୍ଷା ପ୍ରଶ୍ନପତ୍ରରେ ମଧ ତ୍ରୁଟି ପାଇଁ ଏଯାଏଁ ନିଯୁକ୍ତି ପ୍ରକ୍ରିୟା ସରିପାରୁନାହିଁ। ଗୋଟିଏ ପରେ ଆଉ ଗୋଟିଏ ନିଯୁକ୍ତି ପରୀକ୍ଷାରେ ବିଭ୍ରାଟ ହେଉଥିବାରୁ ଆଶାୟୀଙ୍କ ମଧ୍ୟରେ ନିରାଶା ଭାବ ଖେଳିଯାଉଛି। ଅସନ୍ତୋଷ ବଢ଼ିବା ସହ ନୂତନ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାର ନ କଲେ ବ୍ୟାପକ ଆନ୍ଦୋଳନ କରିବେ ବୋଲି ଆଶାୟୀମାନେ ସାମାଜିକ ଗଣମାଧ୍ୟମ ଏକ୍ସରେ ସରକାରଙ୍କୁ ଚେତାବନୀ ଦେଉଛନ୍ତି।





# ଆବର୍ଜନା କୁଣ୍ଡ ପାଲଟିଛି ବିନ୍ଦୁସାଗର





ସ୍ନାନ କରିବାରୁ ବଞ୍ଚିତ ହେଉଛନ୍ତି ବ୍ରତଧାରୀ

ଭୁବନେଶ୍ୱର,୭।୧୦(ସମିସ)

ରାଜଧାନୀର ଏକ ପୁରାତନ ତଥା ଐତିହ୍ୟ ଜଳାଶୟ ହେଉଛି ବିନ୍ଦୁ ସାଗର। ଏହା କେବଳ ପୁରୁଣା ଭୁବନେଶ୍ୱରର ନୁହେଁ ବରଂ ଓଡ଼ିଶାର ଏତିହ୍ୟ ବହନ କରୁଥିବା ଏହା ପ୍ରାକୃତିକ ସରୋବର। ହେଲେ ଦିନକୁ ଦିନ ଏହି ଐତିହ୍ୟ ଜଳାଶୟର ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ବିନ୍ଦୁସାଗର ଚାରିପାଖ ଘାଟରେ ଭର୍ତ୍ତି ହୋଇଛି ଚିଙ୍ଗୁଡ଼ିଆ ଦଳ। ବିଶେଷକରି କାର୍ତ୍ତିକ ମାସରେ ଏଠାକୁ ବ୍ରତ କରିବାକୁ ଆସୁଥିବା ବ୍ରତଧାରୀମାନେ ସକାଳୁ ବିନ୍ଦୁ ସାଗରରେ ସ୍ନାନ କରି ଅନନ୍ତବାସୁଦେବଙ୍କ ଦର୍ଶନ ପରେ ମହାପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ କଲେ ପୁଣ୍ୟପ୍ରାପ୍ତ ହେଉଥିବା ବିଶ୍ୱାସ କରନ୍ତି। ଚଳିତ ବର୍ଷ ବିଭିନ୍ନ ଜିଲ୍ଲାରୁ ହବିଷ୍ୟାଳିମାନେ ଏଠାକୁ ଆସିଥିଲେ ବି ବିନ୍ଦୁ ସାଗରରେ ସ୍ନାନ କରିବା ସେମାନଙ୍କ ପାଇଁ ସ୍ୱପ୍ନ ପାଲଟିଛି। କାରଣ ଏଠାରେ ପାଣି ରଙ୍ଗ କଳା ହୋଇଯାଇଥିବା ବେଳେ ପାଣିରେ ଭର୍ତ୍ତି ହୋଇଛି ଆବର୍ଜନା। ତେବେ ଏଭଳି ଏକ ଐତିହାସିକ ଜଳାଶୟର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ପୁଷ୍କରିଣୀ ବ୍ୟବହାରଯୋଗ୍ୟ ହୋଇ ନ ଥିବା କହି ଅସନ୍ତୋଷ ପ୍ରକାଶ କରିଛନ୍ତି ବ୍ରତଧାରୀ।

ପ୍ରାୟ ୨୧ ଏକର ପରିମିତ ସ୍ଥାନରେ ରହିଥିବା ଏହି ସରୋବରରେ ବିଭିନ୍ନ ନଦନଦୀର ଜଳ ସମାହିତ ହୋଇଥିବା ବିଶ୍ୱାସ ରହିଛି। ପ୍ରଭୁ ଲିଙ୍ଗରାଜ ଚାପରେ ସାରା ସରୋବର ବୁଲିଥାନ୍ତି। ସେହିପରି ମହାଶିବରାତ୍ରୀ ଦିନ ମଧ୍ୟ ବିନ୍ଦୁ ସାଗରରୁ ୧୦୮ ଜଳ ମାଠିଆ ଅଣାଯାଇ ମହାପ୍ରଭୁଙ୍କ ଅଭିଷେକ କରାଯିବା ସହ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ସମୟରେ ମଧ୍ୟ ପ୍ରଭୁ ଲିଙ୍ଗରାଜ ଗ୍ରହଣ ସ୍ନାନ ସମେତ ଶିବ ବିବାହ ପରେ ଚତୁର୍ଥୀ ଦିନ ମହାପ୍ରଭୁ ଓ ପାର୍ବତୀ ବ୍ରହ୍ମାପାଟକୁ ଯାଇ ସ୍ନାନ କରି ବସ୍ତ୍ର ପରିଧାନ କରନ୍ତି। ବିନ୍ଦୁ ସାଗରରେ ସ୍ନାନ କରି ଅନନ୍ତ ବାସୁଦେବଙ୍କ ଦର୍ଶନ ପରେ ମହାପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ ଅତ୍ୟନ୍ତ ପୁଣ୍ୟଦାୟୀ ବୋଲି ବିଶ୍ୱାସ ରହିଛି। କେବଳ ସେତିକି ନୁହେଁ, ବିନ୍ଦୁ ସାଗରରେ ତର୍ପଣ, ଶ୍ରାଦ୍ଧ ଓ ପିଣ୍ଡଦାନ ଅତ୍ୟନ୍ତ ଫଳଦାୟକ ବୋଲି ପୁରାଣରେ ବର୍ଣ୍ଣନା କରାଯାଇଛି। କିନ୍ତୁ ବର୍ତ୍ତମାନ ଏହି ପୁରାତନ ସରୋବର ଆବର୍ଜନା କୁଣ୍ଡ ପାଲଟିଛି। ଫଳରେ ପୂର୍ବଭଳି ଏଠାରେ ସ୍ନାନ କରିବାକୁ ଲୋକଙ୍କ ଗହଳି ଜମୁନି। ତେବେ ଏଠାରେ ପୂର୍ବରୁ ରହିଥିବା ଜଳଉତ୍ସ ଗୁଡ଼ିକ ବନ୍ଦ ହୋଇଯିବାରୁ ପାଣି ପ୍ରବାହିତ ହୋଇନପାରି ନଷ୍ଟ ହେବା ସହ ଚିଙ୍ଗୁଡ଼ିଆ ଦଳ ଭର୍ତ୍ତି ହେଉଛି। ସୂଚନା ଅନୁସାରେ, ବିନ୍ଦୁସାଗର ଜଳକୁ ସ୍ୱଚ୍ଛ ରଖିବା ସହ ଦଳ ନବ୍ୟାପିବା ପାଇଁ ଦୟାନଦୀରୁ ପାଇପ୍ ଯୋଗେ ଦୈନିକ ୨୦ ଲକ୍ଷ ଲିଟର ପାଣି ୧୬ଟି ଚ୍ୟାନେଲ ମାଧ୍ୟମରେ ପୁଷ୍କରିଣୀ ମଧ୍ୟକୁ ଛଡ଼ାଯାଉଛି। ହେଲେ ପାଣିର ମାନରେ କୌଣସି ପରିବର୍ତ୍ତନ ହେଉନଥିବା ସହ ଜଳସ୍ତର ମଧ୍ୟ କମିବାରେ ଲାଗିଛି। ଧର୍ମଶାଳା ନିକଟ ଏବଂ ଅନନ୍ତ ବାସୁଦେବ ମନ୍ଦିର ନିକଟ ତଳେ ପାଣି ବାହାରକୁ ନିଷ୍କାସନ ହେବାକୁ ବାଟ ରହିଥିଲେ ବି ତାହା ଏକପ୍ରକାର ବନ୍ଦ ହୋଇଥିବା କୁହାଯାଉଛି। ଫଳରେ ପୁଷ୍କରିଣୀର ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏନେଇ ୱାର୍ଡର କର୍ପୋରେଟର ଶିବ ପ୍ରସାଦ ବେହେରା କହିଛନ୍ତି ଯେ, ବର୍ତ୍ତମାନ ସମସ୍ତ ଘାଟରେ ସ୍ନାନ କରିବା ଯଦିଓ ସମ୍ଭବ ନୁହେଁ କିନ୍ତୁ ୨ରୁ ୩ଟି ଘାଟ ସଫା ରହିଛି। ଆଗକୁ କାର୍ତ୍ତିକ ପୂର୍ଣ୍ଣମୀ ଆସୁଥିବାରୁ ଡଙ୍ଗାଭସା ସମୟରେ ସଫା କରାଯିବ। ତେବେ ଏଠାରେ ପିଣ୍ଡଦାନ କରି ସମସ୍ତ ଅଳିଆ ବିନ୍ଦୁସାଗରକୁ ପକାଯିବା ସହ ସାଧାରଣ ଲୋକ ମଧ୍ୟ ଆବର୍ଜନା ପକାଉଛନ୍ତି। ଏଥିପାଇଁ ପ୍ରଥମେ ଜନସଚେତନତା ଆବଶ୍ୟକ। ଦ୍ୱିତୀୟତଃ ଏଠାରେ ରହିଥିବା ପ୍ରାକୃତିକ ଜଳ ଉତ୍ସ ଧିରେ ଧିରେ ବନ୍ଦ ହୋଇଯିବାରୁ ପାଣି ନିଷ୍କାସନ ହେବାରେ ସମସ୍ୟା ଉପୁଜୁଛି। ଏବଂ ପାଣିର ସ୍ତର କମୁଥିବାରୁ ଡ୍ରେନ୍ ଗୁଡ଼ିକ ପର୍ଯ୍ୟନ୍ତ ପହଞ୍ଚିପାରୁ ନଥିବାରୁ ମଧ୍ୟ ନିଷ୍କାସନ ହୋଇପାରୁନି।

## ମୁଖ୍ୟ ବିଚାରପତିଙ୍କୁ ଜୋତା ଫିଙ୍ଗିଥିବା ଦୋଷୀକୁ ଗିରଫ ଦାବି

ଭୁବନେଶ୍ୱର, ୭।୧୦ (ସମିସ): ଓଡ଼ିଶାର ବିଭିନ୍ନ ଆମ୍ବେଦକରବାଦୀ ବିଚାର ଧାରା ସାମାଜିକ ସଂଗଠନ ପକ୍ଷରୁ ସୁପ୍ରିମକୋର୍ଟ ମୁଖ୍ୟ ନ୍ୟାୟାଧିସଙ୍କ ପ୍ରତି ଗତ ୬ ତାରିଖ ଦିନ ସର୍ବୋଚ୍ଚ ନ୍ୟାୟାଳୟ ଶୁଣାଣି ଚାଲିଥିବା ଭିତରେ ରାକେଶ କିଶୋର ଜଣେ ଓକିଲ ମୁଖ୍ୟ ବିଚାରପତି ବି ଆର ଗଭାଇଙ୍କ ଉପରକୁ ନିଜର ଜୋତା ଫିଙ୍ଗିବା ଘଟଣାକୁ ନେଇ ସଂଗଠନ ପକ୍ଷରୁ ପ୍ରତିବାଦ କରାଯାଇଛି। ସଂଗଠନ ପକ୍ଷରୁ କୁହାଯାଇଛି ଯେ ରାକେଶ କିଶୋର ଜଣେ ଓକିଲ ଯେ କି ଜାତିବାଦୀ ଏବଂ ମନୁବାଦୀ ବ୍ୟବସ୍ଥାର ସମର୍ଥକ ଅଟନ୍ତି ସେ ଯେପରି ମୁଖ୍ୟ ବିଚାରପତି ବି ଆର ଗଭାଇଙ୍କ ଉପରକୁ ନିଜର ଜୋତା ଫିଙ୍ଗିଲେ ଏହା ସମଗ୍ର ଦେଶକୁ ଅପମାନ, ସମ୍ବିଧାନର ହତ୍ୟା ଓ ଗଣତନ୍ତ୍ର ହତ୍ୟା କହିଲେ ଅତୁକ୍ତି ହେବ ନାହିଁ। ଏପରିକି ଦେଶ ଅନୁସୂଚିତ ବର୍ଗଙ୍କୁ ଅପମାନିତ ମଧ୍ୟ ଅଟେ ଏହାକୁ ଆମେ ଦୃଢ଼ଭାବେ ନିନ୍ଦା କରିବା ସହିତ ତାଙ୍କ ବିରୋଧରେ ଦେଶଦ୍ରୋହୀ ମାମଲା। ରୁଜୁ ସହିତ ତାଙ୍କୁ ଗିରଫ କରିବାକୁ ଦାବି କରିଛି ସଂଗଠନ। ନଚେତ୍ ଆଗାମୀ ଦିନରେ ସାରା ଦେଶରେ ନାଗରିକ ସମାଜ ରାଜରାସ୍ତାକୁ ଓହ୍ଲାଇବା ସହିତ ସହିତ ଜୋରଦାର ପ୍ରତିବାଦ କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

● ଡ୍ୟାନ୍ସ ଇମେଜ୍ ଫେଷ୍ଟିଭାଲ୍-୨୦୨୫

## ଗୁରୁ ରାମହରିଙ୍କୁ 'ସଂସ୍କୃତି ରକ୍ଷକ ସମ୍ମାନ'



ଭୁବନେଶ୍ୱର,୭।୧୦(ସମିସ): ଡ୍ୟାନ୍ସ ଇମେଜ୍ ଏକାଡ଼େମୀ ତରଫରୁ ଡ୍ୟାନ୍ସ ଇମେଜ୍ ଫେଷ୍ଟିଭାଲ୍ – ୨୦୨୫ ସ୍ଥାନୀୟ ରବିନ୍ଦ୍ର ମଣ୍ଡପଠାରେ ଅନୁଷ୍ଠାନ ହୋଇଯାଇଛି। ଏହି ଉତ୍ସବରେ ସନ୍ଧ୍ୟାରେ ଅତିଥି ଭାବେ ଅବସର ପ୍ରାପ୍ତ ଆଇ.ଆର୍.ଏସ୍. ଅଧିକାରୀ ଏବଂ ଶିକ୍ଷାବିତ୍ ସୁବାସ ଚନ୍ଦ୍ର ଚୌଧୁରୀ, ଓଡ଼ିଆ ଅଭିନେତ୍ରୀ ନିତୁ ସିଂ, ଶିକ୍ଷାବିତ୍ ବିପିନ୍ ସାହୁ ଏବଂ ଓଡ଼ିଶା କଳା, ସଂସ୍କୃତି ବିଭାଗର ବରିଷ୍ଠ ଅଧିକାରୀ ଚନ୍ଦ୍ରଶେଖର ହୋତା ଯୋଗ ଦେଇଥିଲେ। ଏହି ଅବସରରେ ଗୁରୁ ରାମହରି ଦାସଙ୍କୁ 'ସଂସ୍କୃତି ରକ୍ଷକ ସମ୍ମାନ', ଗୁରୁ ରତିକାନ୍ଦ ମହାପାତ୍ରଙ୍କୁ 'ନୃତ୍ୟ ଗୌରବ ସମ୍ମାନ', ଏବଂ ଗୁରୁ କାବେରୀ ବେହେରାଙ୍କୁ 'ଅଭିନୟ ସମ୍ରାଜ୍ଞୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଡ୍ୟାନ୍ସ ଇମେଜ ଏକାଡେମୀର ଜଗତ୍‌ଜିତ୍ ଦାସ 'ଶକୁନି' ଉପରେ ଆଧାରିତ ଏକ ଅଭିନୟ ପରିବେଷଣ କରିଥିେ। ସ୍ୱପ୍ନାରାଣୀ ସିହ୍ନା ଏବଂ ରିଙ୍କୁ ସାହୁ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଇଂ ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର ଅଧ୍ୟକ୍ଷା ସୁସ୍ମିତା ବେହେରା ଧନ୍ୟବାଦ ଦେଇଥିଲେ। - ସଂପୂର୍ଣ୍ଣା

## ପେଟ୍ରୋଲ ପମ୍ପରେ ଗ୍ରାହକଙ୍କୁ ହେଲ୍‌ମେଟ ବଣ୍ଟନ



ବାଲିଅନ୍ତା,୭।୧୦(ସମିସ)

ବାଲିଅନ୍ତା ବ୍ଲକ ଅଧୀନ ପଞ୍ଚାୟତ ରୋଡ ଛକ ନିକଟରେ ମଙ୍ଗଳବାର ଜିଓ ପକ୍ଷରୁ ପ୍ରଥମ କରି ଏକ ପେଟ୍ରୋଲ ପମ୍ପ ଉଦଘାଟିତ ହୋଇଯାଇଛି। ପେଟ୍ରୋଲ ପମ୍ପ ସତ୍ତ୍ୱାଧିକାରୀ ସଞ୍ଜୟ ମହାନ୍ତିଙ୍କ ବାପା ପ୍ରହ୍ଲାଦ ମହାନ୍ତି ଓ ମାଆ ସୁଧାଂଶୁ ବାଳା ମହାନ୍ତି ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ସୁବ୍ରତ ମହାନ୍ତି, ଚକ୍ରଧର ନାୟକ ଓ ଅଜୟ କୁମାର ସାହୁଙ୍କ ସମେତ ବହୁ ମାଣ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ସ୍କୁଟିରେ ୩୫୦ ଟଙ୍କାରେ ପେଟ୍ରୋଲ ପକାଉଥିବା ଗ୍ରାହକ ଏବଂ ବାଇକରେ ୭୦୦ ଟଙ୍କାରେ ପେଟ୍ରୋଲ ପକାଉଥିବା ପ୍ରତି ଗ୍ରାହକମାନଙ୍କୁ ଗୋଟିଏ ଲେଖାଏଁ ହେଲମେଟ, ମିଠା ପୁଡିଆ, ଚାବି ରିଙ୍ଗ ଉପହାର ଦିଆଯାଇଥିଲା। ସେହିପରି କାର ପିଛା ପଲିସ ଲିକ୍ୟୁଇଡ ଏବଂ ୱାସ କପଡା ସହିତ ମିଠାପୁଡିଆ ଓ ଚାବି ରିଙ୍ଗ ଗିଫ୍ଟ ଦିଆଯାଇଥିଲା। ଏନେଇ ପେଟ୍ରୋଲ ପମ୍ପରେ ଗ୍ରାହକମାନଙ୍କର ସନ୍ଧ୍ୟା ପର୍ଯ୍ୟନ୍ତ ଭିଡ ଜମିଥିଲା।

## ହିଂସାକୁ ଉସୁକାଇବା ଅଭିଯୋଗରେ ଗୁଜବକାରୀ ଗିରଫ

ଭୁବନେଶ୍ୱର,୭।୧୦(ସମିସ): ବନ୍ଧାହେଲା ଗୁଜବକାରୀ। ସୋସିଆଲ ମିଡିଆରେ ମହଙ୍ଗା ପଡିଲା ଜାତିଆଣ ମନ୍ତବ୍ୟ। କଟକ ସହରରେ ହିଂସାକୁ ଉସୁକାଉଥିବା ଅଭିଯୋଗରେ ଜଣେ ଗିରଫ। ଗିରଫ ଅଭିଯୁକ୍ତ ଜଣଙ୍କ ହେଲା ପ୍ରଦୀପ ଚନ୍ଦ୍ର ସାହୁ। ପ୍ରଦୀପକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଅଭିଯୁକ୍ତର ଘର ବଡଗଡ଼ ଥାନା ଅନ୍ତର୍ଗତ ବ୍ରହ୍ମେଶ୍ୱର ପାଟଣା ଅଞ୍ଚଳରେ ବୋଲି ଜଣାପଡ଼ିଛି। ଅଭିଯୁକ୍ତ ଜଣଙ୍କ ବାରମ୍ବାର ସୋସିଆଲ ମିଡିଆରେ ଜାତିଆଣ ଆକ୍ଷେପ ସହ କଟାକ୍ଷ କରୁଥିଲା। ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିଲା। କମିଶନରେଟ ପୁଲିସ ପକ୍ଷରୁ ସୋସିଆଲ ମିଡ଼ିଆ ମନିଟରିଂ ବେଳେ ଧରାପଡିଥିଲା ଏହି ଅଭିଯୁକ୍ତ ପ୍ରଦୀପ ଚନ୍ଦ୍ର ସାହୁ। ସୋମବାର ସନ୍ଧ୍ୟା ପ୍ରାୟ ୫.୦୦ ସମୟରେ ଭୁବନେଶ୍ୱରର ବରମୁଣ୍ଡା ପାତ୍ର ଇଲେକ୍ଟ୍ରୋନିକ୍ସ ନିକଟରେ ପ୍ଲଟ୍ ନମ୍ବର ବି-୪୫, ବିଡିଏ ଡୁପ୍ଲେକ୍ସ କଲୋନୀର ପ୍ରଦୀପ ଏକ ଆପତ୍ତିଜନକ ଫେସବୁକ୍ ରିଲ୍ ପୋଷ୍ଟ କରିଥିଲେ। ଯେଉଁଥିରେ ଅପମାନଜନକ ମନ୍ତବ୍ୟ ସହିତ ଏକ ଭିଡିଓ ଏବଂ କ୍ୟାପସନ୍ ଥିଲା। ବିଷୟବସ୍ତୁଟି ଉଦ୍ଦେଶ୍ୟମୂଳକ ଭାବରେ ସମାଜର ବିଭିନ୍ନ ବର୍ଗ ମଧ୍ୟରେ ବିଭେଦ ସୃଷ୍ଟି କରିବା ଏବଂ ଶତ୍ରୁତା ପ୍ରସାର କରିବା ପାଇଁ ଉଦ୍ଦିଷ୍ଟ ଥିଲା। ଯାହା ଭରତପୁର ଥାନା କ୍ଷେତ୍ରାଧିକାର ମଧ୍ୟରେ ଏକ ଗମ୍ଭୀର ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିପାରେ। ଅଧିକ ତଦନ୍ତରୁ ଜଣାପଡିଛି ଯେ, ଅଭିଯୁକ୍ତ ତାଙ୍କ ଫେସବୁକ୍ ଆକାଉଣ୍ଟରେ ଉତ୍ତେଜନାପୂର୍ଣ୍ଣ ଭିଡିଓ ଅପଲୋଡ୍ କରିଥିଲେ। ତାଙ୍କ ଭିଡିଓଗୁଡ଼ିକ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଘୃଣା ସୃଷ୍ଟି କରିବାରେ ସକ୍ଷମ ବୋଲି ଜଣାପଡିଛି। ତଦନ୍ତ ସମୟରେ, ଅଭିଯୁକ୍ତ ପ୍ରଦୀପ ଚନ୍ଦ୍ର ସାହୁ (୪୪)ଙ୍କୁ ଆଜି ସକାଳ ୯.୩୦ ସମୟରେ ଗିରଫ କରାଯାଇଥିଲା। ପଚରାଉଚରା ସମୟରେ ସେ କୌଣସି ପ୍ରତିରକ୍ଷା ନ ଦେଇ ନିଜର ଦୋଷ ସ୍ୱୀକାର କରିଥିଲେ। ଭିଡିଓ ଅପଲୋଡ୍ କରିବା ପାଇଁ ବ୍ୟବହୃତ ତାଙ୍କର ମୋବାଇଲ୍ ଫୋନ୍‌ଟିକୁ ଜବତ କରାଯାଇଥିଲା।

## ଜାମିନ୍ ସର୍ତ୍ତରେ 'ଚାରାରୋପଣ'

କଟକ,୭।୧୦(ସମିସ): ଜଣେ ଗଞ୍ଜେଇ ଚାଲାଣକାରୀ ଜାମିନରେ ମୁକୁଳିବା ପରେ ୧୦୦ଟି ଆମ୍ବ, ଲିମ୍ବ ଓ ତେନ୍ତୁଳି ଚାରା ଲଗାଇବାକୁ ହାଇକୋର୍ଟ ସର୍ତ୍ତ ରଖିଛନ୍ତି। ଏହି ଚାରାଗୁଡିକର ରକ୍ଷଣାବେକ୍ଷଣ ମଧ୍ୟ ଦୁଇ ବର୍ଷ ପାଇଁ କରିବା ସହ ଥାନାରେ ସତ୍ୟପାଠ ଦେବେ ବୋଲି ସର୍ତ୍ତାରୋପ କରିଛନ୍ତି ହାଇକୋର୍ଟ। ପଟ୍ଟାଙ୍ଗି ଥାନାରେ ରୁଜୁ ଚୋରା ଗଞ୍ଜେଇ ଚାଲାଣ ମାମଲାରେ ବାବୁଲି ବାଟୁଙ୍କ ପକ୍ଷରୁ ଦାୟର ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

## ହୋ ଭାଷା ରେ ପ୍ରଥମ AI ଗବେଷଣାରେ ଐତିହାସିକ ସଫଳତା ସହିତ ବିକ୍ରମଙ୍କ ଡକ୍ଟରେଟ ଲାଭ



ସ୍କୁଲ ଅଫ୍ ଇଣ୍ଡିଜେନୋଓସ ନଲେଜ, ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜିର କମ୍ପ୍ୟୁଟର ବିଜ୍ଞାନ ବିଭାଗର ଶ୍ରୀ ବିକ୍ରମ ବିରୁଲି କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରୁ କମ୍ପ୍ୟୁଟର ବିଜ୍ଞାନ ବିଭାଗରେ Doctor of Philosophy (Ph. D) ଉପାଧି ପାଇବା ନିମିତ୍ତ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ କିସ୍ ବିଶ୍ୱବିଦ୍ୟାଳୟର ଡ଼.ଯଶୋବନ୍ତ ଦାସ ଓ କିଟ୍ ବିଶ୍ୱବିଦ୍ୟାଳୟର ଡ. ସତ୍ୟ ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ଶ୍ରୀ ବିରୁଲିଙ୍କ ସନ୍ଦର୍ଭଟି "APPLICATION OF ARTIFICIAL INTELLIGENCE (AI) RECOGNITION FOR LANGUAGE MAINTENANCE IN HO LANGUAGE". ବିହାର ସ୍ଥିତ IIT PATNA ର କମ୍ପ୍ୟୁଟର ବିଜ୍ଞାନ ଏବଂ ଇଞ୍ଜିନିୟରିଂ ବିଭାଗର Profesor ଡ. ଶ୍ରିପର୍ନା ସାହା ଏବଂ ଶାର୍ଯାହ UAE ସ୍ଥିତ ଉନିଭର୍ଶିଟୀ ସିଟି ଓଫ୍ ଶାର୍ଯାହ୍ ର ଡ. ମାନସ ରଂଜନ ପ୍ରଧାନ (School of Information Technology)ଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଅଛି। ଡ଼. ବିକ୍ରମ ବିରୁଲି ମୟୂରଭଞ୍ଜ ଜିଲ୍ଲା ମାଟକାମ ସାହି ଗ୍ରାମର ପୁରୁଷୋତ୍ତମ ବିରୁଲି ଏବଂ ବିରେଙ୍ଗ ଦେଇଙ୍କ ମଝିଆ ପୁତ୍ର ଅଟନ୍ତି। ସେ ତାଙ୍କ ଏହି ସମ୍ମାନ ଏବଂ ସଫଳତାର ଶ୍ରେୟ କିଟ୍ ଓ କିସ୍ ର ପ୍ରତିଷ୍ଠାତା ପ୍ର.(ଡ଼.) ଅଚ୍ୟୁତ ସାମନ୍ତ ଙ୍କୁ ଅର୍ପଣ କରିବା ସହିତ ନିଜ ପିତାମାତା, ସମସ୍ତ ପରିବାର ବର୍ଗ, ସମସ୍ତ ସହକର୍ମୀ ଏବଂ ଶୁଭେଚ୍ଛୁ ମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛନ୍ତି।

## ଭାରତ ଛାଡ଼ ଆନ୍ଦୋଳନର ସାହସୀ ସିପାହୀଙ୍କ ପାଇଁ ସ୍ମୃତିଚାରଣ



ଭୁବନେଶ୍ୱର, ୭।୧୦(ସମିସ): ଭାରତ ଛାଡ଼ ଆନ୍ଦୋଳନର ସାହସୀ ସିପାହୀ ତଥା ସମାଜବାଦୀ ନେତା ଡଃ ଜିଜି ପାରିଖଙ୍କ ବିୟୋଗରେ ମଙ୍ଗଳବାର ଲୋହିଆ ଏକାଡେମୀଠାରେ ୟୁସୁଫ ମେହେର ଅଲ୍ଲୀ ସେଣ୍ଟର ଓ ରାଷ୍ଟ୍ରୀୟ ପୂଜା ସଙ୍ଗଠନ ପକ୍ଷରୁ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି।

କୃଷକ ନେତା ଲିଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ, ଆପ୍ ରାଜ୍ୟ ସଂଯୋଜକ ନିଶିକାନ୍ତ ମହାପାତ୍ର, ପ୍ରଫେସର ବିରେନ୍ଦ୍ର ନାୟକ, ପ୍ରାକ୍ତନ ବିଧାୟକ ରାଧକାନ୍ତ ସେଠୀ, ସାମାଜିକ କର୍ମୀ ନରେନ୍ଦ୍ର ମହାନ୍ତି ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରି କହିଲେ ଯେ, ଡ. ଜିଜି ପାରିଖ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ନଥିଲେ, ବରଂ ସେ ମହାତ୍ମା ଗାନ୍ଧୀ, ଲୋକନାୟକ ଜୟପ୍ରକାଶ ଓ ବିପ୍ଲବୀ ୟୁସୁଫ ମେହେର ଅଲ୍ଲୀଙ୍କ ପରିକଳ୍ପିତ ମାନବବାଦୀ ଆନ୍ଦୋଳନର ସିପାହୀ ଭାବେ ନିଜକୁ ପ୍ରତିଷ୍ଠା କରି ସମଗ୍ର ଦେଶରେ ସମାଜବାଦୀ ଆନ୍ଦୋଳନରକୁ ମଜବୁତ କରିବାରେ ଅଦମ୍ୟ ଭୂମିକା ନେଇଥିଲେ। ଏହି ସ୍ମୃତିଚାରଣ ସଭାରେ ରାଷ୍ଟ୍ରୀୟ ଯୁବା ସଂଗଠନର ରାଜ୍ୟ ସଂଯୋଜକ ମାନସ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ୟୁସୁଫ ମେହେର ଅଲ୍ଲୀ ସେଣ୍ଟରର ରାଜ୍ୟ ସଂଯୋଜକ କଲ୍ୟାଣ ଆନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

କମିଛି ଯାଦୁକରୀ କଳାର ପୂର୍ବଆକର୍ଷଣ

# ବାର୍ଦ୍ଧକ୍ୟ ଆଗରେ ହାର୍ ମାନିଛି ମ୍ୟାଜିକ୍ ମନ୍ତ୍ର

ଭୁବନେଶ୍ୱର,୭।୧୦(ସମିସ)

● ମୋବାଇଲ୍ ଯୁଗରେ ଯାଦୁ ଦେଖିବାକୁ ଆସୁନାହାନ୍ତି ଦର୍ଶକ
● ଟଙ୍କା ବର୍ଷୁଥିବା କଳାକାରଙ୍କ ଜୀବନ ଆଜି ଦୁର୍ବିସହ

ସର୍ବସାଧାରଣଙ୍କ ଆଗରେ କେତେବେଳେ କାଗଜରୁ ଜୀବଜନ୍ତୁ ବାହାରିଲେଣି ତ ଆଉ କେତେବେଳେ ବିଲୁପ୍ତ ଡାଏନେସୋରକୁ ଦର୍ଶକଙ୍କ ଆଗରେ ଜୀବନ୍ତ କରି ରଖି ଦିଅନ୍ତି ସେମାନେ। ସେମାନଙ୍କ ସାଧନାର ପଥରେ କେତେବେଳେ ମନୋରଞ୍ଜନ ତ ଆଉ କେବେ ସେମାନଙ୍କ ଜୀବିକା ସାଜିଛି ଏଇ ଯାଦୁକରୀ କଳା। କିନ୍ତୁ ନିମିଶକେ ଲୋକଙ୍କ ଆଗରେ ଟଙ୍କାବର୍ଷା କରିପାରୁଥିବା ଯାଦୁକରଙ୍କ ଅବସର ଜୀବନ ଅତ୍ୟନ୍ତ ଦୁର୍ବିସହ ହୋଇପଡୁଛି।

ସେହି କଳାରେ ପାରଙ୍ଗମ କଳାକାର ଦିନେ ସମୟ ଓ ବୟସର ତାରତମ୍ୟରେ କେଉଁଠି ହଜିଯାଏ। କେବେ ନିଜ ଯାଦୁକରୀରେ ଲୋକଙ୍କ ମନ ଜିତିଥିବା ବାଜିକର ଲୋକଙ୍କ ପାଇଁ ଅଚିହ୍ନା ମୁହଁ ପାଲଟିଯାଏ। ଏକ ସମୟରେ ଓଡିଶାରେ ପାଖାପାଖି ୨ ଶହ ଯାଦୁକରଙ୍କୁ ନିଜ ଯାଦୁ ପ୍ରଦର୍ଶନ କରୁଥିବାର ଦେଖିବାକୁ ମିଳୁଥିଲା। ସଂଖ୍ୟା କମ ଥିଲେ ମଧ୍ୟ ରାଜ୍ୟର ପ୍ରତି ଗାଁ, ଗହଳି, ମେଳା ମହୋତ୍ସବ, ବିଦ୍ୟାଳୟ ଏବଂ କଲେଜରେ ସେ ପରିଚିତ ବ୍ୟକ୍ତିତ୍ୱ ଥିଲେ। ବିଭିନ୍ନ କୌଶଳ ଦେଖାଇ ଦର୍ଶକଙ୍କ ମନ ଜିତି ପାରିଥିଲେ। ଗାଁ ମଝିରେ ବା ସ୍କୁଲ ପରିସରରେ ଯେବେ ଆରମ୍ଭ ହେଉଥିଲା ଯାଦୁଖେଳ ଦର୍ଶକଙ୍କ ମଧ୍ୟରେ ଅହେତୁକ ଉତ୍କଣ୍ଠା ଭରି ଯାଉଥିଲା। ଯନ୍ତର ମନ୍ତର ତନ୍ତର କହି ଯାଦୁଖେଳ ପ୍ରଦର୍ଶନ କରି ଶୂନ୍ୟରୁ ମିଠେଇ, ପଇସା, ଚକୋଲେଟ୍ ଓ ବିସ୍କୁଟ ଆଦି ସୃଷ୍ଟି କରିବାର କୌଶଳକୁ ଦେଖାଇ ଦର୍ଶକଙ୍କୁ ଚକିତ କରାନ୍ତି। କେବଳ ରାଜ୍ୟ ନୁହଁ ରାଜ୍ୟ ବାହାରେ ବି ନିଜ ଯାଦୁ ଦେଖାଇଛନ୍ତି। ହେଲେ ଏବେ ସେହି ଯାଦୁକରମାନେ ସମୟ ସହ ବରିଷ୍ଠର ଆଖ୍ୟା ପାଇଲେଣି। ଆଗଭଳି ସଂଖ୍ୟାଧିକ ଯାଦୁକଳା ପ୍ରଦର୍ଶନ କରିପାରୁନାହାନ୍ତି ବରଂ ବିଭିନ୍ନ ଯାଦୁ ଏବଂ ସଚେତନ ମୂଳକ କାର୍ଯ୍ୟକ୍ରମରେ ଅତିଥି ହୋଇ ଯାଉଛନ୍ତି ତ କେତେବେଳେ କଳାକାରଙ୍କୁ ପ୍ରଶିକ୍ଷଣ ଦେବାକୁ।



ବର୍ତ୍ତମାନ ଏହି ବରିଷ୍ଠ ଯାଦୁକରମାନଙ୍କ କଳାକାର ଭତ୍ତାରେ ସାମିଲ କରାଯାଇଛି। ସମୟ ସହ ସେମାନେ ଯେପରି ଲୋକଙ୍କ ନଜରରେ ଅଣଦେଖା ପାଲଟି ଯାଇଛନ୍ତି। ପେଟପାଟଣା ପାଇଁ କିଛି ଏବେବି ମଞ୍ଚ ସହ ଯୋଡି ହୋଇ ଅଛନ୍ତି ତ ଆଉ କିଛି ପ୍ରଶିକ୍ଷଣ ଦେବାକୁ ମନ ବଳାଉଛନ୍ତି। ସେହିଭଳି ଆଉ କିଛି ବଡ ବଡ ତାରକା ହୋଟେଲରେ ମ୍ୟାଜିସିଆନ ଭାବେ କାମ କରୁଛନ୍ତି। ଓଡ଼ିଶାରେ ଯାଦୁବିଦ୍ୟାରେ ନିଜର ନିଆରା ପରିଚୟ ସୃଷ୍ଟି କରିଥିବା କେତେଜଣ ଯାଦୁକରଙ୍କ ମଧ୍ୟରେ ମହେଶ୍ୱର ମହାରଣା, ବିମଳ ବିଶ୍ୱାଳ, ଅଚ୍ୟୁତାନନ୍ଦ ଗୌଡ଼, ଜୀବନ ମିଶ୍ର, ସୁଧାଂଶୁ ଦାସଙ୍କ ଭଳି ଅନେକ ଯାଦୁକର ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି। ତେବେ ଯେଉଁମାନେ ଯାଦୁକରୀକୁ ପୂର୍ଣ୍ଣକାଳୀନ ପେଶା ଭାବେ ଗ୍ରହଣ କରି ପରିବାର ପ୍ରତିପୋଷଣ କରୁଥିଲେ ସେମାନଙ୍କ ମଧ୍ୟରୁ ଅନେକଙ୍କ ଆର୍ଥିକ ଅବସ୍ଥା ଏବେ ଦୁର୍ବିସହ ହୋଇପଡ଼ିଛି। ଗ୍ରାମାଞ୍ଚଳର ଅନେକ ଯାଦୁକର ବାର୍ଦ୍ଧକ୍ୟରେ ଉପନୀତ ହୋଇଛନ୍ତି। ବୟସାଧିକ ଯୋଗୁଁ ସେମାନେ ଯାଦୁ ଖେଳ ଦେଖାଇପାରୁ ନ ଥିବା ବେଳେ ଅନେକ ଦେଖାଇବାକୁ ଚାହୁଥିଲେ ମଧ୍ୟ ଇଣ୍ଟରନେଟ୍ ଯୁଗରେ ଆଉ ଯାଦୁଖେଳ ପ୍ରତି ଲୋକଙ୍କୁ ଆଗ୍ରହ ରହୁନାହିଁ। ଯେଉଁଥିପାଇଁ ଆର୍ଥିକ ଦୁରବସ୍ଥା ମଧ୍ୟରେ ସେମାନେ କାଳାତୀପାତ କରୁଛନ୍ତି।

ବର୍ତ୍ତମାନ ସମୟରେ ଏହି କଳାର ଚାହିଦା ସମ୍ପର୍କରେ ବରିଷ୍ଠ ଯାଦୁଗର ମହେନ୍ଦ୍ର ହରିଚନ୍ଦନ କୁହନ୍ତି, ଆଗ ଅପେକ୍ଷା ଯାଦୁକରଙ୍କ ସଂଖ୍ୟା ବଢିଛି। ହେଲେ ସେମାନେ ୟୁଟ୍ୟୁବରୁ ଶିଖି ଏହାକୁ ବୃତ୍ତି କରିବାକୁ ଚେଷ୍ଟା କରୁଛନ୍ତି। ପ୍ରଶିକ୍ଷଣ ଅଭାବ ଫଳରେ ଏହାକୁ ସେମାନେ ବେଶୀ ଦିନ ଯାଏଁ ବୃତ୍ତି କରି ରଖିପାରୁନାହାନ୍ତି। ଅନ୍ୟପଟେ ଗୋଟେ ଯାଦୁକରର ସବୁ କୌଶଳ ଫୋନରୁ ସମସ୍ତେ ଜାଣିଗଲାପରେ ଏହାକୁ କୌଣସି ମଞ୍ଚରେ ପଇସା ଦେଖିବାକୁ ଚୋଟପିଲା କିମ୍ବା ଲୋକମାନେ ଇଚ୍ଛୁକ ହେକରଙ୍କ ସଂଖ୍ୟା ବଢୁଥିଲେ ହେଁ ପ୍ରଦର୍ଶନର ସଂଖ୍ୟା କମି କମି ଯାଉଛି। ବିଭିନ୍ନ ବିଦ୍ୟାଳୟରେ ମଧ୍ୟ ଆଗଭଳି ଶୋ କରିବାକୁ ଅନୁମତି ମିଳୁ ନାହିଁ। କେବଳ କିଛିଟା ମେଳା ମହୋତ୍ସବରେ ହେଉଛି। ତେଣୁ ଅନ୍ୟ କଳା ପରି ଏ କ୍ଷେତ୍ରରେ ପ୍ରୋତ୍ସାହନ ଅଭାବରୁ ଯାଦୁକରୀ କଳା ଏକପ୍ରକାର ହଜି ହଜି ଯାଉଛି କହିଲେ ଭୁଲ ହେବ ନାହିଁ।



# ପରିବା କହୁଛି ମୋତେ ଛୁଅଁନା

ଭୁବନେଶ୍ୱର, ୭।୧୦(ସମିସ)



● କାର୍ତ୍ତିକ ଆରମ୍ଭରୁ ବଢ଼ିଲା ୫ ରୁ ୧୦ ଟଙ୍କା
● ମାସକ ଯାଏ ରହିବ ବର୍ଦ୍ଧିତ ଦର

ଆରମ୍ଭ ହୋଇଛି ଧର୍ମର ମାସ କାର୍ତ୍ତିକ ମାସ। କୁମାର ପୂର୍ଣ୍ଣମୀ ଠାରୁ କାର୍ତ୍ତିକ ପୂର୍ଣ୍ଣମୀ ଯାଏ ୧ମାସ ଧରି ଅନେକ ଲୋକେ ଆମିଷ ଖାଉ ନ ଥିବା ବେଳେ ଅନେକ ପିଆଜ ରସୁଣ ମଧ୍ୟ ଖାଇନଥାନ୍ତି। ବିଶେଷ କରି ହବିଷ୍ୟାଳିମାନେ ମାସଯାକ ଅରୁଆ ଅନ୍ନ ସହ ଶୁଦ୍ଧ ଶାକାହାରୀ ଖାଦ୍ୟ ଗ୍ରହଣ କରନ୍ତି। ଏହି ମାସରେ ବିଭିନ୍ନ ଧର୍ମାନୁଷ୍ଠାନରେ ମଧ୍ୟ ଅନ୍ନ ପ୍ରସାଦ ବିତରଣ କରାଯାଇଥାଏ। ତେଣୁ ଏହି ମାସରେ ସବୁଜ ପରିବାର ଚାହିଦା ଅଧିକ ରହିଥାଏ।

ଏହାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ଦର ବୃଦ୍ଧି କରୁଥିବା ମଧ୍ୟ ନଜିର ରହିଛି। ତେବେ ଚଳିତ ବର୍ଷ କାର୍ତ୍ତିକ ମାସ ଆରମ୍ଭ ହୋଇଥିବା ବେଳେ ପରିବା ଦର ମଧ୍ୟ କିଲୋ ପିଛା ୫ରୁ ୧୦ ଟଙ୍କା ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ଯଦିଓ ଚଳିତ ବର୍ଷ ପୂର୍ବରୁ ହିଁ ବିଭିନ୍ନ କାରଣରୁ ପରିବା ଚଢ଼ା ଦରରେ ବିକ୍ରି କରାଯାଉଛି କିନ୍ତୁ କାର୍ତ୍ତିକ ମାସ ପାଇଁ ଏହାକୁ ଆହୁରି ବୃଦ୍ଧି କରିଛନ୍ତି ଖୁଚୁରା ବ୍ୟବସାୟୀ। ବର୍ତ୍ତମାନ କଖାରୁ, କଦଳୀ, ଓଉ, ସାରୁ, ପାଣିକଖାରୁ, ଶାଗ ଅଧିକ ବିକ୍ରି ହେଉଥିବାରୁ ଏହାର ଦର ବଢ଼ିଛି। ସେହିପରି ଆଳୁ, ବାଇଗଣ, କୋବି, ବିନ୍‌ସ, ଝୁଡ଼ୁଙ୍ଗ, ଜହ୍ନି, ଟମାଟୋ, କାକୁଡ଼ି, ପୋଟଳ ଆଦି ଦର ବୃଦ୍ଧି ହୋଇଛି। ସେହିପରି କେତେକ ପରିବା ଦର ୧୦୦ଟଙ୍କା ପାର ହୋଇଥିବା ବ୍ୟବସାୟୀମାନେ ମତ ଦେଇଛନ୍ତି। ବିଶେଷ କରି ରାସ୍ତାକଡ଼ ଖୁଚୁରା ବ୍ୟବସାୟୀମାନେ ଦର ବୃଦ୍ଧି କରୁଥିବା କୁହାଯାଉଛି। ଏନେଇ କଞ୍ଚା ପରିବା ସଂଘର ସଭାପତି କବିରାଜ ସ୍ୱାଇଁ କହିଛନ୍ତି ଯେ, କାର୍ତ୍ତିକ ମାସରେ ସାଧାରଣତଃ ଅନ୍ୟ ଋତୁ ଅପେକ୍ଷା ପରିବା ଦର ବର୍ଦ୍ଧିତ ରହିଥାଏ। ବର୍ତ୍ତମାନ ବର୍ଷା ଋତୁରେ ଚାରିଆଡ଼େ ବର୍ଷା ବିପତ୍ତି ଲାଗି ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଗତ କିଛିବର୍ଷ ହେବ ଓଡ଼ିଶାରୁ ପରିବା ପ୍ରଚୁର ପରିମାଣରେ ଆମଦାନୀ ହେଉ ନ ଥିବାରୁ ବାହାର ରାଜ୍ୟ ଯଥା ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ବେଙ୍ଗାଲୁରୁ, ନାସିକ ଆଦି ବିଭିନ୍ନ ରାଜ୍ୟକୁ ଭରସା କରିବାକୁ ପଡୁଛି। ବର୍ତ୍ତମାନ ସେଠାରେ ମଧ୍ୟ ବର୍ଷା ବନ୍ୟା ଲାଗି ରହିଛି। ଫଳରେ ପରିବାର ଅଭାବ ସାଙ୍ଗକୁ ଆମଦାନୀ ହୋଇପାରୁନି। ତେଣୁ ଯେଉଁ ପରିମାଣରେ ପରିବା ଆସିବା କଥା ଆସି ପାରୁ ନ ଥିବାରୁ ଦର ବଢ଼ିବା ସ୍ୱାଭାବିକ କଥା। ଏବଂ ଏହି ବର୍ଦ୍ଧିତ ଦର ଆସନ୍ତା ମାସକ ଯାଏ ଲାଗି ରହିବ।

# ଟ୍ରେଡିଂ ପ୍ଲାଟଫର୍ମ ଆଳରେ ଠକେଇ; ଜଣେ ଗିରଫ

**ଭୁବନେଶ୍ୱର, ୭।୧୧(ସମିସ):** ଫୋରେକ୍ସ ଟ୍ରେଡିଂ ପ୍ଲାଟ୍‌ଫର୍ମ ନାମରେ ଠକେଇ ମାମଲାରେ ସାଇବର ଥାନା ମାମଲା ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ତେଲେଙ୍ଗାନା କାଠି କାର୍ତ୍ତିକ କୁମାର। ଏନେଇ ଥାନାରେ ସବ୍ୟସାଚୀ ପ୍ରହରାଜ (୬୩)ଙ୍କ ଲିଖିତ ରିପୋର୍ଟ ଆଧାରରେ ସାଇବର ଥାନା ପୁଲିସ ମାମଲା ରୁଜୁକରି ତଦନ୍ତ କରୁଛି।

ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ସବ୍ୟସାଚୀ ଏବଂ ତାଙ୍କ ପତ୍ନୀ ଅବସର ପରେ ଏକ ନର୍ସିଂ ସ୍କୁଲ୍ ଆରମ୍ଭ କରିବାକୁ ଯୋଜନା କରୁଥିଲେ। ଏହି ସମୟରେ ଏକ ଫୋରେକ୍ସ ଟ୍ରେଡିଂ ପ୍ଲାଟଫର୍ମର ଏକ ଫେସବୁକ୍ ବିଜ୍ଞାପନ ପାଇଥିଲେ। ସେ ଏଥିରେ ମୋହିତ ହୋଇ ଅନଲାଇନ୍ ଟ୍ରାନ୍ସଫର ମାଧ୍ୟମରେ ୨୩ ଲକ୍ଷ ୩୯ ହଜାର ୩୮୦ ଟଙ୍କା ନିବେଶ କରିଥିଲେ। ଯାହାକୁ ଠକେଇ ଭାବରେ ତେଲେଙ୍ଗାନାର କରିମନଗର ଶାଖାର ଆରବିଏଲ୍ ବ୍ୟାଙ୍କରେ ପରିଚାଳିତ ମ୍ୟୁଚୁଆଲି ଏଡେଡ୍ କୋଅପରେଟିଭ୍ ଥ୍ରିଫ୍ଟ ଆଣ୍ଡ କ୍ରେଡିଟ୍ ସୋସାଇଟି ଲିମିଟେଡ୍" ଆକାଉଣ୍ଟକୁ ପଠାଯାଇଥିଲା। ଯାଞ୍ଚରୁ ଜଣାପଡ଼ିଛି ଯେ, ଆକାଉଣ୍ଟ ଏବଂ ଏହାର ଭର୍ଚୁଆଲ୍ ସବ୍-ଆକାଉଣ୍ଟଗୁଡ଼ିକ ରାପିଡ୍‌ଗୋ ସୋସାଇଟିର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ସାୱାଲାଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ତେଲେଙ୍ଗାନାର କରିମନଗରର ମେର୍ଗୁ ଜେଲେନ୍ଦ୍ର ଏବଂ କାଥି କାର୍ତ୍ତିକ କୁମାରଙ୍କ ଦ୍ୱାରା ମିଳିତ ଭାବରେ ପରିଚାଳିତ ମେସର୍ସ ବ୍ରିୟ ମାର୍ଟ ନାମକ ଅନ୍ୟ ଏକ ସଂସ୍ଥା ସହିତ ଲିଙ୍କ୍ ହୋଇଥିଲା। ତେଲେଙ୍ଗାନାରେ ପରବର୍ତ୍ତୀ କ୍ଷେତ୍ର ତଦନ୍ତ ଏବଂ ଚଢାଉ ଦ୍ୱାରା ପ୍ରମୁଖ ସନ୍ଦିଗ୍ଧ ଲୋକଙ୍କୁ ଗିରଫ କରାଯାଇଥିଲା। ରେକର୍ଡ ଏବଂ ଜବତ ଡକ୍ୟୁମେଣ୍ଟଗୁଡ଼ିକର ଯାଞ୍ଚରୁ ଜଣାପଡିଛି ଯେ ଅଭିଯୁକ୍ତମାନେ ମିଳିତ ଭାବରେ ଠକେଇ ବ୍ୟବସାୟ ସେଟଅପ୍ ପରିଚାଳନା କରୁଥିଲେ, ନକଲି କମ୍ପାନୀ ଲୋଗୋ, ୱେବସାଇଟ୍ ତିଆରି କରୁଥିଲେ। ପୀଡିତମାନଙ୍କୁ ଠକିବା ଏବଂ ସେମାନଙ୍କ କଷ୍ଟ ଅର୍ଜିତ ଅର୍ଥକୁ ଅତ୍ମସାତ କରିବା ପାଇଁ ଇଲେକ୍ଟ୍ରୋନିକ୍ ରେକର୍ଡ ଜାଲ କରୁଥିଲେ। ଅଭିଯୁକ୍ତ କାଥି କାର୍ତ୍ତିକ କୁମାର ମେସର୍ସ ବ୍ରିୟ ମାର୍ଟର ୫୦ ପ୍ରତିଶତ ଅଂଶୀଦାର ଥିଲେ। ପ୍ରତାରଣାପୂର୍ଣ୍ଣ ଭର୍ଚୁଆଲ୍ ଆକାଉଣ୍ଟ ପରିଚାଳନା ପାଇଁ ଏଜେଣ୍ଟ ପ୍ରଣୟ ବନ୍ଦୀଙ୍କଠାରୁ କମିଶନ ପେମେଣ୍ଟ ପାଉଥିଲେ।

# ଆରମ୍ଭ ହେଲା କାର୍ତ୍ତିକ ମାସ

## ଦୈନିକ ଦୁଇଥର ଶ୍ରୀଲିଙ୍ଗରାଜଙ୍କ ବଡ଼ବେଶ ଦର୍ଶନ

**ଭୁବନେଶ୍ୱର, ୭।୯(ସମିସ):** ଆରମ୍ଭ ହେଲା କାର୍ତ୍ତିକ ମାସ, ଧର୍ମର ମାସ କୁହାଯାଉଥିବା ଏହି ମାସରେ ବୟସ୍କ ମହିଳାମାନେ କାର୍ତ୍ତିକ ବ୍ରତ କରିବା ସହ ବିଭିନ୍ନ ମଠ ମନ୍ଦିରରେ ଠାକୁରଙ୍କର ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ। ଏଥିପାଇଁ ବିଭିନ୍ନ ମଠ ମନ୍ଦିର, ଧର୍ମଶାଳାରେ ବୟସ୍କା ମହିଳାଙ୍କୁ କାର୍ତ୍ତିକ ବ୍ରତ କରୁଥିବାର ଦେଖିବାକୁ ମିଳିଛି।

ଏହି ପରିପ୍ରେକ୍ଷୀରେ ଏକାମ୍ରକ୍ଷେତ୍ର ମଧ୍ୟ ଚଳଚଞ୍ଚଳ ହୋଇ ପିଡ଼ିଛି। ଦୁଦୁବାଲା ଧର୍ମଶାଳାରେ କାର୍ତ୍ତିକ ବ୍ରତ କରିବା ପାଇଁ ଉପକଣ୍ଠ ସମେତ ପାଖଆଖ ଜିଲ୍ଲାରୁ ମହିଳାମାନେ ଆସି ପହଞ୍ଚି କାର୍ତ୍ତିକ ବ୍ରତ ଆରମ୍ଭ କରିଛନ୍ତି। ଭୋରୁ ଭୋରୁ ଉଠି ସ୍ନାନ ସାରି ଚିତା ଚଇତନ କରି ଚଉରା ମୂଳରେ ରାଇ ଦାମୋଦରଙ୍କୁ ପୂଜା କରିଛନ୍ତି। ଏଥିସହିତ ଲିଙ୍ଗରାଜ ଓ ଅନନ୍ତ ବାସୁଦେବଙ୍କ ସମେତ ଅନ୍ୟ ଦେବାଦେବୀଙ୍କୁ ମଧ୍ୟ ଦର୍ଶନ କରିଛନ୍ତି।

ଏହି ମାସରେ ଲିଙ୍ଗରାଜଙ୍କ ବଡ଼ ବେଶ ବା ରାଜା ବେଶରେ ଏକାମ୍ରଧୀପତି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି। ପ୍ରତିଦିନ ଲିଙ୍ଗରାଜଙ୍କର ଚନ୍ଦ୍ରଶେଖର ବେଶ ଅନୁଷ୍ଠିତ ହେଉଥିବା



ବେଳେ କାର୍ତ୍ତିକ ମାସରେ କେବଳ ଦିନକୁ ୨ ଥର ବଡ଼ ବେଶ ବା ରାଜ ବେଶରେ ଦର୍ଶନ ଦେଇଥାନ୍ତି ଲିଙ୍ଗରାଜ। ଏହି ବେଶରେ ଲିଙ୍ଗରାଜଙ୍କୁ ୯ ପ୍ରକାରର ବସ୍ତ୍ର ଲାଗି ହୋଇଥାଏ ବୋଲି କହିଛନ୍ତି ସେବାୟତ ମୌସମ୍ ବଡୁ। ଏହି ବେଶରେ ଲିଙ୍ଗରାଜ ତ୍ରିନୟନ ଯୁକ୍ତ, ମସ୍ତକରେ ତ୍ରିପଣ୍ଡ ଏବଂ ଚନ୍ଦ୍ରମା ଓ ମୁଖରେ ରାଜକୀୟ ଠାଣି ସହ ଏକ ଲମ୍ବାନିଶ ରହିଥାଏ। ଏହି ବେଶରେ ଠାକୁରଙ୍କୁ ଦର୍ଶନ କରିଲେ କୋଟି ପୂର୍ଣ୍ଣର ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି।

ଏହି ବେଶକୁ ଦର୍ଶନ ପାଇଁ ଦୂର ଦୂରାନ୍ତ ତଥା ରାଜ୍ୟ ଓ ରାଜ୍ୟ ବାହାରୁ ଶ୍ରଦ୍ଧାଳୁମାନେ ଭିଡ଼ ଲଗାଇଛନ୍ତି। ସକାଳ ଧୂପ, ମଙ୍ଗଳ ଆଳତି ପରେ ଦିନ ଦଶଟା ପରେ ସାହାଣମେଳା ଓ ସନ୍ଧ୍ୟା ଦର୍ଶନ ସମୟରେ ଏହି ବେଶ ଅନୁଷ୍ଠିତ ହୋଇଥାଏ। ଚଳିତବର୍ଷ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଭିଡକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନର ସହଯୋଗ ନିଆଯାଇଛି। ଧାଡି ବ୍ୟବସ୍ଥାରେ ଯାଇ ଲିଙ୍ଗରାଜଙ୍କୁ ଶ୍ରଦ୍ଧାଳୁଙ୍କ ସମେତ ବ୍ରତଧାରୀମାନେ ଦର୍ଶନ କରୁଥିବାର ଦେଖିବାକୁ ମିଳିଥିଲା ବ୍ରତଧାରୀ ବୟସ୍କ ତଥା ବରିଷ୍ଠ ନାଗରିକ ରହିଥିବାରୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଇଛି।

# ଡମଣାକୁ ଶ୍ରେଷ୍ଠ ମଣ୍ଡପ, ଟାଙ୍ଗିବନ୍ତକୁ ଶ୍ରେଷ୍ଠ ମୂର୍ତ୍ତି ସମ୍ମାନ



ଭୁବନେଶ୍ୱର, ୭।୧୦(ସମିସ)

ଦୁର୍ଗାପୂଜା ଅବସରରେ କଳିଙ୍ଗ ସାମ୍ବାଦିକ ସଂଘ ପକ୍ଷରୁ ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପୂଜାକମିଟି, ମଣ୍ଡପ ଏବଂ ମୂର୍ତ୍ତିକୁ ସମ୍ମାନିତ କରାଯାଇଛି। ଚଳିତ ବର୍ଷ ଉତ୍ତର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ୩୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ଦୁର୍ଗାପୂଜା ଅନୁଷ୍ଠିତ ହୋଇଥିଲା। ସୁଉଚ୍ଚ ତୋରଣ ଉନ୍ନତ ମାନର ସାଜସଜ୍ଜା ଓ ଶୃଙ୍ଖଳିତ ପୂଜା ପାଇଁ ଡମଣାକୁ ଶ୍ରେଷ୍ଠ ମଣ୍ଡପ ସମ୍ମାନ ଓ ମା ଦୁର୍ଗାଙ୍କ ୬୨ ଫୁଟର ସର୍ବୋଚ୍ଚ ମୃଣ୍ମୟୀ ମର୍ତ୍ତି ନିର୍ମାଣ କରିଥିବା ଟାଙ୍ଗିବନ୍ତକୁ ଶ୍ରେଷ୍ଠ ମୂର୍ତ୍ତି ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱର ଉତ୍ତର ପୂଜା ଭସାଣି ସମିତି ଦ୍ୱାରା ଆୟୋଜିତ ଭସାଣି ଉତ୍ସବରେ ଡମଣା ଦୁର୍ଗାପୂଜା କମିଟିର ପ୍ରତିଷ୍ଠାତା ସଭାପତି ନିଶାକର ସାହୁ ଓ କର୍ମକର୍ତ୍ତାମାନେ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏଥିରେ ଅତିଥି ଭାବେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ,

କର୍ପୋରେଟର ଯଶୋଧାରା ପ୍ରଧାନ, ସମିତି ସଭାନେତ୍ରୀ ରଶ୍ମିରେଖା ଜେନା, ପ୍ରମୁଖ ଉପସ୍ଥିତ ଥିବା ବେଳେ ଉତ୍ତର ଭୁବନେଶ୍ୱର ଭସାଣି କମିଟି ପକ୍ଷରୁ ଡମଣା ପଡିଆ ଠାରେ ଅନୁଷ୍ଠିତ ଭସାଣି ଉତ୍ସବରେ ଟାଙ୍ଗିବନ୍ତ ପୂଜା କମିଟିର ସଭାପତି ବିରେନ୍ଦ୍ର ଜେନା ଓ କର୍ମକର୍ତ୍ତାମାନେ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏଥିରେ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ସୁବାସ ଚନ୍ଦ୍ର ପାତ୍ର, କମିଟି ସଭାପତି କିଶୋର ଜେନା, ସମ୍ପାଦକ ସନ୍ତୋଷ ମହାନ୍ତି, ସୁରେଶ ରଥ, କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ସୁରେଶ ମହାପାତ୍ର, ପ୍ରତାପ ରାଉତ, ମିହିର କୁମାର ରାଉତ, ଭଗବାନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କଳିଙ୍ଗ ସାମ୍ବାଦିକ ସଂଘର ଆବାହକ ସୁକାନ୍ତ କୁମାର ରାଉତ ଉଭୟ ସ୍ଥାନରେ ଉପସ୍ଥିତ ରହି ଟ୍ରଫି ପ୍ରଦାନ କରିଥିଲେ।

# କ୍ରୁଟ୍ କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୭।୧୦(ସମିସ):: ମୁଖ୍ୟ ସଚିବ ମନୋଜ ଆହୁଜା ରାଜଧାନୀ କ୍ଷେତ୍ର ସହରାଞ୍ଚଳ ପରିବହନ (କ୍ରୁଟ୍) ମୁଖ୍ୟ କାର୍ଯ୍ୟାଳୟ ଏବଂ ଗାଡକଣା ଇଲେକ୍ଟ୍ରିକ୍ ବସ୍ ଡିପୋ ପରିଦର୍ଶନ କରି ଭୁବନେଶ୍ୱରରେ ଚାଲିଥିବା ସାଧାରଣ ପରିବହନ ସେବା ଏବଂ ବର୍ଦ୍ଧିତ ବୈଦ୍ୟୁତିକ ବସ୍ ନେଟୱାର୍କର ସମୀକ୍ଷା କରିଛନ୍ତି। ପରିଦର୍ଶନ ସମୟରେ, ଶ୍ରୀ ଆହୁଜା କ୍ରୁଟ୍ ସଦସ୍ୟ, ଗାଇଡ୍ ଏବଂ ବୈଷୟିକ କର୍ମଚାରୀଙ୍କ ସହ ଆଲୋଚନା କରି ସୁଗମ, ନିରାପଦ ଏବଂ ନିର୍ଭରଯୋଗ୍ୟ ସାର୍ବଜନୀନ ପରିବହନ ସେବା ସୁନିଶ୍ଚିତ କରିବାରେ ସେମାନଙ୍କର ଅଭିଜ୍ଞତା ଏବଂ ଚ୍ୟାଲେଞ୍ଜଗୁଡ଼ିକୁ ବୁଝିଛନ୍ତି। କ୍ରୁଟ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ୍ ସେଣ୍ଟରରେ, ସେ ସମୟାନୁବର୍ତ୍ତିତା, ଦକ୍ଷତା ଏବଂ ଯାତ୍ରୀ ସନ୍ତୁଷ୍ଟି ବୃଦ୍ଧି କରିବାରେ ସାହାଯ୍ୟ କରୁଥିବା ରିଅଲ୍-ଟାଇମ୍ ମନିଟରିଂ ସିଷ୍ଟମ୍, ଡାଟା ଆନାଲିଟିକ୍ସ ଏବଂ ସିଡ୍ୟୁଲ୍ ଅପ୍ଟିମାଇଜେସନ୍ ପ୍ରକ୍ରିୟାଗୁଡ଼ିକର ସମୀକ୍ଷା କରିଛନ୍ତି।



## ସବୁଜ ସହରାଞ୍ଚଳ ଗତିଶୀଳତା ଉପରେ ଗୁରୁତ୍ୱ

କ୍ରୁଟ୍‌ର ପଦକ୍ଷେପଗୁଡ଼ିକୁ ସମୀକ୍ଷା କରି ସାର୍ବଜନୀନ ପରିବହନ ପରିଚାଳନାରେ ଡିଜିଟାଲ୍ ପ୍ରଯୁକ୍ତିର ଅଭିନବ ବ୍ୟବହାରକୁ ପ୍ରଶଂସା କରିଛନ୍ତି। ସେ ସେମାନଙ୍କୁ ଉଚ୍ଚ ସେବା ମାନଦଣ୍ଡ ବଜାୟ ରଖିବା ଏବଂ ସବୁଜ ଗତିଶୀଳତା ସମାଧାନକୁ ପ୍ରୋତ୍ସାହିତ କରିବା ପାଇଁ ପରାମର୍ଶ ଦେଇଛନ୍ତି। ସେ ସହରାଞ୍ଚଳ ପରିବହନକୁ ସ୍ୱଚ୍ଛ ଏବଂ ଅଧିକ ସ୍ଥାୟୀ କରିବା ପାଇଁ ବୈଦ୍ୟୁତିକ ବସ୍ ପରିଚାଳନାକୁ ବିସ୍ତାର କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। କ୍ରୁଟ ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଏନ ଥିରୁମାଲା ନାଏକ ମୁଖ୍ୟ ସଚିବଙ୍କୁ ଚାଲୁଥିବା କାର୍ଯ୍ୟ ଏବଂ ଆଗାମୀ ପଦକ୍ଷେପ ବିଷୟରେ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମହାପ୍ରବନ୍ଧକ ସଞ୍ଜୟ ବିଶ୍ୱାଳ ଏବଂ ସହଦେବ ସମାଧିଆ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟର ଆଇନ ଶୃଙ୍ଖଳାର ପତନ ଘଟିଛି: ଭାରତୀୟ କମ୍ୟୁନିଷ୍ଟ ପାର୍ଟି

ଭୁବନେଶ୍ୱର, ୭।୧୦(ସମିସ)

ନିକଟରେ ବରିଷ୍ଠ ଆଇନଜୀବୀ ତଥା ଓଡିଶା ବାର କାଉନସିଲ ସଦସ୍ୟ ଏବଂ ବିଜେପି ନେତା ପୀତବାସ ପଣ୍ଡାଙ୍କୁ ଦୁଇଜଣ ଦୁର୍ବୃତ୍ତ ମୋଟର ସାଇକେଲରେ ଆସି ଗୁଳି କରି ହତ୍ୟା କରିଛନ୍ତି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ସାରା ଓଡିଶାରେ ୫ଟି ହତ୍ୟାକାଣ୍ଡ ଘଟିଛି। କେବଳ ବ୍ରହ୍ମପୁରରେ ବର୍ଷରେ ୩୯ ହତ୍ୟା, ଗଞ୍ଜାମ ଜିଲ୍ଲାରେ ୮୭ ହତ୍ୟା, ଏବଂ ଜୁନ ୨୦୨୪ଠାରୁ ଜୁଲାଇ ୨୦୨୫ପର୍ଯ୍ୟନ୍ତ ୧୨୬ ହତ୍ୟା ରେକର୍ଡ ହୋଇଛି। ସାମ୍ପ୍ରଦାୟିକ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଇଛି। କଟକରେ ସାମ୍ପ୍ରଦାୟିକ ହିଂସା, ଘୃଣା, ଉତ୍ତେଜନା ମୂଳକ ଦଙ୍ଗା ଜନିତ ପରିସ୍ଥିତି ସୃଷ୍ଟିହେବା ଘଟଣାକୁ ନେଇ ଭୁବନେଶ୍ୱରଠାରେ ଓଡ଼ିଶା ରାଜ୍ୟ କମିଟିର ସମ୍ପାଦକ ତଥା ସି.ପି. ଆଇ(ଏମ୍)ର ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଉଲ୍ଲେଖ କରିଛନ୍ତି। ଉଭୟ ପୁଲିସ ଓ ପ୍ରଶାସନର ଚରମ ଅବହେଳା ଏବଂ ସାଧାରଣ ଲୋକଙ୍କୁ ନ୍ୟାୟ ଦେବାରେ ବିଫଳ ହେବା କଥା ଉଲ୍ଲେଖ କରିଛନ୍ତି।

ଏଥିସହିତ ଲୋକଙ୍କୁ ସୁରକ୍ଷା, ନ୍ୟାୟ ଓ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ପାଇଁ ନିରନ୍ତର ସଂଗ୍ରାମ ଜାରି ରହିବ ବୋଲି ସି ପି ଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ କହିଛନ୍ତି।

# ବାଙ୍କୁଆଳରେ ଧନଦାତ୍ରୀଙ୍କୁ ଆରାଧନା

**ଧଉଳି, ୭।୧୦(ସମିସ):** ମା' ଗଜଲକ୍ଷ୍ମୀ ପୂଜା କମିଟି ଏବଂ ବାଙ୍କୁଆଳ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ଏକାମ୍ର ନିର୍ବାଚନ ମଣ୍ଡଳୀ ଅଧୀନ ବାସୁଆଘାଇ ପଞ୍ଚାୟତ ବାଙ୍କୁଆଳ ଗ୍ରାମରେ ୩୧ ତମ ମା' ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ଗତକାଲିଠାରୁ ଶ୍ରୋତୀୟ ବ୍ରାହ୍ମଣଙ୍କ ମନ୍ତ୍ରଧ୍ୱନିରେ ମା'ଙ୍କ ପୂଜା ରୀତିନୀତି ବିଧ ଅନୁସାରେ ପାଳନ କରାଯିବ। ଏଥିସହ ଏହି ଦିନ ମାନଙ୍କରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ମଧ୍ୟରେ ରହିଛି ଓଡିଶା ସଂସ୍କୃତି ତଥା ଲୋକକଳାର ଅବିଚ୍ଛେଦ୍ୟ ଅଙ୍ଗ ପାଲା, ଗ୍ରାମର କୁନିକୁନି ଓ କୁମାରୀ ମାନଙ୍କ ଦ୍ୱାରା ଡ୍ୟାନ୍ସଡ୍ୟାନ୍ସ ଏବଂ ମେଲୋଡି କାର୍ଯ୍ୟକ୍ରମ, ରାମଲୀଳା ଓ ଘୋଡାନାଚ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶେଷରେ ୧୨ ତାରିଖରେ ମା'ଙ୍କ ଭଷାଣି ଉତ୍ସବ ଅନୁଷ୍ଠିତ ହେବ କ୍ଷ ଏହାକୁ ଗ୍ରାମର ସମସ୍ତ ଜନସାଧାରଣ, ଯୁବଗୋଷ୍ଠୀ ପରିଚାଳନା କରୁଥିବା ବେଳେ ଏକ ଭାଇଚାରାର ପରମ୍ପରା ବଜାୟ ରଖୁଛନ୍ତି। ସେହିପରି ଅନୁରୂପ ଭାବେ ବାଲକାଟି ଦୋପଟିସାହି ଏବଂ ହୀରାପୁର ଗ୍ରାମରେ ମଧ୍ୟ ମା'ଗଜଲକ୍ଷ୍ମୀ ପୂଜା ଧୂମଧାମରେ ପାଳିତ ହୋଇଯାଇଛି।



# କାହା ପାଇଁ ମଜା; ଟ୍ରେନ୍ ଯାତ୍ରୀଙ୍କ ପାଇ ସଜା

ଭୁବନେଶ୍ୱର, ୭।୧୧(ସମିସ)



■ ଚଳନ୍ତା ଟ୍ରେନ୍‌କୁ କରୁଛନ୍ତି ପଥର ମାଡ଼
■ ଯାତ୍ରୀଙ୍କୁ କାଳ ସାଜୁଛି ଟ୍ରେନ୍ ଲାଇନ୍ ପାଖ ବସ୍ତି
■ ୪ ବର୍ଷରେ ୧୭୦ରୁ ଅଧିକ ପଥର ମାଡ଼


କିଛି ଯୁବକଙ୍କ ଖିଆଲୀ ମନୋଭାବ ଓ ମଜା ପାଇଁ ଟ୍ରେନ୍‌ଯାତ୍ରୀଙ୍କୁ ହଇରାଣ ହେବାକୁ ପଡୁଛି। କିଛି ଅମାନିଆ ଯୁବକ ଟ୍ରେନ୍ ଉପରକୁ ଗୁଳି ମାଡ଼ କରିବା ସହ ପଥର ମାଡ଼ କରୁଛନ୍ତି। ମଦ ପିଇ ସେମାନେ ସାଙ୍ଗସାଥିରେ ମଜା ନେବାକୁ ବସ୍ ଉପରକୁ ପଥର ମାଡ଼ କରୁଛନ୍ତି। ନିକଟରେ ଭଦ୍ରକ-ବାଉଦପୁର ମଝିରେ ନନ୍ଦନକାନନ ଏକ୍ସପ୍ରେସ୍ ଉପରକୁ ଗୁଳିମାଡ଼ ହୋଇଥିଲା। ବଡ଼କଥା ହେଲା ଓଡ଼ିଶାରେ ଟ୍ରେନ ଉପରକୁ ଗୁଳିମାଡ଼ ପ୍ରଥମ ଘଟଣା ହୋଇଥିବା ବେଳେ ପଥରମାଡ଼ ମଧ୍ୟ ପୂର୍ବରୁ ଦେଖିବାକୁ ମିଳିଥିଲା। ଗତ ୪ବର୍ଷରେ ୧୭୦ରୁ ଅଧିକ ଥର ପଥର ମାଡ଼ ହୋଇଛି। ଏହି ଘଟଣାରେ ଜିଆରପି ଏବଂ ଆରପିଏଫ ୫୫ରୁ ଅଧିକ ଜଣଙ୍କୁ ଗିରଫ କରିଥିବା ସୂଚନା ମିଳିଛି। କହିବାକୁ ଗଲେ ଟ୍ରେନ୍ ଯାତ୍ରୀଙ୍କ ପାଇଁ କାଳ ସାଜିଛି ରେଳ ଲାଇନ୍ କଡ଼ରେ ଥିବା ବସ୍ତି। ଏହି ବସ୍ତିର ଏକାଧିକ ଅସାମାଜିକ୍ ଯୁବକ ମଜା ନେବା ପାଇଁ ଚଳନ୍ତା ଟ୍ରେନ୍ ଉପରକୁ ପଥର ମାଡ଼ କରୁଛନ୍ତି। ଫଳରେ ଟ୍ରେନରେ ଯାତ୍ରା କରୁଥିବା ଯାତ୍ରୀଙ୍କ ମୁଣ୍ଡର ମାଡ଼ ହୋଇ ଜୀବନ ଯାଉଛି। ଆଉ କାହା ଦେହରେ ଏହି ପଥର ବାଜି ଗୁରୁତର ଆହତ ମଧ୍ୟ ହେଉଛନ୍ତି। ହେଲେ ଅନ୍ଧାରର ସୁଯୋଗ ନେଇ ଏହି ଅସାମାଜିକ ଯୁବକ ଖସିଯାଉଛନ୍ତି। ଜିଆରପି ତଦନ୍ତ କଲେ ମଧ୍ୟ ପ୍ରମାଣ ଅଭାବରୁ ସେମାନଙ୍କୁ ଗିରଫ କରାଯାଇ ପାରୁନି। ରେଳରେ ଯାତ୍ରା କରୁଥିବା ଯାତ୍ରୀମାନେ ଝରକା ପାଖ ସିଟ୍ ଏବଂ ଟ୍ରେନ୍‌ର ପ୍ରବେଶ ଦ୍ୱାରାରେ ଛିଡ଼ା ହୋଇ ଯିବାକୁ ଭଲ ପାଆନ୍ତି। କାରଣ ଏହି ଦୁଇ ସ୍ଥାନରେ ବସି ଯାତ୍ରା କରିବା ସମୟରେ ବାହାର ଦୃଶ୍ୟ ଦେଖିବା ସହ ଖୋଲା ପବନ ବାଜିଥାଏ। ତେଣୁ ଅଧିକାଂଶ ଯାତ୍ରୀ ଏହି ଦୁଇ ସ୍ଥାନରେ ବସି ଯାତ୍ରା କରିବାକୁ ଭଲ ପାଆନ୍ତି। କିନ୍ତୁ ସେମାନଙ୍କ ଜୀବନ ଏବେ ବିପଦରେ ପଡିଛି। ଅସାମାଜିକ ଯୁବକଙ୍କ ଟେକା ମାଡ଼ରେ ସେମାନଙ୍କ ଜୀବନ ଯାଇପାରେ। ଗତ ୨୦୨୩ ମେ ୩୦ ତାରିଖରେ ବିହାର ସ୍ଥିତ ନିଜ ଘରକୁ ଯାତ୍ରା କରୁଥିବା ପ୍ରିନ୍ସ କୁମାରର ଏଭଳି ଟେକାମାଡ଼ରେ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ଜିଆରପି ଜଣଙ୍କୁ ଗିରଫ କରିଛି। ମୁନା କୁମାର ଏବଂ ତାଙ୍କର ସାଉ ଭାଇ ପ୍ରିନ୍ସ କୁମାରଙ୍କ ଘର ବିହାର। ସେମାନେ କାମ କରିବାକୁ ଆନ୍ଧ୍ରପ୍ରଦେଶ ଯାଇଥିଲେ। ଘରେ ପୂଜା ଥିବାରୁ ସେମାନେ ଘରକୁ ଫେରୁଥିଲେ। ଟ୍ରେନ୍ ଯୋଗେ ଖୋର୍ଦ୍ଧାରୁ ଭୁବନେଶ୍ୱର ଆସୁଥିଲେ। ମୁନା ନିଜ ସିଟ୍‌ରେ ବସିଥିବା ବେଳେ ଟ୍ରେନ୍‌ର ଦ୍ୱାର ନିକଟରେ ତାଙ୍କର ସାନଭାଇ ପ୍ରିନ୍ସ ଛିଡା ହୋଇଥିଲେ। ଟ୍ରେନ୍‌ଟି ବିପୁଜୀନଗର କ୍ରସ୍ କରିବା ସମୟରେ ଏହି ସମୟରେ ଏକ ଟେକା ଆସି ପ୍ରିନ୍ସର ମୁଣ୍ଡରେ ମାଡ଼ ହୋଇଥିଲା। ଫଳରେ ମୁଣ୍ଡ ଫାଟିଯିବା ଫଳରେ ତଳେ ପଡ଼ିଯାଇଥିଲେ। ମୁଣ୍ଡରୁ ପ୍ରବଳ ମାତ୍ରାରେ ରକ୍ତ ଶ୍ରାବ ହୋଇଥିବା ଦେଖି ଟ୍ରେନ୍ ଭିତରେ ଥିବା ଏକାଧିକ ଯାତ୍ରୀ ଟ୍ରେନ୍‌ର ଚେନ୍‌କୁ ଟାଣିଥିଲେ। ଟ୍ରେନ୍‌ଟି ସେଠାରେ ନ ରହି ଭୁବନେଶ୍ୱର ଷ୍ଟେସନରେ ରହିବା ପରେ ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଦ୍ୱାରା କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହିଭଳି ଖୋର୍ଦ୍ଧାରେ ମଧ୍ୟ ଏଭଳି ଘଟଣା ଦେଖିବାକୁ ମିଳିଥିଲା। ୩ଜଣ ଯୁବକ ମଦ ପିଇ ଚଳନ୍ତା ଟ୍ରେନ୍‌କୁ ପଥରମାଡ଼ କରିଥିଲା।

ଜିଆରପିର ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ, ଗତ ୪ବର୍ଷରେ ୧୭୦ଶହରୁ ଊର୍ଦ୍ଧ୍ୱ ପଥର ମାଡ଼ ଚଳାନ୍ତା ଟ୍ରେନ୍ ଉପରକୁ ହୋଇଛି। ପ୍ରତି ବର୍ଷରେ ୫୫ରୁ ଅଧିକ ଥର ପଥର ମାଡ଼ ହେଉଛି। ଏନେଇ ଜିଆରପି ମାମଲା ରୁଜୁ କରିଥିଲେ ମଧ୍ୟ ହାତ ଗଣତି ଲୋକଙ୍କୁ ଗିରଫ କରିଛି। ବଡ଼ କଥା ହେଲା ଏହି ଚଳନ୍ତା ଟ୍ରେନ୍‌କୁ କିଏ ପଥର ମାଡ଼ କରୁଛି ବୋଲି ଅନେକ ଭାବି ଥାନ୍ତି। ବଡ଼ କଥା ହେଲା ଟ୍ରେନ୍ ନିକଟରେ ବସ୍ତି ରହିଥିବାରୁ ସେମାନେ ମଜା ନେବାକୁ ଏଭଳି ପଥା ମାଡ଼ କରୁଛନ୍ତି।

**ପଡୁନି ଫରକ ବସ୍ତିରେ ସଚେତନା**

ଟ୍ରେନ୍‌ଲାଇନ୍ କଡ଼ରେ ଥିବା ବସ୍ତିର ଯୁବକମାନେ ଟେକାମାଡ଼ କରୁଥିବାରୁ ଏହାକୁ ରୋକିବାକୁ ଆରପିଏଫ ଏବଂ ଜିଆରପି ଉଦ୍ୟମ କରନ୍ତି। ସେମାନେ ବିଭିନ୍ନ ସମୟରେ ବସ୍ତିକୁ ଯାଇ ସଚେତନତା କାର୍ଯ୍ୟକ୍ରମ କରିଥାନ୍ତି। ଟ୍ରେନ୍‌କୁ ପଥରମାଡ଼ ନକରିବା ପାଇଁ ଲୋକଙ୍କୁ ବୁଝାଇଥାନ୍ତି। କିନ୍ତୁ ଏତେ ସଚେତନତା ପରେ ମଧ୍ୟ ଲୋକେ ସୁଧୁରୁ ନାହାନ୍ତି। ତେଣୁ ଟ୍ରେନ୍ ଲାଇନ୍ ନିକଟରେ ଥିବା ବସ୍ତିକୁ ହଟାଇବା ପାଇଁ ଏବେ ଏକାଧିକ ଲୋକ ଦାବୀ କରୁଛନ୍ତି।

# ସମ୍ପାଦକୀୟ



କ୍ଷଣିକ ନିରାପତ୍ତା ପାଇଁ ଯେଉଁମାନେ ବ୍ୟକ୍ତି ସ୍ୱାଧୀନତାକୁ ଉତ୍ସର୍ଗ କରନ୍ତି, ସେମାନେ ସ୍ୱାଧୀନତା ଓ ନିରାପତ୍ତା ମଧ୍ୟରୁ କୌଣସିଟିକୁ ନ୍ୟାୟ ଦେଇପାରନ୍ତି ନାହିଁ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

ସକାଳ THE SAKALA

## ପ୍ରସ୍ତୁତି ଓ ପ୍ରଘଟ

ସମଗ୍ର ଦେଶରେ ଦିନକୁ ଦିନ ବେକାରଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଯୁବବର୍ଗଙ୍କ ମଧ୍ୟରେ ମୁଣ୍ଡ ଟେକିଥିବା ଅସନ୍ତୋଷ ବିସ୍ଫୋରଣର ରୂପ ନେବାକୁ ଯାଉଛି। ତେଣିକି ତାହା ଜେନ-ଜେଡ୍ ହେଉ କି ଆଉ କିଛି। ଅପରପକ୍ଷରେ ନିଯୁକ୍ତିକୁ ନେଇ ନାନା ସମସ୍ୟା ମୁଣ୍ଡ ଟେକିଛି। ବିଭିନ୍ନ ସମୟରେ ନିଯୁକ୍ତି ପରୀକ୍ଷା ପାଇଁ ସରକାର ବିଜ୍ଞପ୍ତି ଜାରି କରୁଛନ୍ତି। କିନ୍ତୁ ପ୍ରଶ୍ନପତ୍ର ପ୍ରଘଟ କିମ୍ବା ଅନ୍ୟାନ୍ୟ ଦୁର୍ନୀତି ସକାଶେ ସେସବୁ ସ୍ଥଗିତ ରହୁଛି। ଶେଷ ମୁହୂର୍ତ୍ତରେ ପରୀକ୍ଷା ବାତିଲ୍ ଏବଂ ବାରମ୍ବାର ପରୀକ୍ଷା ଘୁଞ୍ଚୁଥିବାରୁ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ନୈରାଶ୍ୟ ସୃଷ୍ଟି ହେଉଛି। ନିକଟରେ ଉତ୍ତରାଖଣ୍ଡର ଯୁବବର୍ଗ ସରକାରଙ୍କ ଏପ୍ରକାର କାର୍ଯ୍ୟକଳାପ ବିରୋଧରେ ସମ୍ମିଳିତ. ଧାରଣା ଓ ଆନ୍ଦୋଳନ କରିଥିଲେ। ଉତ୍ତରପ୍ରଦେଶ ଓ ବିହାରରେ ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ପରୀକ୍ଷା ବାତିଲ ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ଏହି ପରିସ୍ଥିତିକୁ ଅନୁଶୀଳନ କରୁଥିବା କିଛି ପର୍ଯ୍ୟବେକ୍ଷକଙ୍କ ମତ ହେଉଛି, ସରକାର ନିୟମିତ ନିଯୁକ୍ତି ଦେବାକୁ ଆଗ୍ରହୀ ଥିବା ଭଳି ମନେ ହେଉନାହିଁ। ବରଂ ଅତ୍ୟାବଶ୍ୟକ କ୍ଷେତ୍ରରେ ଠିକାରେ ନିଯୁକ୍ତି ଦେଇ କାମ ଚଳାଇନେବାକୁ ଅଧିକ ପସନ୍ଦ କରୁଛନ୍ତି। ନହେଲେ କ୍ରମାଗତ ପ୍ରଶ୍ନପତ୍ର ପ୍ରଘଟ ଭଳି ନିନ୍ଦିତ ଘଟଣାକୁ ରୋକିବାରେ ସରକାରଙ୍କ ଅସାମର୍ଥ୍ୟ ପଦାରେ ପଡ଼ି ଯାଉଥିଲେ ମଧ୍ୟ ଅବିଚାରିତ ଭାବେ ସେଥିପ୍ରତି ଉଦାସୀନ ହେଉ ନଥା'ନ୍ତେ।

ଆଜିକାଲି ସରକାରୀ ନିଯୁକ୍ତି ପ୍ରତି ସର୍ବାଧିକ ଆକର୍ଷଣ। ଅଭିଭାବକମାନେ ସବୁକିଛି ବିନିମୟରେ ତାଙ୍କ ପିଲା କିଭଳି ସରକାରୀ ଚାକିରିଟିଏ ପାଇଯିବେ ସେ ନେଇ ବ୍ୟସ୍ତ ଓ ବିବ୍ରତ। ଲିଖିତ ପରୀକ୍ଷା ପ୍ରସ୍ତୁତି ପାଇଁ ସହରରେ ଖୋଲିଥିବା କୋଚିଙ୍ଗ ସେଣ୍ଟରରେ ପିଲାଙ୍କୁ ପଢ଼ାଇବାରେ ସେମାନେ ହାତଖୋଲା ଖର୍ଚ୍ଚ କରି ଚାଲିଛନ୍ତି। ସ୍ୱାଭାବିକ ଭାବେ ଏକ୍ଷେତ୍ରରେ ନିଶ୍ଚିତ ନିଯୁକ୍ତି ସୁଯୋଗ ହାସଲ ପାଇଁ ଅର୍ଥକୁ ଆଉ ବାଧକ ରୂପେ ଗ୍ରହଣ କରିହେଉନି। ନିଜର ସମ୍ପତ୍ତିବାଡ଼ି ବିକ୍ରି କରି ଅଭିଭାବକ ଅର୍ଥ ଯୋଗାଡ଼ କରି ତଥାକଥିତ ଦଲାଲଙ୍କ ହାତରେ ଧରାଇ ଦେଉଛନ୍ତି। କିନ୍ତୁ କିନ୍ତୁ ଶେଷ ମୁହୂର୍ତ୍ତରେ ପ୍ରଶ୍ନପତ୍ର ପ୍ରଘଟ ହୋଇଗଲେ କିମ୍ବା କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା କାରଣରୁ ପରୀକ୍ଷା ବାତିଲ୍ ହୋଇଗଲେ ପରୀକ୍ଷାର୍ଥୀଙ୍କ ପରିଶ୍ରମ ଓ ପ୍ରସ୍ତୁତି ପାଣିରେ ପଡ଼ିବା ସହ ଖର୍ଚ୍ଚାନ୍ତ ଅଭିଭାବକ ମୁଣ୍ଡରେ ହାତଦେଇ ବସୁଛନ୍ତି। ଏଭଳି ଘଟଣାର ସଦ୍ୟତମ ଉଦାହରଣ ଆମ ରାଜ୍ୟର ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା କ୍ଷେତ୍ରରେ ପରିଦୃଷ୍ଟ ହୋଇଛି।

ପ୍ରଶ୍ନପତ୍ର ପ୍ରଘଟ ଜନିତ ବିଳମ୍ବ ପାଇଁ ଅଯଥାରେ ଅପେକ୍ଷା କରିବାକୁ ପଡ଼ିବ ନାହିଁ- ଏହି ଉଦ୍ଦେଶ୍ୟରେ ପରୀକ୍ଷା ଓ ନିଯୁକ୍ତି ଦୁର୍ନୀତିର ଏକ ନୂଆ ଫନ୍ଦି କରାଯାଇଥିଲା। କିନ୍ତୁ ଏହି କେଲେଙ୍କାରୀ ପଦାରେ ପଡ଼ିଯିବା ପରେ ଅର୍ଥ ବିନିମୟରେ ନିଯୁକ୍ତି ଆଶାକରିଥିବା ୧୧୪ ଜଣ ପରୀକ୍ଷାର୍ଥୀଙ୍କୁ ଗିରଫ କରାଯାଇଛି। ଏହାଥିଲା ସେମାନଙ୍କ ପାଇଁ ଶେଷ ଭରସା। ଏହି ତଦନ୍ତର ଘଟଣାକ୍ରମ କେଉଁଆଡ଼କୁ ଯିବ ତାହା ଏବେ ଠାରୁ କହିବା କଷ୍ଟକର। କାରଣ ପଦପଦବୀରେ ଥିବାଅସଲ ଅଭିଯୁକ୍ତ ତଦନ୍ତ ପରିସର ବାହାରେ ଅଛନ୍ତି। ଏଠାରେ ସୂଚାଇ ଦିଆଯାଇ ପାରେକି ଏହି ନିଯୁକ୍ତି ପରୀକ୍ଷାରେ ଦୁର୍ନୀତିର ଗନ୍ଧ ବାରି ଓଡ଼ିଶା ପୁଲିସ୍ ରିକ୍ରୁଟମେଣ୍ଟ ବୋର୍ଡ( ଓପିଆରବି)ର ଅଧ୍ୟକ୍ଷ ପଦରୁ ଜଣେ ଅଧିକାରୀ ଓହରି ଯାଇଥିବା ଘଟଣା ଦୃଷ୍ଟିକୁ ଆସିଛି। ସବୁଠାରୁ ଉଲ୍ଲେଖଯୋଗ୍ୟ ଘଟଣା ହେଲା, ଏହି ପରୀକ୍ଷା ପରିଚାଳନା ଭାର କେନ୍ଦ୍ର ସରକାରଙ୍କ ପିଏସୟୁ ଗୁଜରାଟର ଆଇଟିଆଇ ଲିମିଟେଡ୍ ସଂସ୍ଥାକୁ ଦିଆଯାଥିଲା। ସେ ଅନ୍ୟଏକ ସଂସ୍ଥା ରିଡ୍‌ମାଇନ୍ସ ଡିଜିଟାଲକୁ ଦାୟିତ୍ୱ ହସ୍ତାନ୍ତର କଲା। ତାହା ପରେ ଭୁବନେଶ୍ୱରର ସିଲିକନ ଟେକ୍‌ଲାବ୍ ସଂସ୍ଥାକୁ ସବକଣ୍ଟ୍ରାକ୍ଟ ଦିଆଗଲା। କାର୍ଯ୍ୟପରିଚାଳନା ସକାଶେ ସେ ସଂସ୍ଥା ମଧ୍ୟ ପଞ୍ଚସଫ୍ଟ ଟେକ୍ନୋଲୋଜି ହାତକୁ ଦାୟିତ୍ୱ ଟେକିଦେଲା। ବିଚିତ୍ର ବ୍ୟବସ୍ଥା ଓ ବିଚିତ୍ର ଘଟଣା। ଏଥିପ୍ରତି ସରକାରୀ କଳର କାହାର ନିଘା ନାହିଁ। ସମଗ୍ର ଘଟଣାକ୍ରମକୁ ଅନୁଧ୍ୟାନ କଲେ ମନେ ହେଉଛି ଏବେ ଚାଲିଥିବା ତଦନ୍ତ କେବଳ ଧର୍ମକୁ ଆଖିଠାର।

୨୦୨୪ ଜୁନ ପରଠାରୁ କ୍ରମାଗତ ଭାବେ ୧୫ ମାସରେ ୧୬ଟି ବିଭିନ୍ନ ନିଯୁକ୍ତି ପରୀକ୍ଷା ବାତିଲ ହେବା ପରେ ନିକଟରେ ସରକାରଙ୍କ ନିଦ ଭାଙ୍ଗିଛି। ପରୀକ୍ଷା ବାତିଲ୍ ହେବାର କାରଣ ସଂପର୍କରେ ତଥ୍ୟ ସଂଗ୍ରହ ପାଇଁ ଦାୟିତ୍ୱରେ ଥିବା ବିଭିନ୍ନ ବିଭାଗ ଓ ସଂସ୍ଥାର ଅଧିକାରୀଙ୍କ ଠାରୁ ରିପୋର୍ଟ ମଗାଯାଇଛି। ରାଜ୍ୟର ଯେଉଁ ଯୋଗ୍ୟ ଓ ମେଧାବୀ ପରୀକ୍ଷାର୍ଥୀ ପ୍ରଶ୍ନପତ୍ର ପ୍ରଘଟ ଓ ଅନ୍ୟାନ୍ୟ କାରଣରୁ ସାକ୍ଷାତକାର ସ୍ଥଗିତ ଜନିତ ଭୟଙ୍କର ମାନସିକ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ସରକାରୀ କଳ କସରତରୁ ସେମାନଙ୍କୁ କ'ଣ ମିଳିବ? ●

## ପାଲେଷ୍ଟାଇନ ସାର୍ବଭୌମତ୍ୱକୁ ସ୍ୱୀକୃତିର ପ୍ରାସଙ୍ଗିକତା

ଡ. ପ୍ରଦୀପ କୁମାର ନାୟକ

ଗତ ସେପ୍ଟେମ୍ବର ମାସ ପ୍ରାରମ୍ଭରେ ମିଳିତ ଜାତିସଂଘର ୧୯୩ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରୁ ୧୫୭ଟି ରାଷ୍ଟ୍ର ପାଲେଷ୍ଟାଇନକୁ ଏକ ସାର୍ବଭୌମ ରାଷ୍ଟ୍ର ଭାବେ ସ୍ୱୀକୃତି ଦେଇଛନ୍ତି। ଏକ ସ୍ୱାଧୀନ, ସାର୍ବଭୌମ ଓ ଅଖଣ୍ଡ ପାଲେଷ୍ଟାଇନ ରାଷ୍ଟ୍ର ଗଠନ ପାଇଁ ୧୯୪୮ ସାଲରୁ ନିରନ୍ତର ଜନଆନ୍ଦୋଳନ କରି ଆସୁଥିବା ଅଗଣିତ ପାଲେଷ୍ଟିନୀୟଙ୍କ ସ୍ୱପ୍ନ ସାକାର ହୋଇଛି। ମିଳିତ ଜାତିସଂଘର ସଂକଳ୍ପ ସଂଖ୍ୟା- ୧୮୧(୨), ଯାହାକି ୧୯୪୭ ସାଲ ନଭେମ୍ବର ୨୯ ତାରିଖରେ ଜାତିସଂଘର ସଧାରଣ ପରିଷଦ ଦ୍ୱାରା ଗୃହୀତ ହୋଇଥିଲା, ତାହା ଅନୁଯାୟୀ ପାଲେଷ୍ଟାଇନ ଅଞ୍ଚଳରୁ ଇହୁଦୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଇସ୍ରାଏଲ ୧୯୪୮ ମସିହା ମେ' ମାସ ୧୪ ତାରିଖରେ ସୃଷ୍ଟି କରା ଯାଇଥିଲା। ଉପରୋକ୍ତ ସଂକଳ୍ପରେ ପାଲେଷ୍ଟାଇନ ଅଞ୍ଚଳରେ ଦୁଇଟି ରାଷ୍ଟ୍ର, ଅର୍ଥାତ ଗୋଟିଏ ଇହୁଦୀ ରାଷ୍ଟ୍ର ଏବଂ ଆଉଗୋଟିଏ ଆରବୀୟ ମୁସଲିମ ରାଷ୍ଟ୍ର ସ୍ଥାପନ କରି ଜେରୁଜେଲମକୁ ଆନ୍ତର୍ଜାତିକ ପ୍ରଶାସନ ଦ୍ୱାରା ପରିଚାଳିତ ହେଉ ବୋଲି ଉଲ୍ଲେଖ ରହିଥିଲା। କିନ୍ତୁ ଆରବୀୟ ମୁସଲମାନ ଓ ପାଲେଷ୍ଟିନୀୟମାନେ ଇହୁଦୀ ରାଷ୍ଟ୍ର ଇସ୍ରାଏଲର ସ୍ଥାପନାକୁ ପ୍ରବଳ ବିରୋଧ କରି ମିଳିତ ଜାତିସଂଘର ଦୁଇ-ରାଷ୍ଟ୍ର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେହିଦିନଠାରୁ ଏକ ସ୍ୱତନ୍ତ୍ର ଓ ସ୍ୱାଧୀନ ପାଲେଷ୍ଟାଇନର ସୃଷ୍ଟି ପାଇଁ ପାଲେଷ୍ଟିନୀୟମାନଙ୍କର 'ପାଲେଷ୍ଟାଇନ ଜାତୀୟତାବାଦୀ ଆନ୍ଦୋଳନ' ଆରମ୍ଭ ହୋଇଥିଲା।

ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ (ପାଲେଷ୍ଟାଇନ ୧୯୩୬-୧୯୩୯ ମସିହା ପର୍ଯ୍ୟନ୍ତ) ବ୍ରିଟେନ ଅଧୀନରେ ଏକ ଆଦେଶଭିତ୍ତିକ ଅଞ୍ଚଳ(ମାଣ୍ଡେଟ୍ ଟେରିଟୋରି) ଥିଲା। ତେଣୁ ଏହି ଅଞ୍ଚଳରୁ ବ୍ରିଟେନ ଇସ୍ରାଏଲ ସୃଷ୍ଟି କରିଥିଲା। କିନ୍ତୁ ତତ୍କାଳୀନ ଆରବୀୟ ତୁଙ୍ଗ ନେତୃବୃନ୍ଦ ଯଥା- ମକ୍କାର ଅମୀର ସାରିଫ ହୁସେନ ବିନ ଅଲି ଏବଂ ଜେରୁଜେଲମର ଗ୍ରାଣ୍ଡ ମୁଫତି ମହମ୍ମଦ ଅମିନ ଅଲ ହୁସେନି ଇସ୍ରାଏଲର ସ୍ଥାପନା ବିରୁଦ୍ଧରେ କଡ଼ା ବିରୋଧ କରିଥିଲେ ଏବଂ ଏକ ସ୍ୱତନ୍ତ୍ର ଆରବୀୟ



ରାଷ୍ଟ୍ର ପାଲେଷ୍ଟାଇନ ସ୍ଥାପନ ପାଇଁ ଦୃଢ଼ ଦାବି କରିଥିଲେ। ବିଭିନ୍ନ ଦେଶ, ବିଶେଷତଃ ୟୁରୋପରେ ବାସ କରୁଥିବା ପ୍ରବାସୀ ଇହୁଦୀମାନେ, ବ୍ୟାକୁଳ ହୋଇଥିଲେ ନିଜର ଏକ ମାତୃଭୂମି ପାଇଁ। ଥିଓଡର ହେରଜଲ ନାମକ ଜଣେ ହଙ୍ଗେରୀୟ ସାମ୍ବାଦିକ ତଥା ଆଇନଜ୍ଞ ୧୮ ୯୬ ସାଲରେ ଏକ ସ୍ୱତନ୍ତ୍ର ଇହୁଦୀ ରାଷ୍ଟ୍ରର ପରିକଳ୍ପନା କରିଥିଲେ ଏବଂ 'ବିଶ୍ୱ ଇହୁଦୀ କଂଗ୍ରେସ'ର ସ୍ଥାପନା କରିଥିଲେ। ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଇହୁଦୀ ଜାତିବାଦ ଆନ୍ଦୋଳନ ସାରା ବିଶ୍ୱରେ ଏକ ଶକ୍ତିଶାଳୀ ଜନଆନ୍ଦୋଳନର ରୂପ ନେଇଥିଲା, ଯାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପାଲେଷ୍ଟାଇନ ଅଞ୍ଚଳରେ ଏକ ସ୍ୱତନ୍ତ୍ର ଇହୁଦୀ ରାଷ୍ଟ୍ର ଇସ୍ରାଏଲ ଗଠନ।

ସେହି ସମୟରେ ଆରବୀୟ ମୁସଲମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ପାଲେଷ୍ଟାଇନ ଗଠନ ଦାବି ଜୋର ଧରିଥିଲା ଏବଂ ପାଲେଷ୍ଟେନୀୟ ଜାତୀୟତାବାଦ ଆନ୍ଦୋଳନର ବସ୍ତୁତଃ ଆରମ୍ଭ ହୋଇଥିଲା କହିଲେ ଭୁଲ ହେବନି। ପାଲେଷ୍ଟିନୀୟ ଜାତୀୟବାଦୀ ନେତା ଅହମ୍ମଦ ସୁକେରି ୧୯୬୪ ସାଲରେ 'ପାଲେଷ୍ଟାଇନ ମୁକ୍ତି ସଂଗଠନ' ପ୍ରତିଷ୍ଠା କରିଥିଲେ ଏବଂ୧୯୬୪ ସାଲରୁ ୧୯୬୭ ସାଲ ପର୍ଯ୍ୟନ୍ତ ଏହାର ଅଧ୍ୟକ୍ଷ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ। କିନ୍ତୁ କ୍ଷୋଭର ବିଷୟ ୧୯୬୯ ସାଲରୁ ୟାସେର ଆରାଫତ ପାଲେଷ୍ଟାଇନ ମୁକ୍ତି ସଂଗଠନର ଅଧ୍ୟକ୍ଷ ହେବା ପରେ ସ୍ୱତନ୍ତ୍ର ପାଲେଷ୍ଟାଇନ ଗଠନ ପାଇଁ ହିଂସାକାଣ୍ଡ, ରକ୍ତପାତ ଓ ଆତଙ୍କବାଦର ସୂତ୍ରପାତ ହୋଇଥିଲା। ଆନ୍ଦୋଳନ କ୍ରମଶଃ ସଶସ୍ତ୍ର ସଂଗ୍ରାମରେ ପରିଣତ ହୋଇଥିଲା।

୧୯୭୦ ମସିହାରେ ସ୍ଥାପିତ ଏକ ଉଗ୍ରବାଦୀ ସଂଗଠନ 'ବ୍ଲାକ ସେପ୍ଟେମ୍ବର' ଇସ୍ରାଏଲ ଉପରେ ଚାପ ପକେଇ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ୧୯୭୨ ମସିହା ସେପ୍ଟେମ୍ବର ମାସରେ ପଶ୍ଚିମ ଜର୍ମାନୀର ମ୍ୟୁନିକଠାରେ ଅଲିମ୍ପିକ ଖେଳ ଚାଲିଥିବା ବେଳେ ୧୧ ଜଣ ଇସ୍ରାଏଲୀ ଖେଳାଳିଙ୍କୁ ଅପହରଣ କରି ନେଇ ସେମାନଙ୍କୁ ହତ୍ୟା କରିଥିଲା। ୧୯୪୮ ମସିହାଠାରୁ ଇସ୍ରାଏଲ ଓ ପାଲେଷ୍ଟିନୀୟଙ୍କ ମଧ୍ୟରେ ଯେଉଁ ତିକ୍ତତା ଥିଲା ତାହା ଏହି ଘଟଣା ପରେ ତୀବ୍ର ଶତ୍ରୁତାରେ ପରିଣତ ହେଲା। ୧୯୭୬ ମସିହା ଜୁନ ମାସ ୨୭ ତାରିଖରେ ୨୪୮ ଯାତ୍ରୀଙ୍କୁ ନେଇ ଇସ୍ରାଏଲ୍‌ର ତେଲଆଭିବରୁ ପ୍ୟାରିସ ଯାଉଥିବା ଏୟାର ଫ୍ରାନ୍ସର ଏକ ବିମାନକୁ ପାଲେଷ୍ଟିନୀୟ ଉଗ୍ରବାଦୀମାନେ ଅପହରଣ କରି ଉଗାଣ୍ଡା ଦେଶର ଏଣ୍ଟେବେ ବିମାନ ବନ୍ଦରକୁ ନେଇ ଯାଇଥିଲେ। ୪୦ ଜଣ ପାଲେଷ୍ଟିନୀୟ ବନ୍ଦୀଙ୍କୁ ଇସ୍ରାଏଲ ମୁକ୍ତି ଦେଉ ବୋଲି ଦାବି କରିଥିଲେ। ଇସ୍ରାଏଲ କମାଣ୍ଡୋମାନେ ସେହି ଅପହୃତ ଯାତ୍ରୀମାନଙ୍କୁ ଶେଷରେ ମୁକୁଳାଇ ଥିଲେ।

ଇତିମଧ୍ୟରେ ଆରାଫାତଙ୍କ ନେତୃତ୍ୱରେ ଆନ୍ତର୍ଜାତିକ ସ୍ୱୀକୃତି ନ ଥାଇ ଏକ 'ପାଲେଷ୍ଟାଇନ ଅଥରିଟି' ମଧ୍ୟ ଘୋଷିତ ହୋଇଥିଲା, ଯାହାର ରାଷ୍ଟ୍ରପତି ସେ ନିଜେ ୨୦୦୪ ସାଲ ଯାଏଁ ନିଜର ମୃତ୍ୟୁ ପର୍ଯ୍ୟନ୍ତ ଥିଲେ। ସେ ୧୯୮୮ ମସିହାରେ ଇସ୍ରାଏଲ ଇହୁଦୀ ରାଷ୍ଟ୍ର ରୂପେ ଅଧିକାରରେ ପ୍ରତିକ୍ରିୟା ପ୍ରକାଶ କରି ପୁଣି ଥରେ ପାଲେଷ୍ଟାଇନ ଅଞ୍ଚଳରେ ଦୁଇଟି ରାଷ୍ଟ୍ର ରହିବାର ଅଧିକାରକୁ ଦାବି କଲେ।

ଏକ ସ୍ୱାଧୀନ, ସ୍ୱତନ୍ତ୍ର ଓ ଆନ୍ତର୍ଜାତିକ ସ୍ୱୀକୃତିପ୍ରାପ୍ତ ପାଲେଷ୍ଟାଇନ ସ୍ଥାପିତ ହେଉ ବୋଲି ଇଜିପ୍ଟର ତତ୍କାଳୀନ ରାଷ୍ଟ୍ରପତି ଗାମେଲ ନାସେର, ଜୋର୍ଡାନର ରାଜା ହୁସେନ, ଆରବ ଲିଗ/ ସଂଗଠନ, ଆମେରିକୀୟ -ପାଲେଷ୍ଟିନୀୟ ବୁଦ୍ଧିଜୀବୀ ଏଡୱାର୍ଡ ସେଡ, ଆମେରିକୀୟ ବୁଦ୍ଧିଜୀବୀ ନୋଆମ ଚମସ୍କି, ପାଲେଷ୍ଟିନୀୟ ରାଜନୀତିଜ୍ଞ କର୍ମା ନାବୁଲସି, ଆମେରିକୀୟ ରାଜନୀତି ବିଶେଷଜ୍ଞ ନର୍ମାନ ଫିନକେଲଷ୍ଟେଇନ, ପାଲେଷ୍ଟିନୀୟ ଐତିହାସିକ ରସିଦ ଖାଲିଦି ଓ ଇସ୍ରାଏଲ ଐତିହାସିକ ଇଲାନ ପାପେ ଦୃଢ଼ ସମର୍ଥନ ପ୍ରକାଶ କରିଥିଲେ। କିନ୍ତୁ ଇସ୍ରାଏଲର ବର୍ତ୍ତମାନ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଜୋର୍ଡାନ ନଦୀର ପଶ୍ଚିମରେ କୌଣସି ପାଲେଷ୍ଟାଇନ ତିଷ୍ଠି ରହିବାକୁ ଦିଆଯିବନି ବୋଲି ଜିଦ୍‌ରେ ଅଟଳ ଅଛନ୍ତି। ଅନେକ ବୁଦ୍ଧିଜୀବୀ ମତ ପ୍ରକାଶ କରନ୍ତି ଯେ ଏକ ପାଲେଷ୍ଟାଇନ ଦେଶକୁ ସ୍ୱୀକୃତି ଦେଲେ ହମାସ, ହେଜବୋଲା ଓ ପିଏଲଓ ପରି ଉଗ୍ରବାଦୀ ସଂଗଠନମାନଙ୍କୁ ପ୍ରୋତ୍ସାହିତ କଲା ଭଳି ହେବ। ୨୦୧୨ ମସିହାରେ ମିଳିତ ଜାତିସଂଘର ସଦସ୍ୟମାନେ ସଂଖ୍ୟାଧିକ ଭୋଟ ଦ୍ୱାରା ପାଲେଷ୍ଟାଇନକୁ ଏକ 'ପର୍ଯ୍ୟବେକ୍ଷକ ରାଷ୍ଟ୍ର'ର ମାନ୍ୟତା ଦେଇଥିଲେ। ସେଥିପାଇଁ ପାଲେଷ୍ଟାଇନକୁ ପୂର୍ଣ୍ଣ ରାଷ୍ଟ୍ରର ମର୍ଯ୍ୟାଦା ଦେବା ବିଷୟ ଏକ ନିର୍ଦ୍ଦିଷ୍ଟ ଜାତିର ସ୍ୱପ୍ନକୁ ସାକାର କରିବ। କିନ୍ତୁ ଏହାର ବିରୋଧୀ ରାଷ୍ଟ୍ରମାନଙ୍କୁ ସବୁବେଳେ କ୍ରୋଧାନ୍ୱିତ କରିବ। ●

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭୬୪୪୩୪୧

## ସାର କଷଣର ସଂକେତ

ଜୟନ୍ତ ପଟ୍ଟନାୟକ

ଗତ କିଛିଦିନ ହେଲା ଆମ ଚାଷ ଓ ଚାଷୀର ଅତ୍ୟାବଶ୍ୟକ ପଦାର୍ଥ 'ସାର'କୁ ନେଇ ରାଜ୍ୟ ରାଜନୀତି ସରଗରମ ରହିଛି। ଠିକ୍ ସମୟରେ ପର୍ଯ୍ୟାପ୍ତ ପରିମାଣରେ ସାର ନ ମିଳିବାରୁ ଆମ ରାଜ୍ୟର ଚାଷୀମାନେ ଆନ୍ଦୋଳନ/ବିକ୍ଷୋଭ କରିଆସୁଛନ୍ତି। ସାର ସଂଗ୍ରହ କେନ୍ଦ୍ର ଆଗରେ ଜୋତା, ଆଧାର କାର୍ଡ ବା ଅନ୍ୟ କିଛି ସାମଗ୍ରୀ ଧାଡ଼ିରେ ରଖାଯାଇଥିବା ପରି ଦୃଶ୍ୟ ଦେଖିବାକୁ ମିଳିଛି। ଏଥିରୁ ଚାଷୀମାନଙ୍କର ଆତୁରତା ଓ ଅସହାୟତା ବାରି ହୋଇପଡୁଛି। ମାସ ମାସ ଧରି ଲହୁଲୁହ ଢାଳି ଫଳାଇଥିବା ଫସଲ ଯେତେବେଳେ ସାର ମୁଠାଏ ପାଇଁ ଦୁର୍ବଳ ହୋଇଯାଉଥିବ ସେ କଥା କେବଳ ଚାଷୀ ହିଁ ହୃଦୟଙ୍ଗମ କରିପାରିବ। କିନ୍ତୁ ରାଜନେତା, ପ୍ରଶାସନ ସମସ୍ତେ ନିର୍ବିକାର।

ରାଜନେତାମାନଙ୍କୁ ସାମ୍ବାଦିକମାନେ ଯେତେବେଳେ ପ୍ରଶ୍ନ କଲେ ଉତ୍ତର ମିଳିଲା, ସାର ଯଥେଷ୍ଟ ପରିମାଣରେ ଅଛି। କିନ୍ତୁ ସାଧାରଣ ଚାଷୀର ସାର ବସ୍ତାଏ ପାଇଁ ପ୍ରତୀକ୍ଷାର ଅନ୍ତ ନାହିଁ। ଇଏ ସବୁ ବ୍ୟାପାର ଅନ୍ୟପ୍ରକାର। କଳାବଜାରୀ/କିଳାପୋତେଇ ପାଇଁ ରାସ୍ତା ସଫା କରିବାକୁ ପଡ଼ିବ ନା! ତେଣିକି ଚାଷୀକୁଳର ସମସ୍ୟାର ଯାଏ ଆସେ କେତେ? ଏ ସମସ୍ୟା କେବଳ ଆମ ରାଜ୍ୟର ନୁହେଁ। ସାରା ଦେଶରେ ଶୀତତାପ ନିୟନ୍ତ୍ରିତ କୋଠରି ଭିତରେ କୃଷକକୁଳର ଭାଗ୍ୟ ନିର୍ଦ୍ଧାରଣ ହୁଏ, ସୁଟବୁଟ ପିନ୍ଧା ବାବୁମାନଙ୍କ ଦ୍ୱାରା, ଯିଏ ଦିନେ ଜମି କେମିତି ଦେଖି ନଥା'ନ୍ତି। ତେଣୁ ଯାହା ହେବା କଥା ହୁଏ। ଗତ ୨୨ ସେପ୍ଟେମ୍ବର ୨୦୨୫ରେ ଗଞ୍ଜାମ



ଜିଲ୍ଲା ଦିଗପହଣ୍ଡି ବ୍ଲକ ମଉଳାଭଣଜା ଗ୍ରାମରେ ପଞ୍ଚାୟତ ଘରେ ପଶି ଲୋକମାନେ ୩୦ ବସ୍ତା ସାର ବୋହି ନେଲେ। ବିନା ପଇସାରେ ନୁହେଁ, ପଇସାଦେଇ। ଏକଥା ହେଲା କାହିଁକି? ସାର ଦେଇ ଦେଇଥିଲେ ତ କାମ ସରିଥା'ନ୍ତା। ବୋହିନେବା ଯାଏଁ କଥା ଯାଇଥା'ନ୍ତା କାହିଁକି? ଏଥିପାଇଁ ପ୍ରଶାସନ/କର୍ତ୍ତୃପକ୍ଷ/ପୁଲିସ ସମସ୍ତେ ଦାୟୀ କହିଲେ ଭୁଲ୍ ହେବ ନାହିଁ। ସେଇ ଜିନିଷ ହୋଇଥା'ନ୍ତା। ଖାଲି ଯାହା ନାଁ ପଡ଼ିଲା। ତେଣୁ ବେଳହୁଁ ସାବଧାନ ହେବା ଉଚିତ୍। ଉଲ୍ଲେଖଯୋଗ୍ୟ କେବଳ ଗଞ୍ଜାମ ଜିଲ୍ଲାରେ ୨୭ ମେଟ୍ରିକ୍ ଟନ୍ ସାର ଆବଶ୍ୟକ ହେଉଥିବା ବେଳେ ମାତ୍ର ୦୯ ଟନ୍ ସାର ଉପଲବ୍ଧ ଅଛି।ଏଣେ ସରକାରୀ ହିସାବ ଅନୁଯାୟୀ ରାଜ୍ୟରେ ୭, ୯୪, ୦୦୦ ଟନ୍ ସାର ଉପଲବ୍ଧ ଅଛି। ତା'ହେଲେ ସାରର ଏପ୍ରକାର ଅଭାବୀ ବିକ୍ରୀ କାହିଁକି? ସାର କେନ୍ଦ୍ର ବା ସମବାୟ କାର୍ଯ୍ୟାଳୟରେ ସାର କ୍ରେତାଙ୍କର ଏ ବିକଳ ଧାରଣା କ'ଣ ପାଇଁ?

ଆଜିକାଲି ଆଉ ସେ ଯୁଗ ନାହିଁ ଯେ କେଉଁଠି କ'ଣ ହେଉଛି ବାକି ଲୋକ ଜାଣିପାରିବେ ନାହିଁ। ଆଜିକାଲି ଡିଜିଟାଲର ଦୁନିଆ। ମୋବାଇଲ ଚିପିଲେ ସାରାଦୁନିଆ ଆଖିଆଗରେ ଦିଶିବ। ଯଦି ଅନ୍ନଦାତାଙ୍କ ସହିତ ପାତରଅନ୍ତର କରାଯିବ, ଟାଳଟୁଳ ନୀତି ଆପଣାଯିବ, ତା'ର ଫଳ ଭୟଙ୍କର ହେବ। ସାର ଜବରଦସ୍ତ ନେଇଯିବା କେବଳ ଏକ ସଂକେତ ମାତ୍ର। କଥାରେ ଅଛି, ଉପରେ ପଡ଼ିଲେ ପ୍ରମାଦ, ଗୁରୁ ବ୍ରାହ୍ମଣ ଶିରଚ୍ଛେଦ।' ଅର୍ଥାତ୍ ନିଜ ଉପରକୁ ବିପଦ ଆସିଲେ କେହି ଆଉ ଭଲ-ମନ୍ଦ, ଉଚ୍ଚ-ନୀଚକୁ ଅପେକ୍ଷା ରଖି ପାରେ କି ? ଆପେ ବଞ୍ଚିଲେ ବାପର ନାଁ।

ଭାରତ ସରକାର ଆଜିପର୍ଯ୍ୟନ୍ତ ତାଳଚେର ସାର କାରଖାନାରୁ ଉତ୍ପାଦନ ଦିଗରେ ମନ ଦେଲେ ନାହିଁ।୨୦୧୮ରୁ ୭ବର୍ଷରୁ ଅଧିକ ହୋଇଗଲାଣି। ଅଭାବୀ ଯୋଗାଣ ହେତୁରୁ ସମବାୟ କର୍ମଚାରୀ ଓ ଜନସାଧାରଣଙ୍କ ମଧ୍ୟରେ କଳହର ସୂତ୍ରପାତ ହେଉଛି। ଅନ୍ୟ ଉତ୍ସରୁ ପର୍ଯ୍ୟାପ୍ତ ସାର ଆସିବାର ବ୍ୟବସ୍ଥା ହୋଇପାରିଲା ନାହିଁ। ଯାହା ବା ଅଛି ତା' ଚାଷୀକୁ ସୁବିଧାରେ ନ ଦେଇ କଳାବଜାରୀ ହେଲା। ଟ୨୭୦/ ହେଉଥିବା ସାରବସ୍ତା ଟ୭୦୦ -୮୦୦/-ରେ ବିକ୍ରୀ ହେଲା। ସବୁବେଳେ ତ ଚାଷୀ ଭାଇ ଉପରେ ମାଡ଼। ବର୍ଷସାରା କଷ୍ଟରେ ନିଜ ପିଲାଛୁଆଙ୍କ ମୁହଁରେ ଆହାର ଦେଲା ପରେ ଆଉ କେତେ ବଳିବ ଯେ ଏତେ ଅଧିକ ଦେଇ ସାର କିଣି ପାରିବ?

ସାର ପ୍ରସଙ୍ଗ ଆଗରୁ ଦାଣ୍ଡରେ ପଡ଼ି ହାଟରେ ଗଡୁଥିବା ବେଳେ କଥା ଯାଇ ବିଧାନସଭାରେ ଉଠିଲା। ବିରୋଧୀଦଳ ନେତା ଏଇ ପରିପ୍ରେକ୍ଷୀରେ କେନ୍ଦ୍ର ସାର ମନ୍ତ୍ରୀଙ୍କୁ ରାଜ୍ୟର ସାର ଯୋଗାଣକୁ ସ୍ୱଚ୍ଛଳ କରିବାକୁ ଚିଠି ଲେଖିଛନ୍ତି। ଯେପରି ରାଜ୍ୟର କୃଷକସମାଜ ଠିକଣା ସମୟରେ ସାର ପାଇ କୃଷି କାର୍ଯ୍ୟକୁ ସଠିକ୍ ଭାବରେ ଆଗେଇ ନେବେ ସେଥିଲାଗି ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି। ●

ଭୁବନେଶ୍ୱର, ମୋ: ୯୦୯୦୧ ୯୦୦୬୯

## ରାଇ-ଜଗନ୍ନାଥ ବିବାହ

ସ୍ୱପ୍ନେଶ୍ୱର

**ଲୋକକଥାରେ ଲୋକଦେବତା**

ବଡ଼ପଣ୍ଡା ମହାପ୍ରଭୁଙ୍କର ଜଣେ ସମର୍ପିତ ସେବାୟତ ସହିତ ଥିଲେ ଜଣେ ଅନନ୍ୟ ଭକ୍ତ। ତାଙ୍କର ସାଥୀ ସେବକମାନେ କୁହାକୁହି ହେଉଥିଲେ ଯେ ବଡ଼ପଣ୍ଡାଙ୍କ ସହ ମହାପ୍ରଭୁ ସାଙ୍ଗ ପରି କଥାଭାଷା ହେଉଥିଲେ। ମହାପ୍ରଭୁଙ୍କ କରୁଣାରୁ ବଡ଼ପଣ୍ଡା ଏକ ଅପୂର୍ବ ସୁନ୍ଦରୀ କନ୍ୟା ସନ୍ତାନ ଲାଭ କଲେ। ସେ ସେହି କନ୍ୟାର ନାମ ମହାପ୍ରଭୁ ସବୁଠାରୁ ବେଶୀ ଭଲ ପାଉଥିବା ନାରୀ ଚରିତ୍ର(ରାଧା) ନାମାନୁସାରେ 'ରାଇ'ରଖିଲେ।

ଦିନେ ବଡ଼ପଣ୍ଡା ବାପାଙ୍କ ବାର୍ଷିକ ଶ୍ରାଦ୍ଧ ପୂର୍ବ ଦିନ ସେବା ପରେ ଘରକୁ ଯିବା ପୂର୍ବରୁ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ- 'ସାଆନ୍ତେ! ଆପଣଙ୍କଠାରୁ ବଡ଼ ବନ୍ଧୁ ମୋର ଆଉ କିଏ ଅଛି! ଆପଣଙ୍କ ପାଦ କାଲି ମୋ ଦୁଆରେ ପଡ଼ିଲେ ମୁଁ କୃତାର୍ଥ ମନେ କରନ୍ତି।' ଭକ୍ତବତ୍ସଳ ମହାବାହୁ ତା' ପରଦିନ ଠିକ ସମୟରେ ଭାଇ, ଭଉଣୀ ଓ ଭାରିଯାଙ୍କୁ ନ ଜଣେଇ ପଣ୍ଡାଙ୍କ ଘରେ ପହଞ୍ଚିଗଲେ ଏବଂ ପସନ୍ଦ ମୁତାବକ ଭୁରିଭୋଜନ କଲେ। ବିଶ୍ରାମ ନେବା ବେଳେ ପାଦ ପାଖରେ ବଡ଼ପଣ୍ଡା ହାତ ଯୋଡ଼ି ଠିଆ ହୋଇଥିବାର ଦେଖି ପଚାରିଲେ- 'ପଣ୍ଡାଏ! ଭୋଜନ ତ ବଢ଼ିଆ ହେଲା। ଆଉ କ'ଣ କିଛି କହୁଛ?' ବଡ଼ପଣ୍ଡା କହିଲେ- 'ମହାପ୍ରଭୁ! ମୋର ଏକମାତ୍ର କନ୍ୟା ରାଇ ସୁନ୍ଦରୀ ଯେମିତି ଗୁଣର ସେମିତି। ତା'ର ବିବାହ ବୟସ ହେଲାଣି। ମୁଁ ଆପଣଙ୍କୁ ତା'ର ବର ରୂପେ ମନେମନେ ବରଣ କରିଛି। ଆପଣଙ୍କଠାରୁ ବଡ଼ ବନ୍ଧୁ ମୁଁ ଆଉ କୋଉଠୁ ପାଇବି ସାଆନ୍ତେ?' ତହୁଁ ପ୍ରଭୁ କହିଲେ- 'ଆହେ ପଣ୍ଡାଏ! ମୁଁ ସେ କଥା ଜାଣେ। ତୁମର କନ୍ୟା ଲକ୍ଷ୍ମୀଙ୍କ କଳା ନେଇ ଜନ୍ମ ନେଇଛି। ତାକୁ ମୋ ବ୍ୟତୀତ ଆଉ କେହି ବାହା ହୋଇ ପାରିବେ ନାହିଁ।'

ଭଲ ତିଥିବାର ଦେଖି ରାଇ ସହ ମହାପ୍ରଭୁଙ୍କର ବିବାହ ସମ୍ପନ୍ନ ହୋଇଗଲା। ମନ୍ଦିରରୁ ଲୁଚିଛପି ଯାଇ ପ୍ରଭୁ ରାଇ ସହ ସମୟ ଅତିବାହିତ କରୁଥିବାରୁ ଭାଇ, ଭଉଣୀ ଓ ଲକ୍ଷ୍ମୀ ଏ କଥା ଜାଣି ପାରୁ ନ ଥିଲେ। ସମୟକ୍ରମେ ରାଇ ଗର୍ଭବତୀ ହେଲା। ମହାପ୍ରଭୁ ଜାଣିଥିଲେ ଯେ ମର୍ତ୍ତ୍ୟର ମହିଳାମାନେ ଗର୍ଭବତୀ ଥିବା ବେଳେ ସୁସ୍ୱାଦୁ ଖାଇବାକୁ ଭଲ ପାଆନ୍ତି। ତେଣୁ ଥରେ ସେ ରାଇକୁ ସରାଗରେ ସେ କଥା ପଚାରି ଦେଲେ। ରାଇ କହିଲା- 'ସାଆନ୍ତେ! ସମୁଦ୍ର କୂଳରେ ଆପଣଙ୍କ କୋଳରେ ବସି ଗଜା ମୁଗ, କଦଳୀ ଓ ନଡ଼ିଆ ଚକଟା ଖାଇବାକୁ ମୋର ମନ ହେଉଛି।' ସମୁଦ୍ର କୂଳରେ ରାଇକୁ ଧରି ସାଦ ଖୁଆଇଲେ କଥାଟା ଲକ୍ଷ୍ମୀଙ୍କ କାନକୁ ଚାଲିଯିବ। ତେଣୁ ମହାପ୍ରଭୁ କହିଲେ- 'ରାଇ! ଲକ୍ଷ୍ମୀଙ୍କ ଅଜାଣତରେ ତୋ ସହ ମୋର ବିବାହ ହୋଇଛି। ତୁ ତାଙ୍କୁ ପୂଜା କରି ସନ୍ତୁଷ୍ଟ କରି ତା'ର ଅନୁମତି ନେଇ ଆସିଲେ ଆମର ବେଳାଭୂମି ଲୀଳା ସମ୍ଭବ ହେବ।'

ମହାପ୍ରଭୁଙ୍କ ଆଦେଶାନୁସାରେ ରାଇ ଅଚଳା ଭକ୍ତି ଓ ନିଷ୍ଠାର ସହ ମହାଲକ୍ଷ୍ମୀଙ୍କୁ ଆରାଧନା କଲା। ତା'ର ପୂଜାରେ ଲକ୍ଷ୍ମୀ ସନ୍ତୁଷ୍ଟ ହୋଇ ସ୍ୱଦେହରେ ତା' ସମ୍ମୁଖରେ ଉଭା ହୋଇ ବର ଦେବାକୁ ଇଚ୍ଛା ପ୍ରକାଶ କଲେ। ରାଇ କହିଲା- 'ମାଆ! ଆପଣଙ୍କ ଅଜାଣତରେ ମହାପ୍ରଭୁ ମୋତେ ବିବାହ କରିଛନ୍ତି। ମୁଁ ବର୍ତ୍ତମାନ ଅନ୍ତସତ୍ତ୍ୱା। ମୋତେ ଆପଣଙ୍କ ପରିବାର ସହ ରହିବାକୁ ଅନୁମତି ଦିଅନ୍ତୁ।' ମହାଲକ୍ଷ୍ମୀ ଜାଣିଥିଲେ ଯେ ରସିକପଣିଆ ମହାପ୍ରଭୁଙ୍କର ପୁରୁଷୋତ୍ତମ ତତ୍ତ୍ୱର ଏହା ଏକ ବିଶିଷ୍ଟ ଅଙ୍ଗ। କଥାଟାକୁ ଘାଣ୍ଟଚକଟ କଲେ ତାହା ଜଣେ ନିରୀହା ଯୁବତୀର ପ୍ରଭୁଙ୍କ ପ୍ରତି ଥିବା ଭକ୍ତିକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ତେଣୁ ସେ କହିଲେ- 'ତୋ ସହ ପ୍ରଭୁଙ୍କର ବିବାହ ଏକ ସ୍ଥାନୀୟ ଘଟଣା। ସଚରାଚର ବିଶ୍ୱ ଜାଣେ ଯେ ଭୂଦେବୀ ଓ ମୁଁ ମହାପ୍ରଭୁଙ୍କର ଦୁଇ ପତ୍ନୀ। ତୁମକୁ ପରିବାରରେ ସ୍ଥାନ ଦେଇ ସାରା ବିଶ୍ୱର ବିଶ୍ୱାସକୁ ଆଘାତ ଦେବା ଉଚିତ ହେବ ନାହିଁ। କିନ୍ତୁ ମୁଁ ତୋତେ ବର୍ଷର ବାର ମାସରୁ ମାସେ ପ୍ରଭୁଙ୍କ ସାନ୍ନିଧ୍ୟ ପ୍ରାପ୍ତିର ବର ଦାନ କରୁଛି। ଆଶ୍ୱିନ ମାସର ଶେଷ ପାଞ୍ଚଦିନ ଓ କାର୍ତ୍ତିକ ମାସର ପଞ୍ଚକ ପାଞ୍ଚ ଦିନକୁ ଛାଡ଼ି ପ୍ରଥମ ପଚିଶ ଦିନ ତୁ ମହାପ୍ରଭୁଙ୍କ ସାନ୍ନିଧ୍ୟ ପାଇବୁ। ସେ ସମୟରେ ପ୍ରଭୁ ତୋତେ ସାଦ ଦେଇ ଆପ୍ୟାୟିତ କରିବେ। ପରବର୍ତ୍ତୀ କାଳରେ ହବିଷ୍ୟାଳୀମାନେ ତୋତେ ମହାପ୍ରଭୁଙ୍କ ସହ 'ରାଇଦାମୋଦର ବ୍ରତ' ପାଳନ ନାମରେ ପୂଜା କରିବେ।' ତା'ପରଠାରୁ ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରେ ରାଇ ଦାମୋଦର ବ୍ରତ ପାଳନ କରାଯାଉଛି ଏବଂ ମହାପ୍ରଭୁ ରାଇଦାମୋଦର ବେଶରେ ଦର୍ଶନ ଦେଉଛନ୍ତି। -

(ଶ୍ରୀମନ୍ଦିର ପରମ୍ପରାରେ ରାଧାଙ୍କ ଗୁରୁତ୍ୱକୁ ହ୍ରାସ ପାଇଁ ଏ ଲୋକକଥା ରଚିତ ହୋଇ ଥାଇପାରେ) ●

ମୋ: ୯୯୦୦୦୮୩୪୩୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଥାନା ଭିତରେ ପଶି ପୁଲିସକୁ ପିଟିଲେ


ଆହତ ବୁଲୁ


ଗିରଫ ପ୍ରଦୀପ


ଗିରଫ ସୁଶାନ୍ତ

ଗୋପ,୭।୧୦(ସିମିସ): ଗୋପ ଥାନା ଭିତରେ ପଶି ଦୁଇ ପୁଲିସ ଅଧିକାରୀଙ୍କୁ ପିଟିଲେ ଯୁବକ। ଏଥରେ ଜଣେ ପୁଲିସ ଅଧିକାରୀ ଗୁରୁତର ହୋଇଥିବାବେଳେ ଆଉ ଜଣେ ଆହତ ହୋଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଦୁଇ ଜଣଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ସୋରିଶିଆପଦା ଗ୍ରାମର ପ୍ରଦୀପ ବେହେରା ଓ ଗଣେଶ୍ୱରପୁର ଅଞ୍ଚଳର ସୁଶାନ୍ତ ନାୟକ।

ମଙ୍ଗଳବାର ସନ୍ଧ୍ୟାରେ ଗୋପ ଥାନା ବାୟାକୁଦା ଗ୍ରାମରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିଥିଲା। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ବେଗୁନିଆ ଅଞ୍ଚଳର ଦୁଇ ଜଣଙ୍କୁ ଥାନାକୁ ଆଣିବା ସମୟରେ ଏକ ଗାଡ଼ି ରାସ୍ତା ଉପରେ ଥିଲା। ପୁଲିସ ଗାଡ଼ିଟିକୁ ଥାନାକୁ ଆଣି ରଖିବା ପରେ ସେଇ ଗାଡ଼ିଟିକୁ ନେଉଥିବାବେଳେ ଗୋପ ଥାନା ସୋରିଶିଆପଦା ଗ୍ରାମର ପ୍ରଦୀପ ବେହେରା ଓ ଗଣେଶ୍ୱରପୁର ଅଞ୍ଚଳର ସୁଶାନ୍ତ ନାୟକ ଥାନାରେ ପହଞ୍ଚି ଗାଡ଼ିଟିକୁ ଜୋର୍‌ଜବରଦସ୍ତ ନେଇଯିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଥାନା ଅଧିକାରୀ ବୁଲୁ ସେଠୀ କହିଥିଲେ ଗାଡ଼ିର କାଗଜପତ୍ର ଦେଖାଇ ନେଇଯାଅ। କିନ୍ତୁ ଦୁଇ ଯୁବକ କୌଣସି କଥା ନ ଶୁଣି ଗାଡ଼ିଟିକୁ ନେଇଯିବା ସମୟରେ ବୁଲୁ ସେଠୀ ଗାଡ଼ି କାହିଁକି ନେଇଯାଉଛ ବୋଲି ପଚାରିଥିଲେ। ପ୍ରଦୀପ ବେହେରା ହଠାତ୍ ବୁଲୁଙ୍କୁ ଏକ ଶକ୍ତ ଚାପୁଡ଼ା ମାରି ତଳେ ପକାଇ ଦେଇଥିଲେ। ମାଡ଼ରେ ବୁଲୁ ଗୁରୁତର ହୋଇଥିବାବେଳେ ଆଉ ଜଣେ ପୁଲିସ ଅଧିକାରୀ ବୁଧରାୟ ମାଝୀ ଘଟଣାସ୍ଥଳରେ ପହଞ୍ଚି ବୁଲୁଙ୍କୁ ଉଦ୍ଧାର କରିବା ସମୟରେ ପ୍ରଦୀପ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଦୁଇ ଅଧିକାରୀ ଗୁରୁତର ହୋଇ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ଦୁଇ ଯୁବକଙ୍କୁ ପୁଲିସ ଅଟକ ରଖିବା ସହିତ ଏକ ମାମଲା ରୁଜୁ କରିଛି। ଘଟଣାକୁ ସମଗ୍ର ଅଞ୍ଚଳରେ ନିନ୍ଦା କରାଯାଇଛି।

## ଜିରା ବ୍ରିଜ୍ ନିକଟରୁ ୨ ଡକାୟତ ଗିରଫ

ବରଗଡ଼, ୭।୧୦ (ସମିସ): ଅମ୍ବାପାଳି ଜିରାନଦୀ ବ୍ରିଜ୍ ନିକଟରୁ ମଙ୍ଗଳବାର ବରଗଡ଼ ପୁଲିସ ୨ଜଣ ଡକାୟତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଗୋଟିଏ ପିସ୍ତଲ ଜବତ କରିଛି। ପୁଲିସ୍‌କୁ ଚକ୍‌ମା ଦେଇ ୩ଜଣ ଫେରାର୍ ହୋଇଯାଇଛନ୍ତି। ଗିରଫ ୨ ଡକାୟତ ହେଲେ, କେନ୍ଦ୍ରାପଡ଼ା ଜିଲ୍ଲା ଟାଉନ ଥାନା ଜୟପୁରାର ଏସ୍.କେ ୱାଇଦ ଅଲ୍ଲୀ (୩୫) ଓ ସୋନପୁର ଜିଲ୍ଲା ଏସ୍.ରାମପୁର ଥାନା ବ୍ରହ୍ମାଣୀପାଲିର ତନ୍ମୟ ବାଗ (୨୫)। ଆଜି ସକାଳ ପ୍ରାୟ ୧୧ଟାରେ ଜିରା ନଦୀ ବ୍ରିଜ୍ ନିକଟରେ ୫ ଜଣ ଡକାୟତି ପାଇଁ ଯୋଜନା କରୁଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ବରଗଡ଼ ଏସ୍‌ପି ପ୍ରହ୍ଲାଦ ସାହାଇ ମୀନା ଜାଣିବାକୁ ପାଇଥିଲେ। ଏ ସଂପର୍କରେ ସେ ଟାଉନ୍ ଥାନା ଅଧିକାରୀ ସୁରେନ୍ଦ୍ର ଛତ୍ରିଆଙ୍କୁ ସୂଚନା ଦେବା ପରେ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ବ୍ରିଜ୍ ନିକଟରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ୩ଜଣ ଫେରାର୍ ହୋଇଯାଇଥିବା ବେଳେ ୱାଇଦ୍ ଓ ତନ୍ମୟଙ୍କୁ ପୁଲିସ କାବୁ କରିଥିଲା। ସେମାନଙ୍କଠାରୁ ପୁଲିସ୍ ଗୋଟିଏ ପିସ୍ତଲ, ଗୋଟିଏ ମାଗାଜିନ, ୩ଟି ମୋବାଇଲ ସହ ଅନ୍ୟ ସାମଗ୍ରୀ ଜବତ କରିଥିଲା। ଗିରଫ ୨ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଅନେକ ମାମଲା ରହିଥିବା ଏବଂ ଘଟଣାର ଅଧିକ ତଦନ୍ତ ଜାରି ଥିବା ପୁଲିସ ପକ୍ଷରୁ ପ୍ରକାଶ। ଅପରପକ୍ଷେ, ଦୁଇଦିନ ମଧ୍ୟରେ ସହର ମଧ୍ୟରୁ ୬ଟି ଦେଶୀ ବନ୍ଧୁକ ଜବତ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

## ସମଲେଶ୍ୱରୀ ମନ୍ଦିରର ବଂଶାନୁକ୍ରମିକ ସେବାୟତଙ୍କୁ ଥଇଥାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୭।୧୦ (ସମିସ): ବଲାଙ୍ଗୀର ଜିଲ୍ଲାର ସମଲେଶ୍ୱରୀ ଦେବୀ ମନ୍ଦିରରେ ବଂଶାନୁକ୍ରମିକ ଭାବେ ନିତି ପୂଜା କରିଆସୁଥିବା ଜଣେ ସେବାୟତଙ୍କୁ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟ ଶେଷ ପର୍ଯ୍ୟନ୍ତ ମନ୍ଦିର ସନ୍ନିକଟ ଅଞ୍ଚଳରେ ଥଇଥାନ କରିବା ପାଇଁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଷୟ ଦିଶ୍ରିଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇବା ସହ ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଭକ୍ତମାନଙ୍କୁ ସହାୟତା କରିବାରେ ସେବାୟତଙ୍କ ଅତ୍ୟାବଶ୍ୟକ ଭୂମିକାକୁ ସ୍ୱୀକାର କରି ଅଦାଲତ କହିଛନ୍ତି ଯେ ଆବେଦନକାରୀଙ୍କୁ ଉଚ୍ଛେଦ ପୂର୍ବରୁ ଦେବତ୍ତୋର କର୍ତ୍ତୃପକ୍ଷ ଉପଯୁକ୍ତ ଥଇଥାନ ସୁନିଶ୍ଚିତ କରିବାକୁ ପଡ଼ିବ। ସେହିଭଳି ନିର୍ମାଣ କାର୍ଯ୍ୟ ସମାପ୍ତ ନ ହେବା ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ନିକଟସ୍ଥ ସ୍ଥାନରେ ଥଇଥାନ କରିବା ପାଇଁ ବଲାଙ୍ଗିର ଉପ ଜିଲ୍ଲାପାଳଙ୍କୁ ସକାରାତ୍ମକ ପଦକ୍ଷେପ ନେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଥଇଥାନ କରାନଯିବା ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ବର୍ତ୍ତମାନର ସ୍ଥାନରୁ ସମ୍ପୃକ୍ତ କର୍ତ୍ତୃପକ୍ଷ ବାହାର କରିବେ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

■ ଚର୍ଚ୍ଚାରେ କମାଣ୍ଡର୍‌ଙ୍କ ଚିଠି

## ଅସ୍ତ୍ରଶସ୍ତ୍ର ଛାଡ଼ି ସାଧାରଣ ଜୀବନ ଜିଇଁବାକୁ ଆହ୍ୱାନ

ମାଲକାନଗିରି, ୭।୧୦ (ସମିସ): ମାଓବାଦୀଙ୍କ ଗଡ଼ ଛତିଶଗଡ଼ର 'ମାଡ୍' ମାଓ ଡିଭିଜନ୍‌ର କମାଣ୍ଡର୍‌ଙ୍କ ଏକ ଚିଠି ଏବେ ଚର୍ଚ୍ଚାକୁ ଆସିଛି। ମାଓ କମାଣ୍ଡର 'ରଣୀତା' ସେଥିରେ ମାଓବାଦୀଙ୍କୁ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ସାଧାରଣ ଜୀବନ ଯାପନ କରିବାକୁ ଆହ୍ୱାନ ଦେଇଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ ବର୍ତ୍ତମାନ ସ୍ଥିତିରେ ସମସ୍ତଙ୍କୁ ଶାନ୍ତି ଓ ଆଲୋଚନାର ପଥ ଅନୁସରଣ କରିବା ଉଚିତ। ତେବେ ରଣୀତାଙ୍କ ଦ୍ୱାରା ଜାରି ହୋଇଥିବା ଏହି ପତ୍ରର ସତ୍ୟତା ସ୍ପଷ୍ଟ ହୋଇନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜିଠୁ ଫେସ୍ ସ୍କାନ...

ଡାଟା ମାଧ୍ୟମରେ କରାଯିବ। ଅର୍ଥାତ ୟୁଜର୍ସଙ୍କ ଫେସ୍ କିମ୍ବା ଫିଙ୍ଗରପ୍ରିଣ୍ଟ ସେମାନଙ୍କ ଆଧାର ତଥ୍ୟ ସହ ମେଳ କରାଯିବ। ଏହାପରେ ଯାଇ ପେମେଣ୍ଟକୁ ଅନୁମତି ମିଳିପାରିବ। ବର୍ତ୍ତମାନ ୟୁପିଆଇରେ ୟୁଜର୍ସଙ୍କୁ କାରବାର କରିବା ପାଇଁ ୪ କିମ୍ବା ୬ ଅଙ୍କର ପିନ୍ ଦେବାକୁ ପଡ଼ୁଛି। ନୂଆ ସିଷ୍ଟମ୍‌ଲାଗୁ ହେବା ପରେ ଫେସ୍ ସ୍କାନ କିମ୍ବା ଫିଙ୍ଗରପ୍ରିଣ୍ଟ ସେନ୍ସର ଜରିଆରେ ପେମେଣ୍ଟ ତୁରନ୍ତ ଅଥେଣ୍ଟିକେସନ ବା ଭେରିଫାଏ ହୋଇଯିବ। ଏହାଦ୍ୱାରା ଅଥେଣ୍ଟିକେସନ ସମୟ କମିବ, ସୁରକ୍ଷା ବଢ଼ିବ ଏବଂ ୟୁଜର ଏକ୍ସପିରିଏନ୍ସ ଆହୁରି ସହଜ ହେବ। ବିଶେଷଜ୍ଞଙ୍କ କହିବା ଅନୁସାରେ ବାୟୋମେଟ୍ରିକ ଅଥେଣ୍ଟିକେସନ ଫଳରେ ଠକେଇ ସମ୍ଭାବନା ମଧ୍ୟ କମ୍ ରହିବ। କାରଣ କାହାର ଚେହେରା ଏବଂ ଫିଙ୍ଗରପ୍ରିଣ୍ଟକୁ କପି କରିବା ମୁସ୍କିଲ। ଅବଶ୍ୟ ଡାଟା ସୁରକ୍ଷା ଏବଂ ଗୋପନୀୟତା ସୁନିଶ୍ଚିତ କରିବା ପାଇଁ ଏନପିସିଆଇ ଏବଂ ୟୁଆଇଡିଏଆଇ ମଧ୍ୟରେ ମଜଭୁତ ବୈଷୟିକ ନବାଚାର ପାଳନ କରାଯିବ।

## ସୀମା ଟପିଲାଣି...

ଡକାୟତି, ୨,୫୮୨ ଛିନ୍‌ତାଇ, ୬,୪୦୮ ଚୋରି, ୧୭,୮୦୫ ଚୋରି, ୬,୩୦୭ ଠକେଇ, ୧୪୭୧ ଦଙ୍ଗା, ୩୦୫୪ ବଳାତ୍କାର ଘଟିଛି। ଗତ ୧୦ ମାସରେ ରାଜ୍ୟରେ ସାଢେ ୪ହଜାର ଉପରେ ଦୁଷ୍କର୍ମ ମାମଲା ରାଜ୍ୟର ବିଭିନ୍ନ ଥାନାରେ ରୁଜୁ ହୋଇଛି। ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସାରା ଦେଶର ଆତ୍ମାକୁ ଦୋହଲାଇ ଦେଇଥିବା ବେଳେ ପୁରୀ ଜିଲ୍ଲାର ବାଲିହରଚଣ୍ଡୀ ପୀଠ ନିକଟରେ କିଛି ଦୁର୍ବୃତ୍ତ ବନ୍ଧୁଙ୍କୁ ଗଛରେ ବାନ୍ଧି ତାଙ୍କ ସାମ୍ନାରେ ତାଙ୍କର ବାନ୍ଧବୀକୁ ଗଣଦୁଷ୍କର୍ମ ଘଟଣା ରାଜ୍ୟରେ ପୁଣି ଆଲୋଡ଼ନ ସୃଷ୍ଟି କରିଛି। ଖୋଦ ରାଜଧାନୀର ଛାତି ଉପରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ନିଶା ବଟିକା ଦେଇ ୩ ଜଣ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ସେପ୍ଟେମ୍ବର ୭ରେ ଅନୁଗୋଳର ଭାଲୁଖାଇ ନାଳରୁ ନିଖୋଜ ନାବାଳିକାର ମୃତଦେହ ମିଳିବା ପଛରେ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଅଗଷ୍ଟ ୩୧ରେ ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗାଡ଼ି ଭିତରେ ଗଣଦୁଷ୍କର୍ମ କରି ରାସ୍ତାରେ ଫୋପାଡ଼ି ଦେଇଛନ୍ତି ଦୁର୍ବୃତ୍ତ। ଅଗଷ୍ଟ ୧୮ ରେ ସମ୍ବଲପୁର ଯୁଯୁମୁରା ଥାନା ଅଞ୍ଚଳରେ ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଥିବା ବେଳେ ଅଗଷ୍ଟ ୧୩ରେ ରାଜନଗରରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗଣଦୁଷ୍କର୍ମ ଶିକାର ହୋଇଥିବା ଅଭିଯୋଗ ହୋଇଛି।

## କ୍ଷୋଭ ପ୍ରକାଶ...

ନବୀନ କହିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ପୋଷ୍ଟ କରି ନବୀନ କହିଛନ୍ତି ଯେ ରାଜ୍ୟରେ ପାର୍ବଣ ଉତ୍ସବର ପରିବେଶ ମଧ୍ୟରେ ଭୟର ବାତାବରଣ, ଲୋକେ ନିଜକୁ ଅସୁରକ୍ଷିତ ଭାବିବା ଆରମ୍ଭ କଲେଣି। ନିଜ ଘର ସାମ୍ନାରେ ଠିଆ ହୋଇଥିବା ସମୟରେ ଗଞ୍ଜାମର ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଯେପରି ଗୁଳି କରି ହତ୍ୟା କରାଗଲା ତାହା ଅତ୍ୟନ୍ତ ଜଘନ୍ୟ ଓ ଦୁଃଖଦାୟକ। ଦୁଃଖରେ ଭାଙ୍ଗି ପଡ଼ିଥିବା ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ନବୀନ ଉଲ୍ଲେଖ କରିଛନ୍ତି ଯେ ଏହି ଖବର ସାଧାରଣ ଲୋକଙ୍କୁ ଭୟଭୀତ କରିଦେଇଛି। ସେହିପରି ରାଉରକେଲାରେ ଦୁଷ୍କର୍ମ, କଣାସରେ ଲକ୍ଷ୍ମୀ ବସ୍ ଭିତରେ ଘଟିଥିବା ଅଭାବନୀୟ କାଣ୍ଡ ସାଙ୍ଗକୁ ବାଲେଶ୍ୱରରେ ରାତ୍ରିକାଳୀନ କଟକଣା ସହ ଭାଇଚାରାର ସହର କଟକରେ ସାମ୍ପ୍ରଦାୟିକ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ।

ଅନ୍ୟପକ୍ଷରେ ପୁଲିସ ଏସ୍‌ଆଇ ନିଯୁକ୍ତିରେ ମହାଘୋଟାଲା ଆଶାୟୀ ଯୁବଗୋଷ୍ଠୀଙ୍କ ମନୋବଳ ଭାଙ୍ଗି ଦେଇଥିବା ବେଳେ ସରକାରୀ ନିଯୁକ୍ତିରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବାରେ ମଧ୍ୟ ରାଜ୍ୟର ବିଜେପି ସରକାର ଅସମର୍ଥ ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ଅପରାଧ ରୋକିବା ପାଇଁ ସରକାର କାହିଁକି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ନବୀନ ପ୍ରଶ୍ନ କରିବା ସହ ଲୋକଙ୍କ ସ୍ୱାର୍ଥ ପାଇଁ ସରକାର ତତ୍ପର ଓ ସଜାଗ ହେବା ଜରୁରୀ ବୋଲି ପରାମର୍ଶ ଦେଇଛନ୍ତି।

## ତଥ୍ୟ ମାଗିଲେ...

ତେବେ କିଛି ପୁରୁଣା ଭୋଟର ବି ରହିଛନ୍ତି। କୋର୍ଟ କହିଲେ, ତାହା ହେଲେ ଯେଉଁମାନଙ୍କର ନାମ ଯୋଡ଼ାଯାଇଛି, ସେମାନଙ୍କ ସଂପର୍କରେ ମଧ୍ୟ ତଥ୍ୟ ଦେବାକୁ ପଡ଼ିବ। ସେପ୍ଟେମ୍ବର ୩୦ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି ଏବଂ ସମସ୍ତ ତଥ୍ୟ କମିସନଙ୍କ ପାଖ ।।ରେ ରହିବା ସ୍ୱାଭାବିକ। ତେଣୁ ଆସନ୍ତା ୯ତାରିଖ ସୁଦ୍ଧା ତୁଳନାତ୍ମକ ତଥ୍ୟ ଦାଖଲ କରାଯିବା ଆବଶ୍ୟକ। ଜଷ୍ଟିସ ବାଗଚି କହିଲେ ଯେ ଏସ୍‌ଆଇଆର୍ ମାମଲାରେ କୋର୍ଟ ହସ୍ତକ୍ଷେପ କରିବା ପରେ ସ୍ୱଚ୍ଛତା ବଢ଼ିଛି, କିନ୍ତୁ ବିଭ୍ରାନ୍ତି ରହିଛି। ବିଶେଷ କରି ଯେଉଁମାନଙ୍କର ନାମ ଯୋଡ଼ାଯାଇଛି, ସେମାନଙ୍କୁ ନେଇ ଦ୍ୱନ୍ଦ୍ୱ ରହିଛି। ତେଣୁ ଯୋଡ଼ି ହୋଇଥିବା ଭୋଟରଙ୍କ ନାମ ସହିତ ସେମାନଙ୍କର ପରିଚୟ ସଂପର୍କରେ ତଥ୍ୟର ଯାଞ୍ଚ ଜରୁରି ହୋଇପଡ଼ିଛି।

ଚୂଡ଼ାନ୍ତ ଭୋଟର ତାଲିକାର ବିଶ୍ଳେଷଣରୁ ଜଣାପଡ଼ିଛି ଯେ ମଗଧ ଡିଭିଜନରେ ସର୍ବାଧିକ ଭୋଟର ଯୋଡ଼ି ହୋଇଥିବା ବେଳେ ମୁସଲିମ ବହୁଳ ସୀମାଞ୍ଚଳ ଅଞ୍ଚଳରେ ସର୍ବାଧିକ ଭୋଟରଙ୍କ ନାମ କଟାଯାଇଛି। ଏସ୍‌ଆଇଆର୍‌କୁ ଚାଲେଞ୍ଜ କରି ପିଟିସନ ଦାଖଲ କରିଥିବା ବିଭିନ୍ନ ଦଳ ଓ ସଂଗଠନ ଅଭିଯୋଗ କରିଛନ୍ତି ଯେ ଦଳିତ, ଗରିବ ଓ ମୁସଲିମ ଭୋଟରଙ୍କ ନାମ କାଟିବା ଉଦ୍ଦେଶ୍ୟରେ କ୍ଷମତାସୀନ ଦଳ ଇଙ୍ଗିତରେ ନିର୍ବାଚନ କମିସନ ଏଭଳି ପ୍ରକ୍ରିୟା ଆରମ୍ଭ କରିଥିଲେ। ଶୁଣାଣି ସମୟରେ ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଥିଲେ ଯେ ଏସ୍‌ଆଇଆର୍ ପ୍ରକ୍ରିୟାରେ ଟିକିଏ ବି ତ୍ରୁଟି ହୋଇଥିବା ଧରାପଡ଼ିଲେ, ସମଗ୍ର ପ୍ରକ୍ରିୟାକୁ ରଦ୍ଦ କରିଦିଆଯିବ।

ସୂଚନାଯୋଗ୍ୟ ଯେ ଏସ୍‌ଆଇଆର୍‌କୁ ନେଇ ମାମଲା ସୁପ୍ରିମ କୋର୍ଟଙ୍କ ବିଚାରାଧୀନ ଥିବା ବେଳେ ନିର୍ବାଚନ କମିସନ ଗତକାଲି ବିହାର ବିଧାନସଭା ନିର୍ବାଚନ ଲାଗି ତାରିଖ ଘୋଷଣା କରିଛନ୍ତି। ଆସନ୍ତା ନଭେମ୍ବର ୬ ଓ ୧୧ ତାରିଖରେ ଦୁଇଟି ପର୍ଯ୍ୟାୟରେ ମତଦାନ ହେବ ଏବଂ ୧୪ ତାରିଖରେ ଫଳାଫଳ ଘୋଷଣା କରାଯିବ।

## ପୁଲିସ ସ୍କାନରରେ...

କିଛି ସମୟ ପୂର୍ବରୁ ପୀତବାସଙ୍କ ଫୋନ୍‌କୁ ୪ଟି ନମ୍ବରରୁ କଲ୍ ଆସିଥିଲା। ସେହି ୪ଜଣ ବ୍ୟକ୍ତି କିଏ? ସେମାନଙ୍କ ସହିତ କ'ଣ କଥା ହୋଇଥିଲେ? ଏହି ୪ଜଣଙ୍କ ମଧ୍ୟରେ ରହିଛି କି ଗୁଳିକାଣ୍ଡର ମାଷ୍ଟରମାଇଣ୍ଡ? ଏଭଳି ବହୁ ଦିଗକୁ ଦୃଷ୍ଟିରେ ରଖି ପୁଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପ୍ରୟାସ ଜାରି ରଖିଛି। ଘଟଣାରେ ପୁଲିସ ଏକାଧିକ ଯୁବକଙ୍କୁ ସନ୍ଦେହରେ ଅଟକ ରଖି ଜେରା କରୁଛି। ପୀତବାସଙ୍କ ହତ୍ୟା ପଛରେ କାରଣ କ'ଣ ତାହା ସ୍ପଷ୍ଟ ହୋଇପାରୁନି। ବୃତ୍ତିଗତ ନା ରାଜନୈତିକ କିମ୍ବା ବ୍ୟକ୍ତିଗତ ଅଥବା ପୂର୍ବଶତ୍ରୁତାରୁ ହତ୍ୟା କରାଗଲା ସେନେଇ ପୁଲିସ ଖୋଳତାଡ଼ ଚଳାଇଛି। ଏପରିକି ସେ ସୂଚନା ଅଧିକାର କର୍ମୀ ଭାବେ ଅନେକ ଦୁର୍ନୀତିର ପର୍ଦ୍ଦାଫାସ୍ କରୁଥିବାରୁ ସେ ଦିଗକୁ ନେଇ ମଧ୍ୟ ପୁଲିସ ତଦନ୍ତ କରୁଛି।

ସୋମବାର ବିଳମ୍ବିତ ରାତି ପ୍ରାୟ ୩ଟାରେ ପୀତବାସଙ୍କ ମୃତଦେହକୁ ଏମକେସିଜି ମେଡ଼ିକାଲରେ ବ୍ୟବଚ୍ଛେଦ କରାଯାଇଥିଲା। ବ୍ୟବଚ୍ଛେଦ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ଗୁଳିମାଡ଼ ଯୋଗୁଁ ନୁହେଁ ବରଂ ଛାତିରେ ଗୁଳିମାଡ଼ ପରେ ସେ ଛାନିଆଁ ହୋଇଯାଇଥିଲେ ଏବଂ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ତାଙ୍କର ମୃତ୍ୟୁ ଘଟିଛି। ପୀତବାସଙ୍କ ଡ଼ାହାଣ ଛାତିର ଉପର ଭାଗରେ ଗୁଳି ଭେଦ କରି ସ୍ପାଇନାଲ କଲମ ନିକଟରେ ଅଟକି ରହିଥିଲା। ତାହାକୁ ବ୍ୟବଚ୍ଛେଦ ସମୟରେ ବାହାର କରାଯାଇଥିବା କହିଛନ୍ତି ଏମ୍‌କେସିଜି ମେଡ଼ିକାଲ ଏଫ୍‌ଏମ୍‌ଟି ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ାକ୍ତର ସୁଦୀପା ଦାସ। ଜଣେ ଆଇନଜୀବୀଙ୍କୁ ଏଭଳି ବିଚ୍ ରାସ୍ତାରେ ଗୁଳିମାଡ଼ କରିବା ଘଟଣାକୁ ତୀବ୍ର ନିନ୍ଦା କରାଯାଇଛି। ଏହାକୁ ନେଇ ବୁଧବାର ରାଜ୍ୟବ୍ୟାପୀ ଓକିଲଙ୍କ ପକ୍ଷରୁ କଲମ ଛାଡ ଆନ୍ଦୋଳନର ଡାକରା ଦିଆଯାଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରିଫ କରିବା ସହ ବିଚାର ବିଭାଗୀୟ ତଦନ୍ତ ପାଇଁ ମହଲତ ଦିଆଯାଇଥିବା କହିଛନ୍ତି ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମହୋନ ଦ୍ୱିବେଦୀ।

ଛାତ୍ର ଜୀବନରୁ କମ୍ୟୁନିଷ୍ଟ ଚିନ୍ତାଧାରରେ ପ୍ରଭାବିତ ହୋଇ ପୀତବାସ ଅଖିଳ ଭାରତୀୟ ଛାତ୍ର ଫେଡେରେସନର ଜଣେ ସକ୍ରିୟ କର୍ମୀ ଓ କର୍ମକର୍ତ୍ତା ଭାବେ କାର୍ଯ୍ୟ କରୁଥିଲେ। ଜଣେ ଆଗ ଧାଡ଼ିର ଛାତ୍ରନେତା ଭାବେ ବିଭିନ୍ନ ଶିକ୍ଷାନୁଷ୍ଠାନର ସମ୍ପାଦକ ନିର୍ବାଚିତ ହୋଇଥିଲେ। ପରେ ସକ୍ରିୟ ରାଜନୀତିରେ ପ୍ରବେଶ କରି କଂଗ୍ରେସରେ ସାମିଲ ହୋଇ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଓ ରାଜ୍ୟ ମୁଖପାତ୍ର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ଗତ ନିର୍ବାଚନରେ ସର୍ବାଧିକ ଭୋଟ ପାଇ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଭାବେ ନିର୍ବାଚିତ ମଧ୍ୟ ହୋଇଥିଲେ। ଗତ ସାଧାରଣ ନିର୍ବାଚନ ସମୟରେ ପୀତବାସ ବିଜେପିରେ ଯୋଗଦେଇ ଗୋପାଳପୁର ବିଧାୟକ ତଥା ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ପାଇଁ ପ୍ରଚାର କରି ତାଙ୍କ ନିକଟତର ହୋଇଥିଲେ।

## ରାଜ୍ୟରେ ଆଇନଜୀବୀଙ୍କ...

କ୍ଷତିପୂରଣ ରାଶି ପ୍ରଦାନ ଏବଂ ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ କାଉନସିଲ ତରଫରୁ ଦାବି କରାଯାଇଛି।

ଅନ୍ୟପଟେ, ଜଣେ ଆଇନଜୀବୀଙ୍କୁ ତାଙ୍କ ଘର ସମ୍ମୁଖରେ ଯେପରି ହତ୍ୟା କରାଗଲା, ତାହା ଦୁର୍ଭାଗ୍ୟଜନକ। ଏଣୁ ଆଇନଜୀବୀ ସୁରକ୍ଷା ଆଇନ ଅନୁସାରେ ଆଇନଜୀବୀମାନଙ୍କ ସୁରକ୍ଷା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସରକାରଙ୍କ ନିକଟରେ କାଉନସିଲ ଦାବି ଉପସ୍ଥାପନ କରିଛି। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ବିଚାରପତି, ଆଇନ ମନ୍ତ୍ରୀ ଓ ବାର କାଉନସିଲ ଅଫ୍ ଇଣ୍ଡିଆର ଅଧ୍ୟକ୍ଷଙ୍କୁ ରାଜ୍ୟ ବାର କାଉନସିଲ ପକ୍ଷରୁ ଗୃହୀତ ହୋଇଥିବା ପ୍ରସ୍ତାବ ସଂକ୍ରାନ୍ତରେ ଅବଗତ କରଯାଇଛି। ରାଜ୍ୟ ବାର କାଉନସିଲର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ସ୍ୱର୍ଗତ ପଣ୍ଡାଙ୍କ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ମଧ୍ୟ ଜ୍ଞାପନ କରିଛନ୍ତି। ଏହି ହତ୍ୟା ଘଟଣାକୁ ବାର କାଉନସିଲ ଅଫ ଇଣ୍ଡିଆ (ବିସିଆଇ) ମଧ୍ୟ ନିନ୍ଦା କରିଛି। ଏନେଇ ବିସିଆଇ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି। ରାଜ୍ୟ ବାର କାଉନସିଲର ଜଣେ ସଦସ୍ୟଙ୍କୁ ଗୁଳି କରି ହତ୍ୟା କରାଯିବା ନେଇ ସମଗ୍ର ଦେଶରେ ଆଇନଜୀବୀ ମାନେ ସ୍ତବ୍ଧ। ଏଣୁ ଏହି ଘଟଣାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପୂର୍ବକ ଦୋଷୀକୁ ଗିରଫ କରିବା ସହ ୭୨ଘଣ୍ଟା ମଧ୍ୟରେ ଏହାର ସ୍ଥିତି ସମ୍ପର୍କରେ ଜଣାଇବାକୁ ବିସିଆଇ କହିଛି।

## ଘାସିରାମ କଂଗ୍ରେସର...

ପ୍ରାର୍ଥିତ୍ୱ ସମ୍ପର୍କରେ ବିଧିବଦ୍ଧ ସୂଚନା ଦିଆଯାଇଛି। ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଘାସିରାମ ମାଝୀ ୫୦ ହଜାର ୯୪୧ ଖଣ୍ଡ ଭୋଟ ପାଇଥିଲା ବେଳେ କଂଗ୍ରେସ ପ୍ରାର୍ଥୀ ତଥା ତତ୍କାଳୀନ ପିସିସି ସଭାପତି ଶରତ ପଟ୍ଟନାୟକ ୧୫ ହଜାର ଭୋଟ ପାଇଥିଲେ। ଏହି ଦୁଇଜଣଙ୍କ ଭୋଟ୍ ମିଶାଇଲେ ୬୫ ହଜାର ଭୋଟ୍ ହେଉଛି। ମାତ୍ର ଏହି ଆସନରୁ ୨୦୨୪ରେ ନିର୍ବାଚନ ଜିତିଥିବା ରାଜେନ୍ଦ୍ର ଢୋଲକିଆ ୬୧ ହଜାର ଭୋଟ ପାଇ ବିଜୟୀ ହୋଇଥିଲେ। କଂଗ୍ରେସ ଘାସିରାମଙ୍କୁ ଏଠାରୁ ପ୍ରାର୍ଥୀ କରିବା ସହ ପ୍ରଥମ ରାଜନୈତିକ ଦଳ ଭାବେ ଏହି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଅନ୍ୟପଟେ ଗତ କିଛି ଦିନ ପୂର୍ବରୁ ଘାସିରାମ ମାଝୀଙ୍କୁ ନୂଆପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଭାବେ ମଧ୍ୟ ନିଯୁକ୍ତ କରାଯାଇଛି। ଏହିସବୁ ଦିଗକୁ ଆଧାର କରି କଂଗ୍ରେସ ଏହି ଆସନ ଦଖଲ କରିବା ନେଇ ସମ୍ପୂର୍ଣ୍ଣ ଆଶାବାଦୀ ରହିଛି।

ଘାସିରାମଙ୍କୁ ପ୍ରାର୍ଥୀ କରିବା ସହ ଦଳ ସୋମବାର ସେଠାରେ ନ୍ୟାୟ ସମାବେଶ କରିଛି। ସେଠାରେ ପିସିସି ସଭାପତି ଆଗୁଆ ଘାସିରାମଙ୍କ ସପକ୍ଷରେ ଭୋଟ୍‌ଭିକ୍ଷା ମଧ୍ୟ କରିଦେଇଛନ୍ତି। ଏହି ସମାବେଶରେ ଭକ୍ତ କହିଛନ୍ତି ଯେ ଅନ୍ୟ ଦଳ ଭଳି କଂଗ୍ରେସ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିର୍ବାଚନ ଲଢ଼ିବ ନାହିଁ। ଘାସିରାମ ମାଝୀ ଜଣେ ଅତ୍ୟନ୍ତ ପରୋପକାରୀ ଏବଂ ସାମାଜିକ ନ୍ୟାୟ ପାଇଁ ସଂଘର୍ଷଶୀଳ ନେତା। ଆମେ ସମସ୍ତେ ମିଶି ଲଢେଇ କରି ଜନସାଧାରଣଙ୍କ ପ୍ରିୟ ଭାଜନ ହୋଇ କଂଗ୍ରେସକୁ ଜୟଯୁକ୍ତ କରିବୁ।

## କାତ ପାଉନାହିଁ...

ବ୍ୟବସ୍ଥା କରାଯାଇଛି; ଅଥବା ପରୀକ୍ଷା ପରିଚାଳନାକୁ ଆଇଟିଲିମିଟେଡ୍‌କୁ ପ୍ରଦାନ କରି ଓପିଆର୍‌ବି ଏହାର ତତ୍ତ୍ୱାବଧାନରେ ଅତ୍ୟନ୍ତ ଦାୟିତ୍ୱହୀନ ଆଚରଣ ପ୍ରଦର୍ଶନ କରିଛି। ପରୀକ୍ଷା ପ୍ରଶ୍ନ ଅଭ୍ୟାସ ପାଇଁ ଯାଉଥିବା ପରୀକ୍ଷାର୍ଥୀମାନଙ୍କଠାରୁ ଏଯାଏ ଯେଉଁ ତଥ୍ୟ ମିଳିଛି ତାହା କ୍ରାଇମବ୍ରାଞ୍ଚକୁ କେବଳ ଶଙ୍କର ପୃଷ୍ଟି ଓ ମୁନା ମହାନ୍ତି ପର୍ଯ୍ୟନ୍ତ ପହଞ୍ଚାଇବାକୁ ସମର୍ଥ ହୋଇଛି। ମାତ୍ର କାହା ଛତ୍ରଛାୟାରେ ଥାଇ ଶଙ୍କର ଓ ମୁନା ଏପରି ଏକ ଜଘନ୍ୟ କାଣ୍ଡ ଘଟାଇବାକୁ ସମର୍ଥ ହୋଇଛନ୍ତି, ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ ସୂଚନା ପାଇନାହିଁ। ତେବେ ଏହି ଘଟଣାରେ ସମ୍ପୃକ୍ତ କୁହାଯାଉଥିବା ଆଉ ୨ ଜଣଙ୍କୁ କ୍ରାଇମବ୍ରାଞ୍ଚ ବ୍ରହ୍ମପୁର ଓ ଭୁବନେଶ୍ୱରରୁ ଉଠାଇ ଆଣିଛି। ଏମାନେ ଚାକିରି ପାଇଁ ପିଲା ଯୋଗାଡ଼ ଦାୟିତ୍ୱ ନେଇଥିବା ସୂଚନା ମିଳିଛି। ତେବେ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥା ସହ ଓପିଆର୍‌ବିର କିଛି କର୍ମଚାରୀଙ୍କ ସମ୍ପର୍କ ଥିବା ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ ସୁରାକ ପାଇଛି। ପରୀକ୍ଷା ପରିଚାଳନା ଦାୟିତ୍ୱ ପାଇଥିବା ସିଲିକନ୍ ଟେକ୍ ଏବଂ ପଞ୍ଚସଫ୍ଟ ଟେକ୍ନୋଲୋଜିର ଅଫିସକୁ କିଛି ପୁଲିସ ଅଧିକାରୀ ନିୟମିତ ଯାଉଥିବା ସଂକ୍ରାନ୍ତ ସୂଚନା ଉପରେ ମଧ୍ୟ କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି।

ସରକାରୀ ନିଯୁକ୍ତି ପରୀକ୍ଷା ପରିଚାଳନା ଦାୟିତ୍ୱ ଆଉଟସୋର୍ସିଂ କମ୍ପାନୀକୁ ନ ଦେବା ଲାଗି ଗତ ମାସ ୨୨ ତାରିଖରେ ରାଜ୍ୟ ସରକାର ନିର୍ଦ୍ଦେଶ ଜାରି କରିଥିଲେ। ଏହି ସମୟରେ ଓପିଆର୍‌ବି ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ସିଲିକନ୍ ଟେକ୍‌ଲାବ ଓ ପଞ୍ଚ ସଫ୍ଟ ସମ୍ପର୍କରେ କାହିଁକି ସମୀକ୍ଷା କଲାନାହିଁ ବୋଲି ପ୍ରଶ୍ନ ଉଠିଛି। ସେହିପରି ପୁଲିସ ସବ୍ ଇନ୍ସପେକଟର ପାଇଁ ଥିବା ପରୀକ୍ଷା ଢାଞ୍ଚାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ପୂର୍ବରୁ ଓଡିଶା ଷ୍ଟାଫ୍ ସିଲେକସନ୍ କମିଶନ ଏସ୍‌ଆଇ ପରୀକ୍ଷା କରୁଥିଲା। ଏଥିରେ ପ୍ରିଲିମନାରୀ, ଫିଜିକାଲ ଟେଷ୍ଟ , ମେନ୍ ପରେ ମୌଖିକ ଏବଂ ଭଏସ କରାଯାଇ ଫାଇନାଲ ତାଲିକା ପ୍ରକାଶ କରାଯାଉଥିଲା। ମାତ୍ର ଏବେ କେବଳ ଗୋଟିଏ ଲିଖିତ ପରୀକ୍ଷା ପରେ ଶାରିରୀକ ପରୀକ୍ଷା କରାଯାଇ ଏସଆଇ ନିଯୁକ୍ତିକୁ ନେଇ ପ୍ରଶ୍ନ ଉଠିଛି।

## ହଟିଲା କର୍ଫ୍ୟୁ...

ରଖାଯାଇଛି। ସହରରେ ଶାନ୍ତି ଓ ଭାଇଚାରା ବଜାୟ ରଖିବାକୁ ପୁଲିସ କମିଶନର ଏସ. ଦେବଦତ୍ତ ସିଂ ନିବେଦନ କରିଛନ୍ତି। ଡିସିପିଙ୍କ କାର୍ଯ୍ୟାଳୟରେ ପୁଲିସ କମିଶନର ଦେବଦତ୍ତ ସିଂ କହିଛନ୍ତି ଯେ କଟକରେ ଏବେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ଏହାକୁ ଦୃଷ୍ଟିରେ ରଖି କର୍ଫ୍ୟୁକୁ ହଟାଇ ଦିଆଯାଇଛି। ୩୬ଘଣ୍ଟା ସମ୍ପୂର୍ଣ୍ଣ ଭାବେ ଶାନ୍ତିପୂର୍ଣ୍ଣ ଭାବେ ବିତିଛି। ପରିସ୍ଥିତିର ଅନୁଧ୍ୟାନ କରାଯାଉଛି। ବିଭିନ୍ନ ସ୍ଥାନଗୁଡ଼ିକରେ ପୁଲିସର ପାଟ୍ରୋଲିଂ ଜାରି ରହିବ। ସୋସିଆଲ ମିଡିଆକୁ ସ୍ୱତନ୍ତ୍ର ଭାବେ ମନିଟରିଂ କରାଯାଉଛି। ଯେକୌଣସି ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିଲେ, ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନର ଶ୍ରୀ ସିଂ ଚେତାବନୀ ଦେଇଛନ୍ତି।

ଡିସିପିଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ସେଲ୍ କାର୍ଯ୍ୟକ୍ଷମ ହେଉଛି। ସେଠାରେ ଫେସବୁକ୍, ଇନ୍‌ଷ୍ଟାଗ୍ରାମ, ହ୍ୱାଟସଆପ୍ ଏବଂ ଏକ୍ସ ଆକାଉଣ୍ଟଗୁଡ଼ିକୁ ଯାଞ୍ଚ କରାଯାଉଛି। ଅପପ୍ରଚାରକାରୀଙ୍କ ଉପରେ ପୁଲିସ ସ୍ୱତନ୍ତ୍ର ଦୃଷ୍ଟି ରଖିଛି। ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ କହିବା ଅନୁଯାୟୀ, ଆଗକୁ କାଳୀପୂଜା ଓ କାର୍ତ୍ତିକେଶ୍ୱର ପୂଜା ଆସୁଥିବା ବେଳେ ଏହାକୁ ଶାନ୍ତିପୂର୍ଣ୍ଣ ଭାବେ କରାଯିବା ନେଇ କଟକ ମହାନଗର ଶାନ୍ତି କମିଟି ଓ ପୂଜା କମିଟିଗୁଡ଼ିକ ସହ ଆଲୋଚନା କରାଯିବ। ଯେପରି ଏଭଳି ପରିସ୍ଥିତି କେବେ ନ ଉପୁଜେ, ସେଥିପାଇଁ ସମସ୍ତ ପ୍ରସ୍ତୁତି କରାଯିବ ବୋଲି ଡିସିପି କହିଛନ୍ତି।

## ସରକାରଙ୍କ ସିନ୍ଦୁକରେ...

ମାତ୍ର ୭.୬ ପ୍ରତିଶତ ରହିଛି। ପଞ୍ଚାୟତିରାଜ ଓ ପାନୀୟ ଜଳ, ଶିଳ୍ପ, ଏମଏସଏମଇ, ଗ୍ରାମ୍ୟ ଉନ୍ନୟନ ଇସ୍ପାତ ଓ ଖଣି, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଇଲେକ୍ଟ୍ରୋନିକ୍ସ ଓ ଆଇଟି, ଜଳସମ୍ପଦ, ବାଣିଜ୍ୟ, ପର୍ଯ୍ୟଟନ ପରି ବିଭାଗ ଗୁଡ଼ିକର ଖର୍ଚ୍ଚ ୨୫ ପ୍ରତିଶତରୁ କମ୍ ରହିଛି। ଏହିସବୁ ବିଭାଗ ଗୁଡ଼ିକ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା କାର୍ଯ୍ୟାନ୍ୱୟନ ସହ ଭିତ୍ତିଭୂମି ବିକାଶ ଏବଂ ସାମାଜିକ କ୍ଷେତ୍ରରେ ବ୍ୟୟ ବୃଦ୍ଧି ପାଇଁ ବଡ଼ ଭୂମିକା ଗ୍ରହଣ କରିଥାନ୍ତି। ମାତ୍ର ଏସବୁ ବିଭାଗ ଗୁଡ଼ିକର ପ୍ରଦର୍ଶନ ଆଦୌ ସନ୍ତୋଷଜନକ ନୁହେଁ। ସରକାରଙ୍କୁ ଯଥାଶୀଘ୍ର ଏଦିଗରେ ଆତ୍ମସମୀକ୍ଷା ଜରୁରୀ ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି। ତେବେ ଏହି ଅବଧି ମଧ୍ୟରେ ଅର୍ଥ, ପୂର୍ତ୍ତ, ଅବକାରୀ, ସ୍କୁଲ ଓ ଗଣଶିକ୍ଷା, କୃଷି, ମହିଳା ଓ ଶିଶୁ ବିକାଶ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ପରି ବିଭାଗ ଗୁଡ଼ିକ ଭଲ ପ୍ରଦର୍ଶନ କରିଛନ୍ତି। ଏପରିକି କେତେକ ବିଭାଗ ନିର୍ଦ୍ଧାରିତ ୪୦ ପ୍ରତିଶତ ଅର୍ଥ ଖର୍ଚ୍ଚ ସୀମାକୁ ମଧ୍ୟ ଅତିକ୍ରମ କରିଥିବା ଜଣାପଡ଼ିଛି। ଆସନ୍ତା ଡିସେମ୍ବର ସୁଦ୍ଧା ସରକାର ମୋଟ ବଜେଟ ଆବଣ୍ଟିତ ଅର୍ଥର ୬୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଯାବତ୍ ମାତ୍ର ୨୭ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଥିବା ବେଳେ ଆସନ୍ତା ୪ ମାସରେ ୩୩ ପ୍ରତିଶତ ଅର୍ଥ କିପରି ଖର୍ଚ୍ଚ ହୋଇପାରିବ, ସେନେଇ ଅର୍ଥନୀତି ବିଶେଷଜ୍ଞ ଚିନ୍ତା ପ୍ରକଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ଅର୍ଥ ବିଭାଗ ସମ୍ଭାଳୁଥିବାରୁ ପ୍ରତିଟି ବିଭାଗର ପ୍ରଦର୍ଶନକୁ ନିଜେ ତଦାରଖ କରିବା ଜରୁରୀ। ବିଶେଷକରି ବିଭାଗଗୁଡ଼ିକ ଅର୍ଥ ଖର୍ଚ୍ଚ କରିବାରେ କେଉଁଠି ପ୍ରତିବନ୍ଧକର ସାମ୍ନା କରୁଛନ୍ତି, ତାହାର ଚିହ୍ନଟ ସହ ନିରାକରଣ ଯଥାସମ୍ଭବ ହେବା ଆବଶ୍ୟକ। ନହେଲେ ବଜେଟ ଆକାର ବୃଦ୍ଧିର କୌଣସି ଅର୍ଥ ରହିବ ନାହିଁ ବୋଲି ଅର୍ଥନୀତି ମହଲରେ ମତପ୍ରକାଶ ପାଇଛି।

**AFFIDAVIT**
I RADHA NARAYANSETTY, W/O.: SANTOSH KUMAR NARAYANSETTY, AT-SHRIDISAI NAGAR, PO/PS/DIST- NABARANGPU-764059, DECLARE BY THIS AFFIDAVIT NO - 33160, DATE- 06.10.2025. THAT NOW ONWARDS, I SHALL BE KNOWN AS **RADHA GEMBALI** FOR ALL FUTURE PURPOSES.

**AFFIDAVIT**
I, Priti Ranjan Das, S/o-Kshirod Prasad Das, resident at Naulo, Po/ Arodai,Ps- Tirtol, Dist- Jagatsinghpur, Pin-754138 Odisha declare by this affidavit No. 1577, dtd-06/10/2025 that my wrong name in passport is corrected from Pritiranajan das to **Priti Ranjan Das.**

**AFFIDAVIT**
I ALLHADINI DASH, W/o. RADHA KRISHNA DASH resident of Main Road, PO.- Kolnara, Ps.- Chandili, Dist.- Rayagada, Pin - 765017, Odisha declare by this Affidavit No. 1467, Dated - 03/10/2025, that now onwards I shall be known as **ALHADINI DASH** for all future purpose.

**AFFIDAVIT**
By virtue of an affidavit sworn before Notary Public, Bhubaneswar, on dated 06.10.2025, I Daka Behera S/o- Sibaram Behera resident at Haladipadia Basti, Po- Laxmisagar, Bhubaneswar, Dist- Khurda, Odisha, PIN-751006, declare that I have changed my name from Dak Behera to Daka Behera. Henceforth, He shall be known as **DAKA BEHERA** for all future purposes.

**Notice (for Minor)**
By virtue of an affidavit sworn before Executive Magistrate, Keonjhar, dated 10th September 2025. I, **Deepak Dehury,** Address: At/Po-Khuntapada, Ps-Telkoi, Dist-Keonjhar, Odisha, India, Pin Code-758019 declare that I have changed the name of my daughter from **Ruby Dehury** to **Khusi Dehury.** Henceforth, she shall be known as Khusi Dehury for all purposes.
**Sd/- Deepak Dehury**

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
I, Ajaya Kumar Chhotaray, aged about 45 years, S/o-nimei Charan Chhotray, resident of At-Kadalibari, Po- Daleiput, Ps- Khurda Sadar, Dist-Khurda, Odisha, Pin-752056 declare by this affidavit No. 2023, dtd-06/10/2025, that now onwards I shall be known as **AJAY KUMAR CHHOTRAY** for all future purposes.

**AFFIDAVIT**
By virtue of an affidavit vide No.3734, sworn before the Executive Magistrate and Tahasildar, Basta, Balasore, on dtd- 25/09/2025, I, Husani Khan W/O- Mahibu Khan of At/Po-Lachhmankhunta, Ps- Basta, Dist- Balasore, declare that in ROR vide Mouza-Lachhmankhunta, Ps- Basta Khata No. 341 mentioned as Hossain Khan, W/O- Majabu Khan. Both Husani Khan W/O-Mahibu Khan and Hossain Khan W/O- Majabu Khan of above mentioned address is same and one person for all future propose.

**AFFIDAVIT**
By virtue of an affidavit before The Executive Magistrate, Titilagarh, on dated- 24/03/2025. I, **Sushree Sangita Mishra,** aged about 33 years, W/O-Babuli Kumar Sarangi, D/O-Naba Kishor Mishra, resident of AT/PO/PS: Titilagarh (Hatpada Pada), Dist- Bolangir, (Odisha), PIN- 767033 declare that I have changed my name from **Sangita Sarangi** (old name) to **Sushree Sangita Mishra** (new name). Henceforth, I shall be known as **Sushree Sangita Mishra** (new name) for all purposes.
**Sushree Sangita Mishra**

**AFFIDAVIT**
I, Shaik Haidar Ali, S/o-Sekh Ajagar Alli, resident of At/Po-Rasulpur, Dist-Jagatsinghpur, PIN-754104, Odisha declared by this affidavit No. 70AA 787471, dtd-03/10/2025 that now onwards I shall be known as **SK HAIDER ALI** for all future purposes.

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIBBS 2025044, ତା.25.09.2025ରିଖ
**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ କଟକ ରେଳ ଷ୍ଟେସନ ଠାରେ ୟାର୍ଡ଼ R1 ଠାରୁ R5 ପର୍ଯ୍ୟନ୍ତ ବାଲାଷ୍ଟ ବିହୀନ (Ballast less)ଟ୍ରାକ୍‌ର ନିର୍ମାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 1999.38 ଲକ୍ଷ, EMD (ଟଙ୍କାରେ): 11,49,700/-, କାର୍ଯ୍ୟଶେଷ ହେବା ଅବଧି: 12 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.28.10.2025 ରିଖ 1200 ଘଣ୍ଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭାଗ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-123/CI/25-26

**AFFIDAVIT**
I, Shaik Didar Ali, S/o-Sk Haider Ali, resident of At/Po- Rasulpur, Dist-Jagatsinghpur, PIN-754104, Odisha declared by this affidavit No. 70AA 787470, dtd-03/10/2025 that now onwards I shall be known as **SHAIKH DIDAR ALI** for all future purposes.





### ବଣବୁଦାରେ ଲୁଚି ଗଲାଣି ଚିତ୍ରକଳା

# ଶିରି ହରାଇଲାଣି ସୁନ୍ଦରୀ ସହର

ଭୁବନେଶ୍ୱର,୭।୧୦(ସମିସ): ପୂର୍ବ ସରକାର ସମୟରେ ସଜେଇ ହୋଇଥିଲା ରାଜଧାନୀ। ସହରର ଛକରୁ ଆରମ୍ଭ କରି ଗଳି କନ୍ଦିରେ ସୌନ୍ଦର୍ଯ୍ୟୀକରଣ ସାଙ୍ଗକୁ କାନ୍ଥବାଡ଼ ବଖାଣୁଥିଲା କଳା ସଂସ୍କୃତିର ଗାଥା। କେଉଁଠି ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଚିତ୍ର ଅଙ୍କାଯାଇଥିଲା ତ ଆଉ କେଉଁଠି ଜାତୀୟ ଓ ଆନ୍ତର୍ଜାତୀୟ ଖେଳାଳିଙ୍କ ପ୍ରତିଭା ପ୍ରଦର୍ଶନ କରାଯାଇଥିଲା। ଏହାସହ ଓଡ଼ିଆ ଭାଷାକୁ ସମ୍ମାନ ଜଣାଇ କାନ୍ଥବାଡ଼ରେ ଚିତ୍ରିତ ହୋଇଥିଲା ବର୍ଣ୍ଣବୋଧ ଠାରୁ ଆରମ୍ଭ କରି ଓଡ଼ିଆ ଭାଷାରେ ଲେଖାଥିବା ଅନେକ ସଚେତନତା ବାର୍ତ୍ତା। ସେହିପରି ଅନେକ ସ୍ଥାନରେ ଶୋଭା ପାଉଥିଲା ଜନଜାତି କଳାକୃତି ଅବା ଟ୍ରାଇବାଲ ଆର୍ଟ। ହେଲେ ଏହିସବୁ ଆଉ ସୌନ୍ଦର୍ଯ୍ୟ ବୃଦ୍ଧି କରୁନାହିଁ ବରଂ ଆବଶ୍ୟକ ରକ୍ଷଣାବେକ୍ଷଣ କରା ନ ଯିବାରୁ ବଣବୁଦାରେ ଲୁଚିଗଲାଣି।



ଭୁବନେଶ୍ୱରକୁ ବିଦେଶୀକୁ ଆକର୍ଷିତ କରିବା ପାଇଁ ସଜେଇ ହୋଇଥିଲା ସହରର କାନ୍ଥବାଡ଼। ପ୍ରମୁଖ ରାଜନୈତିକ ବ୍ୟକ୍ତିତ୍ୱ ଠାରୁ ଆରମ୍ଭ କରି କ୍ରୀଡ଼ାବିତ୍, କଳାକାରଙ୍କ ସମେତ ବିଭିନ୍ନ ପର୍ଯ୍ୟଟନସ୍ଥଳୀର ଚିତ୍ର ଅଙ୍କା ଯାଇଥିଲା। ପଶୁ, ପକ୍ଷୀ, ପ୍ରାକୃତିକ ସୌନ୍ଦର୍ଯ୍ୟ, ସାହିତ୍ୟିକ ଓ କଣ୍ଠଶିଳ୍ପୀଙ୍କ ମଧ୍ୟ ରାଜଧାନୀ କାନ୍ଥରେ ଦେଖିବାକୁ ମିଳିଥିଲା। କେବଳ ଚିତ୍ର ନୁହେଁ ଅନେକ ସ୍ଥାନରେ ମୋଟିଭେସନାଲ୍ ଆର୍ଟ ସାଙ୍ଗକୁ ସ୍ୱାସ୍ଥ୍ୟ, ଶିକ୍ଷା ସଚେତନା ଓ ସାମାଜିକ ସଚେତନତା ଉପରେ ଆଧାରିତ ଶିକ୍ଷଣୀୟ ବାର୍ତ୍ତାବହ ପାଲଟିଥିଲା ଚିତ୍ର। ସହରର ପ୍ରମୁଖ ରାସ୍ତା ସହ ବାଣୀବିହାର, ଆଚାର୍ଯ୍ୟବିହାର, ଜୟଦେବ ବିହାର, ବରମୁଣ୍ଡା, ରସୁଲଗଡ଼ ଆଦି ଫ୍ଲାଏଓଭର ତଳେ ମଧ୍ୟ ଅନେକ କଳାକୃତି ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିଥିଲା। ସେହିକ୍ରମରେ ବାମପାଶ୍ୱର୍ ସମାନ୍ତରାଳ ରାସ୍ତାର ଉଭୟ ପାଶ୍ୱର୍ରେ ମଧ୍ୟ ଅନେକ ପ୍ରତିଷ୍ଠିତ ଚିତ୍ରଶିଳ୍ପୀଙ୍କ ଦ୍ୱାରା ଭଳି କି ଭଳି ଚିତ୍ରାଙ୍କନ କରାଯାଇଥିଲା। ଏହି ରାସ୍ତା ରାଜଧାନୀର ସବୁଠାରୁ ଆକର୍ଷଣୀୟ ହୋଇଥିବା ବେଳେ ଯୁବଗୋଷ୍ଠୀଙ୍କ ମନୋରଞ୍ଜନର ପେଣ୍ଠସ୍ଥଳୀ ପାଲଟିଛି। ଏହି ରାସ୍ତାର ଉଭୟ ପାଶ୍ୱର୍ରେ କାନ୍ଥରେ ଚିତ୍ର ବିଚିତ୍ର କାହାଣୀ ଗୁଡ଼ିକ ରାସ୍ତାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣା କରିଥିଲା। କିନ୍ତୁ ଦିନ କେଇଟା ପରେ ଏହିସବୁ ଚିତ୍ରକଳା ବଣବୁଦା ଭିତରେ ଲୁଚି ଗଲାଣି। ତେବେ ଲକ୍ଷାଧିକ ଟଙ୍କା ବ୍ୟୟରେ ହୋଇଥିବା ଏହି ସୌନ୍ଦର୍ଯ୍ୟୀକରଣର ସଠିକ୍ ରକ୍ଷଣାବେକ୍ଷଣ କରା ନ ଯିବାରୁ ଏବେ ତାହା ନଷ୍ଟ ହେବାକୁ ବସିଲାଣି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

## ହରେକୃଷ୍ଣ ଶତପଥୀଙ୍କୁ ‘ଅଲଙ୍କାର ସର୍ବସ୍ୱ ସମ୍ମାନ’



ଭୁବନେଶ୍ୱର,୭।୧୦(ସମିସ): ସଂସ୍କୃତ ବିଦ୍ୱାନ୍ ଆଚାର୍ଯ୍ୟ ହରେକୃଷ୍ଣ ଶତପଥୀଙ୍କୁ ଦିଲ୍ଲୀର ଅକ୍ଷରଧାମ ଠାରେ ପ୍ରତିଷ୍ଠିତ ସ୍ୱାମୀ ନାରାୟଣ ଅନୁସନ୍ଧାନ ସଂସ୍ଥାନର ଚଳିତବର୍ଷର ମର୍ଯ୍ୟାଦାଜନକ ‘ଅଲଙ୍କାର ସର୍ବସ୍ୱ ସମ୍ମାନ’ ପ୍ରଦାନ କରାଯିବ। ଏନେଇ ସଂସ୍ଥାର ନିର୍ଦ୍ଦେଶକ ମହାମହୋପାଧ୍ୟାୟ ସ୍ୱାମୀ ଭଦ୍ରେଶ ଦାଶ ଏକ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ଏହି ସମ୍ମାନ ପ୍ରଫେସର ଶତପଥୀଙ୍କୁ ତାଙ୍କର ଅଲଙ୍କାର ଶାସ୍ତ୍ରର ପ୍ରଚାର, ପ୍ରସାର ଓ ଅନୁସନ୍ଧାନ କ୍ଷେତ୍ରରେ ରହିଥିବା ସ୍ମରଣୀୟ ଯୋଗଦାନ ନିମନ୍ତେ ପ୍ରଦାନ କରାଯିବ। ଆସନ୍ତା ୧୮ ଓ ୧୯ ତାରିଖ ଦୁଇଦିନ ଧରି ଗୁଜୁରାଟ ର ରାଜକୋଟ ଠାରେ ପରମପୂଜ୍ୟ ଗୁରୁହରି ଶ୍ରୀ ମହନ୍ତ ସ୍ୱାମୀ ମହାରାଜଙ୍କର ଗରିମାମୟୀ ଉପସ୍ଥିତିରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯିବ।

## ପାତ୍ରପଡ଼ା କୁମାର ଉତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର,୭।୧୦(ସମିସ): ରାଜଧାନୀ ଉପକଣ୍ଠ ପାତ୍ରପଡ଼ାସ୍ଥିତ ଗାନ୍ଧୀ ଚଉତରା ଠାରେ ଚାନ୍ଦ ମାମା ଆନୁକୂଲ୍ୟରେ ଦୁଇ ଦିନ ଧରି ଚାଲିଥିବା ନବମ ବାର୍ଷିକ କୁମାର ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଓ ସ୍ଥାନୀୟ କର୍ପୋରେଟର ରଶ୍ମି ରଂଜନ ପାଟଷାଣୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉତ୍ସବରେ ଭଗବାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ବେହେରାଙ୍କୁ ‘ନାରୀ ଶକ୍ତି ସମ୍ମାନ’ ଓ ପ୍ରିୟଦର୍ଶୀ ମହାରଣାଙ୍କୁ ‘କନ୍ୟା ରତ୍ନ ସମ୍ମାନ’ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁଇଦିନ ଧରି ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ଚାନ୍ଦ ମାମା ସ୍ୱେଚ୍ଛାସେବୀ ସଂଗଠନର ବରିଷ୍ଠ ସଭ୍ୟ ଜାନକୀ ବଲ୍ଲଭ ପଟ୍ଟନାୟକ, ଦୁଃଶାସନ ରଥ, ରବିନ୍ଦ୍ର ନାଥ ସାହୁ, ଅଭିମନ୍ୟୁ ଚମ୍ପତି, ଗଗନ ବିହାରୀ ଦାଶ, ସତ୍ୟ ନାରାୟଣ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପିକା ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ।

## ଶ୍ରୀ ରାଧାକୃଷ୍ଣଙ୍କ ପୂଜା ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୭।୧୦(ସମିସ): ନୂଆପଲ୍ଲୀ ନୂଆସାହି ଅଞ୍ଚଳର ଯୁବ ସଂଗଠନ ଶ୍ରୀ ବିନାୟକ ୟୁଥ ଆସୋସିଏସନ ତରଫରୁ କାର୍ତ୍ତିକେଶ୍ୱର ପୂଜା ଅବସରରେ ହେବାକୁଥିବା ୧୦ମ ଶ୍ରୀ ରାଧାକୃଷ୍ଣଙ୍କ ପୂଜାର ପ୍ରଥମ ପ୍ରସ୍ତୁତି ବୈଠକ ନୂଆସାହି ପୋଷ୍ଟ ଅଫିସ ଛକରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଯୁବନେତା ଦେବବ୍ରତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ବୈଠକର ସଂଗଠନର ଉପଦେଷ୍ଟା ଦିଲ୍ଲୀପ କୁମାର ନାୟକଙ୍କ ସଭାପତିତ୍ୱ କରିଥିଲେ। ସର୍ବପ୍ରଥମେ ବିଗତ ଦିନରେ ଦେହାନ୍ତ କରିଥିବା ଅଞ୍ଚଳର ତଥା ସଂଗଠନର ଶୁଭଚିନ୍ତକ ଗଣଙ୍କ ପବିତ୍ର ଆତ୍ମାର ସଦଗତି କାମନା ପାଇଁ ନିରବ ପ୍ରାର୍ଥନା କରିଥିଲେ। ସଂଗଠନର ସାଧାରଣ ସମ୍ପାଦକ ବାଦଲ ପରିଡ଼ା ଚଳିତବର୍ଷ ପୂଜାର ସମସ୍ତ କାର୍ଯ୍ୟକ୍ରମ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ସଂଗଠନର କୋଷାଧ୍ୟକ୍ଷ ବିଶ୍ୱଜିତ ସାହୁ ପୂର୍ବବର୍ଷ ପୂଜାର ବଜେଟ ଉପସ୍ଥାପନ କରିଥିଲେ। ପବିତ୍ର ଅଁଳାନବମୀରେ ନୂଆପଲ୍ଲୀ ଗ୍ରାମ୍ୟ ପୁଷ୍କରିଣୀର କଳସ ଯାତ୍ରା କରି ସ୍ଥାନୀୟ ନୂଆସାହି ପୋଷ୍ଟ ଅଫିସ ଛକସ୍ଥିତ ପୂଜା ମଣ୍ଡପରେ ଶ୍ରୀ ରାଧାକୃଷ୍ଣଙ୍କୁ ଅବାହାନ କରାଯାଇ ରାଧାପାଦ ଦର୍ଶନ କାର୍ଯ୍ୟକ୍ରମ କରାଯିବ। ପୂଜା ୭ ଦିନ ଧରି ଆୟୋଜିତ ହେବା ସହ ପ୍ରତ୍ୟେକଦିନ ସନ୍ଧ୍ୟାରେ ବିଭିନ୍ନ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବୈଠକରେ ସଂଗଠନର ସିଲୁ ନାୟକ, ରଞ୍ଜନ ନାୟକ, ଓମ ନାୟକଙ୍କ ସମେତ ସଂଗଠନର ସମସ୍ତ ପଦାଧିକାରୀ ଏବଂ ସଦସ୍ୟ ଉପସ୍ଥିତ ଥିଲେ।

● ଯାଁଳା କପ୍-୨୦୨୫

## କ୍ୱାର୍ଟର ଫାଇନାଲ୍‌ରେ କଲ୍ୟାଣପୁର ଓ ଗୁରୁଜଙ୍ଗ

ଯାଁଳା,୭।୧୦(ସମିସ): ରାଧାମାଧବ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଯାଁଳା କପ୍-୨୦୨୫ କ୍ରିକେଟ୍ ମ୍ୟାଚ୍‌ର ପଞ୍ଚମ ଲିଗ୍ ମ୍ୟାଚ୍‌ରେ ପାଇକତିଗିରିଆକୁ ୧୯ ରନ୍‌ରେ ହରାଇ କଲ୍ୟାଣପୁର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କଲ୍ୟାଣପୁର ଦଳର ପ୍ରାଣବନ୍ଧୁ ସାମନ୍ତରାୟ ମ୍ୟାନ୍ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିବା ବେଳେ ଷଷ୍ଠ ଲିଗ୍ ମ୍ୟାଚ୍‌ରେ ଗଙ୍ଗପଡାକୁ ୪ ଉଇକେଟରେ ହରାଇ ଗୁରୁଜଙ୍ଗ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗଙ୍ଗପଡା ଦଳର ରଶ୍ମି ରଞ୍ଜନ ଜେନା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦୀପକ ହରିଚନ୍ଦନ, ଅନିଲ ପରିଡା ଓ ଯଶୋବନ୍ତ ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ।




## ବିଜେଡି ପକ୍ଷରୁ ଗଣକବିଙ୍କ ଜୟନ୍ତୀ

ଭୁବନେଶ୍ୱର,୭।୧୦(ସମିସ)

ଗଣକବି ବୈଷ୍ଣବ ପାଣି ସାଧାରଣ ଲୋକର ମନୋରଞ୍ଜନର ସୂତ୍ର ଜାଣିଥିଲେ। ସେ କବି, ଲେଖକ, ଅଭିନେତା, ନିର୍ଦ୍ଦେଶକ, ସଙ୍ଗୀତଜ୍ଞ ତଥା ଜଣେ ସମାଜ ସଂସ୍କାରକ ରୂପେ ଜୀବନ ଅତିବାହିତ କରିଥିଲେ। ସଙ୍ଗୀତ ଓ ଅଭିନୟର ମଞ୍ଚ କଳା ମାଧ୍ୟମରେ ନିଖୁଣ ଉପଯୋଗ କରି ସେ ଚିରଦିନ ଲୋକମାନଙ୍କ ଭିତରେ ରହିଯାଇଛନ୍ତି ବୋଲି ମଙ୍ଗଳବାର ତାଙ୍କ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଜନତାର ମନୋରଞ୍ଜନ ସୂତ୍ର ଜାଣିଥିଲେ ବୈଷ୍ଣବ ପାଣି




ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପାଶ୍ୱର୍ରେ ଅବସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ତାଙ୍କର ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଚନ୍ଦନ କୁମାର ଜେନା, କୃଷ୍ଣ ଚନ୍ଦ୍ର ସାହୁ, ମନୋରଞ୍ଜନ ମହାନ୍ତି, ପ୍ରଦୀପ କୁମାର ଦଳେଇ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ସୁରଜିତ ପରିଡ଼ା, ସୁବାସ ପରିଡ଼ା ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଦେଇଥିଲେ।

## ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ



ଭୁବନେଶ୍ୱର, ୭।୧୦ (ସମିସ): ଉତ୍କଳ ସମ୍ମିଳନୀ ପକ୍ଷରୁ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରେ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଜନ୍ମଦିନ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ଯୋଗ ଦେଇ ପ୍ରବୀର ମହାନ୍ତି। ଉତ୍କଳ ସମ୍ମିଳନୀର ଉପ ସଭାପତି ଡ. ସୁରେନ୍ଦ୍ର ମିଶ୍ର ଓ ଶାଖା ଉପସଭାପତି ଶିତଳଚନ୍ଦ୍ର ମହାନ୍ତି, ଯୁଗ୍ମ-ସମ୍ପାଦକ ସିଧାର୍ଥ ଶଙ୍କର ଗଡନାୟକ, ମହେଶ୍ୱର ବିଶ୍ୱାଳ, ଅନୁପମା ବେହେରା, ରାମଚନ୍ଦ୍ର ସାମଲ, ଲଳିତ ରଞ୍ଜନ ଦାଶ, ସୁରଜିତ ପରିଡା, ରୁଷି ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

### ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ

## ‘ମୋ ବନ୍ଧୁ ମୋ ଗର୍ବ’



ଭୁବନେଶ୍ୱର, ୭।୧୦(ସମିସ): ପୁରୀ ଦୋଳମଣ୍ଡପ ସାହି ଆଦର୍ଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୯୮୦-୧୯୮୩ ବ୍ୟାଚ୍‌ର ପୂର୍ବତନ ଛାତ୍ରଛାତ୍ରୀମାନଙ୍କର ପ୍ରଥମ ସମ୍ମିଳନୀ ‘ମୋ ବନ୍ଧୁ ମୋ ଗର୍ବ’ ଧଉଳିଗିରି ନିକଟସ୍ଥ ‘ଦି ବଟମସ୍ ଅପ୍ ଭିଲ୍ଲା’ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେତେବେଳର ଶିକ୍ଷୟିତ୍ରୀ ସବିତା ମିଶ୍ର ଓ ସୁଚରିତା ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମାହାରି ନୃତ୍ୟାଙ୍ଗନା ରୂପଶ୍ରୀ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଗଣିତଜ୍ଞ ପ୍ରସନ୍ନ ପଣ୍ଡାଙ୍କ ରଚିତ ମାନପାତ୍ର ଅଧ୍ୟାପିକା ସଂଘମିତ୍ରା ଘଟୁଆରି ପାଠ କରିଥିଲେ। ବିଜନ୍ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଛାତ୍ରଛାତ୍ରୀମାନେ ସମାଜସେବା କାର୍ଯ୍ୟ ଯଥା ଅଭାବଗ୍ରସ୍ତ ପିଲାମାନଙ୍କୁ ଆର୍ଥିକ ସହାୟତା, ବିଦ୍ୟାଳୟର ଉତ୍କୃଷ୍ଟ ଛାତ୍ରଛାତ୍ରୀଙ୍କୁ ପୁରସ୍କାର, ରେଡ୍‌କ୍ରସ୍‌କୁ ଅନୁଦାନ ଓ ବୃଦ୍ଧାଶ୍ରମରେ ଶ୍ରମଦାନ ଆଦିରେ ନିୟୋଜିତ ହେବାକୁ ଶପଥ ନେଇଥିଲେ। ଦୀର୍ଘ ୪୧ ବର୍ଷ ପରେ ହୋଇଥିବା ଏହି ମିଳନରେ ପ୍ରାୟ ୪୦ ଜଣ ପୂର୍ବତନ ଛାତ୍ରଛାତ୍ରୀ ଓ ପରିବାର ସଦସ୍ୟମାନେ ଯୋଗ ଦେଇଥିଲେ। ଚୌଧୁରୀ ଦୁର୍ଗେଶ ଦାଶ ସମସ୍ତଙ୍କୁ ଉପହାର ପ୍ରଦାନ କରିଥିଲେ।

## ଅଢ଼େଇ ବର୍ଷ ଶିଶୁର ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୭।୧୦(ସମିସ)



କିମ୍‌ସର ୭ଟି ବିଭାଗର ୧୫ଜଣ ଡାକ୍ତର ଓ ବିଶେଷଜ୍ଞଙ୍କ ଅକ୍ଲାନ୍ତ ପରିଶ୍ରମ ଫଳରେ ନୂଆ ଜୀବନ ପାଇଛି ଜଣେ ୨ ବର୍ଷ ୭ ମାସ ବୟସର ଶିଶୁ କନ୍ୟା। ସୂଚନା ଅନୁସାରେ, ଶିଶୁର ଯକୃତରେ ହେପାଟୋବ୍ଲାଷ୍ଟୋମା ନାମକ ଏକ ବିରଳ ଟ୍ୟୁମର ଶିଶୁଟିର ଫୁସ୍‌ଫୁସ୍ ପର୍ଯ୍ୟନ୍ତ ବ୍ୟାପିଯାଇଥିବାରୁ ପେଟରେ ଯନ୍ତ୍ରଣା ଅନୁଭବ କରିବା ସହ ଶିଶୁଟିର ପେଟ ଫୁଲି ରହୁଥିଲା।

### ୭ ବିଭାଗର ୧୫ ଡାକ୍ତର ଶିଶୁକୁ ଦେଲେ ନୂଆ ଜୀବନ

କିମ୍‌ସ ହେମାଟୋ ଅନ୍‌କୋଲୋଜିଷ୍ଟ ଡ. ପଳାସ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତୁରନ୍ତ କେମୋଥେରାପି ଆରମ୍ଭ କରାଯାଇଥିଲା। କେମୋ ଦେବା ପରେ ଶିଶୁଟିର ଅବସ୍ଥାରେ ଉନ୍ନତି ଆସିଥିଲେ ମଧ୍ୟ ଅସ୍ତ୍ରୋପଚାର ଦୃଷ୍ଟିରୁ ଟ୍ୟୁମରଟି ବଡ଼ ଥିଲା। ଶିଶୁଟିର ଏଭଳି ଅବସ୍ଥାରେ କିମ୍‌ସର ଇଣ୍ଟରଭେନ୍‌ସନାଲ୍ ରେଡିଓଲୋଜିଷ୍ଟ ଡ. ସ୍ୱାତୀ ଦାସଙ୍କ ପରାମର୍ଶ କ୍ରମେ ଟେସ୍ (ଟ୍ରାନ୍‌ସଆର୍ଟେରିଆଲ୍ କେମୋଏମ୍ବୋଲାଇଜେସନ୍) ପ୍ରକ୍ରିୟାରେ କେମୋ ଦିଆଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବେ ଏହି ପ୍ରକ୍ରିୟାରେ ଟ୍ୟୁମରଟିର ଆକାର ହ୍ରାସ ପାଇଥିଲା। ଫଳରେ ଅସ୍ତ୍ରୋପଚାର ପାଇଁ ସହଜ ହୋଇଥିଲା। ପରେ ୭ଟି ବିଭାଗର ୧୫ଜଣ ଡାକ୍ତରଙ୍କ ମିଳିତ ସହଯୋଗରେ ଶିଶୁଟିର ଯକୃତ ଟ୍ୟୁମରର ଅସ୍ତ୍ରୋପଚାର କରାଯାଇଥିଲା। ଏଥିରେ ଶିଶୁ ଶଲ୍ୟ ବିଭାଗ ମୁଖ୍ୟ ଡ. ପି. କେ ଜେନାଙ୍କ ନେତୃତ୍ୱରେ ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଶେଷଜ୍ଞ ଡ. ବେଦବ୍ୟାସ ମହାପାତ୍ର, ଶିଶୁଶଲ୍ୟ ବିଶେଷଜ୍ଞ ଡ. ବର୍ଷା ଏମ୍ ତୋତାଦ୍ରିଙ୍କ ଦ୍ୱାରା ନିଶ୍ଚେତକ ଟିମ୍ ସହଯୋଗରେ ଅସ୍ତ୍ରୋପଚାର କରାଯାଇଥିଲା। ଏବେ ଶିଶୁଟି ସମ୍ପୂର୍ଣ୍ଣ ସୁସ୍ଥ ଥିବା ବେଳେ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇବା ସହ ଶିଶୁର ସୁସ୍ଥ ଜୀବନ କାମନା କରିଛନ୍ତି।

### ନିଆରା କଣ୍ଢେଇ ବିବାହ

# ମିଛ ବର-କନ୍ୟା; ସତ ବାହାଘର

ଧଉଳି,୭।୧୦(ସମିସ)

ବାଜାବାଣ, ରୋଷଣି ସାଙ୍ଗକୁ ଆଲୋକ ମାଳାରେ ଝଲସି ଉଠିଥିଲା ବାଲକାଟିର ବିଭିନ୍ନ ସାହିର ଗାଁଦାଣ୍ଡ । ମନ୍ତ୍ରଧ୍ୱନିରେ କମ୍ପୁଥିଲା ବିବାହ ମଣ୍ଡପ। ବିବାହ ହେଉଥିଲା ଦୁଇଜଣ କନ୍ୟାଙ୍କ ମଧ୍ୟରେ । ଯାହାକୁ ଆମ ସମାଜରେ କଣ୍ଢେଇ ବାହାଘର ବା କୁମାରୀ ବିବାହ କୁହାଯାଏ । କୁମାରପୂର୍ଣ୍ଣମୀ ଦିନ ଗାଁର କୁଆଁରୀ ଝିଅ ଏବଂ ନବ ବିବାହିତ ଝିଅ ମାନେ ଏହି ବିବାହ ଆୟୋଜନ କରିଥାନ୍ତି କ୍ଷ କ୍ରମବର୍ଦ୍ଧିଷ୍ଣୁ ସମାଜରେ ଧିରେଧିରେ ଜନମାନସରୁ ଲିଭି ଯାଉଥିବା ଏଭଳି ଏକ ପୁରାତନ ପରମ୍ପରାକୁ ମନେରଖିବା ପାଇଁ ଆଜିବି ବଞ୍ଚି ରହିଛି କଣ୍ଢେଇ ବିବାହ।



ବାଲିଅନ୍ତା ବ୍ଲକ ବାଲକାଟିସ୍ଥିତ ଚରିମାଣିଆ ସାହିରେ ଆୟୋଜନ କରାଯାଇଥିଲା ଏହି କଣ୍ଢେଇ ବିବାହ। ଚଳିତ ବର୍ଷ ଏହି ପୂର୍ଣ୍ଣମୀ ୨ ଦିନ ପଡିଥିବାରୁ ଏହି ଉତ୍ସବକୁ ଧୂମଧାମରେ ପାଳନ କରିଛନ୍ତି ରଙ୍ଗଣୀସାହି ଗ୍ରାମର କୁମାରୀମାନେ। ସାମାଜିକ ପରମ୍ପରା ଓ ଯଥା ରୀତିନୀତି ଅନୁସାରେ ଗତମାସ ୩ ତାରିଖରେ ସ୍ଥାନୀୟ ମନ୍ଦିରରେ ବରକନ୍ୟାଙ୍କ ମଧ୍ୟରେ ନିର୍ବନ୍ଧ ହୋଇଥିବା ବେଳେ ଗତ ୧ ତାରିଖରେ ଜାଇବଡ଼ି ଅନୁକୂଳ କରାଯାଇଥିଲା। ୫ ତାରିଖରେ ମଙ୍ଗନ ଓ ମେହେନ୍ଦି କାର୍ଯ୍ୟକ୍ରମ ହୋଇଥିଲା। ସୋମବାର ବିବାହ ଦିନ ସକାଳୁ ସକାଳୁ କନ୍ୟାଘର ଲୋକେ ଗ୍ରାମଦେବତୀଙ୍କ ନିକଟକୁ ଦିଅଁ ମଙ୍ଗୁଳିଆ ପରେ ବାଡୁହ ପାଣିରେ କନ୍ୟାକୁ ଗଧୋଇବା ଆଦି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଶାଢି ପିନ୍ଧାଇ କନ୍ୟାଙ୍କୁ ଗୋଟେ ଘରେ ବସାଇଥିଲେ। ପରେ ବରଘର ପକ୍ଷରୁ ସୁସଜିତ କାରରେ ବର ଓ ବରଯାତ୍ରୀ ବାଜାବାଣ ରୋଷଣିରେ କନ୍ୟା ଘରକୁ ଆସିଥିଲେ । ତା ପରେ କନ୍ୟାପିତା ବରକୁ ବାଟବରଣି ପରେ ଆରମ୍ଭ ହୁଏ ବୈଦିକ ରୀତିରେ ବିବାହ କାର୍ଯ୍ୟ। ସତମନ୍ତ୍ରରେ କେବଳ ୨ କନ୍ୟାଙ୍କ ମଧ୍ୟରେ ବିବାହ ବେଶ ଆନନ୍ଦ ଦେଇଥିଲା ଗ୍ରାମବାସୀଙ୍କୁ। ଉତ୍ସାହ ଉଦ୍ଦୀପନାରେ ଏହି ବିବାହକୁ ମହାଡ଼ମ୍ବରରେ ପାଳନ କରିଥିଲେ କୁମାରୀମାନେ।

ବେଦମନ୍ତ୍ର ପରେ ହାତ ଗଣ୍ଠି, ଶଳାବିଧା, କଉଡ଼ି ଖେଳ ଆଦି କାର୍ଯ୍ୟ କରାଯିବା ପରେ ବନ୍ଧାଣ କରାଯାଇଥିଲା। ଏହି ଉତ୍ସବରେ ବର ଭୂମିକାରେ ସୋନୁ ସାହୁ, ଓ କନ୍ୟା ଭୂମିକାରେ ଇଶା ସାହୁ ତୁଲାଇଥିବା ବେଳେ ବରପିତା ଟିକିନା ସାହୁଓ କନ୍ୟାପିତା ଭାବେ କୁନି ସାହୁ ତୁଲାଇଥିଲେ। ପୁରୋହିତ ଭାବେ ନିଳୀମା ସାହୁଙ୍କୁ ମନ୍ତ୍ରଧ୍ୱନିରେ ବରକନ୍ୟାଙ୍କ ବିବାହ ସମ୍ପର୍ନ୍ନ ହୋଇଥିଲା। ଶ୍ରୀ ହାତଗଣ୍ଠି ଫିଟାଇଥିବା ବେଳେ ଖୁସି ଶଳାବିଧା ମାରିଥିଲେ।

ଏହି କାର୍ଯ୍ୟକ୍ରମକୁ ଗ୍ରାମର ମାମଲା,ଲିପି, ଚିକି, ମିକି, ଲିଟି, ମିନା ସମେତ ଗ୍ରାମର ମହିଳା ଓ ଯୁବଗୋଷ୍ଠୀ ସହଯୋଗ କରିଥିବା ବେଳେ ଅତିଥିଭାବେ ଚାରିମାଣୀଆ ଗ୍ରାମ କମିଟି ସଭାପତି ଅଲେଖ ସାହୁ, ସମ୍ପାଦକ ସୁଜିତ୍ କୁମାର ବେହେରା ପ୍ରମୁଖ ଆଦି ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ବରକନ୍ୟାକୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଶେଷରେ ବରକନ୍ୟାଙ୍କୁ ବାଜା ରୋଷଣୀରେ ବିଦା କରିଥିଲେ। ସେହିପରି ବାଲକାଟି ନୂଆପାଟଣା, ରଙ୍ଗଣିସହି, ନନ୍ଦଘର ସାହି ଏବଂ ସାତକାଣିଆ ଗ୍ରାମରେ ଏହି କଣ୍ଢେଇ ବିବାହ ଧୁମଧାମରେ ପାଳନ କରିଛନ୍ତି।

## ଚିତ୍ରକଳାରେ ଭାରତର ବାୟୁବୀରଙ୍କୁ ଶୁଭେଚ୍ଛା



ଭୁବନେଶ୍ୱର,୭।୧୦(ସମିସ): ଆଜି ହେଉଛି ଭାରତୀୟ ବାୟୁସେନା ଦିବସ। ଏହି ଅବସରରେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ରଙ୍ଗତୂଳୀରେ ନିଖୁଣ ରୂପେ ବାୟୁବୀରଙ୍କ ପରାକ୍ରମର ଚିତ୍ର ଆଙ୍କି ଭାରତୀୟ ବାୟୁବୀରଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୬୮ ● ପାଉଣ୍ଡ ୧୧୯.୭୭
- ୟୁରୋ ୧୦୩.୮୯ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୪ କ୍ୟାରେଟ୍)
- ସୁନା: ୧,୨୧,୯୦୦ (ଭୁବନେଶ୍ୱର)
- ରୁପା : ୧,୬୬,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୯୨୬.୦୦
- ନିଫ୍ଟି ୨୫,୧୦୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ବଦଳାଇ ହେବ ବୁକିଂ ରେଳ ଟିକଟର ଯାତ୍ରା ଦିବସ

## ଟ୍ରେନ୍ ଛାଡିବାର ୪୮ ଘଣ୍ଟା ପୂର୍ବରୁ କାଉଣ୍ଟରରେ ଟିକଟ ସରେଣ୍ଡର କରିବାକୁ ପଡିବ

**ନୂଆଦିଲ୍ଲୀ,୭।୧୦(ଏଜେନ୍ସି):** ଯଦି ଆପଣଙ୍କର ଟ୍ରେନ୍ ଯାତ୍ରା ଶେଷ ମୁହୂର୍ତ୍ତରେ ସ୍ଥଗିତ ରୁହେ ତେବେ ଆପଣଙ୍କୁ ଟିକଟ ବାତିଲ କରିବାରେ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ତେବେ ଆଗକୁ ରେଳଯାତ୍ରୀଙ୍କୁ ଏଥିରେ କିଛିଟା ଆଶ୍ୱସ୍ତି ମିଳିପାରେ। ରେଳବାଇ ଖୁବ୍ ଶୀଘ୍ର ଯାତ୍ରୀମାନଙ୍କ ପାଇଁ ଏକ ନୂତନ ସୁବିଧା ପ୍ରଚଳନ କରିବାକୁ ଯାଉଛି, ଯେଉଁଥିରେ ଯାତ୍ରୀ ସେମାନଙ୍କର କନ୍‌ଫର୍ମ ଟିକଟର ଯାତ୍ରା ତାରିଖ ପରିବର୍ତ୍ତନ କରିପାରିବେ। ସୂତ୍ର ଅନୁଯାୟୀ, ରେଳବାଇ ଏହି ପ୍ରସ୍ତାବ ଉପରେ ବିଚାର କରୁଛି ଏବଂ ଏହାକୁ ଖୁବ୍ ଶୀଘ୍ର କାର୍ଯ୍ୟକାରୀ କରାଯିବ। ପ୍ରଚଳିତ ବ୍ୟବସ୍ଥାରେ ଯାତ୍ରା ଦିବସ ପରିବର୍ତ୍ତନ କଲେ ଯାତ୍ରୀଙ୍କୁ ଟିକଟ ବାତିଲ କରିବାକୁ ପଡିବ ଏବଂ ନୂତନ ତାରିଖ ପାଇଁ ନୂଆ ବୁକିଂ କରିବାକୁ ପଡିବ। ଏହା ନୂତନ ବୁକିଂର ଖର୍ଚ୍ଚ ବଢ଼ିବା ସହ



ପୁରୁଣା ଟିକଟର କ୍ୟାନ୍‌ସଲେସନ୍ ଚାର୍ଜ ଦେବାକୁ ପଡିଥାଏ। ଏଥିରେ ପ୍ରାୟତଃ, ଯାତ୍ରା ସ୍ଥଗିତ ହେବା ଯୋଗୁଁ ଯାତ୍ରୀମାନେ ଦ୍ୱିଗୁଣିତ କ୍ଷତି ସହିଥାନ୍ତି।

ନୂତନ ପ୍ରସ୍ତାବ ଅନୁଯାୟୀ, ଯାତ୍ରୀମାନଙ୍କୁ ଅନ୍‌ଲାଇନରେ ସେମାନଙ୍କର କନ୍‌ଫର୍ମ ଟିକଟର ଯାତ୍ରା ତାରିଖ ପରିବର୍ତ୍ତନ କରିବାକୁ ଅନୁମତି ଦିଆଯିବ। ଏଥିପାଇଁ କୌଣସି ଅତିରିକ୍ତ ଶୁଳ୍କ ଦେବାକୁ ପଡିବନାହିଁ। ଏହାର ଅର୍ଥ ହେଉଛି ଯଦି ଆପଣ ଏକ ନିର୍ଦ୍ଦିଷ୍ଟ ଦିନ କନ୍‌ଫର୍ମେସନ୍ ହେବ। ଏହାର ଅର୍ଥ ହେଉଛି ଯେ ସେହି ତାରିଖରେ ଟ୍ରେନରେ ଖାଲି ସିଟ୍ ଥିଲେ ହିଁ ଟିକଟ ବୈଧ ହେବ। ଯଦି ନୂତନ ଦିନ ପାଇଁ ଭଡ଼ା ପୂର୍ବ ବୁକିଂ ଅପେକ୍ଷା ଅଧିକ

### ଯାତ୍ରା ଶ୍ରେଣୀ ମଧ୍ୟ ପରିବର୍ତ୍ତନ କରିହେବ

### ଲାଗିବନି ଅତିରିକ୍ତ ଚାର୍ଜ

ପାଇଁ ଟିକଟ ବୁକ୍ କରିଛନ୍ତି ଏବଂ କୌଣସି କାରଣରୁ ତାରିଖ ପରିବର୍ତ୍ତନ କରିବାକୁ ପଡିବ, ତେବେ ଆପଣ ନୂତନ ତାରିଖ ପାଇଁ ସମାନ ଟିକଟକୁ ପୁନଃନିର୍ଦ୍ଧାରିତ କରିପାରିବେ। ନୂଆ ବ୍ୟବସ୍ଥାରେ ନୂତନ ଯାତ୍ରା ତାରିଖରେ କେବଳ ସିଟ୍ ଉପଲବ୍ଧତା ଉପରେ ଆଧାର କରି ଟିକଟ ହୁଏ, ତେବେ ଯାତ୍ରୀଙ୍କୁ କେବଳ ଫରକ୍ ଭଡ଼ା ଦେବାକୁ ପଡିବ। ଏଥିରେ ଟ୍ରେନ୍ ଛାଡିବାର ୪୮ ଘଣ୍ଟା ପୂର୍ବରୁ କାଉଣ୍ଟରରେ ଟିକଟ ସରେଣ୍ଡର କରିବାକୁ ପଡିବ। ଆହୁରିମଧ୍ୟ ଯାତ୍ରା ଶ୍ରେଣୀ ମଧ୍ୟ ପରିବର୍ତ୍ତନ କରିହେବ। ଏଥିପାଇଁ ଅତିରିକ୍ତ ଚାର୍ଜ ଲାଗିବନାହିଁ।

### ପାର୍ବଣରେ ହିରୋ ମୋଟୋକର୍ପର ଗାଡ଼ି ବିକ୍ରିରେ ରେକର୍ଡ ବୃଦ୍ଧି

# ପୂର୍ବବର୍ଷ ତୁଳନାରେ ୫୦% ଅଧିକ ବୁକିଂ

**ଭୁବନେଶ୍ୱର,୭।୧୦(ସମିସ):** ପାର୍ବଣର ଆରମ୍ଭ ସହିତ ଭାରତୀୟ ଅଟୋ ବଜାର ଆଗକୁ ବଢ଼ିବାରେ ଲାଗିଛି। ଏହା ସହ ତାଳଦେଇ ହିରୋ ମୋଟୋକର୍ପର ଯାନ ବିକ୍ରି ଆଗେଇଚାଲିଛି। ପାର୍ବଣରେ ଦୁଇ-ଚକିଆ ଯାନ ଉପରେ ହୋଇଥିବା ଜିଏସଟି ହ୍ରାସ ଯୋଗୁ ଗାଡ଼ି ମୂଲ୍ୟରେ ହୋଇଥିବା ହ୍ରାସ

ପ୍ରଥମ ଥର ପାଇଁ ଗାଡ଼ି କିଣିବାକୁ ଚାହୁଁଥିବା ଲୋକଙ୍କୁ ୧୦୦ସିସି ଏବଂ ୧୨୫ସିସି କମ୍ୟୁଟର ସେଗମେଣ୍ଟରେ ଏହି ସର୍ବୋଚ୍ଚ ମୂଲ୍ୟ ଅନୁଭୂତି ଦେଉଛି। ଦୁଇ-ଚକିଆ ସେଗମେଣ୍ଟରେ ହିରୋ ମୋଟୋକର୍ପ 'ଅଭୁତପୂର୍ବ' ଭାବରେ ଗ୍ରାହକମାନଙ୍କର ସେହି ଆଗ୍ରହ ତଥା ସେଲସ ପ୍ୟାନ ଇଣ୍ଡିଆର ଧାରା ସହିତ ମୁକସାକ୍ଷୀ ହୋଇରହିଛି। ସମଗ୍ର ଶେଷବର୍ଷ ଭିତରେ ହିରୋ ମୋଟୋକର୍ପ ଉତ୍ପାଦ ନିମନ୍ତେ ଗ୍ରାହକମାନଙ୍କ ଅନୁସନ୍ଧାନ ବହୁମାତ୍ରାରେ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଏହା ପରବର୍ତ୍ତି ଜିଏସଥଟି ମୂଲ୍ୟ ସୁବିଧା ଗୁଡ଼ିକ ପାଇଁ ରହିଥିବା ଆଗ୍ରହକୁ ଆହୁରି ଉପରକୁ ନେଇପାରିଛି। ଏଭଳି ଏକ ସୁବିଧା ଶୋ'ରୁମ ଭିଡ଼କୁ ଗତବର୍ଷ ତୁଳନାରେ ୫୦%ରୁ ଅଧିକ ଆହୁରି ବଢ଼ାଇଦେଇଛି,ଯାହାକି ଅତ୍ୟନ୍ତ ଆନନ୍ଦରକଥା। କମ୍ପାନୀର ଗାଡ଼ି ବିକ୍ରିରେ ଏହି ସଫଳତା ଉପରେ ପ୍ରତିକ୍ରିୟା ରଖି ହିରୋ ମୋଟୋକର୍ପର ଇଣ୍ଡିଆ ବିଜିନେସ ୟୁନିଟ୍‌ର ଚିଫ୍ ବିଜିନେସ ଅଫିସର ଆଶୁତୋଷ ବର୍ମା କହିଛନ୍ତି ଯେ, ଏହି ପାର୍ବଣ ଋତୁର ସବୁଠାରୁ ଅଧିକ ଚମତ୍କାରୀ ତୀକ୍ଷ୍ଣ ବୃଦ୍ଧିର ପ୍ରତିଫଳନ ଅନ-ଦି-ସ୍ପଟ କ୍ରୟ ଉପରେ ଦେଖିବାକୁ ମିଳିଛି। ନବରାତ୍ରୀର ଠିକ୍ ପ୍ରଥମ ଦିନରେ ଗତବର୍ଷ ତୁଳନାରେ ଗ୍ରାହକମାନେ ରହିଥିବା ଆମର ଶୋ'ରୁମରେ ପାଦ ଦେଇ ସେମାନଙ୍କର ମନପସନ୍ଦର ଦୁଇ-ଚକିଆ ଯାନ କ୍ରୟ କରିବାର ସେହି ଧାରା ସମ୍ଭବତଃ ଦ୍ୱିଗୁଣିତ ହୋଇପାରିଛି। ବିକ୍ରି ପ୍ରକ୍ରିୟା ଯାହାକି ଜିଏସଟି ୨.୦ ସଂସ୍କରଣ



### ଗ୍ରାହକଙ୍କଠାରୁ ମିଳୁଛି ଆଶାତୀତ ପ୍ରତିକ୍ରିୟା

ପାଇଁ ପ୍ରସ୍ତୁତି ନିମନ୍ତେ କିଛି ମାତ୍ରାରେ ଧିମା ହୋଇଯାଇଥିଲା, ପରବର୍ତ୍ତି ଅବସ୍ଥାରେ ଏହାର ନୂତନ ମୂଲ୍ୟକୁ ନେଇ ଗ୍ରାହକଙ୍କ ପାଖରେ ବିନା କୌଣସି ବିଳମ୍ବ ନ କରି ଏକ ନୂତନ ଯାନ ଆପଣେଇବା ପାଇଁ ରହିଥିବା ଦୃଢ଼ ଆବେଗତାକୁ ଆମେ ସେହି ଗ୍ରାହକମାନଙ୍କ ପାଖରୁ ସ୍ପଷ୍ଟ ସଂକେତ ପାଇଥିଲୁ। ଆମର ନୂତନ ଶୁଭାରମ୍ଭ ହୋଇଥିବା ପର୍ବାଣୀ ସମ୍ଭାରର ୧୨ଟି ସେଗମେଣ୍ଟରେ ଅଗ୍ରଣୀ ମଡ଼େଲଗୁଡ଼ିକ ଏଭଳି ତୀବ୍ରତାକୁ ସ୍କୁଟର ଏବଂ ମୋଟରସାଇକେଲ ସମୂହଗୁଡ଼ିକ ମଧ୍ୟରେ ଚାହିଦାକୁ ବୃଦ୍ଧି କରିପାରିଛି।

## ଡାଟା ଆଧାରିତ ନିବେଶର କଳା: ସିଷ୍ଟମେଟିକ୍ ଆକ୍ଟିଭ୍ ଇକ୍ୱିଟି

**ମୁମ୍ବଇ,୭।୧୦:** ଭାରତର ଇକ୍ୱିଟି ବଜାର ଏକ ନୂତନ ଯୁଗରେ ପ୍ରବେଶ କରୁଛି। ବର୍ଦ୍ଧିତ ଅଂଶଗ୍ରହଣ, ଏକ ବର୍ଦ୍ଧିତ ଡିଜିଟାଲ୍ ଇକୋସିଷ୍ଟମ୍ ଏବଂ ତଥ୍ୟ ପ୍ରତି ଅଭୂତପୂର୍ବ ପ୍ରବେଶ ସହିତ ନିବେଶକମାନେ ଏବେ ଏପରି ନିବେଶ ରଣନୀତି ଦାବି କରୁଛନ୍ତି ଯାହା ଶୃଙ୍ଖଳା ଏବଂ ସ୍ଥିରତା ବଜାୟ ରଖି ସକ୍ରିୟ ନିବେଶରୁ ଅତିରିକ୍ତ ରିଟର୍ଣ୍ଣର ସମ୍ଭାବନା ପ୍ରଦାନ କରେ। ଜିଓବ୍ଲାକରକ୍ ରେ, ଆମେ ବିଶ୍ୱାସ କରୁ ଯେ ସିଷ୍ଟମେଟିକ୍ ଆକ୍ଟିଭ୍ ଇକ୍ୱିଟି (ଏସ୍‌ଏଇ) ହେଉଛି ଭବିଷ୍ୟତର ପଥ। ସିଷ୍ଟମେଟିକ୍ ସକ୍ରିୟ ଇକ୍ୱିଟି ହେଉଛି ଏକ ନିବେଶ ରଣନୀତି ଯାହା ଧାରଣାରେ ସକ୍ରିୟ କିନ୍ତୁ କାର୍ଯ୍ୟାନ୍ୱୟନରେ ବ୍ୟବସ୍ଥିତ। ପାରମ୍ପରିକ ଆକ୍ଟିଭ୍ ପାଣ୍ଠି ମୁଖ୍ୟତଃ ବ୍ୟକ୍ତିଗତ ଅଭିଜ୍ଞତା ଏବଂ ବିଚାର ଉପରେ ନିର୍ଭର କରେ, ଯେତେବେଳେ ନିଷ୍କ୍ରିୟ ପାଣ୍ଠି କେବଳ ଏକ ସୂଚକାଙ୍କ ଅନୁକରଣ କରେ। କିନ୍ତୁ ସିଷ୍ଟମେଟିକ୍ ଆକ୍ଟିଭ୍ ଇକ୍ୱିଟି (ଏସ୍‌ଏଇ) ଏକ ଭିନ୍ନ ପଦ୍ଧତି ଗ୍ରହଣ କରେ। ଏହା ଏକ ପରିମାଣାତ୍ମକ, ତଥ୍ୟ-ଚାଳିତ ପ୍ରକ୍ରିୟା ବ୍ୟବହାର କରି ଏକ ସକ୍ରିୟ ପୋର୍ଟଫୋଲିଓ ସୃଷ୍ଟି କରେ ଯାହା ଜାଣିଶୁଣି ବେଞ୍ଚମାର୍କରୁ ବିଚ୍ୟୁତ ହୁଏ। ଉଦାହରଣ ସ୍ୱରୂପ, ଯଦି ଏକ ସୂଚକାଙ୍କରେ ୫୦୦ଟି ଷ୍ଟକ୍ ଥାଏ, ତେବେ ସିଷ୍ଟମାଟିକ୍ ଆକ୍ଟିଭ୍ ଇକ୍ୱିଟି ସମସ୍ତ ଷ୍ଟକ୍ ରଖିବା ପରିବର୍ତ୍ତେ ପ୍ରାୟ ୧୨୦-୧୩୦ଟି ଷ୍ଟକ୍ ଚୟନ କରିପାରେ। ଏହା ଚୟନିତ ଷ୍ଟକ୍‌ଗୁଡ଼ିକର ବଜାର ପୁଞ୍ଜିକରଣ ଓଜନକୁ ଏକ ନିର୍ଦ୍ଦିଷ୍ଟ ପରିସର ମଧ୍ୟରେ ପରିବର୍ତ୍ତନ କରିବାକୁ ଅନୁମତି ଦିଏ।

## ସେମିକନ୍ ଇଣ୍ଡିଆ ୨୦୨୫

**ନୂଆଦିଲ୍ଲୀ, ୭।୧୦(ସମିସ):** ଭାରତ -ସେମିକନ୍ ଇଣ୍ଡିଆ ୨୦୨୫ ଏକ ଐତିହାସିକ ଭାବରେ ସମାପ୍ତ ହୋଇଛି, ଏକ ଐତିହାସିକ ପ୍ଲାଟଫର୍ମ ଭାବରେ ଉଭା ହୋଇଛି ଯାହା ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସରେ ଭାରତର ବର୍ଦ୍ଧିତ ଶକ୍ତିକୁ ପ୍ରଦର୍ଶନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉଦ୍‌ଘାଟିତ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି, ରେଳ ତଥା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଦିଲ୍ଲୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ଓ ବାଣିଜ୍ୟ ତଥା ଶିଳ୍ପ ରାଷ୍ଟ୍ର ମନ୍ତ୍ରୀ ଜିତିନ ପ୍ରସାଦଙ୍କ ଉପସ୍ଥିତିରେ, ଏହି କାର୍ଯ୍ୟକ୍ରମ ବିଶ୍ୱସ୍ତରୀୟ ନେତା, ଷ୍ଟାର୍ଟଅପ୍ ଏବଂ ନୀତୁି ନିର୍ଦ୍ଧାରକମାନଙ୍କୁ ଏକତ୍ରିତ କରିଥିଲା, ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳରେ ଏକ ବିଶ୍ୱସ୍ତ କେନ୍ଦ୍ର ହେବା ପାଇଁ ଭାରତର ଦୃଷ୍ଟିକୋଣକୁ ଗୁରୁତ୍ୱ ଦେଇଥିଲା।

## ସିଟ୍ରୋନ୍‌ର ଏୟାରକ୍ରସ୍ ଏକ୍ସ ଉନ୍ମୋଚିତ

**ନୂଆଦିଲ୍ଲୀ,୭।୧୦:** ସିଟ୍ରୋନ ଇଣ୍ଡିଆ ନୂଆ ସିଟ୍ରୋନ ଏୟାରକ୍ରସ ଏକ୍ସର ଶୁଭାରମ୍ଭ ସହିତ ଏହାର ଏକ୍ସ-ସିରିଜ ପୋର୍ଟଫୋଲିଓର ବିସ୍ତାର କରିଛି, ଯାହା ବ୍ରାଣ୍ଡର ସିଟ୍ରୋନ ୨.୦ 'ସିଫ୍ଟ ଇନ୍‌ଟୁ ଦ ନ୍ୟୁ' ରଣନୈତିକ ଯୋଜନାକୁ ଆଗକୁ ବଢାଉଛି। ଏହା ୮.୨୯ ଲକ୍ଷ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ। ଏହାର ଲୋକପ୍ରିୟ ଏସୟୁଭିର ଏକ ନୂତନ ସଂସ୍କରଣ, ନୂଆ ଏୟାରକ୍ରସ ଏକ୍ସକୁ ଷ୍ଟାଇଲ, ଆରାମ ଓ ଉଦ୍ଭାବନ ଚାହୁଁଥିବା ଆଧୁନିକ ଭାରତୀୟ ପରିବାରଗୁଡିକ ପାଇଁ ଡିଜାଇନ କରାଯାଇଛି। ଏହାର ସର୍ବୋତ୍ତମ ଶ୍ରେଣୀର ହ୍ୱିଲବେସ ସହିତ ଏହା ନିଜ ଶ୍ରେଣୀରେ ଅନ୍ୟତମ ପ୍ରଶସ୍ତ କ୍ୟାବିନ ପ୍ରଦାନ କରୁଛି।



## ବ୍ରିଜ୍ ଭୂଷଣ ଅଗ୍ରୱାଲ୍ ଆଇସିସି ସଭାପତି

**ଭୁବନେଶ୍ୱର,୭।୧୦(ସମିସ):** ଶ୍ୟାମ୍ ମେଟାଲିକ୍ସର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବ୍ରିଜ୍ ଭୂଷଣ ଅଗ୍ରୱାଲ୍ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି)ର ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି। ଶ୍ରୀ ଅଗ୍ରୱାଲ ଚାମ୍ବରର ବରିଷ୍ଠ ଉପାଧ୍ୟକ୍ଷ ଭାବରେ କାର୍ଯ୍ୟ କରିବା ପରେ ଏହି ପଦରେ ଅଭିଷିକ୍ତ ହୋଇଛନ୍ତି। ସଭାପତି ଭାବରେ ଶ୍ରୀ ଅଗ୍ରୱାଲ ଚାମ୍ବରର ଭୂମିକାକୁ ଏକ ପ୍ଲାଟଫର୍ମ ଭାବରେ ମଜବୁତ କରିବାକୁ ଲକ୍ଷ୍ୟ ରଖିଛନ୍ତି, ଯାହା ସ୍ଥାୟୀ ଅଭିବୃଦ୍ଧି, ନୀତି ସମର୍ଥନ, ପ୍ରଯୁକ୍ତିବିଦ୍ୟା ଗ୍ରହଣ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକତା ଭଳି କ୍ଷେତ୍ରରେ ଶିଳ୍ପକୁ ସମର୍ଥନ କରେ। ଶ୍ରୀ ଅଗ୍ରୱାଲଙ୍କ ଧାତୁ ଏବଂ ଖଣି କ୍ଷେତ୍ରରେ ୧୦ ବର୍ଷର ଅଭିଜ୍ଞତା ରହିଛି।

## ଭାରି ଟ୍ରକ୍ ଆମଦାନୀରେ ଟ୍ରମ୍ପଙ୍କ ୨୫% ଶୁଳ୍କ

**ୱାଶିଂଟନ୍, ୭।୧୦(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆଉ ଏକ ଟାରିଫ୍ ବୋମା ଛାଡ଼ିଛନ୍ତି। ସେ ଆମେରିକାକୁ ଆସୁଥିବା ବିଦେଶୀ ଟ୍ରକ୍ ଉପରେ ଏକ ନୂତନ ଟାରିଫ୍ ଘୋଷଣା କରିଛନ୍ତି। ଟ୍ରମ୍ପଙ୍କ ଅନୁଯାୟୀ, ଅନ୍ୟ ଦେଶରୁ ଆସୁଥିବା ସମସ୍ତ ମଧ୍ୟମ ଏବଂ ଭାରୀ ଟ୍ରକ୍ ଏହି ଟାରିଫ୍ ଅଧୀନରେ ରହିବ। ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ନଭେମ୍ବର ପହିଲାରୁ ଟ୍ରକ୍ ଉପରେ ୨୫% ଟାରିଫ୍ ଲାଗୁ ହେବ। ଏହା ସହ ଟ୍ରମ୍ପ୍ ପୁଣି ଥରେ ତାଙ୍କର ବାଣିଜ୍ୟ ନୀତିକୁ କଠୋର କରିବାକୁ ଘୋଷଣା କରିଛନ୍ତି। ନଭେମ୍ବର ପହିଲାଠାରୁ ଅନ୍ୟ ଦେଶରୁ ଆମେରିକାକୁ ଆମଦାନି ହେଉଥିବା ସମସ୍ତ ମଧ୍ୟମ ଏବଂ ଭାରୀ ଟ୍ରକ୍ ଉପରେ ୨୫% ଟାରିଫ୍ ଲାଗୁ ହେବ। ଏହି ପଦକ୍ଷେପ ଆମେରିକୀୟ ଉତ୍ପାଦନ ଶିଳ୍ପକୁ ସୁରକ୍ଷା ଦେବା ଏବଂ ବିଦେଶୀ ଆମଦାନି ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଉଦ୍ଦିଷ୍ଟ। ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଦ୍ୱାରା କାନାଡା ଏବଂ ମେକ୍ସିକୋ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ। ଏସ୍‌ଆଣ୍ଡପି ଗ୍ଲୋବାଲ ଅନୁଯାୟୀ, ମଧ୍ୟମ ଏବଂ ଭାରୀ ଟ୍ରକ ନିଶ୍ଚିତ ଭାବରେ ଆମେରିକାର ସାମଗ୍ରିକ ଅଟୋମୋଟିଭ୍ ବଜାରର ୫%। ହେଲେ ଉତ୍ତର ଆମେରିକାରେ ଏପରି ଯାନ ପାଇଁ ଆମେରିକାରେ ଚାହିଦା ୮୦% ରହିଛି।

## ଟିପି ଓଡିଶା ଡିସ୍‌କମ୍ ପକ୍ଷରୁ 'ଟ୍ରେନିଂ ଅନ୍ ହ୍ୱିଲ୍ସ' ପ୍ରକଳ୍ପ ଆରମ୍ଭ

**ଭୁବନେଶ୍ୱର, ୭।୧୦(ସମିସ):** କେୟାର ବିୟଣ୍ଡ ପାୱାର- ବିକଜ ପିପୁଲ ମ୍ୟାଟର" ଶୀର୍ଷକ ବିଷୟବସ୍ତୁ ଅନ୍ତର୍ଗତ ସାମଗ୍ରିକ ବିକାଶ ଏବଂ କର୍ମଚାରୀ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଏକ ପ୍ରୟାସ, ଓଡ଼ିଶା ୨.୦ ର ଉନ୍ମୋଚନ ସହିତ ଆଜି ଓଡ଼ିଶା ଡିସକମ୍‌ଗୁଡିକ ଓଡ଼ିଶାରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ




ଦେଓ ଭୁବନେଶ୍ୱରର ବିଦ୍ୟୁତ ବଣ୍ଟନ ପ୍ରଯୁକ୍ତିବିଦ୍ୟା କେନ୍ଦ୍ରରେ ଓଡ଼ିଶା ୨.୦ ଅନ୍ତର୍ଗତ "ଟ୍ରେନିଂ ଅନ୍ ହ୍ୱିଲ୍ସ" ପ୍ରକଳ୍ପକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବିଧାୟକ ଆକାଶ ଦାସ ନାୟକ, ଅଭିନେତ୍ରୀ ଅନୁ ଚୌଧୁରୀ, ଚିଫ୍ ଓଡିଶା ପାୱାର ଡିଷ୍ଟ୍ରିବ୍ୟୁସନ୍ ବିଜନେସ ଏବଂ ସିଇଓ ଟିପିଏନ୍‌ଓଡିଏଲ୍ ଗଜାନନ କଲେ ଏବଂ ସିଇଓ ଟିପିଏନ୍‌ଓଡିଏଲ୍ ଏବଂ ଅରଭିନ୍ଦ ସିଂହ ସିଇଓ ଟିପିସିଓଡିଏଲ୍ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ୨.୦ ଅନ୍ତର୍ଗତ ପ୍ରଥମ ପଦକ୍ଷେପ ଭାବରେ, ପ୍ରୋଜେକ୍ଟ ଟ୍ରେନିଂ ଅନ୍ ହ୍ୱିଲ୍ସ ୬ ଅକ୍ଟୋବର ୨୦୨୫ ରେ ଭୁବନେଶ୍ୱର ସ୍ଥିତ ପାୱାର ଡିଷ୍ଟ୍ରିବ୍ୟୁସନ୍ ଟେକ୍ନୋଲୋଜି ସେଣ୍ଟରରେ ଟିପିଏସଡିଆଇ ସହଯୋଗରେ ଓଡ଼ିଶା ଡିସକମ୍ ଗୁଡିକ ଦ୍ୱାରା ଆନୁଷ୍ଠାନିକ ଭାବରେ ଆରମ୍ଭ କରାଯାଇଛି।

## ସାମନ୍ଥା ରୁଥ୍ ପ୍ରଭୁ ଜୟଆଲୁକ୍କାସ୍‌ର ନୂଆ ବ୍ରାଣ୍ଡ ଆମ୍ବାସାଡର

**ଭୁବନେଶ୍ୱର,୭।୧୦(ସମିସ):** ଜୟଆଲୁକ୍କାସ୍ ମହିଳା ସୁପରଷ୍ଟାର ସାମନ୍ଥା ରୁଥ୍ ପ୍ରଭୁଙ୍କୁ ଏହାର ନୂତନ ବ୍ରାଣ୍ଡ ଆମ୍ବାସାଡର ଭାବେ ଘୋଷଣା କରିଛି। ଜୟଆଲୁକ୍କାସ୍ ଜୁଏଲରୀର କାଳଜୟୀ ଡିଜାଇନ୍ ଏବଂ କାରିଗରୀର ପ୍ରେରଣାଦାୟକ ଐତିହ୍ୟକୁ ସାମନ୍ଥା ଆନ୍ତର୍ଜାତୀୟ ବଜାରରେ ଆଣିବେ। ସାମନ୍ଥାଙ୍କ ମନମୋହକ ଆକର୍ଷଣ ଏବଂ ଜ୍ଞାନ କଳା, ବିଶ୍ୱାସ ଏବଂ ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ଗ୍ରାହକଙ୍କୁ ଆନନ୍ଦିତ କରିବା ପାଇଁ ଏକ ଅଟଳ ପ୍ରତିବଦ୍ଧତା ଉପରେ ନିର୍ମିତ ତିନି ଦଶନ୍ଧିରୁ ଅଧିକ ସମୟ ଧରି ବ୍ୟାପୀ ଜୟଆଲୁକ୍କାସ୍ ଯାତ୍ରାକୁ ସମ୍ପୂର୍ଣ୍ଣ ଭାବରେ ପ୍ରତିଫଳିତ କରେ। ସାମନ୍ଥା ଆଧୁନିକ ମହିଳାଙ୍କ ଆତ୍ମାକୁ ମୂର୍ତ୍ତିମନ୍ତ କରନ୍ତି। ଆତ୍ମବିଶ୍ୱାସୀ, ଷ୍ଟାଇଲିସ୍ ଏବଂ ପ୍ରକୃତରେ ବ୍ୟକ୍ତିଗତା ତାଙ୍କର ବ୍ୟକ୍ତିତ୍ୱ ଉତ୍କୃଷ୍ଟ ଅଳଙ୍କାର ସହିତ ଜୀବନର ମୂଲ୍ୟବାନ ମୁହୂର୍ତ୍ତଗୁଡ଼ିକୁ ପାଳନ କରିବାର ଆମର ନୀତି ସହିତ ଗଭୀର ଭାବରେ ପ୍ରତିଧ୍ୱନିତ ହୁଏ ବୋଲି ଜୟଆଲୁକାସ୍ ଗ୍ରୁପର ଅଧ୍ୟକ୍ଷ ଡଃ ଜୟ




ଆଲୁକ୍କାସ୍ କହିଛନ୍ତି। ଏହି ଅବସରରେ ସାମନ୍ଥା କହିଛନ୍ତି ଯେ, ଅଳଙ୍କାର ସର୍ବଦା ମୋର ବ୍ୟକ୍ତିଗତ ପ୍ରକାଶନ ହୋଇଆସିଛି। ମୁଁ ଏପରି ଏକ ବ୍ରାଣ୍ଡ ସହିତ ସହଭାଗୀ ହେବାକୁ ଉତ୍ସାହିତ ଯାହା ଅନ୍ତର୍ନିହିତ ସୌନ୍ଦର୍ଯ୍ୟକୁ ପାଳନ କରେ ଏବଂ ସବୁଠି ମହିଳାମାନଙ୍କୁ ଆତ୍ମବିଶ୍ୱାସରେ ଝଲସାଇବାକୁ ପ୍ରେରଣା ଦିଏ। ଏହି ସହଯୋଗିତା ଖୁବ୍ ଶୀଘ୍ର ଏକ ସମନ୍ୱିତ ବିଶ୍ୱ ଅଭିଯାନ ସହିତ ଜୀବନ୍ତ ହେବ।

## ୪,୬୦୦ରୁ ଅଧିକ ମହିଳାଙ୍କ ଜୀବନ ବଦଳାଇଛି ବେଦାନ୍ତ ଆଲୁମିନିୟମ୍‌ର ପ୍ରୋଜେକ୍ଟ ସଖୀ

**ଭୁବନେଶ୍ୱର,୭।୧୦(ସମିସ):** ଓଡ଼ିଶାର କଳାହାଣ୍ଡିର ଦୁର୍ଗମ ଜିଲ୍ଲାରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ପ୍ରମୁଖ ମହିଳା ସଶକ୍ତିକରଣ ପଦକ୍ଷେପ, ପ୍ରୋଜେକ୍ଟ ସଖୀ ମାଧ୍ୟମରେ ଏହି ପ୍ରତିବନ୍ଧକଗୁଡ଼ିକୁ ଦୂର କରୁଛି। ୨୦୧୫ରେ ଏହାର ପ୍ରତିଷ୍ଠା ହେବା ପରଠାରୁ, ପ୍ରୋଜେକ୍ଟ ସଖୀ ଏକ ନୀରବ ବିପ୍ଳବ ସୃଷ୍ଟି କରିଛି। ୪୪୪ଟି ସ୍ୱୟଂ ସହାୟକ ଗୋଷ୍ଠୀର ୪,୬୦୦ରୁ ଅଧିକ ମହିଳା ୫ କୋଟିରୁ ଅଧିକ ଆର୍ଥିକ ସହାୟତା ସଂଗ୍ରହ କରିଛନ୍ତି, ଯାହା ସେମାନଙ୍କୁ ତୃଣମୂଳ ସ୍ତରର ଉଦ୍ୟୋଗ ଆରମ୍ଭ ଏବଂ ବୃଦ୍ଧି କରିବାରେ ସକ୍ଷମ କରିଛି। ଯେଉଁ ମହିଳାମାନେ ଥରେ ଦାରିଦ୍ର୍ୟ ସହିତ ସଂଘର୍ଷ କରୁଥିଲେ - ଆର୍ଥିକ ବ୍ୟବସ୍ଥା ସହିତ କୌଣସି ସମ୍ପର୍କ



ରଖିବା ତ ଦୂରର କଥା – ସେମାନେ ଏବେ ଜଣେ ଜଣେ ଉଦ୍ୟୋଗୀ, ନିଷ୍ପତ୍ତି ଗ୍ରହଣକାରୀ ଏବଂ ସମ୍ପ୍ରଦାୟର ନେତା। ପ୍ରୋଜେକ୍ଟ ସଖୀ ଏକ ଆନ୍ଦୋଳନ ପାଲଟିଛି ଯାହା ମହିଳାମାନଙ୍କୁ ସେମାନଙ୍କର ଭୂମିକା ପୁନଃକଳ୍ପନା କରିବାରେ ସାହାଯ୍ୟ କରେ, କେବଳ ପରିବାରର ଆୟରେ ଯୋଗଦାନକାରୀ ଭାବରେ ନୁହେଁ, ବରଂ ସେମାନଙ୍କ ନିଜ ଜୀବନର ସିଇଓ ଭାବରେ! ଏ ସମ୍ପର୍କରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, ଏହି ପ୍ରକଳ୍ପର ସଫଳତା କେବଳ ସଂଖ୍ୟାରେ ନାହିଁ; ଏହା ଏକ କେନ୍ଦ୍ରିତ, ତୃଣମୂଳ ସ୍ତରରେ ଦୃଷ୍ଟିକୋଣର ପରିବର୍ତ୍ତନଶୀଳ ଶକ୍ତିର ପ୍ରମାଣ। ଆମେ ଆତ୍ମନିର୍ଭରଶୀଳତାର ଏକ ନୂତନ ଯୁଗର ଆରମ୍ଭ ଦେଖୁଛୁ, ଯେଉଁଠାରେ ମହିଳାମାନେ ସେମାନଙ୍କ ଜୀବନର ପ୍ରାଥମିକ ସ୍ଥପତି।

## 'ଦ ଫ୍ୟାଶନ୍ ଫିଏଷ୍ଟା ୩.୦' ପ୍ରି-ଦିୱାଲି ଫ୍ଲି ମାର୍କେଟ୍ ଉତ୍ସବ ଆରମ୍ଭ



**ଭୁବନେଶ୍ୱର,୭।୧୦(ସମିସ):** 'ଦ ଫ୍ୟାଶନ୍ ଫିଏଷ୍ଟା ୩.୦' ହେଉଛି ଭୁବନେଶ୍ୱରର ସବୁଠାରୁ ବଡ଼ ପ୍ରି- ଦିୱାଲି ଶପିଂ ଉତ୍ସବ, ଯେଉଁଠି ଫ୍ୟାଶନ୍, ଲାଇଫ୍‌ଷ୍ଟାଇଲ୍ ଓ କଳାର ଏକ ଜୀବନ୍ତ ସମିଶ୍ରଣ ଦେଖିବାକୁ ମିଳିବ। ଏହି ଉତ୍ସବରେ ଦେଶର ଶୀର୍ଷ ସ୍ଥାନୀୟ ବ୍ରାଣ୍ଡଗୁଡିକ ତାଙ୍କର ଉତ୍କୃଷ୍ଟ ପ୍ରସ୍ତୁତି ନେଇ ଯୋଗଦେଇଛନ୍ତି। ଏହି ଦିୱାଲି ସପିଂ ଫିଏଷ୍ଟା ପ୍ରଦର୍ଶନୀ ଦୁଇଦିନ ଧରି ଅକ୍ଟୋବର ୭ ଓ ୮ ହୋଟେଲ୍ ମେଫେୟାରଠାରେ ଦୁଇ ଦିନ ଧରି ଚାଲିବ। ଏହି ପ୍ରଦର୍ଶନୀକୁ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଉଦଘାଟନ କରିଛନ୍ତି। ଏଥିରେ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇଥିବାବେଳେ ମାସ୍କ ଗର୍ଲ୍ସ ଟିମ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ଏହି ଅନୁଷ୍ଠାନଟି 'ମାସ୍କ ଗର୍ଲ୍ସ' ଦ୍ୱାରା ଆୟୋଜିତ, ଯାହାର ପଛରେ ରହିଛନ୍ତି ଚାରିଜଣ ଯୁବ ଓ ପ୍ରତିଭାଶାଳୀ ମହିଳା ଉଦ୍ୟମୀ ମୋନିକା ସିଂଘି, ଅଂଶିକା ଭୁରା, ସୋନମ କୋଚର ଓ ଖୁସ୍‌ବୁ ଭୁରା। ଏହି ଚାରିଜଣ ଉଦ୍ୟମୀ ନିଜ ଉଦ୍ୟମ ମାଧ୍ୟମରେ ମହିଳା ସଶକ୍ତିକରଣ ଓ ଆତ୍ମନିର୍ଭରତାକୁ ଆଗେଇନେବା ପାଇଁ ସର୍ବଦା ଚେଷ୍ଟାରତ।

# ସର୍ବନିମ୍ନ ଇପିଏଫ୍ ପେନ୍‌ସନ୍ ହେବ ୨୫୦୦ ଟଙ୍କା !

## ୧୧ ବର୍ଷ ହେବ ହଜାରେ ଟଙ୍କାରେ ଅଟକିଛି ସର୍ବନିମ୍ନ ପେନ୍‌ସନ୍

**ନୂଆଦିଲ୍ଲୀ,୭।୧୦(ଏଜେନ୍ସି):** କର୍ମଚାରୀ ପେନସନ ଯୋଜନା ଅଧୀନରେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ)ର ମାସିକ ସର୍ବନିମ୍ନ ପେନ୍‌ସନ୍ ୧୦୦୦ ଟଙ୍କାରୁ ୨୫୦୦ ଟଙ୍କାକୁ ବୃଦ୍ଧି କରାଯାଇପାରେ। ବେଙ୍ଗାଲୁରୁଠାରେ ଅକ୍ଟୋବର ୧୦-୧୧ରେ ହେବାକୁ ଥିବା ଇପିଏଫ୍‌ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇପାରେ। ଯଦି ପେନସନ ବୃଦ୍ଧି ପ୍ରସ୍ତାବ ଗୃହୀତ ହୁଏ, ତେବେ ଏହା ଦୀର୍ଘ ୧୧ ବର୍ଷ ମଧ୍ୟରେ ପେନ୍‌ସନ୍‌ରେ ପ୍ରଥମ ବୃଦ୍ଧି ହେବ। ଶେଷ ଥର ପାଇଁ ଇପିଏଫ୍‌ଓ ସଦସ୍ୟଙ୍କ ମାସିକ ସର୍ବନିମ୍ନ ପେନସନ ୧୦୦୦ ଟଙ୍କା ୨୦୧୪ରେ ସ୍ଥିର କରାଯାଇଥିଲା।




**୧୦ରେ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ବୈଠକ**

ସେବେଠାରୁ କର୍ମଚାରୀଙ୍କ ସର୍ବନିମ୍ନ ପେନ୍‌ସନ୍ ବୃଦ୍ଧି ହୋଇନାହିଁ। ଏକ ରିପୋର୍ଟ ଅନୁଯାୟୀ, ୩୦ ଲକ୍ଷରୁ ଅଧିକ ପେନସନଭୋଗୀ ସର୍ବନିମ୍ନ ପେନସନ ପାଉଛନ୍ତି। ଯେଉଁମାନେ ଅତି କମରେ ୧୦ ବର୍ଷ ନିରନ୍ତର ସେବା ପୂରଣ କରନ୍ତି ଏବଂ ୫୮ ବର୍ଷ ବୟସରେ ପହଞ୍ଚିଥାନ୍ତି, ସେମାନେ ଇପିଏସ୍ ଅଧୀନରେ ନିୟମିତ ପେନସନ ପାଇବାକୁ ଯୋଗ୍ୟ। ଯଦି ଜଣେ ସଦସ୍ୟ ଚାକିରି ମଝିରେ ଛାଡିଦିଅନ୍ତି, ତେବେ ସେମାନେ ସେମାନଙ୍କର ସଂଗୃହୀତ ପେନସନ ଉଠାଇପାରିବେ କିମ୍ବା କମ୍ ପେନସନ ରାଶି ବାଛିପାରିବେ। ସିବିଟି ବୈଠକରେ ଇପିଏଫ୍‌ଓ ୩.୦ ଉପରେ ମଧ୍ୟ ଆଲୋଚନା ହେବ। ସର୍ବନିମ୍ନ ପେନସନ ସଂଶୋଧନ ବ୍ୟତୀତ, ସିବିଟି ବୈଠକରେ ଇପିଏଫ୍‌ଓ ୩.୦ ଭଳି ଡିଜିଟାଲ୍ ସଂସ୍କାର ଉପରେ ମଧ୍ୟ ଆଲୋଚନା କରାଯିବ। ଏହାର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ଏଟିଏମ୍‌ରୁ ସିଧାସଳଖ ପିଏଫ୍ ଉଠାଣ ଏବଂ ୟୁପିଆଇ ମାଧ୍ୟମରେ ତୁରନ୍ତ ଉଠାଣ ଏବଂ ଦ୍ରୁତ ଦାବି ସମାଧାନ ଅନ୍ତର୍ଭୁକ୍ତ।

# ହବିଷ୍ୟାଳି ଯୋଜନା

# ଅନୁଦାନ ବଢ଼ିଲା; ବ୍ରତଧାରୀଙ୍କ ସଂଖ୍ୟା ବଢ଼ିଲାନି

ପୁରୀ, ୭।୧୦ (ସମିସ): ଆରମ୍ଭ ହୋଇଛି ଧର୍ମ ମାସ କାର୍ତ୍ତିକ। ଶ୍ରୀକ୍ଷେତ୍ରରେ ରହି ହବିଷ କରିବାକୁ ଆସିଛନ୍ତି ହଜାରହଜାର ବ୍ରତଧାରୀ। ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ମଧ୍ୟ ମା'ମାନଙ୍କୁ ରଖାଯାଇଛି। କିନ୍ତୁ ଉଦ୍‌ବେଗର ବିଷୟ ହେଲା, ଗତବର୍ଷ ଅପେକ୍ଷା ଏବର୍ଷ ହବିଷ୍ୟାଳି ଯୋଜନାର ଅନୁଦାନ ବଢ଼ିଥିବା ବେଳେ ହବିଷ୍ୟାଳିଙ୍କ ସଂଖ୍ୟା କମିଛି। ଗତବର୍ଷ ଅପେକ୍ଷା ଏଥର କମ୍ ବ୍ରତଧାରୀଙ୍କୁ ଯୋଜନାରେ ସାମିଲ କରାଯାଇଛି। ଅନେକ ହବିଷ୍ୟାଳି ହବିଷ ବ୍ରତ କରିବାକୁ ବିନା ପଞ୍ଜୀକରଣରେ ପୁରୀ ଆସିଥିବା ବେଳେ ସେମାନଙ୍କୁ ପୁଣି ମନ ଦୁଃଖରେ ଘରକୁ ଫେରିଯିବାକୁ ପଡ଼ିଛି।

ପ୍ରତିବର୍ଷ କାର୍ତ୍ତିକ ବ୍ରତ ପାଳନ ନିମନ୍ତେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହବିଷ୍ୟାଳି ମା'ମାନେ ପୁରୀ ଆସିଥା'ନ୍ତି। ପରିଣତ ବୟସରେ ହବିଷ

## ବିଭାଗୀୟ ମନ୍ତ୍ରୀ ଜାଣିନାହାନ୍ତି କେତୋଟି କେନ୍ଦ୍ର ହୋଇଛି

କରିବାକୁ ଆସୁଥିବା ବ୍ରତଧାରୀମାନେ ନିଜସ୍ୱ ଖର୍ଚ୍ଚରେ ବିଭିନ୍ନ ମଠ, ମନ୍ଦିର, ଧର୍ମଶାଳା ଏବଂ କେହି କେହି ସମ୍ପର୍କୀୟଙ୍କ ଘରେ ରହିଥା'ନ୍ତି। ଅନେକ ହବିଷ୍ୟାଳି ଆସନ୍ତି, ଯେଉଁମାନେ କେବଳ ପଞ୍ଚକ ପାଞ୍ଚଦିନ ଶ୍ରୀକ୍ଷେତ୍ରରେ ରହି ହବିଷ କରିଥା'ନ୍ତି। ଏମିତି ବି ଅନେକ ବ୍ରତଧାରୀ ରହିଥା'ନ୍ତି ଯେଉଁମାନେ ପୁରୀରେ ରହି ବ୍ରତ ପାଳିବାକୁ ଇଚ୍ଛା କରିଥିଲେ ହେଁ ଆର୍ଥିକ ସ୍ଥିତି ସେମାନଙ୍କୁ ପଛକୁ ଟାଣିଥାଏ। ଫଳରେ ଶ୍ରୀକ୍ଷେତ୍ରରେ ରହି ବ୍ରତ ପାଳନ କରିବାର ଇଚ୍ଛାକୁ ସେମାନେ ମନ ଭିତରେ ଚାପି ଦିଅନ୍ତି। ଏହିଭଳି ବାସ୍ତବତାକୁ ଉପଲବ୍ଧି କରିଥିଲେ ପୂର୍ବର ବିଜେଡି ସରକାର। ହବିଷ୍ୟାଳି ମା'ମାନେ କିପରି ମାଗଣାରେ ରହି ବ୍ରତ ପାଳନ କରିବେ, ସେଥିଲାଗି ୨୦୧୬ରେ ତତ୍କାଳୀନ ନବୀନ ସରକାର ଆରମ୍ଭ କରିଥିଲେ ହବିଷ୍ୟାଳି ଯୋଜନା। ପ୍ରତିବର୍ଷ ଏହି ଯୋଜନାର ଚାହିଦା ବଢ଼ୁଥିବା ବେଳେ ସମାନ ଭାବେ ବ୍ରତଧାରୀଙ୍କ ସଂଖ୍ୟା ବି ବୃଦ୍ଧି ପାଇଥିଲା। ୨୦୨୩ରେ ପ୍ରାୟ ୩,୨୦୦ ବ୍ରତଧାରୀ ଏହି ଯୋଜନାରେ ସାମିଲ ହୋଇଥିଲା ବେଳେ ଦୁଇବର୍ଷ ଧରି ଏହି ସଂଖ୍ୟା ହ୍ରାସ ପାଇଛି।

ଗତବର୍ଷ ନୂଆ ସରକାର ହବିଷ୍ୟାଳିଙ୍କ ସଂଖ୍ୟା ୨,୫୦୦ରେ ସୀମିତ ରହିବ ବୋଲି ଘୋଷଣା କରିଥିଲେ। ମାତ୍ର ବିନା ପଞ୍ଜୀକରଣରେ ୪୦୦ରୁ ଊର୍ଦ୍ଧ୍ୱ ବତ୍ରଧାରୀ ପହଞ୍ଚିବା ପରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଦୁଇଦିନ ଧରି ହୋ-ହଲ୍ଲା, ବଡ଼ଦାଣ୍ଡରେ ଧାରଣା ପରେ ପ୍ରାୟ ୨,୭୦୦ ଜଣଙ୍କୁ ଯୋଜନାରେ ରଖାଯାଇଥିଲ। ଗତବର୍ଷ ଏଥିପାଇଁ ରାଜ୍ୟ ସରକାର ୨ କୋଟି ୬୦ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏ ବର୍ଷ ଅନୁଦାନ ବଢ଼ିଛି। ଅର୍ଥାତ୍ ଚଳିତ ବର୍ଷ ୭୦ ଲକ୍ଷ ଟଙ୍କା ବୃଦ୍ଧି କରାଯାଇ ୩ କୋଟି ୩୦ ଲକ୍ଷ ଟଙ୍କାର ବ୍ୟବସ୍ଥା କରିଛନ୍ତି ସରକାର। ହେଲେ ବ୍ରତଧାରୀଙ୍କ ସଂଖ୍ୟା ସେହି ୨,୫୦୦ରେ ସୀମିତ ରଖାଯାଇଛି। ସୋମବାର ବିନା ପଞ୍ଜୀକରଣରେ ପ୍ରାୟ ୨୦୦ରୁ ଅଧିକ ବ୍ରତଧାରୀ ଆସିଥିବା ବେଳେ ସେମାନଙ୍କୁ ବୁଝାସୁଝା କରି ଘରକୁ ଫେରିଯିବାକୁ କୁହାଯାଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣ ମନଦୁଃଖରେ ଫେରିଥିଲେ। ଯଦିଓ ପ୍ରଶାସନ କେତେଜଣଙ୍କୁ ସୁଯୋଗ ଦେଇଛି କିନ୍ତୁ ସଂଖ୍ୟା ୨,୭୦୦ ଭିତରେ ସୀମିତ ଥିବା ସୂଚନା ମିଳିଛି।

ଏଠାରେ ପ୍ରଶ୍ନ ଉଠୁଛି, ଏହି ଯୋଜନା ପ୍ରତି ଚାହିଦା ବଢ଼ୁଥିବା ବେଳେ ନୂଆ ସରକାର ବ୍ରତଧାରୀଙ୍କ ସଂଖ୍ୟାରେ କାହିଁକି ବ୍ରେକ୍ ଲଗାଇ ମା'ମାନଙ୍କ ମନରେ କଷ୍ଟ ଦେଉଛନ୍ତି?

ଅନ୍ୟପକ୍ଷରେ, ମଙ୍ଗଳବାର ହବିଷ୍ୟାଳି ଯୋଜନାର ଶୁଭାରମ୍ଭ ଅବସରରେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମା'ମାନଙ୍କ ପାଇଁ କେତୋଟି କେନ୍ଦ୍ର ହୋଇଛି, ତାହା ଜାଣିନାହାନ୍ତି। ଚଳିତବର୍ଷ ବ୍ରତଧାରୀଙ୍କ ଲାଗି ୪ଟି ରହଣି କେନ୍ଦ୍ର ବୃନ୍ଦାବତୀ ନିବାସ (ସ୍ଥାୟୀ କେନ୍ଦ୍ର), ବଗଲା ଧର୍ମଶାଳା, ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ ଏବଂ ମୋଚିସାହି କଲ୍ୟାଣ ମଣ୍ଡପରେ ବ୍ୟବସ୍ଥା କରାଯାଇଥିବାବେଳେ ମନ୍ତ୍ରୀ ୫ଟି କେନ୍ଦ୍ର କରାଯାଇଥିବା କହିଥିଲେ। ନିଜ ବିଭାଗରୁ ଅର୍ଥ ମଞ୍ଜୁର ହୋଇଥିଲେ ହେଁ ମନ୍ତ୍ରୀଙ୍କ ପାଖରେ କେନ୍ଦ୍ରର ସଠିକ୍ ସୂଚନା ନ ରହିବା ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।

# ଆରମ୍ଭ ହେଲା କାର୍ତ୍ତିକ ବ୍ରତ



■ ମହାପ୍ରଭୁଙ୍କୁ ଦର୍ଶନ କଲେ ହବିଷ୍ୟାଳି
■ ଚଉରାମୂଳେ ରାଇଦାମୋଦର ପୂଜା

ପୁରୀ, ୭।୧୦(ସମିସ): ଆରମ୍ଭ ହୋଇଛି ପବିତ୍ର କାର୍ତ୍ତିକ ବ୍ରତ। ଏହି ପୁଣ୍ୟ ମାସରେ ହବିଷ୍ୟାଳିମାନେ କାର୍ତ୍ତିକ ବ୍ରତ ଆରମ୍ଭ କରିଛନ୍ତି। ପୁରୀରେ ରହି କାର୍ତ୍ତିକ ବ୍ରତ ପାଳିବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବ୍ରତଧାରୀ ପହଞ୍ଚିଛନ୍ତି। ପ୍ରତ୍ୟୁଷରୁ ହବିଷ୍ୟାଳିମାନେ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ପରେ ସଂକଳ୍ପ କରି ବ୍ରତ ଆରମ୍ଭ କରିବା ସହ ତୁଳସୀ ଚଉରା ମୂଳେ ରାଇଦାମୋଦରଙ୍କ ପୂଜା କରିଛନ୍ତି। ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ଆସିଥିବା ବ୍ରତଧାରୀଙ୍କ ଲାଗି ୪ଟି ରହଣି କେନ୍ଦ୍ର ବୃନ୍ଦାବତୀ ନିବାସ (ସ୍ଥାୟୀ କେନ୍ଦ୍ର), ବଗଲା ଧର୍ମଶାଳା, ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ ଏବଂ ମୋଚିସାହି କଲ୍ୟାଣ ମଣ୍ଡପରେ ବ୍ୟବସ୍ଥା କରାଯାଇଛି। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୨,୫୦୦ ହବିଷ୍ୟାଳି ରହଣୀ କେନ୍ଦ୍ରରେ ଅବସ୍ଥାନ କରିଛନ୍ତି। ଏହାବ୍ୟତୀତ ବ୍ୟକ୍ତିଗତ ଭାବେ ଏଥର ଅନେକ ହବିଷ୍ୟାଳି ପୁରୀର ବିଭିନ୍ନ ମଠ, ମନ୍ଦିର, ଧର୍ମଶାଳା ଆଦିରେ ରହି କାର୍ତ୍ତିକ ବ୍ରତ ଆରମ୍ଭ କରିଛନ୍ତି।

# ରେଳଧାରଣାରେ ମହିଳାଙ୍କୁ ଦୁଷ୍କର୍ମ

ରାଉରକେଲା, ୭।୧୦(ସମିସ): ରାଉରକେଲା ସହରର ରଘୁନାଥପାଲ୍ଲୀ ଥାନା ରେଳ ଧାରଣା ଉପରେ ଜଣେ ବିବାହିତା ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗରେ ରଘୁନାଥପାଲୀ ଥାନା ପୁଲିସ ଆଜି ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଏହାସହ ଅନ୍ୟ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ହେଉଛି, ପାନପୋଷ କୋଏଲ ବ୍ୟାଙ୍କ ଅଞ୍ଚଳର କାହ୍ନୁଚରଣ ଜେନା(୩୨)। ସୋମବାର ରାତିରେ ପାନପୋଷସ୍ଥିତ ଖରିଆବାହାଲ ନିକଟ ରେଳଲାଇନ୍ ଦେଇ ନିଜ ଘରକୁ ଫେରୁଥିବା ବେଳେ କାହ୍ନୁ ଦୁଷ୍କର୍ମ କରିଥିଲା। ପୁଲିସ ଏହି ମାମଲାରେ ସହଯୋଗ କରିଥିବା ଅନ୍ୟ ଦୁଇଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି ବୋଲି ଜଣାପଡ଼ିଛି। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତରେ ଡାକ୍ତରୀମାଇନା କରାଯାଇଛି। ଅଭିଯୁକ୍ତ କାହ୍ନୁଚରଣ କୋଏଲ ବ୍ୟାଙ୍କ ବସ୍ତିରେ ରହୁଥିବା ବେଳେ ସେ ପାଣିପାଇପ୍ ମିସ୍ତ୍ରୀ ଭାବେ କାମ କରେ।

# ଚାଲୁଚାଲୁ ଜଳିଗଲା ବାଇକ୍

ଢେଙ୍କାନାଳ, ୭।୧୦(ସମିସ): ଢେଙ୍କାନାଳ ସହରସ୍ଥିତ ଚନ୍ଦନ ବଜାରରେ ହଠାତ ଏକ ଚଳନ୍ତା ବାଇକ୍‌ରେ ନିଆଁ ଲାଗିଯାଇଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଚନ୍ଦନ ବଜାର ଦେଇ ଜଣେ ବାଇକ୍ ଆରୋହୀ ନିଜ ଗାଡ଼ି ଚଳାଇ ଯାଉଥିବା ସମୟରେ ହଠାତ୍ ଗାଡ଼ିରେ ନିଆଁ ଲାଗିଯାଇଥିଲା। ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଲୋକମାନେ ପାଟି କରିବାରୁ ସୌଭାଗ୍ୟବଶତଃ ଆରୋହୀଜଣକ ବାଇକ୍‌ଟିକୁ ରାସ୍ତାକଡ଼ରେ ଅଟକାଇ ଓହ୍ଲାଇ ପଡ଼ିଥିଲେ। ରାସ୍ତା ଉପରେ



## ଅଳ୍ପକେ ବର୍ତ୍ତିଲେ ଚାଳକ

ହୁତୁହୁତୁ ହୋଇ ବାଇକ୍‌ଟି ଜଳୁଥିବା ବେଳେ ଦୁଇ ପାର୍ଶ୍ୱରେ ଗାଡ଼ିମଟର ଚଳାଚଳ ବନ୍ଦ ହୋଇଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଅପରାଧୀଙ୍କୁ ପ୍ରୋତ୍ସାହନ ଦେଉଛନ୍ତି ପୁରୀ ସାଂସଦ: ଆପ୍

ପୁରୀ, ୭।୧୦(ସମିସ): ରାଜ୍ୟରେ ଆଇନ ଶୃଙ୍ଖଳା ରସାତଳଗାମୀ। ପୁଲିସକୁ ଭୟ କରୁନାହାନ୍ତି ଅପରାଧୀ। ପ୍ରତିଦିନ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅପରାଧ ମାତ୍ରା ବଢ଼ିବାରେ ଲାଗିଛି। କେଉଁଠି ହତ୍ୟା ତ ପୁଣି କେଉଁଠି ରାହାଜାନି, ଡକାୟତି ଭଳି ଘଟଣା ଘଟୁଛି। ଏକଦା ଶାନ୍ତିପ୍ରିୟ ରାଜ୍ୟ ଭାବେ ସୁନାମ ଆଣିଥିବା ଓଡ଼ିଶା ଆଜି ଅପରାଧ କ୍ଷେତ୍ରରେ ଜାତୀୟସ୍ତରରେ ବଦ୍‌ନାମ ହେଲାଣି। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର ଗୁଣ୍ଡା ପୋଷୁଛନ୍ତି ବୋଲି ସାଂଘାତିକ ଅଭିଯୋଗ ଆଣିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ମଙ୍ଗଳବାର ଆପ୍ ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏଭଳି ଅଭିଯୋଗ କରିଛନ୍ତି ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି।

ଶ୍ରୀ ମହାନ୍ତି କହିଛନ୍ତି ଯେ ପୁରୀରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ପବିତ୍ର ସହରରେ ଅପରାଧ ବଢୁଛି। ଜିଲ୍ଲାରେ ପୁଲିସର ଅଭାବ ଥାଇ ମଧ୍ୟ ବିଭାଗ ନିଜର ସାମର୍ଥ୍ୟ ବଢ଼େଇ ପାରୁନାହିଁ। ସମସ୍ତ ଜିଲ୍ଲାରେ ହୋମ୍‌ଗାର୍ଡ ପରୀକ୍ଷା ସରିଥିବାବେଳେ ପୁରୀରେ ଘୁଞ୍ଚିଘୁଞ୍ଚି ଚାଲିଛି। ତେବେ ଏଭଳି ସ୍ଥିତିରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର ଅପରାଧୀଙ୍କ ସହ ଫଟୋ ଉଠାଇ ନିଜର ସୋସିଆଲ ମିଡିଆରେ



ପୋଷ୍ଟ କରିଛନ୍ତି। ବାଲିମାଫିଆ ଭାବେ ବେଶ୍ ଜଣାଶୁଣା ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ହତ୍ୟା, ଗୁଣ୍ଡାରାଜ୍ ଭଳି ସଙ୍ଗିନ ଅଭିଯୋଗ ରହିଛି। ପୂର୍ବରୁ ପୁଲିସ ତାଙ୍କୁ ଏନ୍‌କାଉଣ୍ଟର କରିଥିଲା। ତାଙ୍କ ସହ ସାଂସଦ ନିଜେ ଫଟୋ ଉଠାଇ ନିଜର ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବାର ମାନେ କ'ଣ ଓ ସାଂସଦ ଅପରାଧୀଙ୍କ ସହ ଭାବ ରଖିବା କି ବାର୍ତ୍ତା ଦେଉଛି ବୋଲି ପ୍ରଶ୍ନ କରିଛନ୍ତି। ସାଂସଦ ଏହା ଉପରେ ସ୍ପଷ୍ଟୀକରଣ ଦେବା ଉଚିତ୍ ବୋଲି କହିଛନ୍ତି ସଞ୍ଜୀବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆପ୍ ପୁରୀ ସଦର ନିର୍ବାଚନମଣ୍ଡଳୀର ମହିଳା ସମ୍ପାଦିକା ସନ୍ଧ୍ୟା କୁମାରୀ ଦାଶ ଓ ଉପସଭାପତି ସମିନା ନାୟକ ଉପସ୍ଥିତ ଥିଲେ।

# ରାଉରକେଲାରୁ ବୃହତ୍ ଠକ ଗିରଫ

ରାଉରକେଲା, ୭।୧୦ (ସମିସ): ସୁଟ୍‌ବୁଟ୍ ସାଙ୍ଗକୁ ବଡ଼ଲୋକୀ ଠାଣି। ମୁହଁ ଖୋଲିଲେ ବାହାରୁଥିଲା ଅନର୍ଗଳ ଇଂରାଜୀ। ଖାଲି ସେତିକି ନୁହେଁ, ପଞ୍ଚତାରକା ହୋଟେଲରେ ରହଣି, ବଡ଼ବଡ଼ ସପିଙ୍ଗ୍ ମଲ୍‌ରୁ ବ୍ରାଣ୍ଡେଡ୍ ସାମଗ୍ରୀ କିଣାକିଣି ସାଙ୍ଗକୁ ଆହୁରି କେତେ କ'ଣ ମଉଜ ମଜଲିସ୍। ହେଲେ ଏସବୁ କେବଳ ଲୋକଙ୍କୁ ଠକି, ଭୁଆଁ ବୁଲାଇ। ଏପରି ଜଣେ ଧୂର୍ତ୍ତକୁ ଆଜି ରାଉରକେଲା ଉଦିତନଗର ଥାନା ପୁଲିସ ଗିରଫ କରିଛି। ସେ ହେଲା, ଆନ୍ଧ୍ରପ୍ରଦେଶ ରାଜ୍ୟ ବିଶାଖାପାଟଣା ଜିଲ୍ଲା ଅନ୍ତର୍ଗତ ଆରିଲୋଭା ଥାନା ପୁରୁଣା ଡାଏରୀ ଫାର୍ମ ଅଞ୍ଚଳର ବରୋଦା ସୁଧୀର (୨୫)। ବରୋଦାର ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨, କିନ୍ତୁ ଠକେଇରେ ସେ ପିଏଚ୍‌ଡି କରିଛି। ନିଜକୁ ରାଷ୍ଟ୍ରପତିଙ୍କ ଏନ୍‌ଏସ୍‌ଜି କମାଣ୍ଡୋ ପରିଚୟ ଦେଇ ସେ ରାଜ୍ୟରୁ ରାଜ୍ୟ ଘୂରି ବୁଲିବା ସହ ସପିଂ ମଲ୍, ହୋଟେଲ ଓ ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନକୁ ଚୂନ ମାରୁଥିଲା। ନକଲି ୟୁପିଆଇ ପେମେଣ୍ଟର ସ୍କ୍ରିନ୍-ସଟ୍ ଦେଖାଇ ବଡ଼ ଆରାମରେ ଠକୁଥିଲା। ତା' ନିକଟରୁ ପୁଲିସ ଡେବିଟ୍ କାର୍ଡ, ମୋବାଇଲ ଫୋନ୍, ନଗଦ ୭୦୦ଟଙ୍କା, ନକଲି ୟୁନିଫର୍ମ, ପୁଲିସ ଜୋତା, ବେଲ୍ଟ, ବ୍ରାଣ୍ଡେଡ୍ ପୋଷାକ, କୋଟ୍, ଚଷମା ଏବଂ ଅନ୍ୟ ବହୁ ସାମଗ୍ରୀ ପୁଲିସ ଜବତ କରିଛି।

■ ହୋଟେଲ, ଶୋ'ରୁମ୍, ରେଲୱେକୁ ମାରୁଥିଲା ଚୂନ
■ ନକଲି ସ୍କ୍ରିନ୍‌ସଟ୍ ଦେଖାଇ ଠକୁଥିଲା ଲକ୍ଷଲକ୍ଷ ଟଙ୍କା
■ ରାଷ୍ଟ୍ରପତିଙ୍କ ଏନ୍‌ଏସ୍‌ଜି କମାଣ୍ଡୋ କହି ଠକୁଥିଲା

ସୂଚନା ମୁତାବକ, ବରୋଦା ନିଜକୁ ବାଲୋଭାଡ଼ା ସାଇଶିବା ବୋଲି ପରିଚୟ ଦେଇ ସ୍ଥାନୀୟ ଛେଣ୍ଡସ୍ଥିତ ମେ' ଫେୟାର୍ ଭିଲେଜ ହୋଟେଲରେ ଗତକାଲିଠାରୁ ଆସି ରହିଥିଲା। ନିଜକୁ ରାଷ୍ଟ୍ରପତିଙ୍କ ଜଣେ ଏନ୍‌ଏସ୍‌ଜି କମାଣ୍ଡୋ ଅଧିକାରୀ ବୋଲି ହୋଟେଲରେ ପରିଚୟ ଦେଇଥିଲା। ଚେକ୍-ଇନ୍ ବେଳେ ୟୁପିଆଇ ଦ୍ୱାରା ୯୩୪୪ଟଙ୍କା ମଧ୍ୟ ପେମେଣ୍ଟ କରିଥିଲା। ତା'ର ଅନର୍ଗଳ ଇଂରାଜୀରୁ ସେ ଜଣେ ବୃହତ୍ ଠକ ବୋଲି ହୋଟେଲ କର୍ମଚାରୀଙ୍କ ଟିକିଏ ବି ସନ୍ଦେହ ହୋଇନଥିଲା। ପରେ ସେ ଜୟସ୍ୱାଲ ଟ୍ରାଭେଲସ୍‌ରୁ ଏକ ଟ୍ୟାକ୍ସି ବୁକ୍ କରି ସହରରେ ବୁଲିବା ସହ ଏକ ସ୍ପା'କୁ ଯାଇ ସେଠାରେ ଚୁଳ କାଟି ୟୁପିଆଇ ଦ୍ୱାରା ୩ହଜାର ଟଙ୍କା ପେମେଣ୍ଟ କରିଥିଲା। ସେହିପରି, ରାଉରକେଲା ମେନ୍ ମାର୍କେଟ୍‌ର ଏକ ଶୋ'ରୁମ୍‌ରୁ ଏକ ସୁଟ୍ କ୍ରୟ କରି ୟୁପିଆଇ ପେମେଣ୍ଟ କରିଥିଲା। ଏହାସହ ଅନ୍ୟ ଏକ ମଲ୍‌କୁ ଯାଇ ସେଠାରେ କିଛି ସାମଗ୍ରୀ କ୍ରୟ କରିଥିଲା। ତେବେ ସେ ୟୁପିଆଇ ପେମେଣ୍ଟ କରି ପେମେଣ୍ଟ 'ସକ୍‌ସେସଫୁଲ' ହୋଇଥିବା ସ୍କ୍ରିନ୍‌ସଟ୍ ଦେଖାଇଥିଲେ ମଧ୍ୟ ତାହା ଫେକ୍ ମେସେଜ୍ ଥିଲା ବୋଲି ପରେ ତଦନ୍ତରୁ ଜଣାପଡ଼ିଥିଲା।



ଏହା ପୂର୍ବରୁ ସେ ରାୟପୁର ଏବଂ ରାଞ୍ଚିରେ ତାରକା ହୋଟେଲରେ ରହି ଅନୁରୂପ ଭାବେ ୟୁପିଆଇ ଠକେଇ କରିବା ପରେ ଗତକାଲି ରାଉରକେଲା ଆସିଥିଲା। ସେଠାରେ ସେ ୟୁପିଆଇ ପେମେଣ୍ଟରେ ଫେକ୍ ମେସେଜ ଦେଖାଇ ହଜାର ହଜାର ଟଙ୍କା ଠକିଥିବା ନେବା ଜଣାପଡ଼ିବା ପରେ ରାୟପୁର ଓ ରାଞ୍ଚି ପୁଲିସ ତାକୁ ଟ୍ରାକିଂ କରିବା ସହ ଏ ସମ୍ପର୍କରେ ରାଉରକେଲା ପୁଲିସକୁ ସୂଚନା ଦେଇଥିଲା। ଯାହାକୁ ଆଧାର କରି ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଆଜି ଉଦିତନଗର ପୁଲିସ ଏହି ଠକକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଏ ସଂପର୍କରେ ଜୋନାଲ ଡିଏସ୍‌ପି ଅମରେନ୍ଦ୍ରେ ନାଥ ଷଣ୍ଢ କହିଛନ୍ତି ଯେ ମେ' ଫେୟାର୍ ଭିଲେଜ ହୋଟେଲର ଅଫିସ ସୁପରଭାଇଜର କୌଶିକ ଚକ୍ରବର୍ତ୍ତୀଙ୍କ ରିପୋର୍ଟ ମୁତାବକ ଗିରଫ ବି. ସୁଧୀର ଜଣେ ପେସାଦାର ଠକ। ସେ ନିଜକୁ ଜଣେ ଏନ୍‌ଏସଜି କମାଣ୍ଡୋ ପରିଚୟ ଦେଇ ତାଙ୍କ ହୋଟେଲରେ ଗତକାଲି ଚେକ୍-ଇନ୍ କରିଥିଲା। ତେବେ ସେ ରହିବାର ପ୍ରାୟ ୧ ଘଣ୍ଟା ପରେ ଜାମସେଦପୁରର ତାଜ୍ ଭିଭାନ୍ତା ହୋଟେଲର ମ୍ୟାନେଜର ଭୂପେନ୍ଦ୍ର ରାଠୋର ତା'ର କାରନାମା ସଂପର୍କରେ ମେ' ଫେୟାର୍ ହୋଟେଲ ଭିଲେଜର ଅଫିସ୍ ସୁପରଭାଇଜର୍ କୌଶିକ ଚକ୍ରବର୍ତ୍ତୀଙ୍କୁ ଫୋନ୍ କରି ଜଣାଇଥିଲେ। ବରୋଦା ଜଣେ ଠକ ଓ ସେ ପୂର୍ବରୁ ତାଙ୍କ ହୋଟେଲରେ ରହି ବିଲ ପୈଠ ନ କରି ଫେକ୍ ଟ୍ରାଞ୍ଜାକ୍ସନ ରିପୋର୍ଟ ଦେଖାଇ ଫେରାର ହୋଇଯାଇଥିଲା। ପରେ ଏ ସଂପର୍କରେ ଶ୍ରୀ ଚକ୍ରବର୍ତ୍ତୀ ଉଦିତନଗର ପୁଲିସକୁ ଖବର ଦେଇଥିଲେ।

ତଦନ୍ତରୁ ଜଣାଯାଇଛି ଯେ ବରୋଦା ଟ୍ରେନ୍‌ର ପ୍ରଥମ ଶ୍ରେଣୀରେ ଯାତ୍ରା କରିବା ସହ ବିଭିନ୍ନ ବିଳାସପୂର୍ଣ୍ଣ ହୋଟେଲରେ ରହୁଥିଲା। ହୋଟେଲ ପେମେଣ୍ଟଠାରୁ ଆରମ୍ଭ କରି ଟ୍ରେନ ଟିକେଟ, ବ୍ରାଣ୍ଡେଡ ସାମଗ୍ରୀ କ୍ରୟ ଆଦି ସବୁ କ୍ଷେତ୍ରରେ ସେ ୟୁପିଆଇ ପେମେଣ୍ଟରେ କାରସାଦି କରି ଠକୁଥିବା ଅଭିଯୋଗ ହୋଇଛି। ରାୟପୁର ଓ ରାଞ୍ଚି ପୁଲିସର ସୂଚନା ଆଧାରରେ ତାକୁ ଗିରଫ କରାଯାଇଥିବା ଡିଏସ୍‌ପି କହିଛନ୍ତି। ରାଉରକେଲା ପୁଲିସ୍ ଏବେ ପଚରାଉଚରା କରିବା ସହ ତା'ର ନେଟୱର୍କ ଏବଂ ଅନ୍ୟାନ୍ୟ ସମ୍ଭାବ୍ୟ ଠକେଇ ସମ୍ପର୍କରେ ତଦନ୍ତ କରୁଛି।

# ବିଜେପି ସରକାରରେ ନିଜ ଦଳର ଲୋକେ ବି ଅସୁରକ୍ଷିତ: କଂଗ୍ରେସ

ଭୁବନେଶ୍ୱର, ୭।୧୦(ସମିସ): ଗତ କିଛିଦିନ ଭିତରେ ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡିଛି। ଏପରି ଶାସନ ବ୍ୟବସ୍ଥାକୁ କେହି ଡରୁନାହାନ୍ତି। ଗତକାଲି ବିଜେପିର ବରିଷ୍ଠ ନେତା ତଥା ରାଜ୍ୟ ବାର୍ କାଉନସିଲର ବରିଷ୍ଠ ସଦସ୍ୟ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ତାଙ୍କର ଘର ସମ୍ମୁଖରେ ଗୁଳିକରି ଅତି ନିର୍ମମ ଭାବରେ ହତ୍ୟା କରାଯାଇଛି। ଆଜି ରାଜ୍ୟର ଏପରି ଅବସ୍ଥା କୌଣସି ଜାଗାରେ କିଛି ବି ଅଘଟଣ ଘଟିଯାଇପାରେ ବୋଲି କହିଛନ୍ତି କଂଗ୍ରେସ ମୁଖପାତ୍ର ଦେବାଶିଷ ପଟ୍ଟନାୟକ।

ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ବିଜେପି ନିଜ ବରିଷ୍ଠ ନେତାଙ୍କୁ ସୁରକ୍ଷା ଦେଇପାରୁନି। ଏଥିରେ ସାଧାରଣ ଲୋକଙ୍କ ସୁରକ୍ଷା କେମିତି ସୁନିଶ୍ଚିତ ହେବ। ଏଠି ମୁଖ୍ୟମନ୍ତ୍ରୀଙ୍କୁ ଦିଲ୍ଲୀରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ କାମ କରିବାକୁ ଦିଆ ଯାଉନାହିଁ ଓ ମୁଖ୍ୟମନ୍ତ୍ରୀ ପଦରେ ରହି ଯଦି ନ୍ୟାୟ ଦେବାରେ ଅସମର୍ଥ ତେବେ ମୁଖ୍ୟମନ୍ତ୍ରୀ ସମ୍ମାନର ସହ ଇସ୍ତଫା ଦେଇଦେବା ଦରକାର । ଯଦି ସରକାର ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ଧ୍ୟାନ ନଦିଅନ୍ତି, ଦୋଷୀଙ୍କୁ ଦଣ୍ଡ ବିଧାନ ନକରନ୍ତି ତେବେ ସାଧାରଣ ଲୋକଙ୍କ ସହ କଂଗ୍ରେସ ରାଜ ରାସ୍ତାରେ ଲଢେଇ କରିବ। ଖୋଦ୍ ମୁଖ୍ୟମନ୍ତ୍ରୀ ନିଜ ଅଧୀନରେ ଗୃହ ବିଭାଗ ରଖିଥିବା ବେଳେ ବର୍ତ୍ତମାନ ଆଇନ ଶୃଙ୍ଖଳା ପରିସ୍ଥିତି ଯେପରି ହୋଇଛି ତାଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟିର ସଭାପତି ରାଜୀବ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଗତକାଲି ବ୍ରହ୍ମପୁରର ବିଜେପି ନେତା ତଥା ବରିଷ୍ଠ ଆଇନଜୀବୀ, ଯିଏ ସର୍ବୋଚ୍ଚ ଭୋଟରେ ରାଜ୍ୟ ବାର୍ କାଉନସିଲକୁ ନିର୍ବାଚିତ ହେଇଥିଲେ ତାଙ୍କୁ ଗୁଳିକରି ହତ୍ୟା



## କେନ୍ଦ୍ର କାମ କରିବାକୁ ଦେଉ ନ ଥିଲେ ମୁଖ୍ୟମନ୍ତ୍ରୀ ଓହରିଯାଆନ୍ତୁ

କରିବା , ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଏବିଭିପି ନେତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ବାଚନ ମଣ୍ଡଳୀ ନିମାପଡା ବଳଙ୍ଗା ଛାତ୍ରୀଙ୍କୁ ଜାଳି ମାରିଦେବା ହେଉ ଅବା ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମ୍ମୁଖରେ ପ୍ରକାଶ ରଣବିଜୁଳିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାମାନରୁ ବିଜେପି ସରକାରର ଅପାରଗତା ଜଣାପଡୁଛି ବୋଲି ସେ କହିଛନ୍ତି।

ହଜାର ବର୍ଷର ଭାଇଚାରାର ସହର କଟକରେ ଯେଉଁଭଳି ଦଙ୍ଗା ହେଲା ଓ କର୍ଫ୍ୟୁ ହେଲା ତାହା ସରକାର ଓ ପୁଲିସର ନିଷ୍କ୍ରିୟତାକୁ ପଦାରେ ପକାଉଛି। ଭୁଲ୍ କାହାର ତାକୁ ଦଣ୍ଡ ମିଳିବା ଦରକାର କିନ୍ତୁ ଏଠି ଏତେବଡ଼ ଦଙ୍ଗା ହେଇଯାଉଛି, ହଜାର ହଜାର ଲୋକ ରାସ୍ତାକୁ ଆସୁଛନ୍ତି ଏଥିପାଇଁ ସରକାର ଓ ପୋଲିସ ଗୁଇନ୍ଦା ବିଭାଗର ଦାୟୀ। କଂଗ୍ରେସ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ସହ ଡିଜିପିଙ୍କ ଇସ୍ତଫା ଦାବି କରିଛି।

# ପଞ୍ଚାୟତ ଅଫିସ୍‌ରେ କୁଟୁରା ମାଂସ ଭୋଜି

ଆଠଗଡ଼, ୭।୧୦(ସମିସ): ମହାକାଳବସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଚଢ଼ଉ କରି ଆଠଗଡ଼ ବନ ବିଭାଗ କୁଟୁରା ମାଂସ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ବେଆଇନ ଭାବେ କୁଟୁରା ଶିକାର କରାଯାଇ ତାହାର ମାଂସକୁ ରନ୍ଧାଯାଉଥିଲା। ତେବେ ଏହି ଘଟଣାରେ ସଂପୃକ୍ତ ଥିବା ନାଏବ ସରପଞ୍ଚ ଅଶୋକ କୁମାର ରାଉଳ ଓ ଅରକ୍ଷିତ ବେହେରା ଫେରାର୍ ହୋଇଯାଇଥିବା ଆଠଗଡ଼ ରେଞ୍ଜର ସୁଷମା ସାହୁ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ମହାକାଳବସ୍ତ ଗ୍ରାମର କୃପାସିନ୍ଧୁ ରାଉତ ଓ ଅନ୍ୟ କେତେକ ସହଯୋଗୀ କୁଟୁରା ଶିକାର କରି ପଞ୍ଚାୟତ କାର୍ଯ୍ୟାଳୟଠାରେ ଭୋଜି କରୁଥିଲେ। ସଦର ବନରକ୍ଷୀ ପ୍ରିୟମ୍ବଦା ମହାନ୍ତି ଏ ସଂପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ଶ୍ରୀମତୀ ମହାନ୍ତି, ବନପାଳ ସୁଶୀଲ କୁମାର ଜେନା ଓ ଅନ୍ୟ କର୍ମଚାରୀଙ୍କ ସହ ଅତର୍କିତ ଭାବେ ପଞ୍ଚାୟତ କାର୍ଯ୍ୟାଳୟରେ ଚଢ଼ଉ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ସମସ୍ତେ କୌଶଳକ୍ରମେ ଖସି ପଳାଇ ଯାଇଥିବା ବେଳେ କୃପାସିନ୍ଧୁକୁ ବନବିଭାଗ କର୍ମଚାରୀ କାବୁ କରିନେଇଥିଲେ। ଘଟଣାସ୍ଥଳରୁ

■ ରନ୍ଧା ମାଂସ ଜବତ; ଜଣେ ଗିରଫ
■ ନାଏବ ସରପଞ୍ଚ ଫେରାର୍

ରନ୍ଧା କୁଟୁରା ମାଂସ ଜବତ ହୋଇଥିଲା। କୃପାସିନ୍ଧୁଙ୍କୁ ବନ ବିଭାଗ କର୍ମଚାରୀମାନେ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣି ପଚରାଉଚରା କରିବା ପରେ ଗିରଫ କରାଯାଇଛି। ଉକ୍ତ କୁଟୁରାଟି ନିକଟସ୍ଥ ଜଙ୍ଗଲରୁ ଶିକାର ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତଦନ୍ତରେ ବାଧା



ସୃଷ୍ଟି କାରଣରୁ ଅନ୍ୟ ଅଭିଯୁକ୍ତମାନଙ୍କ ନାମ ଘୋଷଣା ହୋଇନାହିଁ।

ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ ପାଳନ ଅବସରରେ ପଞ୍ଚାୟତ ଅଫିସରେ ବନ୍ୟପ୍ରାଣୀ ଶିକାର ଓ ଭୋଜି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଆଠଗଡ଼ ଏସିଏଫ୍ ମନୋଜ ପାତ୍ର କହିଛନ୍ତି, ପଞ୍ଚାୟତ କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭିର ଫୁଟେଜ୍‌କୁ ଜବତ କରିବା ସହ କାର୍ଯ୍ୟାଳୟକୁ ସିଲ କରିବା ପାଇଁ ଆଠଗଡ଼ ଉପଜିଲ୍ଲାପାଳ ଓ ପୁଲିସକୁ ବନବିଭାଗ ପକ୍ଷରୁ ଚିଠି ଲେଖାଯାଇଛି।

# ୧୩ରେ ଦିଲ୍ଲୀରେ ହେବ ମହାନଦୀ ସଂସଦ

ଭୁବନେଶ୍ୱର, ୭।୧୦(ସମିସ): ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଦିଲ୍ଲୀର ସମ୍ବିଧାନ କ୍ଲବରେ ଆସନ୍ତା ଅକ୍ଟୋବର ୧୩ରେ ମହାନଦୀ ସଂସଦ ବସିବ। ଭୁବନେଶ୍ୱରସ୍ଥିତ ହୋଟେଲ କେଶରୀର ସମ୍ମିଳନୀ

■ ଯୋଗଦେବେ ଓଡ଼ିଶା, ଛତିଶଗଡ଼ ଓ ଜାତୀୟ ନଦୀ ଅଧିକାର କର୍ମୀ ଏବଂ ଅନ୍ୟ ବିଶେଷଜ୍ଞ
■ ମହାନଦୀ ଜଳ ବିବାଦର ଆପୋସ ସମାଧାନ ସଂକ୍ରାନ୍ତରେ ହେବ ଆଲୋଚନା

କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମହାନଦୀ ବଞ୍ଚାଓ ଆନ୍ଦୋଳନ ପକ୍ଷରୁ ଏହି ଘୋଷଣା କରାଯାଇଛି। ଓଡ଼ିଶା, ଛତିଶଗଡ଼ରୁ ପ୍ରତିନିଧିମାନଙ୍କ ସହ ଦେଶର ବିଭିନ୍ନ ନଦୀର ସୁରକ୍ଷା ନେଇ କାର୍ଯ୍ୟରତ ନେତୃତ୍ୱ, ମହାନଦୀ ଟ୍ରିବ୍ୟୁନାଲରେ ନିଯୁକ୍ତ ଅଧିବକ୍ତା, ଓଡ଼ିଶା ହାଇକୋର୍ଟ ଓ ସୁପ୍ରିମକୋର୍ଟର ଓକିଲ ତଥା ଦେଶର ବିଶିଷ୍ଟ ନଦୀ ବେଶଷଜ୍ଞମାନେ ଏଥିରେ



ଯୋଗଦେବେ। ବିଜେପି, ବିଜେଡି, କଂଗ୍ରେସ ତଥା ଅନ୍ୟାନ୍ୟ ରାଜନୈତିକ ଦଳର ନେତାମାନଙ୍କୁ ମଧ୍ୟ ଏଥିରେ ଯୋଗ ଦେବାକୁ ନିବେଦନ କରାଯାଇଛି ବୋଲି ଜଳ ମାନବ ଡ. ରାଜେନ୍ଦ୍ର ସିଂ କହିଛନ୍ତି।

ମହାନଦୀ ଜଳ ବିବାଦର ଆପୋସ ସମାଧାନ ପାଇଁ ସମ୍ପ୍ରତି କେନ୍ଦ୍ର ଓ ଦୁଇ ରାଜ୍ୟ ସରକାର ମଧ୍ୟସ୍ଥତା ଭିତ୍ତିରେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମହାନଦୀ ବଞ୍ଚାଅ ଆନ୍ଦୋଳନ ଏହାକୁ ସ୍ୱାଗତ କରୁଛି। ମାତ୍ର ଏହି ପ୍ରକ୍ରିୟାକୁ କେବଳ ସରକାରୀ ବାବୁ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ତରରେ ସୀମାବଦ୍ଧ କଲେ ସୁଫଳ ମିଳିବ ନାହିଁ। ମହାନଦୀର ଜଳ ଓ ଏହାର ବେସିନ୍ ସହ ଜଡ଼ିତ ବିଭିନ୍ନ ବର୍ଗ ଓ ଗୋଷ୍ଠୀ, ସାମାଜିକ ସଂଗଠନ, ରାଜନୈତିକ ଦଳ ଓ ବିଶେଷଜ୍ଞମାନଙ୍କ ଭିତରେ ମଧ୍ୟ ସହମତି ଆସିବା ଦରକାର। ସେଥିପାଇଁ ଉଭୟ ଓଡ଼ିଶା ଓ ଛତିଶଗଡ଼ ସରକାର ପଦକ୍ଷେପ ନେବା ଜରୁରୀ ବୋଲି ଡ. ସିଂ କହିଛନ୍ତି।

ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ମହାନଦୀ ସଂସଦରେ ଆପୋସ ସମାଧାନର ବିଭିନ୍ନ ଦିଗ ବିଷୟରେ ଆଲୋଚନା ହେବ ଓ ଏହାର ସୁପାରିଶଗୁଡ଼ିକୁ କେନ୍ଦ୍ର ଓ ଉଭୟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ। ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ତଥା ସୁପ୍ରିମ କୋର୍ଟର ପୂର୍ବତନ ନ୍ୟାୟମୂର୍ତ୍ତି ଏଥିରେ ଅଧ୍ୟକ୍ଷତା କରିବେ ବୋଲି ଆବାହକ ସୁଦର୍ଶନ ଦାସ ଜଣାଇଛନ୍ତି। ଇଣ୍ଡିଆନ୍ ପେନିନସୁଲାର ରିଭର ବେସିନ୍ ଓ ହିମାଳୟାନ ରିଭର ବେସିନ କାଉନସିଲ, ଛାତିଶଗଡ଼ ନଦୀଘାଟି ମୋର୍ଚ୍ଚା, ଗୋଦାବରୀ ଓ କୃଷ୍ଣା କୁଟୁମ୍ବ, ଜଳ ଜନ ଯୋଡ଼ ଅଭିଯାନ ପ୍ରମୁଖ ସଂଗଠନଗୁଡ଼ିକ ଏଥିରେ ଯୋଗ ଦେବେ ବୋଲି ଶ୍ରୀ ଦାସ ସୂଚନା ପ୍ରଦାନ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ଅଚାନକ ଖୁସି ଖବର ପାଇପାରନ୍ତି। ଆୟ ଅନୁସାରେ ବ୍ୟୟ ହେବ। ପେଟ ଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତିତ ରହିପାରନ୍ତି। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଦୀର୍ଘ ଦିନର ଆଶା ପୂରଣ ହେବ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। । ଅଫିସ୍ ସହକର୍ମୀଙ୍କ ସହଯୋଗ ପାଇବେ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ନୂଆ ବ୍ୟବସାୟ ଆରମ୍ଭ କରିବେ। ଲୋକସମ୍ପର୍କ ବୃଦ୍ଧି ପାଇବ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଖର୍ଚ୍ଚ ବଢ଼ିପାରେ ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଯୁକ୍ତିତର୍କ ହୋଇପାରେ ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହେବ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୯୩୬- ହିନ୍ଦୀ ସାହିତ୍ୟ ଜଗତର କିମ୍ବଦନ୍ତୀ ଲେଖକ ମୁନ୍‌ସୀ ପ୍ରେମଚନ୍ଦଙ୍କ ଦେହାନ୍ତ।
- ୧୯୬୨ : ଆଲଜେରିଆ ଜାତିସଂଘରେ ଯୋଗଦେଲା ।
- ୧୯୮୦ : ରୁଷ୍-ସିରିୟା ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ।
- ୧୯୮୨ : ପୋଲାଣ୍ଡ ୬ଟି ରାଷ୍ଟ୍ର ସହ ବ୍ୟବସାୟିକ ସମ୍ପର୍କ ଛିନ୍ନ କଲା ।
- ୧୯୯୮ - ଭାରତ ଫ୍ଲାଇଟ୍ ସେଫ୍ଟି ଫାଉଣ୍ଡେସନ୍‌ର ସଦସ୍ୟ ହେଲା।
- ୨୦୦୫- ପାକିସ୍ତାନରେ ରିଆକ୍ଟର ସ୍କେଲରେ ୭.୬ ତୀବ୍ରତାର ଭୂମିକମ୍ପ ହେବାରୁ ୭୦ ହଜାର ଲୋକଙ୍କ ପ୍ରାଣହାନି।

## ପରିବେଶ ଅନୁକୂଳ ପ୍ଲାଷ୍ଟିକ୍



ପରିବେଶ ପାଇଁ ବିପଦ ପ୍ଲାଷ୍ଟିକ୍। ସେହିପରି ପ୍ଲାଷ୍ଟିକ୍ ପ୍ରଦୂଷଣ ଏବେ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ତେବେ ଜାପାନର କୋବେ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏମିତି ଏକ ଜିନିଷ ବିକଶିତ କରିଛନ୍ତି, ଯାହାକି ପାରମ୍ପରିକ ପ୍ଲାଷ୍ଟିକ୍‌ରେ ବ୍ୟବହାର କରାଯାଉଥିବା ହାନିକାରକ ତତ୍ତ୍ୱଗୁଡ଼ିକର ସ୍ଥାନ ନେଇପାରେ। ବୈଜ୍ଞାନିକମାନେ ପାଇରିଡିନଡାଇକାର୍ବୋକ୍ସିଲିକ୍ ଏସିଡ୍ (ପିଡିସିଏ) ନାମକ ଏକ ସାମଗ୍ରୀ ବିକଶିତ କରିଛନ୍ତି, ଯାହାକି ପାରମ୍ପରିକ ପ୍ଲାଷ୍ଟିକ୍‌ରେ ବ୍ୟବହାର କରାଯାଉଥିବା ହାନିକାରକ ରସାୟନ ଟେରେଫଥେଲିକ୍ ଏସିଡ୍‌ର ସ୍ଥାନ ନେଇପାରେ। ପିଡିସିଏର ବିଶେଷତ୍ତ୍ୱ ହେଉଛି, ଏହା ମାଟିରେ ସହଜରେ ମିଶିଯାଏ। ତା'ସହ ଏଥିରେ ନାଇଟ୍ରୋଜେନ୍ ଥିବାରୁ ଏହା ପରିବେଶ ଲାଗି ସୁରକ୍ଷିତ। ତେବେ ପ୍ରଥମେ ଯେତେବେଳେ ପିଡିସିଏ ତିଆରି କରିବାକୁ ଚେଷ୍ଟା କରାଗଲା ଉତ୍ପାଦନ ଖୁବ୍ କମ୍ ହେଉଥିଲା ଏବଂ ବିଷାକ୍ତ ଜୈବ ଉତ୍ପାଦ ବାହାରୁ ଥିଲା। ତେଣୁ ଜାପାନୀ ବୈଜ୍ଞାନିକ ଦଳ ଏଶ୍ଚେରିଆ କୋଲାଇ ଜୀବାଣୁକୁ ସଂଶୋଧିତ କରି ଏହି ସମସ୍ୟାର ସମାଧାନ ବାହାର କଲେ। ବୈଜ୍ଞାନିକମାନେ ଜୀବାଣୁଗୁଡ଼ିକୁ ଗ୍ଲୁକୋଜ ଦେବା ସହିତ କିଛି ଏନ୍‌ଜାଇମ୍‌ର ବ୍ୟବହାର କରିବାରୁ ଉତ୍ପାଦନ ସାତ ଗୁଣ ବୃଦ୍ଧି ପାଇଥିଲା। ଏପରିକି ବିଷାକ୍ତ ଜୈବ ଉତ୍ପାଦ ମଧ୍ୟ ଏଥିରୁ ବାହାରିଲା ନାହିଁ। ଅନ୍ୟପଟେ ପରିବେଶ ଅନୁକୂଳ ପ୍ଲାଷ୍ଟିକ୍ ତିଆରି ଦିଗରେ ଏହାକୁ ବଡ଼ ଉପଲବ୍ଧି ବୋଲି କୁହାଯାଉଛି। ପ୍ଲାଷ୍ଟିକ୍ ପ୍ରଦୂଷଣ ସଙ୍କଟ ସମାଧାନ ଦିଗରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇପାରେ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଅନ୍ୟପଟେ ଏହି ଗବେଷଣା ମେଟାବୋଲିକ୍ ଇଞ୍ଜିନିୟରିଂ ପତ୍ରିକାରେ ପ୍ରକାଶ ପାଇଛି।

## ସଞ୍ଜୟଙ୍କ ସହ କାମ କରିବେ ଅହାନ୍



ଅହାନ୍ ପାଣ୍ଡେ 'ସୈୟାରା' ଫିଲ୍ମରୁ ବଲିଉଡ୍ ଡେବ୍ୟୁ କରିଛନ୍ତି। ତାଙ୍କର ପ୍ରଥମ ଫିଲ୍ମ ହିଁ ବକ୍ସ ଅଫିସ୍‌ରେ ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଛି। ସବୁଠୁ ବଡ଼ କଥା ହେଲା ଅହାନ୍‌ଙ୍କ ଅଭିନୟ ଦର୍ଶକଙ୍କ ହୃଦୟକୁ ଛୁଇଁଛି। ଦର୍ଶକେ ଏବେ ତାଙ୍କର ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି। ନିକଟରେ ଅହାନ୍‌ଙ୍କୁ ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଲୀଙ୍କ ଅଫିସ୍ ଆଗରେ ଦେଖାଯାଇଥିଲା। ଏଥିରୁ ସେ ସଞ୍ଜୟଙ୍କ କୌଣସି ଫିଲ୍ମରେ କାମ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଯଦି ଅହାନ୍ ସଞ୍ଜୟଙ୍କ ଫିଲ୍ମରେ ହିରୋ ଭାବେ ଅଭିନୟ କରୁଛନ୍ତି ଏହା ତାଙ୍କ କ୍ୟାରିୟର ପାଇଁ ବେଶ୍ ଭଲ ହେବ ବୋଲି କୁହାଯାଉଛି। କାରଣ ସଞ୍ଜୟଙ୍କ ଫିଲ୍ମରେ ବଲିଉଡ୍‌ର ଆଗଧାଡ଼ିର କଳାକାରମାନଙ୍କୁ ହିଁ କାମ କରିବାର ସୁଯୋଗ ମିଳିଥାଏ। ସବୁଠୁ ବଡ଼ କଥା ହେଲା, ତାଙ୍କ ଫିଲ୍ମଗୁଡ଼ିକ ବ୍ଲକବଷ୍ଟର ସାବ୍ୟସ୍ତ ହୋଇଥାଏ। ସଞ୍ଜୟ ଏବେ 'ଲଭ୍ ଆଣ୍ଡ ୱାର୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହି ଫିଲ୍ମଟି ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଆଧାରିତ।

## ଭିନ୍ନ ମଣିଷ

## ୧୦ ବର୍ଷ ଧରି ପତ୍ର ଖାଇ ବଞ୍ଚିଛନ୍ତି

କର୍ଣ୍ଣାଟକ, ବେଲାଗାଭି ଅଞ୍ଚଳର ଉଗାରାଗୋଲାର ୩୪ ବର୍ଷୀୟ ବୁଦାନ ମାଲିକ ହୋସାମାନି ଏବେ ତାଙ୍କ ଅଜବ ଖାଦ୍ୟାଭ୍ୟାସ ପାଇଁ ଚର୍ଚ୍ଚାରେ ଅଛନ୍ତି। ବୁଦାନ ଜଣେ ଯୋଗ ପ୍ରଶିକ୍ଷକ। ଦୀର୍ଘ ୧୦ ବର୍ଷ ହେଲାଣି ସେ ହେଗୋଲା ପାହାଡ଼ ଉପରେ ରହୁଛନ୍ତି। ଖାଦ୍ୟ ବଦଳରେ ସେ ବିଭିନ୍ନ ପ୍ରକାର ଗଛ ଲତାର ପତ୍ର ଖାଇଥାନ୍ତି। ଝରଣାର ପାଣି ପିଇ ଶୋଷ ମେଣ୍ଟାଇଥାନ୍ତି। ଏଭଳି ଖାଦ୍ୟ ଖାଇ ମଧ୍ୟ ତାଙ୍କର ବେଶ୍ ବଳିଷ୍ଠ ଶରୀର ରହିଛି। ପ୍ରତିଦିନ ରାତି ୧୧ଟାରେ ଶୋଇ ଭୋର ୩ଟାରେ ବୁଦାନ ଉଠନ୍ତି। ଘଣ୍ଟାଏ ଯୋଗାଭ୍ୟାସ କରନ୍ତି। ଏହାପରେ ସେ ଦୁଇ ପ୍ଲେଟ୍ ପତ୍ର ଖାଇ ପାହାଡ଼ରୁ ଆସୁଥିବା ପାଣି ପିଅନ୍ତି। କିଛି ସମୟ ବିଶ୍ରାମ କରି ସେ ସ୍ନାନ କରନ୍ତି। ମଧ୍ୟାହ୍ନ ଭୋଜନରେ ବି ସେ ପତ୍ର ଖାଆନ୍ତି। ରାତି ୮ଟାରେ ଘଣ୍ଟାଏ ଯୋଗ କରି ପରେ ଏକ ପ୍ଲେଟ୍ ପତ୍ର ଖାଆନ୍ତି। କେବେକେବେ ବୁଦାନ ଭାତ ମଧ୍ୟ ଖାଆନ୍ତି। ଦୈନିକ ସେ ସାଢ଼େ ଚାରି ଘଣ୍ଟା ଶୁଅନ୍ତି। ତେବେ ମାଙ୍କଡ଼ମାନଙ୍କ ଜୀବନଚର୍ଯ୍ୟାରୁ ପ୍ରେରିତ ହୋଇ ସେ ଏପରି କରୁଥିବା ବୁଦାନ କହିଛନ୍ତି। ବର୍ତ୍ତମାନ ସେ ପାଖାପାଖି ୮୦ ପ୍ରକାରର ଗଛର ପତ୍ର ଖାଉଛନ୍ତି। ଏଥିପାଇଁ ତାଙ୍କୁ କେବେ ଜ୍ୱର କିମ୍ବା ଥଣ୍ଡା କାଶ ହୋଇନାହିଁ ବୋଲି ସେ କହିଛନ୍ତି। ସେ ତାଙ୍କ ଜୀବନରେ ମାତ୍ର ୩ ଥର ହସ୍‌ପିଟାଲ ଯାଇଥିବା କହିଛନ୍ତି।

ତେବେ ପିଲାଟି ଦିନରୁ ବୁଦାନ ଅଧିକ ସମୟ ପାହାଡ଼ରେ କାଟୁଥିଲେ। ସନ୍ଧ୍ୟା ହେଲେ ହିଁ ଘରକୁ ଫେରୁଥିଲେ। ୧୦ ବର୍ଷ ପୂର୍ବରୁ ସେ ଭାତ, ରୁଟି, ଚିକେନ୍, ମଟନ୍ ଆଦି ସବୁ ଖାଉଥିଲେ। ଏବେ ସେ ଗଛର ପତ୍ରଗୁଡ଼ିକୁ ଦିବ୍ୟ ଭୋଜନ ମନେ କରୁଛନ୍ତି। ତେବେ ସବୁଜ ପତ୍ର ଖାଇବା ସତ୍ତ୍ୱେ ତାଙ୍କର ପେଟଜନିତ କୌଣସି ରୋଗ ନାହିଁ। ବୁଦାନ ନିୟମିତ ୫୦ ପ୍ରକାର ଆସନ କରିଥାନ୍ତି। ଦିନସାରା ସେ ପାହାଡ଼ରେ ବୁଲନ୍ତି। ମୋବାଇଲରେ ପ୍ରତିଦିନ ଗରୁଡ଼ ଓ ଶିବ ପୁରାଣ ପଢ଼ନ୍ତି। ତାଙ୍କୁ ଟଙ୍କାର ଆବଶ୍ୟକତା ହେଲେ ସେ ରାଜମିସ୍ତ୍ରୀ କାମ କରନ୍ତି। ପାହାଡ଼କୁ ସେ ତାଙ୍କ ଘର କୁହନ୍ତି। ଏହା ତାଙ୍କୁ ସ୍ୱର୍ଗ ଭଳି ସୁଖ ଦେଇଥାଏ ବୋଲି ବୁଦାନ କହିଛନ୍ତି। ବୁଦାନଙ୍କ ପରିବାର କଥା କହିଲେ, ପିତାଙ୍କ ମୃତ୍ୟୁ ପରେ ମା' ତାଙ୍କ ଭାଇ ସହ ବେଙ୍ଗାଲୁରୁରେ ରୁହନ୍ତି। ଉଗାରାଗୋଲାରେ ତାଙ୍କର ଆହୁରି ଦୁଇ ଜଣ ଭାଇ ରହୁଛନ୍ତି। ତେବେ ବୁଦାନ ସାରା ଜୀବନ ଏକାକୀ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ୫.୯ ଫୁଟ ଉଚ୍ଚତା ବିଶିଷ୍ଟ ବୁଦାନଙ୍କ ଓଜନ ୬୦ କେଜି। ଗଛର ପତ୍ରକୁ ଖାଇ ହଜମ କରିବାର ଶକ୍ତି ଭଗବାନ ପଶୁପକ୍ଷୀମାନଙ୍କୁ ଦେଇଥିବାବେଳେ ବୁଦାନ ଏସବୁ ଖାଇ ହଜମ କରିବା ନିହାତି ଆଶ୍ଚର୍ଯ୍ୟକର ଘଟଣା ବୋଲି ଚିକିତ୍ସକମାନେ କହିଛନ୍ତି।



## ସମ୍ଭାବନା



## ଲାଙ୍ଗୁଏଜ୍ କୋର୍ସର ଲାଭ



ଆଜିର ସମୟରେ କୌଣସି ନୂଆ ଭାଷା ଶିଖିବା କେବଳ ଏକ ସଉକ ନୁହେଁ, ବରଂ ସଫଳତାର ପାହାଚ ପାଲଟିଛି। ନୂଆ ଭାଷା ଶିଖୁଥିବା ଲୋକଙ୍କୁ ନିଯୁକ୍ତିର ଭଲ ଅବସର ମିଳିଥାଏ। ବିଶେଷକରି ମଲଟିନ୍ୟାସନାଲ କମ୍ପାନି ଏବଂ ଆନ୍ତର୍ଜାତୀୟ ବ୍ୟବସାୟରେ। ଏହା ଭିଡ଼ ଭିତରେ ଭିନ୍ନ ଏକ ପରିଚୟ ପ୍ରଦାନ କରେ। ଗବେଷଣା କୁହେ, ନୂଆ ଭାଷା ଶିଖିବା ଦ୍ୱାରା ମସ୍ତିଷ୍କର ଚିନ୍ତା କରିବା କ୍ଷମତା, ମନେ ରଖିବାର କ୍ଷମତା ଏବଂ ସମସ୍ୟା ସମାଧାନ କରିବାର କଳା, କୌଶଳ ସୁଦୃଢ଼ ହୁଏ। ସେହିପରି କୌଣସି ନୂଆ ଭାଷା ଶିଖିଲେ, ସେହି ସ୍ଥାନର ଲୋକଙ୍କ ସଂସ୍କୃତି, ସେମାନଙ୍କର ଚାଲିଚଳଣି ଏବଂ ଚିନ୍ତାଧାରାକୁ ଭଲରେ ବୁଝିଥାଉ। ବିଦେଶ ଯାଉଥିଲେ ସେଠାକାର ସ୍ଥାନୀୟ ଭାଷା ଶିଖିବା ଦ୍ୱାରା ଯାତ୍ରା ସହଜ ଓ ମଜାଦାର ହୋଇଥାଏ। ନୂଆ ଭାଷା ଶିଖିବା ଦ୍ୱାରା ନିଜ ଭିତରେ ଆତ୍ମସମ୍ମାନ ଏବଂ ଆତ୍ମବିଶ୍ୱାସ ବୃଦ୍ଧି ପାଏ। ସେହିପରି ବିଭିନ୍ନ ଭାଷା ସମ୍ବନ୍ଧିତ କୋର୍ସ ବିଶ୍ୱ ତମାମ ଲୋକଙ୍କ ସହ ଜଡ଼ିତ ହେବାର ସୁଯୋଗ ଦିଏ। କିଛି ବିଦେଶୀ ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ ସେହି ଦେଶର ଭାଷା ଜାଣିବା ଜରୁରି। ଏ ଦୃଷ୍ଟିରୁ ଲାଙ୍ଗୁଏଜ୍ କୋର୍ସ ଉଚ୍ଚ ଶିକ୍ଷାର ରାସ୍ତାକୁ ଉନ୍ମୁକ୍ତ କରେ। ଇଣ୍ଟରନେଟ୍‌ରେ ଅନେକ ତଥ୍ୟ ବିଦେଶୀ ଭାଷାରେ ଉପଲବ୍ଧ। ତେଣୁ ଏକ ନୂଆ ଭାଷା ସେହି ଜ୍ଞାନ ପାଖରେ ପହଞ୍ଚାଏ।

## ଜେନ୍ ଜିଙ୍କ ମଧ୍ୟରେ ଲୋକପ୍ରିୟ 'ଫ୍ରେଣ୍ଡଫଲେସନ'



**ଆଜିକାଲି ସାମାଜିକ ଗଣମାଧ୍ୟମରେ ନୂଆ ନୂଆ ଶବ୍ଦ ଭାଇରାଲ ହେଉଛି। ଯାହା ବିଷୟରେ କ୍ୱଚିତ ଲୋକ ଜାଣନ୍ତି। ଏହି କ୍ରମରେ ଏଥିରୁ ଅନ୍ୟତମ 'ଫ୍ରେଣ୍ଡଫଲେସନ।' ଏହି ଶବ୍ଦ ଜେନ୍ ଜିଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ହୋଇପାରିଛି। ତେବେ ଏହାର ଅର୍ଥ କ'ଣ ଓ କାହିଁକି ଶବ୍ଦଟିର ଲୋକପ୍ରିୟତା ବଢ଼ୁଛି, ସେ ସମ୍ପର୍କରେ ଜାଣିବା।**

- ଫ୍ରେଣ୍ଡ (ବନ୍ଧୁ) ଏବଂ ଇନଫଲେସନ (ମହଙ୍ଗା) ରୁ ଦୁଇଟି ଶବ୍ଦରୁ ମିଶି 'ଫ୍ରେଣ୍ଡଫଲେସନ' ହୋଇଛି। ଆଜିକାଲି ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବା ମହଙ୍ଗା ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଏହି ଶବ୍ଦର ଲୋକପ୍ରିୟତା ବଢ଼ିଛି। ତେବେ ଫ୍ରେଣ୍ଡଫଲେସନର ସିଧା ଅର୍ଥ ହେଲା ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବାରେ ଅଧିକ ଅର୍ଥ ଖର୍ଚ୍ଚ କରିବା। ଏବେ ଅନେକେ ସାଙ୍ଗସାଥୀଙ୍କ ସହ ଦେଖା କରିବା ଏବଂ ସମୟ ଅତିବାହିତ କରିବା ଲାଗି କାଫେ, ପାର୍ଟି ଏବଂ ଭିନ୍ନ ଭିନ୍ନ ଆଉଟିଂ ଡେଷ୍ଟିନେସନର ସାହାରା ନିଅନ୍ତି। ଏ ଲାଗି ଅତ୍ୟଧିକ ଟଙ୍କା ଖର୍ଚ୍ଚ ହୁଏ। ତେଣୁ ଏଭଳି ସ୍ଥଳେ ଫ୍ରେଣ୍ଡଫଲେସନ ବ୍ୟବହାରର ଉପଯୋଗିତା ଗୁରୁତ୍ୱ ବହନ କରେ। ତେଣୁ ଏହା ଜେନ ଜେଡ୍‌ଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ହୋଇପାରିଛି।
- ଆଜିର ସମୟରେ ବନ୍ଧୁତା କେବଳ ଇମୋସନାଲ ଆଟାଚମେଣ୍ଟ ପର୍ଯ୍ୟନ୍ତ ସୀମିତ ରହି ନାହିଁ, ଏହା ଲୋକଙ୍କ ବଜେଟ୍ ଉପରେ ଖୁବ୍ ପ୍ରଭାବ ପକାଉଛି। ଅନେକ ଲୋକ ସୋସିଆଲ ଷ୍ଟାଟସ ମେଣ୍ଟେନ କରିବା ଲାଗି ସାଙ୍ଗଙ୍କ ସହିତ ମହଙ୍ଗା କାଫେ ଏବଂ ପାର୍ଟିକୁ ଯିବାକୁ ପସନ୍ଦ କରୁଛନ୍ତି। ଏଭଳି କରିବା ପଛର ଉଦ୍ଦେଶ୍ୟ କେବଳ ନିଜ ବନ୍ଧୁତାକୁ ବଜାୟ ରଖିବା।
- ବର୍ତ୍ତମାନ ଜନ୍ମଦିନ ପାର୍ଟି କେକ୍ ଓ ସ୍ନାକ୍ସରେ ସୀମିତ ନାହିଁ। ଘରେ ବି ପାର୍ଟି ରଖିବା ପାଇଁ ଲୋକଙ୍କୁ ବହୁ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏହା ଯୋଗୁଁ ଆର୍ଥିକ ଚାପ ଏବଂ ମାନସିକ ଚାପ ଉଭୟର ସାମ୍ନା କରିବାକୁ ପଡୁଛି। ତେଣୁ ଅନେକ ଏବେ ଭାବୁଛନ୍ତି ବନ୍ଧୁତା ମଧ୍ୟ ମହଙ୍ଗା ହୋଇଛି। ତେବେ ପ୍ରକୃତ ବନ୍ଧୁତା ଥିଲେ ଏଭଳି ଖର୍ଚ୍ଚ କରିବାକୁ ପଡ଼େ ନାହିଁ। ଏହାର ଅର୍ଥ ନୁହେଁ ଯେ, ଆଦୌ ଖର୍ଚ୍ଚ କରିବାକୁ ମନା କରାଯାଉଛି। ପ୍ରଥମେ ଟଙ୍କା ସଞ୍ଚୟ କରି ସାଙ୍ଗମାନଙ୍କ ସହିତ ବୁଲାବୁଲି କରିବାକୁ ଯାଇପାରିବେ। ଅନ୍ୟପଟେ ସାଙ୍ଗସହିତ ଖାଇବା ପିଇବା ଖର୍ଚ୍ଚ ଭାଗ ବାଣ୍ଟି ମିଳିମିଶି ଖର୍ଚ୍ଚ କରିବା ଦରକାର।

## ସାକ୍ଷାତକାରରେ କ'ଣ ନେବେ

**ସାକ୍ଷାତକାରକୁ ଯିବା ବେଳେ ଲୋକେ ନିଜ ବେଶଭୂଷା ଉପରେ ଗୁରୁତ୍ୱ ଦିଅନ୍ତି। ତା'ସହ କିଛି ଜରୁରି ଜିନିଷ ସାଙ୍ଗରେ ନିଅନ୍ତି। ତେବେ ସାକ୍ଷାତକାରକୁ ଯିବା ବେଳେ ସାଙ୍ଗରେ କ'ଣ ନେଇକି ଯିବେ, ସେ ସମ୍ପର୍କରେ ଜାଣିବା।**



- ବେଳେ ବେଳେ ସାକ୍ଷାତକାରରେ ଏକରୁ ଅଧିକ ଲୋକ ଥାନ୍ତି। ତେଣୁ ନିଜ ସହ ନିଜ ବାୟୋଡାଟାର ୩-୪ଟି କପି ନେଇ ଯାଆନ୍ତୁ।
- ଚାକିରି ପାଇଁ କଭର୍ ଲେଟର ପ୍ରେରଣ କରିଥିଲେ, ତାହାକୁ ସାଙ୍ଗରେ ରଖିବା ଉଚିତ।
- ଆଧାରକାର୍ଡ, ପ୍ୟାନ୍ କାର୍ଡ ଏବଂ ଡ୍ରାଇଭିଂ ଲାଇସେନ୍ସ ଭଳି ଜରୁରି କାଗଜପତ୍ର ସାଙ୍ଗରେ ନିଅନ୍ତୁ ।
- ଡିଗ୍ରୀ, ମାର୍କସିଟ୍, ଅଭିଜ୍ଞତା ସହ ଜଡ଼ିତ ଦସ୍ତାବିଜ୍‌ର ଏକ ହୋଲଡର କରନ୍ତୁ।
- ଗ୍ରାଫିକ୍ ଡିଜାଇନ, ଫଟୋଗ୍ରାଫି ସହିତ ଜଡ଼ିତ ଚାକିରି ପାଇଁ ସାକ୍ଷାତକାର ଦେଉଥିଲେ ନିଜର ପୋର୍ଟଫୋଲିଓ ନିହାତି ନିଅନ୍ତୁ।
- ଜରୁରି କଥାକୁ ଲେଖିବା ପାଇଁ କାଗଜ ଓ କଲମ ପାଖରେ ରଖନ୍ତୁ।
- ଭୟଭୀତ ନ ହୋଇ ଆତ୍ମବିଶ୍ୱାସର ସହ ସାକ୍ଷାତକାରକୁ ଯିବା ଉଚିତ।

## ବ୍ୟକ୍ତିତ୍ୱ ବିକାଶର ଉପାୟ

**ପ୍ରତ୍ୟେକ ମାଆବାପା ଚାହାନ୍ତି, ପିଲାମାନେ ନିଜ ଜୀବନରେ ଆଗକୁ ବଢ଼ନ୍ତୁ। ସେଥିପାଇଁ ସେମାନେ ସବୁ ପ୍ରକାର ପ୍ରୟାସ ପ୍ରାରମ୍ଭରୁ କରିଥାନ୍ତି। ତେବେ ପିଲାବେଳୁ ସେମାନଙ୍କୁ ନିମ୍ନ ପ୍ରଦତ୍ତ କେତେକ ଅଭ୍ୟାସରେ ଅଭ୍ୟସ୍ତ କରାଇବା ଦରକାର, ଯାହା ସେମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେବା ସହ ସେମାନଙ୍କ ଜୀବନରେ ସଫଳତା ଲାଭ କରିବାରେ ବି ସାହାଯ୍ୟ କରିବ।**



- ପିଲାଙ୍କୁ ସକାରାତ୍ମକ ଚିନ୍ତାଧାରା ସହ ଜୀବନ ଜିଇଁବା ଶିଖାନ୍ତୁ। ସକାରାତ୍ମକ ଚିନ୍ତାଧାରା ହିଁ ଜଟିଳ ସମସ୍ୟାକୁ ସାମ୍ନା କରିବାରେ ସହାୟକ ହୋଇଥାଏ।
- ପିଲାବେଳୁ ପିଲାମାନଙ୍କ ମଧ୍ୟରେ ଶିଖିବାର କଳା ରହିବା ଜରୁରି। ଏହି ଅଭ୍ୟାସ ସେମାନଙ୍କ ଜୀବନରେ ଉନ୍ନତି ଦିଗରେ ସହାୟକ ହୁଏ।
- ପିଲାଙ୍କୁ ନିଜ ଉପରେ ଗୁରୁତ୍ୱ ଦେବା ଜରୁରି। ଅନ୍ୟ ସହ ନିଜକୁ ତୁଳନା ନ କରି ନିଜ କାମ ଉପରେ ଧ୍ୟାନ ଦିଅନ୍ତୁ।
- ମୋବାଇଲ ପିଲାଙ୍କ ଦକ୍ଷତା ବିକାଶକୁ ପ୍ରଭାବିତ କରୁଛି। ସେଥିପାଇଁ ମୋବାଇଲ ବ୍ୟତୀତ ବହି ପଢ଼ା ଅଭ୍ୟାସକୁ ଆପଣାଇବା ଭଲ।
- ଏହାବାଦ୍ ପିଲାଙ୍କ ମଧ୍ୟରେ ସେଲଫ୍ ଡିସିପ୍ଲିନ୍ ରହିବା ଜରୁରି। ଏହା ସେମାନଙ୍କୁ ଆଗକୁ ନେବାରେ ସାହାଯ୍ୟ କରେ। ଏଣୁ ନିଜ ଭିତରେ ଅନୁଶାସନ ରହିବା ଭଲ।

ଭାରତ-ଅଷ୍ଟ୍ରେଲିଆ ସୀମିତ ଓଭର ସିରିଜ

# ମାର୍ଶଙ୍କୁ ନେତୃତ୍ୱ; ଦିନିକିଆକୁ ଫେରିଲେ ଷ୍ଟାର୍କ

ସିଡ୍‌ନୀ, ୭ ।୧୦ (ଏଜେନ୍ସି)

ଭ୍ରମଣକାରୀ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ସୀମିତ ଓଭର ସିରିଜ ଚଳିତ ମାସ ତୃତୀୟ ସପ୍ତାହରୁ ଆରମ୍ଭ ହେବାକୁଯାଉଛି। ଏଥିଲାଗି ଘରୋଇ ଅଷ୍ଟ୍ରେଲିଆ ପକ୍ଷରୁ ମଙ୍ଗଳବାର ଦିନିକିଆ ଓ ଟି-୨୦ ଦଳ ଘୋଷଣା କରାଯାଇଛି। ଅଭିଜ୍ଞ ବ୍ୟାଟର୍ ମିଚେଲ ମାର୍ଶଙ୍କୁ ଉଭୟ ଫର୍ମାଟ୍ ଲାଗି ନେତୃତ୍ୱ ଭାର ଦିଆଯାଇଛି। ଆହତ ସମସ୍ୟାରୁ ମୁକୁଳି ନ ଥିବାରୁ ପ୍ୟାଟ୍ କମିନ୍ସଙ୍କ ସ୍ଥାନରେ ମାର୍ଶ ଦିନିକିଆ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ। ସେହିଭଳି ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ପାଖାପାଖି ଏକ ବର୍ଷ ପରେ ଦିନିକିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶେଷଥର ଲାଗି ସେ ଗତବର୍ଷ ନଭେମ୍ବରରେ ପାକିସ୍ତାନ ବିପକ୍ଷରେ ଦିନିକିଆ ମ୍ୟାଚ୍ ଖେଳିଥିଲେ। ଷ୍ଟାର୍କଙ୍କ ବ୍ୟତୀତ ମାଇକେଲ ଓ୍ୱିନ, ମାଥ୍ୟୁ ରେନଶ ଓ ମାଥ୍ୟୁ ଶର୍ଟ ମଧ୍ୟ ୫୦ ଓଭର ଫର୍ମାଟ୍‌କୁ ଫେରିଛନ୍ତି। ଅପରପକ୍ଷରେ ୨୦୨୩ ବିଶ୍ୱକପ୍‌ରେ ଚାମ୍ପିଅନ ଅଷ୍ଟ୍ରେଲିଆ ଦଳର ପ୍ରମୁଖ ସଦସ୍ୟ ରହିଥିବା ମାର୍ନସ ଲାବୁଶେନଙ୍କୁ ଖରାପ ଫର୍ମ ଲାଗି ଦିନିକିଆ ଦଳରୁ ବାଦ୍ ଦିଆଯାଇଛି। ସେହିଭଳି ରିଷ୍ଟ ଆଘାତ ସମସ୍ୟାରୁ ମୁକୁଳି ନ ଥିବାରୁ ଅଲ୍‌ରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲଙ୍କୁ ଉଭୟ ସିରିଜ ଲାଗି ଦଳରେ ସ୍ଥାନ




ମିଳିନାହିଁ। ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଅକ୍ଟୋବର ୧୯ରୁ ଆରମ୍ଭ ହେବ। ଏହାପରେ ଅକ୍ଟୋବର ୨୯ରୁ ପାଞ୍ଚଟିକିଆ ଟି-୨୦ ସିରିଜ ଖେଳାଯିବ। ଟି-୨୦ ସିରିଜର ପ୍ରଥମ ଦୁଇଟି ମ୍ୟାଚ୍ ଲାଗି ଅଷ୍ଟ୍ରେଲିଆ ଦଳ ଘୋଷଣା କରିଛି।

**ଅଷ୍ଟ୍ରେଲିଆ ଦିନିକିଆ ଦଳ** : ମିଚେଲ ମାର୍ଶ (ଅଧିନାୟକ), ଆଲେକ୍ସ କେରୀ, ଜାଭିଅର ବାର୍ତ୍ତଲେଟ୍ଟ, ନାଥନ ଏଲିସ, ବେନ ଡାରୱିସ, କୁପର କନୋଲୀ, କାମେରନ ଗ୍ରୀନ, ଜୋଶ୍ ହାଜଲେଉଡ୍, ଟ୍ରାଭିସ ହେଡ୍, ଜୋଶ୍ ଇଂଲିଶ, ମାଇକେଲ ଓ୍ୱିନ, ମାଥ୍ୟୁ ରେନଶ, ମାଥ୍ୟୁ ଶର୍ଟ, ମିଚେଲ ଷ୍ଟାର୍କ ଓ ଆଦାମ ଜାମ୍ପା।

**ଅଷ୍ଟ୍ରେଲିଆ ଟି-୨୦ ଦଳ** : ମିଚେଲ ମାର୍ଶ (ଅଧିନାୟକ), ସିନ୍ ଆବଟ, ଜାଭିଅର ବାର୍ତଲେଟ୍ଟ, ଟିମ୍ ଡେଭିଡ୍, ନାଥନ ଏଲିସ, ବେନ ଡାରୱିସ, ଜୋଶ୍ ହାଜଲେଉଡ୍, ଟ୍ରାଭିସ ହେଡ୍, ଜୋଶ୍ ଇଂଲିଶ, ମାଇକେଲ ଓ୍ୱିନ, ମାଥ୍ୟୁ ଶର୍ଟ, ଆଦାମ ଜାମ୍ପା, ମାର୍କସ ଷ୍ଟୋଇନିସ, ମାଥ୍ୟୁ କୁନେମାନ୍‌।

**ଭାରତ-ଅଷ୍ଟ୍ରେଲିଆ ସିରିଜ କାର୍ଯ୍ୟସୂଚୀ**

| | | |
|---|---|---|
| ଅକ୍ଟୋବର ୧୯ | : | ପ୍ରଥମ ଦିନିକିଆ, ପର୍ଥ |
| ଅକ୍ଟୋବର ୨୩ | : | ଦ୍ୱିତୀୟ ଦିନିକିଆ, ଆଡିଲେଡ୍ |
| ଅକ୍ଟୋବର ୨୫ | : | ତୃତୀୟ ଦିନିକିଆ, ସିଡ୍‌ନୀ |
| ଅକ୍ଟୋବର ୨୯ | : | ପ୍ରଥମ ଟି-୨୦, କାନବେରା |
| ଅକ୍ଟୋବର ୩୧ | : | ଦ୍ୱିତୀୟ ଟି-୨୦, ମେଲବୋର୍ଣ୍ଣ |
| ନଭେମ୍ବର ୨ | : | ତୃତୀୟ ଟି-୨୦, ହୋବାର୍ଟ |
| ନଭେମ୍ବର ୬ | : | ଚତୁର୍ଥ ଟି-୨୦, ଗୋଲ୍ଡ କୋଷ୍ଟ |
| ନଭେମ୍ବର ୮ | : | ପଞ୍ଚମ ଟି-୨୦, ବ୍ରିସବେନ |

ବି.ଦ୍ର.: ଦିନିକିଆ ମ୍ୟାଚ୍ ସକାଳ ୯ଟାରୁ ଏବଂ ଟି-୨୦ ଅପରାହ୍ଣ ୧.୪୫ରୁ ଆରମ୍ଭ ହେବ।

## ସାର୍ଟିଫାଏଡ୍ ଡ୍ରୋନ୍ ପାଇଲଟ୍ ହେଲେ ଧୋନି

ନୂଆଦିଲ୍ଲୀ, ୭ ।୧୦ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ସବୁଠୁ ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କ ସୌଖିନ କାର ଓ ସୁପରବାଇକ୍ ପ୍ରତି ଦୁର୍ବଳତା



ରହିଥିବା ସମସ୍ତେ ଜାଣିଛନ୍ତି। ରାଞ୍ଚିସ୍ଥିତ ତାଙ୍କ ଫାର୍ମ ହାଉସରେ ସେ ଏକାଧିକ ଦାମୀ କାର୍ ଓ ବାଇକ୍ ସଜ୍ଜିତ କରି ରଖିଛନ୍ତି। ଏହାବାଦ୍ ଧୋନି ଇଞ୍ଜିନ ଓ ପ୍ରଯୁକ୍ତିବିଦ୍ୟା ପ୍ରତି ମଧ୍ୟ ଆକର୍ଷଣ ରଖିଥାନ୍ତି। ସଦ୍ୟ ଧୋନି ଏହି କ୍ଷେତ୍ରରେ ଏକ ସଫଳତା ପାଇଛନ୍ତି। ମଙ୍ଗଳବାର ଧୋନି ସାମାଜିକ ଗଣମାଧ୍ୟମ ଜରିଆରେ ଘୋଷଣା କରିଛନ୍ତି ଯେ ସେ ଆନୁଷ୍ଠାନିକ ଭାବେ ଏକ ଡ୍ରୋନ ପାଇଲଟ୍ ଲାଇସେନ୍ସ ପାଇଛନ୍ତି। ୪୪ ବର୍ଷୀୟ ଧୋନି ବର୍ତ୍ତମାନ ଭାରତର ପ୍ରମୁଖ ଡ୍ରୋନ ନିର୍ମାତା କମ୍ପାନୀ ଗରୁଡ ଏରେସ୍ପେସର ବ୍ରାଣ୍ଡ ଆମ୍ବାସାଡର ରହିଛନ୍ତି। ଏହି କମ୍ପାନୀର ଏକ ଡ୍ରୋନ ପାଇଲଟ୍ ତାଲିମ କାର୍ଯ୍ୟକ୍ରମ ଚେନ୍ନଇରେ ଶେଷ ହୋଇଥିଲା। ଡିଜିସିଏ ଅନୁମୋଦିତ ଏହି ରିମୋଟ ପାଇଲଟ୍ ତାଲିମରେ ଧୋନି ବ୍ୟକ୍ତିଗତ ଭାବେ ତାଲିମ ନେବା ସହ ପାଇଲଟ୍ ଭାବରେ ପ୍ରମାଣପତ୍ର ପାଇଛନ୍ତି ବୋଲି ଗରୁଡ଼ ଏରୋସ୍ପେସ କମ୍ପାନୀ ପକ୍ଷରୁ କୁହାଯାଇଛି। ପ୍ରକାଶଯୋଗ୍ୟ, ଧୋନି କ୍ରିକେଟ୍ ଦୁନିଆ ବାହାରେ ଏକାଧିକ କ୍ଷେତ୍ରରେ ମଧ୍ୟ ସଫଳତା ପାଇଛନ୍ତି। ତାଙ୍କୁ ୨୦୧୧ରେ ଟେରିଟୋରିଆଲ ଆର୍ମିର ପାରାସୁଟ୍ ରେଜିମେଣ୍ଟରେ ଲେଫ୍ଟନାଣ୍ଟ କର୍ଣ୍ଣେଲ ପଦବୀରେ ସମ୍ମାନିତ କରାଯାଇଥିଲା। ସେହିଭଳି ପ୍ରଶିକ୍ଷିତ ପାରାଚୁଟର୍ ଭାବେ ମଧ୍ୟ ଯୋଗ୍ୟତା ହାସଲ କରିଥିଲେ।

## ସିଜନର ୬୦ତମ ବିଜୟ ହାସଲ କଲେ ସ୍ୱିଆଟେକ



ଉହାନ, ୭ ।୧୦ (ଏଜେନ୍ସି): ଚାଇନାରେ ଚାଲିଥିବା ଉହାନ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଇଗା ସ୍ୱିଆଟେକ ସହଜ ବିଜୟ ସହ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ରାଉଣ୍ଡ-୩୨ର ଏକ ମ୍ୟାଚରେ ଦ୍ୱିତୀୟ ସିଡ୍ ସ୍ୱିଆଟେକ୍ ୬-୧, ୬-୧ ସିଧାସଳଖ ସେଟ୍‌ରେ ଚେକ୍ ଗଣରାଜ୍ୟର ମାରିଏ ବୌଜକୋଭାଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ପୋଲାଣ୍ଡ ତାରକା ସ୍ୱିଆଟେକଙ୍କୁ ମାତ୍ର ଏକ ଘଣ୍ଟା ୧୮ ମିନିଟ୍ ସମୟ ଲାଗିଥିଲା। ସେହିଭଳି ଚଳିତ ବର୍ଷ ଏହା ତାଙ୍କର ୬୦ତମ ବିଜୟ ଥିଲା। ଏହାବାଦ୍ ଡବ୍ଲ୍ୟୁଟିଏ-୧୦୦୦ ଟୁର୍ଣ୍ଣାମେଣ୍ଟରେ ସ୍ୱିଆଟେକ ୧୦୦ତମ ସିଧାସଳଖ ସେଟ୍ ବିଜୟ ହାସଲ କରିଛନ୍ତି। ୧୫୩ତମ ମ୍ୟାଚ୍ ଖେଳୁଥିବାବେଳେ ସେ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ଡବ୍ଲ୍ୟୁଟିଏ-୧୦୦୦ ଟୁର୍ଣ୍ଣାମେଣ୍ଟରେ କମ୍ ମ୍ୟାଚ୍ ଖେଳି ୧୦୦ତମ ସିଧାସଳଖ ସେଟ୍ ବିଜୟ ହାସଲ କରିବାର ରେକର୍ଡ ଷ୍ଟେଫି ଗ୍ରାଫ୍ (୧୨୨ ମ୍ୟାଚ୍)ଙ୍କ ନାମରେ ରହିଛି। ମାର୍ଟିନା ହିଙ୍ଗିସ (୧୪୫) ଓ ସେରେନା ୱିଲିୟମ୍ସ (୧୪୪ତମ ମ୍ୟାଚ) ମଧ୍ୟ ସ୍ୱିଆଟେକଙ୍କଠୁ କମ୍ ମ୍ୟାଚ୍ ଖେଳି ଏହି ସଫଳତା ପାଇଛନ୍ତି।

● ଆଇସିସି ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ

## ଶୀର୍ଷ ସ୍ଥାନ ବଜାୟ ରଖିଲେ ମନ୍ଧାନା

ଦୁବାଇ, ୭ ।୧୦ (ଏଜେନ୍ସି): ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ ପ୍ରକାଶ ପାଇଛି। ମଙ୍ଗଳବାର ସଦ୍ୟପ୍ରକାଶିତ ର୍‍ୟାଙ୍କିଙ୍ଗରେ ଭାରତର ତାରକା ମହିଳା ବ୍ୟାଟର୍ ସ୍ମୃତି ମନ୍ଧାନା ଶୀର୍ଷ ସ୍ଥାନକୁ ବଜାୟ ରଖିଛନ୍ତି। ମନ୍ଧାନା ୭୯୧ ରେଟିଂ ପଏଣ୍ଟ ସହ ପୂର୍ବଭଳି ଏକ ନମ୍ବର ସ୍ଥାନରେ ରହିଛନ୍ତି। ଚଳିତ ଦିନିକିଆ ବିଶ୍ୱକପ୍‌ର



ପ୍ରଥମ ଦୁଇଟି ମ୍ୟାଚରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ ମଧ୍ୟ ଏହାର ପ୍ରଭାବ ତାଙ୍କ ମାନ୍ୟତା ଉପରେ ପଡ଼ିନାହିଁ। ବିଶ୍ୱକପ୍‌ରେ ସେ ଶ୍ରୀଲଙ୍କା ବିପକ୍ଷ ଉଦ୍‌ଘାଟନୀ ମ୍ୟାଚରେ ୮ ଓ ପାକିସ୍ତାନ ବିପକ୍ଷରେ ୨୩ ରନର ପାଳି ଖେଳିଥିଲେ। ବ୍ୟାଟିଂ ତାଲିକାର ଟପ୍-୧୦ରେ ଅନ୍ୟକୌଣସି ଭାରତୀୟ ମହିଳା ବ୍ୟାଟର୍ ସ୍ଥାନ ପାଇବାରେ ସଫଳ ହୋଇନାହାନ୍ତି। ଅଧିନାୟିକା ହରମନପ୍ରୀତ୍ କୌର ୨ଟି ସ୍ଥାନ ହରାଇ ୧୬ରେ ରହିଛନ୍ତି। ମହିଳା ଦିନିକିଆ ବ୍ୟାଟିଂ ତାଲିକାର ୨ୟ ଓ ୩ୟ ସ୍ଥାନରେ ଯଥାକ୍ରମେ ଇଂଲଣ୍ଡର ନାଟାଲୀ ସ୍କିଭର-ବ୍ରଣ୍ଟ ଓ ଅଷ୍ଟ୍ରେଲିଆର ବେଥ ମୁନୀ ପୂର୍ବଭଳି ସ୍ଥାନ ବଜାୟ ରଖିଛନ୍ତି। ସେହିଭଳି ଅଷ୍ଟ୍ରେଲିଆର ଆସଲେ ଗାର୍ଡନର ଏକାଥରକେ ୭ଟି ପାହାଚ ଉପରକୁ ଲମ୍ଫ ପ୍ରଦାନ କରି ୫ମ ସ୍ଥାନରେ ପହଞ୍ଚିଛନ୍ତି।

ଦ୍ୱିତୀୟ ୟୁଥ୍ ଟେଷ୍ଟ

## ଅଷ୍ଟ୍ରେଲିଆ-୧୩୫; ଭାରତ-୧୪୪/୭

ମାକୟ, ୭ ।୧୦ (ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ବାଳକ ଦଳ ବିପକ୍ଷରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ୟୁଥ୍ ଟେଷ୍ଟରେ ଭାରତ ପ୍ରଥମ ପାଳିରେ ଅଗ୍ରଣୀ ନେବାରେ ସଫଳ ହୋଇଛି। ଟସ୍ ଜିତି ଅଷ୍ଟ୍ରେଲିଆ ୟୁଥ୍ ଦଳ ପ୍ରଥମେ ବ୍ୟାଟିଂ କରିଥିଲା। ତେବେ ଭାରତୀୟ ୧୯ ବର୍ଷରୁ କମ୍ ଦଳର ବୋଲିଂକୁ ସାମ୍ନା କରି ନ ପାରି ଅଷ୍ଟ୍ରେଲିଆ ୟୁଥ ଦଳ ୪୩.୩ ଓଭରରେ ମାତ୍ର ୧୩୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଆଲେକ୍ସ ଲି ୟଙ୍ଗ୍ ସର୍ବାଧିକ ୬୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଭ୍ରମଣକାରୀ ଭାରତୀୟ ୟୁଥ୍ ଦଳ ପକ୍ଷରୁ ହେନିଲ ପଟେଲ ଓ ଖିଲାନ ପଟେଲ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଉଦ୍ଧବ ମୋହନଙ୍କୁ ୨ଟି ଏବଂ ଦୀପେଶ ଦେବେନ୍ଦ୍ରନଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

ଜବାବରେ ଭାରତୀୟ ୟୁଥ୍ ଦଳ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ୪୦ ଓଭରରେ ୭ ୱିକେଟ୍ ହରାଇ ୧୪୪ ରନ ସଂଗ୍ରହ କରିଛି। ହେନିଲ ୨୨ ଓ ଦୀପେଶ ୬ ରନ କରି ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଖିଲାନ ପଟେଲ ୨୬, ବେଦାନ୍ତ ତ୍ରିବେଦୀ ୨୫, ବୈଭବ ସୂର୍ଯ୍ୟବଂଶୀ ୨୦ ଓ ବିହାନ ମାଲହୋତ୍ରା ୧୧ ରନ କରି ଆଉଟ୍ ହୋଇଛନ୍ତି। ଅଧିନାୟକ ଆୟୁଷ ମାଲହୋତ୍ରା ମାତ୍ର ୪ ରନ କରିଥିଲେ। ବୋଲିଂରେ କାସେ ବାର୍ଟନ ସର୍ବାଧିକ ୩ଟି ୱିକେଟ୍ ନେଇଛନ୍ତି। ୩ ୱିକେଟ୍ ବଳକା ଥାଇ ଭାରତ ୯ ରନରେ ଅଗ୍ରଣୀ ହାସଲ କରିଛି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ଭାରତ ଏକ ଇନିଂସ ଓ ୫୮ ରନରେ ଜିତି ୧-୦ରେ ଅଗ୍ରଣୀ ରହିଛି।

## ଅଲିମ୍ପିକ୍ସ ପଦକ ବିଜେତା ଅମନ ବାସନ୍ଦ

ନୂଆଦିଲ୍ଲୀ, ୭ ।୧୦ (ଏଜେନ୍ସି): ପ୍ୟାରିସ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଥିବା କୁସ୍ତିଯୋଦ୍ଧା ଅମନ ସେରାୱତ ବାସନ୍ଦ ହୋଇଛନ୍ତି। ୨୨ ବର୍ଷୀୟ ଅମନ ଗତ ମାସରେ କ୍ରୋଏସିଆରେ ଅନୁଷ୍ଠିତ ବିଶ୍ୱ ଚାମ୍ପିଅନସିପ୍‌ରେ ୫୭ କିଲୋଗ୍ରାମ ବର୍ଗରେ ଅଂଶଗ୍ରହଣ କରି ଅଧିକ ଓଜନ ଲାଗି ଅଯୋଗ୍ୟ ଘୋଷିତ ହୋଇଥିଲେ। ଧାର୍ଯ୍ୟ ବର୍ଗଠାରୁ ତାଙ୍କ ଓଜନ ୧.୭ କିଲୋଗ୍ରାମ ଅଧିକ ରହିଥିଲା। ଏହି ଘଟଣାରେ ଭାରତୀୟ କୁସ୍ତି ମହାସଂଘ (ଡବ୍ଲୁଏଫ୍‌ଆଇ) ଅମନଙ୍କୁ ବାସନ୍ଦ କରିଛି। ସେପ୍ଟେମ୍ବର ୨୩ରୁ ଏହି ବାସନ୍ଦାଦେଶ ଲାଗୁ ହୋଇଛି। ଅମନଙ୍କୁ ଜାତୀୟ



ଓ ଅନ୍ତର୍ଜାତୀୟସ୍ତରରେ ସମସ୍ତ କୁସ୍ତି ସମ୍ପର୍କିତ କାର୍ଯ୍ୟକଳାପରୁ ନିଷେଧ କରାଯାଇଛି। ତାଙ୍କ ପ୍ରଶିକ୍ଷକଙ୍କୁ ମଧ୍ୟ ଆନୁଷ୍ଠାନିକ ଚେତାବନୀ ଦିଆଯାଇଛି।

## ରାଜମାତା ଜିଜାବାଈ ଟ୍ରଫି: ଓଡ଼ିଶାର ୨ୟ ବିଜୟ

କଟକ,୭।୧୦(ସମିସ): ଛତିଶଗଡ଼ରେ ଚାଲିଥିବା ୩୦ତମ ଜାତୀୟ ସିନିଅର ମହିଳା ଫୁଟବଲ ଚାମ୍ପିଅନସିପ୍ ରାଜମାତା ଜିଜାବାଈ ଟ୍ରଫି ଫାଇନାଲ ରାଉଣ୍ଡରେ ଓଡ଼ିଶା ଦ୍ୱିତୀୟ ବିଜୟ ହାସଲ କରିଛି। ନାରାୟଣପୁରର ଆରକେଏମ ଆଶ୍ରମ ଗ୍ରାଉଣ୍ଡରେ ମଙ୍ଗଳବାର ଓଡ଼ିଶା ୩-୦ ଗୋଲରେ ଘରୋଇ ଛତିଶଗଡକୁ ହରାଇଛି। ଯଶୋଦା ମୁଣ୍ଡା ଏବଂ ଇପସିତା ରାଉତଙ୍କ ଗୋଟିଏ ଲେଖାଏ ଗୋଲ ସ୍କୋର ବଳରେ ପ୍ରଥମାର୍ଦ୍ଧ ଖେଳରେ ଓଡ଼ିଶା ଆଗୁଆ ରହିଥିଲା। ଏହାପରେ ୯୧ତମ ମିନିଟରେ ଅଧିନାୟିକା ପ୍ୟାରୀ ଖାଖା ଦଳ ପାଇଁ ୩ୟ ଗୋଲ ଦେଇଥିଲେ। ଆସନ୍ତା ୯ ତାରିଖରେ ତାମିଲନାଡୁ ବିପକ୍ଷରେ ଓଡ଼ିଶା ଅନ୍ତିମ ମ୍ୟାଚ୍ ଖେଳିବ।

## ଶତକ ପରେ ନିୟନ୍ତ୍ରଣ ହରାଇଲେ ପୃଥ୍ୱୀ

ପୁଣେ, ୭ ।୧୦ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟ୍‌ର ସବୁଠୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫିର ଆଗାମୀ ସିଜନ ଅକ୍ଟୋବର ୧୫ରୁ ଆରମ୍ଭ ହେବାକୁଯାଉଛି। ଏଥିପୂର୍ବରୁ ରେକର୍ଡ ୪୨ଥରର ଚାମ୍ପିଅନ ମୁମ୍ବଇ ଓ ମହାରାଷ୍ଟ୍ର ମଧ୍ୟରେ ସ୍ଥାନୀୟ ଏମ୍‌ସିଏ ଷ୍ଟାଡିୟମରେ ତ୍ରି-ଦିବସୀୟ ୱାର୍ମ-ଅପ୍ ମ୍ୟାଚ୍

**ମୁମ୍ବଇ-ମହାରାଷ୍ଟ୍ର ରଣଜୀ ଟ୍ରଫି ୱାର୍ମ-ଅପ୍ ମ୍ୟାଚ୍**

ଖେଳାଯାଉଛି। ଏହି ମ୍ୟାଚରେ ପୃଥ୍ୱୀ ଶ’ଙ୍କ ବିସ୍ଫୋରକ ଶତକୀୟ ପାଳି ଦେଖିବାକୁ ମିଳିଛି। ମୁମ୍ବଇ ଦଳରେ ବାରମ୍ବାର ଅଣଦେଖା ହେବାରୁ ପୃଥ୍ୱୀ ଚଳିତ ସିଜନରୁ ମହାରାଷ୍ଟ୍ର ଦଳ ପକ୍ଷରୁ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ଏହି ମ୍ୟାଚରେ ମହାରାଷ୍ଟ୍ର ପକ୍ଷରୁ ପ୍ରତିନିଧିତ୍ୱ କରି ସେ ନିଜ ପୂର୍ବ ଦଳ ମୁମ୍ବଇ ବିପକ୍ଷରେ ୧୮୧ ରନର ଦମ୍‌ଦାର ଶତକୀୟ ପାଳି ଖେଳିଛନ୍ତି। ୧୪୦ ବଲରୁ ପୃଥ୍ୱୀ ତାଙ୍କ ଶତକ ପୂରଣ କରିଥିଲେ। ଏହାପରେ ୨୧୯ ବଲରେ ୧୮୧ ରନ କରି ମୁସିର ଖାନଙ୍କ ବଲରେ ଆଉଟ୍ ହୋଇଥିଲେ। ଏହି ପାଳିରେ




୨୧ ଚୌକା ଓ ୩ ଛକା ସାମିଲ ଥିଲା। ନିଜ ପୂର୍ବ ଦଳ ବିପକ୍ଷରେ ଶତକ ହାସଲ କରିବା ସହ ୨୫ ବର୍ଷୀୟ ପୃଥ୍ୱୀ ମୁମ୍ବଇ ଟିମ୍ ମ୍ୟାନେଜମେଣ୍ଟକୁ ମଧ୍ୟ କଡ଼ା ଜବାବ ଦେଇଥିଲେ। ଏପରିକି ସେ ଆଉଟ୍ ହୋଇ ଆସିଲାବେଳେ ମୁମ୍ବଇର ମୁସିରଙ୍କ ସହ ପ୍ରବଳ ଯୁକ୍ତିତର୍କ କରିଥିବା ଦେଖିବାକୁ ମିଳିଥିଲା। ନିଜ ଉପରୁ ନିୟନ୍ତ୍ରଣ ହରାଇ ମୁସିରଙ୍କ ପିଠିକୁ ପୃଥ୍ୱୀ ବ୍ୟାଟ୍‌ରେ ଆଘାତ ଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ଅମ୍ପାୟର ହସ୍ତକ୍ଷେପ କରି ତାଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ। ଏହି ମ୍ୟାଚରେ ପୃଥ୍ୱୀ ଓପନିଂ ଯୋଡ଼ିରେ ଆର୍ଶିନ କୁଲକର୍ଣ୍ଣୀଙ୍କ ସହ ୪୯.୪ ଓଭରରୁ ୩୦୫ ରନର ଭାଗୀଦାରି ଗଢ଼ି ମହାରାଷ୍ଟ୍ରକୁ ଦୃଢ଼ ଆରମ୍ଭ ଦେଇଥିଲେ। କୁଲକର୍ଣ୍ଣୀ ମଧ୍ୟ ୧୪୦ ବଲରୁ ୮୬ ରନ କରିଥିଲେ। ଆଗାମୀ ରଣଜୀ ଟ୍ରଫିରେ ମହାରାଷ୍ଟ୍ର ଅକ୍ଟୋବର ୧୫ରେ କେରଳ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

## ନିଖିଳ ଓଡ଼ିଶା ରାଜ୍ୟ ର୍‍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନରେ କିଟ୍‌ର ସଫଳତା




ଭୁବନେଶ୍ୱର, ୭ ।୧୦ (ଏଜେନ୍ସି): ନିଖିଳ ଓଡ଼ିଶା ରାଜ୍ୟ ର୍‍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ବାଲେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ଦଳ ଦମ୍‌ଦାର ପ୍ରଦର୍ଶନ କରିଛି। ବିଶ୍ୱବିଦ୍ୟାଳୟର ଛାତ୍ରୀ ହର୍ଷିତା ରାଉତ ମହିଳା ଚାମ୍ପିଅନ ହୋଇଛନ୍ତି। ସେ ମହିଳା ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିଅନ ହୋଇ ଡବଲ୍ ସଫଳତା ପାଇଥିଲେ। ସେହିଭଳି ହର୍ଷିତା ମିକ୍ସଡ ଡବଲ୍ସରେ ରନର୍ସଅପ୍ ହୋଇଥିଲେ। ହର୍ଷିତାଙ୍କ ବାଦ୍ କିଟ୍‌ର ତୁମି ବାଗ୍‌ଚୀ ମହିଳା ସିଙ୍ଗଲ୍ସରେ ରନର୍ସଅପ୍ ହୋଇଥିଲେ। ଅପରପକ୍ଷରେ ପୁରୁଷ ବିଭାଗରେ କିଟ୍‌ର ଆର୍ଯ୍ୟ ମାଝୀ ସିଙ୍ଗଲ୍ସରେ ଟାଇଟଲ୍ ଜିତିଛନ୍ତି। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଆଇସିସି ମହିଳା ବିଶ୍ୱକପ୍

## ବିପର୍ଯ୍ୟୟରୁ ବର୍ତ୍ତିଗଲା ଇଂଲଣ୍ଡ

ଗୌହାଟୀ, ୭ ।୧୦ (ଏଜେନ୍ସି)

ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚରେ ଚାରିଥରର ଚାମ୍ପିଅନ ଇଂଲଣ୍ଡ ବଡ଼ ବିପର୍ଯ୍ୟୟରୁ ବର୍ତ୍ତିଯାଇଛି। ସ୍ଥାନୀୟ ବର୍ଷାପରା କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଇଂଲଣ୍ଡ ୪ ୱିକେଟ୍ ଓ ୨୩ ବଲ୍ ବଳକା ଥାଇ ବାଂଲାଦେଶକୁ ପରାସ୍ତ କରିଛି। ୧୭୯ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଶକ୍ତିଶାଳୀ ଇଂଲଣ୍ଡ ଏକଦା ୨୨.୧ ଓଭରରେ ୭୮ ରନରେ ଅଧା ବ୍ୟାଟରଙ୍କୁ ହରାଇ ସଙ୍କଟରେ ପଡ଼ିଥିଲା। ଏହାପରେ ଦଳୀୟ ସ୍କୋର ୧୦୩ ରନ ହୋଇଥିବାବେଳେ ଆଲିସେ କାପସୀ (୨୦ ରନ)ଙ୍କୁ ଆଉଟ୍ କରି ବାଂଲାଦେଶ ମହିଳା ଦଳ ଏକ ବଡ଼ ବିଜୟ ଅଭିମୁଖେ ଅଗ୍ରସର ହୋଇଥିଲା। କିନ୍ତୁ ଏହି ସମୟରେ ୩୪ ବର୍ଷୀୟା ଡାହାଣହାତୀ ବ୍ୟାଟର୍ ହେଥର ନାଇଟ୍




ତାଙ୍କ ଅଭିଜ୍ଞତାର ପରିଚୟ ଦେଇ ଦମ୍‌ଦାର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳିବା ସହ ଇଂଲଣ୍ଡକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ନାଇଟ୍ ଓ ବ୍ୟାଟିଂକ୍ରମର ୮ମ ସ୍ଥାନରେ ଆସିଥିବା ଚାର୍ଲୋଟେ ଡିନ ଅବିଭକ୍ତ ୭ମ ୱିକେଟ୍ ଯୋଡ଼ିରେ ୭୯ ରନ ସଂଗ୍ରହ କରି ଇଂଲଣ୍ଡକୁ ସ୍ମରଣୀୟ ବିଜୟ ଭେଟି ଦେଇଥିଲେ। ନାଇଟ୍ ୧୧୧ ବଲରୁ ୮ ଚୌକା ଓ ଗୋଟିଏ ଛକା ସହ ୭୯ ରନ କରିଥିଲେ। ସେହିଭଳି ୫୬ ବଲରେ ୨୭ ରନର ଧୈର୍ଯ୍ୟପୂର୍ଣ୍ଣ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟ ୩୨, ଟାମି ବିଉମଣ୍ଟ ୧୩ ରନ କରିଥିଲେ। ବାଂଲଦେଶର ଫହିମା ଖାତୁନଙ୍କୁ ୩ଟି ୱିକେଟ୍ ମିଳିଥିଲା।

ପୂର୍ବରୁ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ୪୯.୪ ଓଭରରେ ୧୭୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଶୋଭନା ମୋଷ୍ଟାରୀ ସର୍ବାଧିକ ୬୦ ରନ କରିଥିଲେ। ବୋଲିଂରେ ଇଂଲଣ୍ଡ ପାଇଁ ସୋଫି ଇକଲେଷ୍ଟୋନ ୩ ଏବଂ ଲିନସେ ସ୍ମିଥ, ଚାର୍ଲି ଡିନ ଓ ଆଲିସେ କାପସୀ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ବିଶ୍ୱକପ୍‌ରେ ଇଂଲଣ୍ଡ ମହିଳା ଦଳର ଦ୍ୱିତୀୟ ମ୍ୟାଚରୁ ଏହା ୨ୟ ବିଜୟ। ପୂର୍ବରୁ ଇଂଲଣ୍ଡ ଏହାର ପ୍ରଥମ ମ୍ୟାଚରେ ୧୦ ୱିକେଟ୍‌ରେ ଦକ୍ଷିଣ ଆଫ୍ରିକା ମାତ୍ ଦେଇଥିଲେ। ଅପରପକ୍ଷରେ ପ୍ରଥମ ମ୍ୟାଚରେ ପାକିସ୍ତାନକୁ ୭ ୱିକେଟ୍‌ରେ ହରାଇଥିବା ବାଂଲାଦେଶକୁ ଆଜି ଆଉ ଏକ ବଡ଼ ବିଜୟରୁ ବଞ୍ଚିତ ହୋଇଛି।

**ବିଶ୍ୱକପ୍‌ରେ ଆଜିର ମ୍ୟାଚ୍**
ଅଷ୍ଟ୍ରେଲିଆ - ପାକିସ୍ତାନ
ଆରମ୍ଭ : ଅପରାହ୍ଣ ୩ଟା
ସ୍ଥାନ : କଲମ୍ବୋ

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS